# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

◆VOLUME- 42 ◆ISSUE-30 ◆BHUBANESWAR ◆THURSDAY ◆25 JULY 2024 ◆PAGE-16 ◆₹ 6.00

◆ବର୍ଷ-୪୨ ◆ସଂଖ୍ୟା-୩୦ ◆ଭୁବନେଶ୍ୱର ◆ଗୁରୁବାର ◆୨୫ ଜୁଲାଇ ୨୦୨୪ ◆ପୃଷ୍ଠା-୧୬ ◆ଟ.୬.୦୦




ପାକିସ୍ତାନୀ ଅଭିନେତ୍ରୀଙ୍କ ସହ ପ୍ରଭାସ

▶ପୃଷ୍ଠା ୧୪ ଦେଖନ୍ତୁ...

## ଉଡ଼ାଣ ବେଳେ ଖସିପଡ଼ିଲା ବିମାନ: ୧୮ ମୃତ

■ **କାଠମାଣ୍ଡୁ, ୨୪।୭ (ଏଜେନ୍ସି):** କାଠମାଣ୍ଡୁର ତ୍ରିଭୁବନ ଅନ୍ତର୍ଜାତୀୟ ବିମାନବନ୍ଦର(ଟିଆଇଏ)ରେ ବୁଧବାର ପୂର୍ବାହ୍ନରେ ଉଡ଼ାଣ ଭରିବା ବେଳେ ଏକ ବିମାନରେ ନିଆଁ ଲାଗିଯିବାରୁ ଏଥିରେ ଥିବା ୧୮ ଯାତ୍ରୀଙ୍କ ମୃତ୍ୟୁ ହୋଇଛି। ପାଇଲଟ ନିଆଁ ମୁହଁରୁ ବର୍ତ୍ତି ଯାଇଥିଲେ ମଧ୍ୟ ଗୁରୁତର ଆହତ ହୋଇ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି। ମିଳିଥିବା ସୂଚନା ଅନୁସାରେ ସୂର୍ଯ୍ୟ ଏୟାର୍‌ଲାଇନ୍ସର ଏକ ସିଆରଜେ ୨୦୦ ଜେଟ୍ ବିମାନ ଉଡ଼ାଣ ଭରିବାର ମାତ୍ର କିଛି ସେକେଣ୍ଡ ପରେ ଦୁର୍ଘଟଣାର ଶିକାର ହୋଇଥିଲା। କୌଣସି କାରଣରୁ ଏଥିରେ ନିଆଁ ଲାଗିଯିବାରୁ ବିମାନଟି ▶ପୃଷ୍ଠା-୯

**ଗୁରୁତର ଅବସ୍ଥାରେ ପାଇଲଟ୍ ଉଦ୍ଧାର**

**ବିମାନର ତ୍ରୁଟି ସଜାଡ଼ିବାକୁ ନିଆଯାଉଥିଲା**



## ଇଥିଓପିଆରେ ଭୂସ୍ଖଳନ; ୨୪୦ରୁ ଅଧିକ ମୃତ

■ **ଆଡିସ୍ ଆବା, ୨୪।୭ (ଏଜେନ୍ସି):** ଦକ୍ଷିଣ ଇଥିଓପିଆରେ ମଙ୍ଗଳବାର ପ୍ରତ୍ୟୁଷରେ ଦୁଇଟି ସ୍ଥାନରେ ହୋଇଥିବା ଭୂସ୍ଖଳନରେ ୨୪୦ରୁ ଅଧିକ ଲୋକଙ୍କ ମୃତ୍ୟୁ ହୋଇଛି। ବର୍ତ୍ତମାନ ସୁଦ୍ଧା ଆହୁରି କିଛି ଲୋକ ମାଟି ତଳେ ପୋତି ହୋଇ ରହିଥିଲାବେଳେ ସେମାନଙ୍କୁ ଉଦ୍ଧାର କରିବାକୁ ପ୍ରୟାସ ଜାରି ରହିଛି। ତେବେ ଏହି ବିପର୍ଯ୍ୟୟକୁ ୩୬ ଘଣ୍ଟାରୁ ଅଧିକ ସମୟ ବିତିଯାଇଥିବାରୁ ମାଟି ତଳେ ରହିଥିବା ଲୋକଙ୍କ ବଞ୍ଚିବା ଆଶା କ୍ଷୀଣ ବୋଲି ଇଥିଓପିଆ ସରକାରୀ ଖବର ପ୍ରସାରଣ ସଂସ୍ଥା ପକ୍ଷରୁ କୁହାଯାଇଛି। କୌଣସି ଆଫ୍ରିକୀୟ ଦେଶରରେ ଗତ ଦଶନ୍ଧି ମଧ୍ୟରେ ଏଭଳି ଭୟାନକ ଘଟଣା ଘଟିବା ଏବଂ ଏତେ ସଂଖ୍ୟକ ଲୋକଙ୍କ ମୃତ୍ୟୁ ହେବା ପ୍ରଥମ। ମୃତକଙ୍କ ମଧ୍ୟରେ ▶ପୃଷ୍ଠା-୯



# ବିରୋଧୀଙ୍କ ନିଶାଣ; ସରକାର ବିବଶ

## ଏଏସ୍‌ଓଙ୍କୁ ରାଜ୍ୟପାଳ ପୁଅଙ୍କ ମାଡ଼ ପ୍ରସଙ୍ଗରେ ପୁଣି ଗୃହରେ ହଙ୍ଗାମା

■ **ଭୁବନେଶ୍ୱର, ୨୪।୭ (ସମିସ):** କେନ୍ଦ୍ରୀୟ ବଜେଟ୍‌ରେ ଓଡ଼ିଶାକୁ ଅବହେଳା, ଏଏସ୍‌ଓଙ୍କୁ ରାଜ୍ୟପାଳ ପୁଅ ମାଡ଼ ପ୍ରସଙ୍ଗରେ ବୁଧବାର କମ୍ପିଛି ବିଧାନସଭା। କ୍ରମାଗତ ତୃତୀୟ ଦିନ ଧରି ବିଧାନସଭାରେ ଅଚଳାବସ୍ଥା ଜାରି ରହିଛି। ଦୁଇ ବିରୋଧୀ ବିଜେଡି ଓ କଂଗ୍ରେସ ବିଧାୟକ ଉଭୟ ପ୍ରସଙ୍ଗକୁ ନେଇ ସରକାରଙ୍କୁ ନିଶାଣ କରିଛନ୍ତି। ଉଭୟ ପ୍ରସଙ୍ଗରେ ସରକାର ଅଡୁଆରେ ପଡ଼ିଥିବାବେଳେ ଏହାର କୌଣସି ନିର୍ଯ୍ୟାସ ବାହାର କରିବାରେ ସରକାରୀଦଳ ବିଫଳ ହୋଇଛନ୍ତି। ଏଏସଓ ବୈକୁଣ୍ଠ ପ୍ରଧାନଙ୍କୁ ରାଜ୍ୟପାଳଙ୍କ ପୁଅ ମାଡ଼ ମାରିବା ଘଟଣାରେ ବିଜେଡି ନିଜର ପ୍ରତିବାଦ ଜାରି ରଖିଥିବା ବେଳେ ଆଜି ରାଜ୍ୟପାଳଙ୍କ ଅଭିଭାଷଣ ଉପରେ ଆଗତ ଧନ୍ୟବାଦ ପ୍ରସ୍ତାବ ଆଲୋଚନାକୁ ବର୍ଜନ କରିଛି। ସେହିପରି କଂଗ୍ରେସ କେନ୍ଦ୍ରୀୟ ବଜେଟରେ ଓଡ଼ିଶାକୁ ଅବହେଳା ଅଭିଯୋଗ କରି ଗୃହରେ ପ୍ରବଳ ହଟ୍ଟଗୋଳ କରିଛି । ଫଳରେ ପ୍ରଥମାର୍ଦ୍ଧ ମାତ୍ର ୫ ମିନିଟ ଚାଲିଥିବା ବେଳେ ଗୃହରେ ଦ୍ୱିତୀୟାର୍ଦ୍ଧରେ ମଧ୍ୟ ସମାନ ଅବସ୍ଥା ଦେଖାଦେଇଛି। ବିନା ବିରୋଧୀଙ୍କ ଅଂଶଗ୍ରହଣରେ ଧନ୍ୟବାଦ ପ୍ରସ୍ତାବ ଆଲୋଚନା ଶେଷ ହୋଇଛି।



- ରାଜ୍ୟପାଳଙ୍କ ଅଭିଭାଷଣ ଉପରେ ଧନ୍ୟବାଦ ପ୍ରସ୍ତାବକୁ ବିଜେଡିର ବର୍ଜନ
- କେନ୍ଦ୍ରୀୟ ବଜେଟ୍‌ରେ ଓଡ଼ିଶାକୁ ଅବହେଳା ପ୍ରସଙ୍ଗରେ ଗର୍ଜିଲା କଂଗ୍ରେସ
- ପ୍ରଥମାର୍ଦ୍ଧରେ ଗୃହ ଚାଲିଲା ୫ ମିନିଟ, ଦ୍ୱିତୀୟାର୍ଦ୍ଧରେ ବିରୋଧୀଙ୍କ କକ୍ଷତ୍ୟାଗ
- ବିରୋଧୀଙ୍କ ଅନୁପସ୍ଥିତିରେ ଶେଷ ହେଲା ଧନ୍ୟବାଦ ପ୍ରସ୍ତାବ ଆଲୋଚନା

ଆଜି ସକାଳେ ଗୃହକାର୍ଯ୍ୟ ଆରମ୍ଭ ହେବାମାତ୍ରେ ବିଜେଡି ବିଧାୟକମାନେ ନିଜ ନିଜ ଆସନରେ ଛିଡ଼ାହୋଇ ପ୍ରତିବାଦ ଆରମ୍ଭ କରିଥିଲେ। ବିରୋଧୀ ଦଳ ଉପନେତା ପ୍ରସନ୍ନ ଆଚାର୍ଯ୍ୟ କରିଥିଲେ ଯେ ଏଏସଓଙ୍କୁ ରାଜ୍ୟପାଳ ପୁଅଙ୍କ ମାଡ଼ ଘଟଣାରେ ଏଯାବତ୍ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଗଲା ନାହିଁ । ଏହି ଘଟଣାରେ ମୁଖ୍ୟମନ୍ତ୍ରୀ ବିବୃତି ରଖୁନାହାନ୍ତି; ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନାହିଁ କିମ୍ବା ଆଇନ ତା' ବାଟରେ ଯାଉନାହିଁ ବୋଲି ଶ୍ରୀ ଆଚାର୍ଯ୍ୟ କହିଥିଲେ। କାର୍ଯ୍ୟାନୁଷ୍ଠାନ ପ୍ରସଙ୍ଗରେ ସରକାରଙ୍କ ନିରବତାକୁ ବିରୋଧ କରି ବିଜେଡି ବିଧାୟକମାନେ ଗୃହତ୍ୟାଗ କରିଥିଲେ। ଅନ୍ୟପକ୍ଷରେ କେନ୍ଦ୍ରୀୟ ବଜେଟରେ ଓଡ଼ିଶାକୁ ଅବହେଳା କଥା ଉଲ୍ଲେଖ କରି ଗୃହର ମଧ୍ୟଭାଗରେ ଗର୍ଜିଥିଲା କଂଗ୍ରେସ। କେନ୍ଦ୍ର ଅବହେଳା ଚଳିବ ନାହିଁ, ଓଡ଼ିଶାକୁ ଅବହେଳା ଚଳିବ ନାହିଁ ଆଦି ସ୍ଲୋଗାନ ଦେଇ କଂଗ୍ରେସର ବିଧାୟକମାନେ ପ୍ରବଳ ହଟ୍ଟଗୋଳ କରିଥିଲେ। ଫଳରେ ବାଚସ୍ପତି ଗୃହକୁ ୧୦ଟା ୩୪ରୁ ୧୧ଟା ୩୦ ମିନିଟ ଯାଏଁ ମୁଲତବୀ ରଖିଥିଲେ। ୧୧ଟା ୩୦ରେ ଗୃହରେ ସମାନ ଅଚଳାବସ୍ଥା ଲାଗି ରହିବାରୁ ବାଚସ୍ପତି ସର୍ବଦଳୀୟ ବୈଠକ ଡାକିଥିଲେ। ମାତ୍ର ଏଥିରେ କୌଣସି ନିଷ୍କର୍ଷ ନ ବାହାରିବାରୁ ବାଚସ୍ପତି ୧୨ଟାରୁ ଅପରାହ୍ନ ୪ଟା ଯାଏଁ ଗୃହକୁ ▶ପୃଷ୍ଠା-୯

## 'ଏନ୍‌ଡିଏ ନୁହେଁ, ଇଣ୍ଡିଆ ବଜେଟ୍ ଦରକାର'

■ **ନୂଆଦିଲ୍ଲୀ, ୨୪।୭ (ଏଜେନ୍ସି):** ୨୦୨୪-୨୫ କେନ୍ଦ୍ରୀୟ ବଜେଟକୁ ବିରୋଧ କରି ବିରୋଧୀ ଇଣ୍ଡିଆ ମେଣ୍ଟର ନେତା ବୁଧବାର ସଂସଦରେ ହଙ୍ଗାମା କରିଛନ୍ତି। କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ମଙ୍ଗଳବାର ଉପସ୍ଥାପନ କରିଥିବା ବଜେଟ୍‌ରେ ବହୁ ରାଜ୍ୟର ସ୍ୱାର୍ଥକୁ ଉପେକ୍ଷା କରାଯାଇଛି। ପକ୍ଷପାତ ନୀତିରେ ଏହି ବଜେଟ ପ୍ରସ୍ତୁତ କରାଯାଇଛି ବୋଲି ବିରୋଧୀ ଦଳର ନେତା ଅଭିଯୋଗ କରି ସଂସଦରେ କେନ୍ଦ୍ର ସରକାରଙ୍କୁ ଘେରିଛନ୍ତି। ବିଜେପି କେବଳ ନିଜ ସହଯୋଗୀ ଦଳମାନଙ୍କୁ ଖୁସି କରିବା ଲକ୍ଷ୍ୟରେ ବଜେଟରେ ବ୍ୟବସ୍ଥା କରିବା ସହିତ ସେହି ରାଜ୍ୟମାନଙ୍କୁ ସନ୍ତୁଷ୍ଟ କରିଛି। କିନ୍ତୁ ବିରୋଧୀ ଦଳ ଶାସିତ ରାଜ୍ୟମାନଙ୍କୁ ସମ୍ପୂର୍ଣ୍ଣ ଉପେକ୍ଷା କରାଯାଇଛି ବୋଲି କଂଗ୍ରେସ, ସମାଜବାଦୀ ପାର୍ଟି, ଟିଏମସି ଓ ଡିଏମକେ ସମେତ ବହୁ ବିରୋଧୀ ଦଳ ଅଭିଯୋଗ ଆଣି ଗୃହରେ ହଙ୍ଗାମା କରିଛନ୍ତି। ବୁଧବାର ଗୃହକାର୍ଯ୍ୟ ଆରମ୍ଭ ହେବା କ୍ଷଣି ବିରୋଧୀ ଦଳର ନେତା ବଜେଟ୍‌କୁ ବିରୋଧ କରି ଗୃହରେ ହୋହଲ୍ଲା ଆରମ୍ଭ କରିଦେଇଥିଲେ। ସେମାନେ ପ୍ଲାକାର୍ଡ ଧରି 'ଆମେ ଇଣ୍ଡିଆ ବଜେଟ୍ ଚାହୁଁ, ଏନଡିଏ ବଜେଟ୍ ନୁହେଁ' ବୋଲି ନାରା ଦେଇଥିଲେ। କେନ୍ଦ୍ରୀୟ ବଜେଟ୍‌ରେ ଏନଡିଏ ଦେଶବାସୀଙ୍କୁ ପ୍ରତାରଣା କରିଛି ବୋଲି ସେମାନେ କହିଥିଲେ। କଂଗ୍ରେସ ସାଂସଦ ରାହୁଲ ଗାନ୍ଧୀଙ୍କ ସମେତ ସୋନିଆ ଗାନ୍ଧୀ,ସମାଜବାଦୀ ପାର୍ଟି ସୁପ୍ରିମୋ ଅଖିଳେଶ ଯାଦବ, ଡିଏମକେ ,ଟିଏମସି ଏବଂ ବାମପନ୍ଥୀ ଦଳର ବହୁ ସାଂସଦ ଗୃହରେ କେନ୍ଦ୍ର ସରକାରଙ୍କ ନୀତିକୁ ତୀବ୍ର ସମାଲୋଚନା କରି ହୋହଲ୍ଲା କରିଥିଲେ। ରାହୁଲ କହିଥିଲେ ଯେ, ମୋଦୀ ସରକାର ▶ପୃଷ୍ଠା-୯

**ବଜେଟ୍‌ରେ ବିଭିନ୍ନ ରାଜ୍ୟକୁ ଉପେକ୍ଷା**



- କେନ୍ଦ୍ରର ପକ୍ଷପାତ ନୀତିକୁ ବିରୋଧ କରି ବିରୋଧୀଙ୍କ ହଙ୍ଗାମା
- ଏନଡିଏ ସହଯୋଗୀ ଦଳ ପାଇଁ ବଜେଟ୍ 'ସପୋର୍ଟ ପ୍ରାଇସ୍': ଅଖିଳେଶ
- ବଜେଟ୍‌ରେ ସବୁ ରାଜ୍ୟର ନାଁ ନେବା ସମ୍ଭବ ନୁହେଁ : ଅର୍ଥମନ୍ତ୍ରୀ

## ପଛକୁ ପଛ ସୃଷ୍ଟିହେବ ଘୂର୍ଣ୍ଣିବଳୟ

### ରାଜ୍ୟରେ ଜାରି ରହିବ ବର୍ଷାର ପ୍ରକୋପ

■ **ଭୁବନେଶ୍ୱର, ୨୪।୭ (ସମିସ):** ଆସନ୍ତା ୨ଦିନ ମଧ୍ୟରେ ରାଜ୍ୟର ବିଭିନ୍ନ ସ୍ଥାନରେ ପ୍ରବଳ ବର୍ଷା ହେବ। ମୁଖ୍ୟତଃ ମୌସୁମୀ ଟ୍ରଫ୍ ଓ ବାୟୁ ଚଳାଚଳରେ ତାରତମ୍ୟ ହେତୁ ବର୍ଷା ଜାରି ରହିବ ବୋଲି ପାଣିପାଗ କେନ୍ଦ୍ର ପକ୍ଷରୁ କୁହାଯାଇଛି। ଗୁରୁବାର କଟକ, ଜଗତସିଂହପୁର, କେନ୍ଦ୍ରାପଡ଼ା ଆଦି ଜିଲ୍ଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ଆଶଙ୍କା ରହିଥିବା ବେଳେ ଅନୁଗୋଳ, ଖୋର୍ଦ୍ଧା, ପୁରୀ, ନୟାଗଡ଼ ବୌଦ୍ଧ, ସୋନପୁର, ଢେଙ୍କାନାଳ, କନ୍ଧମାଳ, ବଲାଙ୍ଗିର ଓ ବୌଦ୍ଧରେ ପ୍ରବଳ ବର୍ଷା ହେବ ବୋଲି ପାଣିପାଗ କେନ୍ଦ୍ର ଆକଳନ କରିଛି। ସେହିପରି ଶୁକ୍ରବାର ମଧ୍ୟ ଅନେକ ଜିଲ୍ଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବ ବୋଲି କୁହାଯାଇଛି।



ଅନ୍ୟପକ୍ଷରେ ପାଣିପାଗ ବିଶେଷଜ୍ଞ ପ୍ରଫେସର୍ ସୁରେନ୍ଦ୍ରନାଥ ପଶୁପାଳକ କହିଛନ୍ତି ଯେ ୨୬ତାରିଖ ପରଠାରୁ ରାଜ୍ୟରେ ବର୍ଷାର ପ୍ରକୋପ ବୃଦ୍ଧିପାଇବ। ଏହି ଦୁଇଦିନରେ ଉତ୍ତର ଉପକୂଳ ଓ ଉତ୍ତର ଆଭ୍ୟନ୍ତରୀଣରେ କାଁଭାଁ ହାଲୁକାରୁ ସ୍ୱଳ୍ପ ବର୍ଷା ସହ ପାଗ ଆଂଶିକ ଖରାଟିଆ ହୋଇପାରେ। ବାକି ଅଞ୍ଚଳରେ କେତେକ ସ୍ଥାନରେ ସ୍ୱଳ୍ପରୁ ମଧ୍ୟମ ଏବଂ ଗୋଟିଏ ଦୁଇଟି ସ୍ଥାନରେ ଭାରୀ ବର୍ଷା ହୋଇପାରେ। ତେବେ ୨୬ ତାରିଖରେ ଉତ୍ତର ବଙ୍ଗୋପସାଗରର ମୁଣ୍ଡ ଓ ସଂଲଗ୍ନ ପଶ୍ଚିମବଙ୍ଗ ଉପରେ ଘୂର୍ଣ୍ଣିବଳୟ ସୃଷ୍ଟି ହୋଇ ୨୭ରେ ଲଘୁଚାପ ହୋଇପାରେ। ୨୮ରେ ସମ୍ଭବତଃ ଏହା ଓଡ଼ିଶା ଓ ଛତିଶଗଡ଼ ଉପରେ ▶ପୃଷ୍ଠା-୯

**ଓଡ଼ିଶା ଅର୍ଥନୈତିକ ସର୍ଭେ ରିପୋର୍ଟ** | **ସବୁଜ ବିକାଶରେ ଗେରୁଆ ମଲାଟ**

## ୬ ବର୍ଷରେ ୬୨ ଲକ୍ଷ ଲୋକ ଦାରିଦ୍ର୍ୟମୁକ୍ତ

■ **ଭୁବନେଶ୍ୱର, ୨୪।୭ (ସମିସ):** ବିଗତ କିଛି ବର୍ଷ ଧରି ରାଜ୍ୟରେ ଜାରି ରହିଥିବା ନିରନ୍ତର ବିକାଶ ପ୍ରକ୍ରିୟା ଓ ଲୋକାଭିମୁଖୀ ଯୋଜନାର ସଫଳ କାର୍ଯ୍ୟାନ୍ୱୟନ ଯୋଗୁଁ ରାଜ୍ୟର ଅଭିବୃଦ୍ଧିହାର ଊର୍ଦ୍ଧ୍ୱମୁଖୀ ହୋଇଛି ଏବଂ ଏହା ୮.୫% ହେବ ବୋଲି ରାଜ୍ୟ ସରକାର ଆକଳନ କରିଛନ୍ତି। ଏଥିସହ ରାଜ୍ୟରେ ଦାରିଦ୍ର୍ୟ ହାର ହ୍ରାସ ପାଇବା ସହ ଖାଦ୍ୟ ଶସ୍ୟର ଉତ୍ପାଦନ ବଢ଼ିଛି। ବୁଧବାର ସରକାରଙ୍କ ପ୍ରଦତ୍ତ ଓଡ଼ିଶା ଅର୍ଥନୈତିକ ସର୍ଭେ ରିପୋର୍ଟରେ ଏହା ସ୍ପଷ୍ଟ ହୋଇଛି।

ଆସନ୍ତାକାଲି ବିଧାନସଭାରେ ଆଗତ ହେବ ମୋହନ ସରକାରର ପ୍ରଥମ ବଜେଟ। ଏହା ପୂର୍ବରୁ ୨୦୨୩-୨୪ ଆର୍ଥିକ ବର୍ଷର ପୂର୍ବ ସରକାରଙ୍କ ସବୁଜ ବିକାଶ ସଂକ୍ରାନ୍ତ ଅର୍ଥନୈତିକ ସର୍ଭେ ରିପୋର୍ଟକୁ ଗେରୁଆ ମଲାଟରେ ପ୍ରକାଶ କରିଛନ୍ତି ରାଜ୍ୟ ସରକାର। ଯୋଜନା ଓ ସଂଯୋଜନ ବିଭାଗ ଦ୍ୱାରା ପ୍ରକାଶିତ ରିପୋର୍ଟରେ ଆର୍ଥିକ ବର୍ଷ ୨୦୨୨-୨୩ରେ ଅଭିବୃଦ୍ଧି ହାର ୭.୯% ରହିଥିବାବେଳେ ୨୦୨୩-୨୪ରେ ରାଜ୍ୟ ଅର୍ଥନୀତି ୮.୫ ପ୍ରତିଶତ ଅଭିବୃଦ୍ଧି ହାସଲ କରିବ ବୋଲି ଆକଳନ କରାଯାଇଛି। ଗତ ୬ ବର୍ଷରେ ଦାରିଦ୍ର୍ୟମୁକ୍ତ ହୋଇଛନ୍ତି ଓଡ଼ିଶାର ୬୨ ଲକ୍ଷ ଜନସାଧାରଣ। ରାଜ୍ୟରେ ବଢ଼ିଛି ହାରାହାରି ▶ପୃଷ୍ଠା-୯



- ଗତ ୧୦ବର୍ଷରେ କୃଷି ଋଣ ଆବଣ୍ଟନ ବଢ଼ିଛି ୭ ଗୁଣ
- ଖାଦ୍ୟଶସ୍ୟ ଉତ୍ପାଦନ ରେକର୍ଡ ୧୪୧.୪ ଲକ୍ଷ ଟନ୍
- ଦେଶରେ ଓଡ଼ିଶା ପଞ୍ଚମ ବୃହତ୍ ଧାନ ଉତ୍ପାଦନ ରାଜ୍ୟ
- ବ୍ୟାପକ ହୋଇଛି ଶିଳ୍ପାୟନ, ବଢ଼ିଛି ନିଯୁକ୍ତି ସୁଯୋଗ
- ୪ ବର୍ଷରେ ଶ୍ରମଶକ୍ତି ଅଂଶଗ୍ରହଣ ହାର ୨୦.୩% ବୃଦ୍ଧି
- ଓଡ଼ିଶାବାସୀଙ୍କ ହାରାହାରି ଆୟୁଷ ୭୦.୩ ବର୍ଷକୁ ବୃଦ୍ଧି
- ବଢ଼ିଛି ମହିଳା ସାକ୍ଷରତା, କମିଛି ମାତୃ ମୃତ୍ୟୁ ଅନୁପାତ

## ୪ଜଣଙ୍କ ସଲିଳ ସମାଧି

- ଡମଣି ଡ୍ୟାମ୍‌ରେ ବୁଡ଼ିଗଲେ ୨ ଛାତ୍ର
- କେନାଲରେ ଭାସିଗଲା ୮ ବର୍ଷର ଶିଶୁ
- ଶୌଚ ବେଳେ ପୋଖରୀରେ ବୁଡ଼ିଗଲେ ଯୁବକ
- ୪ଲକ୍ଷ ଲେଖାଏଁ ଅନୁକମ୍ପା ରାଶି ଘୋଷଣା

■ **ଚୌଦ୍ୱାର/ଯାଜପୁର/ବୋଲଗଡ଼, ୨୪।୭ (ସମିସ):** ପାଣିରେ ବୁଡ଼ି ଆଜି ରାଜ୍ୟରେ ୪ ଜଣଙ୍କ ମୃତ୍ୟୁ ହୋଇଛି। ଚୌଦ୍ୱାର ଥାନା ଅଧୀନ ମଙ୍ଗରାଜପୁର ପଞ୍ଚାୟତରେ ଥିବା ଡମଣି ଡ୍ୟାମ୍‌ରେ ବୁଡ଼ି ୨ ଛାତ୍ରଙ୍କ ମୃତ୍ୟୁ ଘଟିଥିବା ବେଳେ ଯାଜପୁର ଜିଲ୍ଲାରେ ୨ନମ୍ବର କେନାଲର କଳିନ୍ଦ୍ରାବାଦରେ ଜଣେ ତୃତୀୟ ଶ୍ରେଣୀ ଛାତ୍ର ଏବଂ ଖୋର୍ଦ୍ଧା ଜିଲ୍ଲା ବୋଲଗଡ଼ ଅଞ୍ଚଳରେ ପୋଖରୀରେ ବୁଡ଼ି ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ସେମାନେ ହେଲେ, କଟକ ବିଡ଼ାନାସୀ ଅଞ୍ଚଳର ସୃତିକ ଶତପଥୀ ଓ ସ୍ୱୟଂସଙ୍କେତ ଦାଶ, ଯାଜପୁର ସଦର ଥାନା କଳିନ୍ଦ୍ରାବାଦ ଅଞ୍ଚଳର ବିଶ୍ୱରଞ୍ଜନ ସାହୁ (୮) ଓ ବୋଲଗଡ଼ ଗର୍ଭଣୀପଡ଼ା ଗ୍ରାମର ସୁନୀଲ କୁମାର ଦାଶ(୨୪)। କଟକସ୍ଥିତ ଷ୍ଟିୱାର୍ଟ କଲେଜର ଯୁକ୍ତ ୨ର ଦ୍ୱିତୀୟ ବର୍ଷର ଛାତ୍ର ସୃତିକ ଓ ▶ପୃଷ୍ଠା-୯

## ଓଡ଼ିଶା ରେଳବାଇ ପାଇଁ ୧୦୫୮୬ କୋଟି

- ପୂର୍ବ ବର୍ଷ ତୁଳନାରେ ୫୭୪ କୋଟି ଅଧିକ
- ୟୁପିଏ ସରକାରଙ୍କଠାରୁ ସାଢ଼େ ୧୨ଗୁଣା ଅଧିକ
- ୫୯ ଷ୍ଟେସନ୍ ହେବ ଅମୃତ ଭାରତ ଷ୍ଟେସନ୍
- ୪୦୦୦ କିମିର ୪୦ ରେଳ ଲାଇନ୍ କାମ



■ **ଭୁବନେଶ୍ୱର, ୨୪।୭ (ସମିସ):** ଚଳିତ ଆର୍ଥିକ ବର୍ଷରେ ରେଳବାଇ କ୍ଷେତ୍ରର ବିକାଶ ପାଇଁ ଓଡିଶାକୁ ମିଳିଛି ୧୦,୫୮୬ କୋଟି ଟଙ୍କା। ୨୦୨୩-୨୪ ଆର୍ଥିକ ବର୍ଷ ପାଇଁ ରେଳବାଇ ବ୍ୟୟବରାଦ ୧୦,୦୧୨ କୋଟି ଟଙ୍କା ଥିଲା। ଅର୍ଥାତ୍ ପୂର୍ବ ବର୍ଷ ତୁଳନାରେ ଏଥର ଓଡିଶାକୁ ୫୭୪ କୋଟି ଟଙ୍କା ଅଧିକ ମିଳିଛି। ଆଜି ଏ ସମ୍ପର୍କରେ ସୂଚନା ଦେଇ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି, ପ୍ରତିବର୍ଷ ଭଳି ପ୍ରଧାନମନ୍ତ୍ରୀ ଏଥର ଓଡିଶାକୁ ବର୍ଦ୍ଧିତ ପରିମାଣର ରେଳ ଅନୁଦାନ ମଞ୍ଜୁର କରିଥିବାରୁ ଧନ୍ୟବାଦ ଜଣାଉଛି। ୨୦୦୯ରୁ ୨୦୧୪ ମଧ୍ୟରେ ଓଡିଶାକୁ ରେଳ ବଜେଟ ବାବଦରେ ବାର୍ଷିକ ପ୍ରାୟ ୮୩୮ କୋଟି ଟଙ୍କା ମିଳିଥିଲା। ତେବେ କେବଳ ଚଳିତ ଆର୍ଥିକ ବର୍ଷରେ ଏହାର ସାଢ଼େ ୧୨ ଗୁଣା ଅର୍ଥ ବରାଦ କରାଯାଇଛି। ୨୦୦୯-୧୪ ମଧ୍ୟରେ ଓଡିଶାରେ ବାର୍ଷିକ ହାରାହାରି ୫୩ ▶ପୃଷ୍ଠା-୯

### ଅନୁଦାନକୁ ନେଇ ବିଜେଡିର କ୍ଷୋଭ

## ନେଉଛନ୍ତି ହାତୀ, ଦେଉଛନ୍ତି ପିମ୍ପୁଡ଼ି

■ **ଭୁବନେଶ୍ୱର, ୨୪।୭ (ସମିସ):** କେନ୍ଦ୍ରର ମୋଦୀ ସରକାର ଓଡିଶାର ରେଳବାଇରୁ ହାତୀ ସଦୃଶ ରାଜସ୍ୱ ନେଉଛନ୍ତି। କିନ୍ତୁ ଦେଲା ବେଳକୁ ପିମ୍ପୁଡି ସଦୃଶ ଅନୁଦାନ ଦେଉଛନ୍ତି। ପ୍ରତିବର୍ଷ ବଜେଟ ପରିମାଣ ବଢୁଛି କିନ୍ତୁ ସେହି ପରିମାଣରେ ଓଡିଶାକୁ ରେଳ ଅନୁଦାନ ବୃଦ୍ଧି ପାଉ ନାହିଁ। କେନ୍ଦ୍ର ସରକାର ରେଳବାଇ କ୍ଷେତ୍ରରେ ଯେପରି ଓଡିଶାକୁ ଉପେକ୍ଷା କରୁଥିଲେ ଆଜି ମଧ୍ୟ ତାହା ଜାରି ରହିଛି ବୋଲି କହିଛନ୍ତି ବିଜେଡିର ବରିଷ୍ଠ ▶ପୃଷ୍ଠା-୯

**ସ୍ୱତନ୍ତ୍ର ରେଳ ବଜେଟ ପରମ୍ପରାକୁ ବୁଡେଇ ଦେଲେ**

## 'କାଳିଆ'କୁ ନେଇ ଅକଳରେ ସରକାର

### ଯୋଜନାକୁ ନେଇ ଦିନକରେ ଉପମୁଖ୍ୟମନ୍ତ୍ରୀଙ୍କ ଦୁଇଟି ଭିନ୍ନଭିନ୍ନ ଉତ୍ତର

■ **ଭୁବନେଶ୍ୱର, ୨୪।୭ (ସମିସ):** ରାଜ୍ୟରେ ଚାଷୀମାନଙ୍କ ପାଇଁ ନବୀନ ସରକାର ପୂର୍ବରୁ ପ୍ରଚଳନ କରିଥିବା 'କାଳିଆ' ଯୋଜନାକୁ ନେଇ ଏବେ ଅକଳରେ ରାଜ୍ୟ ସରକାର। ଏହି ଯୋଜନା ଚାଲୁ ରହିବ ନା ବନ୍ଦ ହେବ ସେ ସମ୍ପର୍କରେ ନିର୍ଦ୍ଦିଷ୍ଟ ନିଷ୍ପତ୍ତି ନେଇ ସରକାର ପାରୁନାହାନ୍ତି । ଏହି ଯୋଜନାରେ ରାଜ୍ୟର ୪୫,୬୭,୫୨୪ ହିତାଧିକାରୀଙ୍କୁ ବର୍ଷରେ ଦୁଇଥର ଆର୍ଥିକ ସହାୟତା ଦିଆଯାଉଥିଲା। ତେଣୁ ଏହାକୁ ବନ୍ଦ କରାଗଲେ ସରକାର ଜନ ଆକ୍ରୋଶର ସମ୍ମୁଖୀନ ହେବାର ଆଶଙ୍କା ରହିଛି। ଅନ୍ୟପକ୍ଷରେ ପୂର୍ବ ସରକାରଙ୍କ ଏହି ଯୋଜନାକୁ ଜାରି ରଖିଲେ ଦଳୀୟ ନେତାଙ୍କ ପ୍ରତିଷ୍ଠା ଓ ଦଳର ପତିଆରା ହାନି ଘଟିବା ସମ୍ଭାବନା ରହିଛି। ଏହି ପରିପ୍ରେକ୍ଷୀରେ କାଳିଆ ଯୋଜନାର ଦ୍ୱନ୍ଦ୍ୱ ତୁଟୁନାହିଁ କିମ୍ବା ସରକାର ଏ ସମ୍ପର୍କରେ ସ୍ପଷ୍ଟ ଉତ୍ତର ଦେଇ ପାରୁନାହାନ୍ତି। ବିଧାନସଭାରେ ଦୁଇଟି ପୃଥକ୍ ପୃଥକ୍ ପ୍ରଶ୍ନରେ ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ ଭିନ୍ନଭିନ୍ନ ଉତ୍ତର ପ୍ରଦାନ 'କାଳିଆ' ଦ୍ୱନ୍ଦ୍ୱକୁ ଆହୁରି ବଢ଼ାଇ ଦେଇଛି।

ବୁଧବାର ବିଜେଡି ବିଧାୟକ ଗୌତମବୁଦ୍ଧ ଦାସଙ୍କର ଏକ ତାରକା ପ୍ରଶ୍ନର ଉତ୍ତରରେ ରାଜ୍ୟ କୃଷି ଓ କୃଷକ କଲ୍ୟାଣ ମନ୍ତ୍ରୀଙ୍କ ଉତ୍ତର ତାହା ସାଧାରଣରେ ସନ୍ଦେହ ସୃଷ୍ଟି କରିଛି। ଆଗାମୀ ଦିନରେ କାଳିଆ ଯୋଜନା ଜାରି ରହିବ ନା ବନ୍ଦ ରହିବ ସଂକ୍ରାନ୍ତ ପ୍ରଶ୍ନରେ କୌଣସି ସ୍ପଷ୍ଟ ଉତ୍ତର ଦେଇନାହାନ୍ତି ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ। କାଳିଆ ଯୋଜନା ସମ୍ପର୍କରେ ଉଚ୍ଚସ୍ତରରେ ବିଚାରାଲୋଚନା ଚାଲିଛି ଏବଂ ଏହାର ନିଷ୍ପତ୍ତି ହେବା ପରେ ସମସ୍ତ ତଥ୍ୟ ବିଧାୟକଙ୍କୁ ଅବଗତ କରାଯିବ ବୋଲି ଉଲ୍ଲେଖ କରି ଶ୍ରୀ ସିଂହଦେଓ ପ୍ରଶ୍ନକୁ ଏଡ଼ାଇ ଯିବାକୁ ଚେଷ୍ଟା କରିଛନ୍ତି। ମନ୍ତ୍ରୀଙ୍କ ଏହି ଅସ୍ପଷ୍ଟ ଉତ୍ତର କାଳିଆ ▶ପୃଷ୍ଠା-୯

କାଳିଆ
କୃଷି କଲେ ଉନ୍ନତ ସକଳ ଉନ୍ନତି

**ବନ୍ଦ କଲେ ଜନ ଆକ୍ରୋଶ ଭୟ; ଚାଲୁ ରହିଲେ ପତିଆରା ହାନି**

## ସଂସଦ ପରିସରରେ ରାହୁଲଙ୍କୁ ଭେଟିଲେ ୧୨ କୃଷକ ନେତା

# ଏମ୍‌ଏସ୍‌ପି ପାଇଁ ଜୋର୍‌ଦାର୍ ଲଢ଼େଇ



ନୂଆଦିଲ୍ଲୀ,୨୪।୭(ଏଜେନ୍ସି): ବିଭିନ୍ନ ପ୍ରସଙ୍ଗକୁ ନେଇ ଚଳିତ ବଜେଟ ଅଧିବେଶନରେ ବିରୋଧୀ ଇଣ୍ଡିଆ ମେଣ୍ଟ କେନ୍ଦ୍ର ସରକାରଙ୍କୁ ଘେରିବାକୁ ପ୍ରସ୍ତୁତି ନେଇଛି। କିନ୍ତୁ ଏହାମଧ୍ୟରେ ଚାଷୀଙ୍କ ଏମଏସପି ଗ୍ୟାରେଣ୍ଟି ପ୍ରସଙ୍ଗକୁ ମୁଖ୍ୟ ପ୍ରସଙ୍ଗ କରି ସଂସଦରେ ଜୋରଦାର ଦାବି କରିବାକୁ କଂଗ୍ରେସ ସମେତ ଅନ୍ୟ ବିରୋଧୀ ଦଳ ସଜବାଜ ହେଉଥିବା ଜଣାପଡ଼ିଛି। କେବଳ ବିରୋଧୀ ମେଣ୍ଟ ନୁହେଁ, କୃଷକ ସଂଘ ମଧ୍ୟ ଏମଏସପିକୁ ନେଇ ପୁଣିଥରେ ରାସ୍ତାକୁ ଓହ୍ଲାଇବାକୁ ପ୍ରସ୍ତୁତି ଆରମ୍ଭ କରିଦେଇଥିବା

- ସଂସଦରେ କଂଗ୍ରେସ ଆଣିବ ପ୍ରାଇଭେଟ ବିଲ୍
- କେନ୍ଦ୍ରକୁ ଘେରିବାକୁ ଚାଷୀ ସଂଘର ସଜବାଜ

ସୂଚନା ମିଳିଛି। ଆସନ୍ତା ଅଗଷ୍ଟ ପହିଲାରେ ଚାଷୀଙ୍କ ପକ୍ଷରୁ କେନ୍ଦ୍ର ସରକାରଙ୍କ ବିରୋଧରେ ପ୍ରତୀକାତ୍ମକ ବିକ୍ଷୋଭ କରାଯିବା ପରେ ଅଗଷ୍ଟ ୧୫ରେ ସାରା ଦେଶରେ ଚାଷୀ ସଂଘ ପକ୍ଷରୁ ଟ୍ରାକ୍ଟର ରାଲି କରିବାକୁ ଡକରା ଦିଆଯାଇଛି।

### ନିରପେକ୍ଷ ମଧ୍ୟସ୍ଥ ଦ୍ୱାରା ଶମ୍ଭୁ ସୀମା ସମସ୍ୟା ଦୂର କର: ସୁପ୍ରିମକୋର୍ଟ

ଏମଏସପି ଗ୍ୟାରେଣ୍ଟି ଦାବିକୁ ନେଇ ଚାଷୀମାନେ ଦିଲ୍ଲୀରେ ବିକ୍ଷୋଭ କରିବାକୁ ପୁଣିଥରେ ପ୍ରୟାସ ଆରମ୍ଭ କରିଛନ୍ତି। କିନ୍ତୁ ପଞ୍ଜାବ ଏବଂ ହରିୟାଣାର ଶମ୍ଭୁ ସୀମାରେ ଉପୁଜିଥିବା ସମସ୍ୟା ସେମାନଙ୍କ ପାଇଁ ଏକ ବଡ଼ ପ୍ରତିବନ୍ଧକ ସାଜିଛି। ଗତ ଫେବୃଆରୀରେ ଶହ ଶହ ଚାଷୀ ଟ୍ରାକ୍ଟର ରାଲି କରି ଦିଲ୍ଲୀ ଅଭିମୁଖେ ବାହାରିଥିଲା ବେଳେ ସେମାନଙ୍କୁ ହରିୟାଣା ସରକାର ଏହି ସୀମାରେ ଅଟକାଇଥିଲେ। ଫଳରେ ସେହି ସମୟରୁ ଆଜି ଯାଏ ପଞ୍ଜାବରୁ ଆସିଥିବା ଚାଷୀମାନେ ଧାରଣା ଦେଇଛନ୍ତି। ଏହି ସମସ୍ୟାକୁ ନେଇ ଇତିମଧ୍ୟରେ ସୁପ୍ରିମକୋର୍ଟ ବଡ଼ ଟିପ୍ପଣୀ ଦେଇଛନ୍ତି। କିଛି ଦିନ ତଳେ ହରିୟାଣା



ହାଇକୋର୍ଟ ଶମ୍ଭୁ ସୀମା ଖୋଲିବାକୁ ହରିୟାଣା ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ଏହାକୁ ଚ୍ୟାଲେଞ୍ଜ କରି ରାଜ୍ୟ ସରକାର ସୁପ୍ରିମକୋର୍ଟର ଦ୍ୱାରସ୍ଥ ହୋଇଥିଲେ। ବୁଧବାର ସର୍ବୋଚ୍ଚ ନ୍ୟାୟାଳୟ ଏହି ପ୍ରସଙ୍ଗରେ ଶୁଣାଣି କରିବା ସହିତ ନିରପେକ୍ଷ ମଧ୍ୟସ୍ଥ ଦ୍ୱାରା ଏହି ସମସ୍ୟାକୁ ଦୂର କରିବାକୁ ହରିୟାଣା ସରକାରଙ୍କୁ କହିଛନ୍ତି। ଚାଷୀ ଏବଂ ସରକାରଙ୍କ ମଧ୍ୟରେ କୌଣସି ସ୍ତରରେ ବିଶ୍ୱାସର ଅଭାବ ଯୋଗୁ ଏଭଳି ସ୍ଥିତି ଉପୁଜିଛି। ତେଣୁ ନିରପେକ୍ଷ ଏଜେନ୍ସି ମାଧ୍ୟମରେ ଆଲୋଚନା କରି ଉଭୟ ପକ୍ଷ ସମସ୍ୟା ସମାଧାନ କରିବା ଉଚିତ ବୋଲି ସୁପ୍ରିମକୋର୍ଟ କହିଛନ୍ତି।

ଏହିକ୍ରମରେ କୃଷକ ସଂଘର ଏକ ଉଚ୍ଚ ପ୍ରତିନିଧି ଦଳ ବୁଧବାର ସଂସଦ ପରିସରରେ କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କୁ ଭେଟି ଆଲୋଚନା କରିଛନ୍ତି। ପଞ୍ଜାବ, ହରିୟାଣା, ଉତ୍ତରପ୍ରଦେଶ, ରାଜସ୍ଥାନ,ତେଲଙ୍ଗାନା, ତାମିଲନାଡୁ ଏବଂ କର୍ଣ୍ଣାଟକ ଆଦି ରାଜ୍ୟରୁ ଆସିଥିବା ଏହି ଚାଷୀନେତାମାନେ ରାହୁଲଙ୍କୁ ଭେଟି ସେମାନଙ୍କ ଦାବି ସମ୍ପର୍କରେ ଅବଗତ କରିଥିଲା ବେଳେ ଖୁବଶୀଘ୍ର ଏହାକୁ ସଂସଦରେ ଉତଥାପନ କରିବାକୁ ରାହୁଲ ସେମାନଙ୍କୁ ପ୍ରତିଶ୍ରୁତି ଦେଇଥିବା କୁହାଯାଇଛି। ଏହି ବୈଠକରେ କଂଗ୍ରେସ ନେତା କେ ସି ଭେନୁଗୋପାଳଙ୍କ ସମେତ ପଞ୍ଜାବର ପୂର୍ବତନ ମୁଖ୍ୟମନ୍ତ୍ରୀ ଚରନଜିତ୍ ସିଂ ଚନ୍ନି, ପଞ୍ଜାବ କଂଗ୍ରେସ ମୁଖ୍ୟ ଅମରିନ୍ଦର ସିଂ ରାଜା ୱାରିଙ୍ଗ, ସୁଖଜିନ୍ଦର ସିଂ ରାନ୍ଧୱା, ଗୁରଜିତ ସିଂ ଅଜଲା,ଅମର ସିଂ, ଦିପେନ୍ଦର ସିଂ ହୁଡା ଏବଂ ଜୟପ୍ରକାଶ ଆଦି ଉପସ୍ଥିତ ରହି ଚାଷୀନେତାମାନଙ୍କ ସହ ଆଲୋଚନା କରିଛନ୍ତି। ଚାଷୀଙ୍କ ସମସ୍ୟାକୁନେଇ ସଂସଦରେ ପ୍ରାଇଭେଟ ବିଲ ଅଣାଯିବ ବୋଲି ଅମରିନ୍ଦର ସିଂ କହିଛନ୍ତି। ତେବେ ଏହି ପ୍ରସଙ୍ଗରେ ଇଣ୍ଡିଆ ମେଣ୍ଟର ଅନ୍ୟ ସହଯୋଗୀ ଦଳମାନଙ୍କ ସହ ଆଲେଶଚନା କରାଯାଇ ଏ ସମ୍ପର୍କରେ ଖୁବଶୀଘ୍ର ନିଷ୍ପତ୍ତି ନିଆଯିବ ବୋଲି ରାହୁଲ କହିଛନ୍ତି।

---

● ମୋଦୀଙ୍କୁ ଷ୍ଟାଲିନ୍‌ଙ୍କ ଚେତାବନୀ

## ନିଜ ପସନ୍ଦ, ନାପସନ୍ଦରେ ସରକାର ଚଳାଇଲେ ସ୍ଥାଣୁ ପାଲଟିଯିବେ

ଚେନ୍ନଇ,୨୪।୭(ଏଜେନ୍ସି): କେନ୍ଦ୍ରୀୟ ବଜେଟକୁ ବିରୋଧ କରି ଇଣ୍ଡିଆ ମେଣ୍ଟ ନେତା ବୁଧବାର ସଂସଦର ଉଭୟ ସଦନରେ ହଙ୍ଗାମା କରିବା ସହିତ କକ୍ଷତ୍ୟାଗ କରିଥିଲେ। କେନ୍ଦ୍ର ସରକାର କେବଳ ନିଜ ମେଣ୍ଟର ସହଯୋଗୀ ଦଳଙ୍କୁ ଖୁସି କରିବା ଲକ୍ଷ୍ୟରେ ବଜେଟ୍ ପ୍ରସ୍ତୁତ କରିଛନ୍ତି। କିନ୍ତୁ ଏହାଦ୍ୱାରା ଦେଶବାସୀଙ୍କୁ ପ୍ରତାରଣା କରାଯାଇଛି ବୋଲି ସେମାନେ କହିଥିଲେ। ସଂସଦରେ ଏହି ଘଟଣା ପରେ ତାମିଲନାଡୁ ମୁଖ୍ୟମନ୍ତ୍ରୀ ତଥା ଡିଏମକେ ସୁପ୍ରିମୋ ଏମ କେ ଷ୍ଟାଲିନ୍

- ସହଯୋଗୀଙ୍କୁ ଖୁସି କରି କ୍ଷମତା ବଞ୍ଚାଇପାରନ୍ତି, ଦେଶ ନୁହେଁ
- ବିଜେପିକୁ ହରାଇଥିବା ଦଳମାନଙ୍କ ବିରୋଧରେ ପ୍ରତିଶୋଧ ନିଆଯାଇଛି



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ପ୍ରତି କଡ଼ା ଟିପ୍ପଣୀ ରଖିବା ସହିତ ତାଙ୍କୁ ପରୋକ୍ଷରେ ଚେତାବନୀ ଦେଇଛନ୍ତି। ଯଦି ମୋଦୀ ନିଜ ରାଜନୈତିକ ପସନ୍ଦ କିମ୍ବା ଅପସନ୍ଦକୁ ନେଇ ସରକାର ଚଳାଇବେ ତେବେ ଖୁବଶୀଘ୍ର ଏକ ଘରିକିଆ ହୋଇ ସ୍ଥାଣୁ ପାଲଟିଯିବେ । ମୋଦୀ ନିଜ ସହଯୋଗୀ ଦଳର ନେତାଙ୍କୁ ଖୁସି କରି କ୍ଷମତା ବଞ୍ଚାଇପାରନ୍ତି, କିନ୍ତୁ ଦେଶ ବଞ୍ଚାଇପାରିବେ ନାହିଁ ବୋଲି ଷ୍ଟାଲିନ କହିଛନ୍ତି। ବଜେଟ୍‌ରେ କେବଳ ଏନଡିଏ ମେଣ୍ଟର ସହଯୋଗୀ ଦଳଙ୍କୁ ଖୁସି କରିବାର ଦେଖାଯାଇ ନାହିଁ। ବରଂ ଯେଉଁ ଦଳ ବିଜେପି ବିରୋଧରେ ବିଜୟୀ ହୋଇଛି ସେହିସବୁ ଦଳ ବିରୋଧରେ କେନ୍ଦ୍ର ସରକାର ପ୍ରତିଶୋଧ ନେଇଛନ୍ତି। ଏଭଳି ରାଜନୈତିକ ଉଦ୍ଦେଶ୍ୟ ରାଷ୍ଟ୍ର ସୁରକ୍ଷା ପାଇଁ ଆଦୌ ସମୀଚିନ ନୁହେଁ ବୋଲି ସେ କହିଛନ୍ତି। ସେ ଆହୁରି କହିଛନ୍ତି ଯେ, ବଜେଟ୍ ଅଧିବେଶନ ଆରମ୍ଭ ପୂର୍ବରୁ ସଂସଦର ସମସ୍ତ ସଦସ୍ୟମାନଙ୍କ ଉଦ୍ଦେଶ୍ୟରେ ସମ୍ବୋଧନ କରି ମୋଦୀ କହିଥିଲେ ଯେ, 'ନିର୍ବାଚନ ଶେଷ ହୋଇଛି ଏବଂ ଏବେ ଦେଶ ବିକାଶ ପାଇଁ କାର୍ଯ୍ୟ କରିବାର ସମୟ ଆସିଛି। ଦଳମତ ନିର୍ବିଶେଷରେ ସମସ୍ତେ ଦେଶର ବିକାଶପଥକୁ ତ୍ୱରାନ୍ୱିତ କରିବା ଦିଗରେ କାର୍ଯ୍ୟ କରିବା ଉଚିତ।' କିନ୍ତୁ ବଜେଟ୍‌ରେ ଯାହା ଦେଖାଗଲା ତଦ୍ୱାରା ପ୍ରଧାନମନ୍ତ୍ରୀ ଯେ କେବଳ ତାଙ୍କର କ୍ଷମତା ବଜାୟ ରଖିବାକୁ ଚାହିଁଛନ୍ତି ତାହା ସ୍ପଷ୍ଟ ହୋଇଛି। ଦେଶର ବିକାଶ କୁଆଡେ ଗଲା ବୋଲି ଷ୍ଟାଲିନ ପ୍ରଶ୍ନ କରିଛନ୍ତି।

## ରକ୍ତରେ ଶିବଙ୍କୁ ପୂଜାଭିଷେକ କଲେ ଯୁବକ

ଉଜ୍ଜୈନ,୨୪।୭(ଏଜେନ୍ସି): ମଧ୍ୟପ୍ରଦେଶ ଉଜ୍ଜୈନରେ ଶିବ ଆରାଧନା ନେଇ ଏକ ବିଚିତ୍ର ଘଟଣା ସାମ୍ନାକୁ ଆସିଛି। ଜଣେ ଭକ୍ତ ଭଗବାନ ଶିବଙ୍କୁ ନିଜ ରକ୍ତରେ ଅଭିଷେକ କରିଛନ୍ତି। ଏହି ଅଭିଷେକ ବେଳେ ୨୧ ଜଣ ପଣ୍ଡିତ ମନ୍ତ୍ର ଉଚ୍ଚାରଣ କରି ଉପସ୍ଥିତ ରହିବା ମଧ୍ୟ ଅନେକଙ୍କୁ ବିସ୍ମିତ କରିଛି। ଏହି ଘଟଣାର ଭିଡିଓ ଏବେ ଭାଇରାଲ ହେଉବାରେ ଲାଗିଛି। ଭିଡିଓରେ ଉଜ୍ଜୈନ ବାସିନ୍ଦା ରୌନକ ଗୁରୁଜାର ବିଲକେଶ୍ୱର ମହାଦେବ ମନ୍ଦିରରେ ପୂଜାଭିଷେକ କରିବା ବେଳେ ଶିବଲିଙ୍ଗ ଉପରେ ନିଜ ରକ୍ତ ଚଢାଉଥିବା ଦେଖିବାକୁ ମିଳିଛି। ୨୧ ଜଣ ପଣ୍ଡିତଙ୍କ ଉପସ୍ଥିତିରେ ତାଙ୍କ ହାତରେ ଛୁଞ୍ଚି ଫୁଟାଇ ରକ୍ତ ବାହାର କରାଯାଉଛି ଏବଂ ପରେ ଶିବଲିଙ୍ଗକୁ ସେହି ରକ୍ତରେ ଅଭିଷିକ୍ତ କରାଯାଇଥିବା ଦେଖାଯାଇଛି।

## କାଉଡ଼ିଆ ଯାତ୍ରା ପାଇଁ ୮ ଦିନ ସ୍କୁଲ ବନ୍ଦ



ହରିଦ୍ୱାର, ୨୪।୭ (ଏଜେନ୍ସି): କାଉଡ଼ିଆ ଯାତ୍ରା ପାଇଁ ହରିଦ୍ୱାର ଜିଲ୍ଲାପାଳ ଧୀରଜ ସିଂହ ଗାରବିୟାଲ ପ୍ରଥମରୁ ୧୨ ଶ୍ରେଣୀ ଯାଏଁ ସମସ୍ତ ସରକାରୀ, ଘରୋଇ ସ୍କୁଲ ଓ ଅଙ୍ଗନବାଡ଼ି କେନ୍ଦ୍ରକୁ ୨୬ରୁ ଅଗଷ୍ଟ ୨ ପର୍ଯ୍ୟନ୍ତ ଏକ ସପ୍ତାହ ବନ୍ଦ ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ନିର୍ଦ୍ଦେଶକୁ କଡ଼ାକଡ଼ି ଭାବେ ପାଳନ କରିବାକୁ କୁହାଯାଇଛି। ଆଦେଶ ଅବମାନନା କଲେ କାର୍ଯ୍ୟାନୁଷ୍ଠାନ ଚେତାବନୀ ଦିଆଯାଇଛି। ଗତ ୨୨ ତାରିଖରୁ କାଉଡ଼ିଆ ଯାତ୍ରା ଆରମ୍ଭ ହୋଇଯାଇଛି। କାଉଡ଼ିଆଙ୍କ ସଂଖ୍ୟା ବୃଦ୍ଧି ପାଉଥିବାରୁ ସହର କ୍ଷେତ୍ରର ଅଧିକାଂଶ ରାସ୍ତା ବନ୍ଦ କରିଦିଆଯାଇଛି। ଏଥିପାଇଁ ସ୍କୁଲ୍ ବନ୍ଦ ନିଷ୍ପତ୍ତି ନିଆଯାଇଛି।

---

## ବିହାରରେ ପ୍ରଶ୍ନପତ୍ର ପ୍ରଘଟ କଲେ ୧୦ ବର୍ଷ ଜେଲ୍

ପାଟନା, ୨୪।୭ (ଏଜେନ୍ସି): ବିହାର ବିଧାନସଭାରେ ପ୍ରଶ୍ନପତ୍ର ପ୍ରଘଟ ନିରୋଧୀ ବିଲ୍ (ଆଣ୍ଟି ପେପର ଲିକ୍) ବୁଧବାର ପାରିତ ହୋଇଯାଇଛି। ଏହି ବିଲ୍‌ରେ ପ୍ରଶ୍ନପତ୍ର ପ୍ରଘଟକୁ ଗୁରୁତର ଅପରାଧ ଧରାଯାଇଛି। ଏହି ଅଭିଯୁକ୍ତଙ୍କ ବିରୋଧରେ ଜାମିନ ବିହୀନ ଧାରା ଲଗାଯିବ। ଦୋଷୀ ସାବ୍ୟସ୍ତରେ ୩ରୁ ୧୦ ବର୍ଷ ପର୍ଯ୍ୟନ୍ତ ଜେଲ୍ ଦଣ୍ଡ ଏବଂ ୧୦ ଲକ୍ଷରୁ କୋଟିଏ ଟଙ୍କା ପର୍ଯ୍ୟନ୍ତ ଜରିମାନାର ବ୍ୟବସ୍ଥା ରହିଛି। ରାଜ୍ୟ ସରକାରଙ୍କ ପକ୍ଷରୁ ଆୟୋଜିତ ସମସ୍ତ ପରୀକ୍ଷାରେ ଏହି ନିୟମ କାର୍ଯ୍ୟକାରୀ ହେବ। ଏହା ବ୍ୟତୀତ ପ୍ରଶ୍ନପତ୍ର ପ୍ରଘଟରେ ସାମିଲ ଥିବା ସଂସ୍ଥାକୁ ୪ ବର୍ଷ ପର୍ଯ୍ୟନ୍ତ କଳା ତାଲିକାଭୁକ୍ତ କରାଯିବ। ଡିଏସ୍‌ପି ର୍‌ୟାଙ୍କର ଅଧିକାରୀ ଏହି ମାମଲାର ତଦନ୍ତ କରିବେ।

## ବିଧାୟିକାଙ୍କ ଉପରେ ନୀତୀଶଙ୍କ ବିବାଦୀୟ ମନ୍ତବ୍ୟ

ପାଟନା, ୨୪।୭ (ଏଜେନ୍ସି): ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ପୁଣିଥରେ ବିଧାନସଭାରେ ମହିଳାଙ୍କୁ ନେଇ ବିବାଦୀୟ ମନ୍ତବ୍ୟ ଦେଇଛନ୍ତି। ବୁଧବାର ଗୃହରେ ବିରୋଧୀ ହଙ୍ଗାମା କରୁଥିବା ସମୟରେ ନୀତୀଶ ଆରଜେଡି ବିଧାୟିକା ରେଖା ଦେବୀଙ୍କ ଉପରେ ବର୍ଷି ଥିଲେ। ନୀତୀଶ କହିଥିଲେ ଯେ ତୁମେ ମହିଳା, କିଛି ଜାଣି ନାହଁ। ସେ ଆରଜେଡିକୁ ନିଶାଣ କରି କହିଥିଲେ ଯେ ଏମାନେ କେବେ କୌଣସି ମହିଳାଙ୍କୁ ଆଗକୁ ବଢ଼ାଇଛନ୍ତି କି? ୨୦୦୫ ପରେ ମହିଳାଙ୍କୁ ଆଗକୁ ଆସିବାକୁ ଦେଇଥିଲେ ନା। ଏଥିପାଇଁ କହୁଛୁ, ଚୁପ୍ ହୋଇ ଶୁଣ। ଆମେ କହିବୁ, ଯଦି ନ ଶୁଣିବ ତେବେ ଏହା ତୁମର ଭୁଲ୍। ସୂଚନା ଅନୁଯାୟୀ ନୀତୀଶ ଭାଷଣ ଦେବାକୁ ଛିଡ଼ା ହେବା ସମୟରେ ବିରୋଧୀ ସଂରକ୍ଷଣକୁ ନେଇ ହଙ୍ଗାମା କରୁଥିଲେ। ଅଭିଭାଷଣ ସମୟରେ ବିରୋଧୀଙ୍କୁ ଚୁପ୍ ହୋଇ ଶୁଣିବାକୁ ମୁଖ୍ୟମନ୍ତ୍ରୀ ବାରମ୍ବାର ଅନୁରୋଧ କରିଥିଲେ। ତେବେ ନୀତୀଶଙ୍କ ବୟାନକୁ ଆର୍‌ଜେଡି ନେତା ତେଜସ୍ୱୀ ଯାଦବ ଏହାର ଭିଡିଓ ସେୟାର କରି କହିଛନ୍ତି ଯେ ମହିଳାଙ୍କ ଉପରେ ବିବାଦୀୟ, ଅଭଦ୍ର ବୟାନ ଦେବା ମୁଖ୍ୟମନ୍ତ୍ରୀଙ୍କ ପରିଚୟ ପାଲଟି ଗଲାଣି। ଏହା ରାଜ୍ୟ ପାଇଁ ଅତ୍ୟଧିକ ଚିନ୍ତାର ବିଷୟ।

## ପଶ୍ଚିମବଙ୍ଗରେ ନିଟ୍ ବିରୋଧୀ ସଙ୍କଳ୍ପ ପାରିତ

କୋଲକାତା, ୨୪।୭ (ଏଜେନ୍ସି): ତାମିଲନାଡୁ, କର୍ଣ୍ଣାଟକ ପରେ ପଶ୍ଚିମବଙ୍ଗ ସରକାର ନିଟ୍ ଉଚ୍ଛେଦ ଦାବି କରିଛନ୍ତି। ଦେଶରେ ତୃତୀୟ ରାଜ୍ୟ ଭାବେ ବୁଧବାର ପଶ୍ଚିମବଙ୍ଗ ବିଧାନସଭାରେ ନିଟ୍ ବିରୋଧରେ ସଙ୍କଳ୍ପ ପାରିତ ହୋଇଯାଇଛି। ଏଥିରେ ପୁରୁଣା ବ୍ୟବସ୍ଥା କାର୍ଯ୍ୟକାରୀ କରିବାକୁ ଦାବି କରାଯାଇଛି। ମୁକ୍ତ ଏବଂ ଅବାଧ ପରୀକ୍ଷା ଆୟୋଜନ କରିବାରେ ବିଫଳତାକୁ ନେଇ ଏନଟିଏକୁ ସମାଲୋଚନା କରାଯାଇଛି। ରାଜ୍ୟ ଶିକ୍ଷାମନ୍ତ୍ରୀ ବ୍ରତ୍ୟ ବାସୁ କହିଛନ୍ତି ଯେ ସେମାନେ ପ୍ରଥମରୁ ସର୍ବ ଭାରତୀୟ ପରୀକ୍ଷା ସପକ୍ଷରେ ନ ଥିଲେ। ମାତ୍ର ସେତେବେଳେ ଗୁଜରାଟର ମୁଖ୍ୟମନ୍ତ୍ରୀ ଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏଥିପାଇଁ ତାଙ୍କୁ ରାଜି କରାଇ ନେଇଥିଲେ।

---

### ୟୁପି ମୁଖ୍ୟମନ୍ତ୍ରୀ-ଉପମୁଖ୍ୟମନ୍ତ୍ରୀଙ୍କ ମଧ୍ୟରେ ବଢୁଛି ତିକ୍ତତା

# ମନ୍ତ୍ରୀଙ୍କ ମଧ୍ୟରେ ଗୋଷ୍ଠୀକନ୍ଦଳ ଆରମ୍ଭ

ଲକ୍ଷ୍ନୌ, ୨୪।୭ (ଏଜେନ୍ସି): ଉତ୍ତର ପ୍ରଦେଶରେ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କ ସମସ୍ୟା କମ୍ ହେବାର ନା ଧରୁନି। ଉପ-ମୁଖ୍ୟମନ୍ତ୍ରୀ କେଶବ ପ୍ରସାଦ ମୌର୍ଯ୍ୟଙ୍କ ସହ ତାଙ୍କର ଦୂରତା ବଢ଼ିବାରେ ଲାଗିଛି। ଏବେ ମନ୍ତ୍ରୀମାନଙ୍କ ମଧ୍ୟରେ ଗୋଷ୍ଠୀ କନ୍ଦଳ ଆରମ୍ଭ ହୋଇଗଲାଣି। ସୋମବାର ଆଜମଗଡ଼ରେ ଅଧିକାରୀଙ୍କ ସହ ମୁଖ୍ୟମନ୍ତ୍ରୀ ସମୀକ୍ଷା ବୈଠକ କରିଥିଲେ। ଏହି ବୈଠକକୁ ପଞ୍ଚାୟତରାଜ ମନ୍ତ୍ରୀ ତଥା ଏସ୍‌ବିଏସ୍‌ପି ମୁଖ୍ୟ ଓମ ପ୍ରକାଶ ରାଜଭରକୁ ଡକା ଯାଇଥିଲା। ଏହା ସତ୍ତ୍ୱେ ସେ ଅନୁପସ୍ଥିତ ରହିଥିଲେ। ରାଜଭର ସନ୍ଧ୍ୟାରେ ଉପ-ମୁଖ୍ୟମନ୍ତ୍ରୀ କେଶବ ମୌର୍ଯ୍ୟଙ୍କୁ ଭେଟିବାକୁ ପହଞ୍ଚି ଥିଲେ। ସେ ଏହି ଫଟୋକୁ ସାମାଜିକ ଗଣମାଧ୍ୟମରେ ଛାଡ଼ି ଲେଖିଥିଲେ ଯେ ଏହା ସୌଜନ୍ୟମୂଳକ ସାକ୍ଷାତ ଥିଲା। ବିଭିନ୍ନ ପ୍ରସଙ୍ଗରେ ଚର୍ଚ୍ଚା ହୋଇଥିଲା। ତେବେ ଏହି ସାକ୍ଷାତକୁ ରାଜନୈତିକ ବିଶେଷଜ୍ଞମାନେ ଭିନ୍ନ ଦୃଷ୍ଟିରେ ଦେଖୁଛନ୍ତି। ଏହାକୁ ଗୋଷ୍ଠୀ କନ୍ଦଳ ଭାବେ ଦେଖାଯାଉଛି। କିନ୍ତୁ ରାଜଭର ଚର୍ଚ୍ଚାକୁ ଏଡ଼ାଇ ଦେଇଛନ୍ତି। ମୁଖ୍ୟମନ୍ତ୍ରୀ ପରିବର୍ତ୍ତନ ନେଇ କୌଣସି ଚର୍ଚ୍ଚା ହୋଇନାହିଁ। ସରକାରରେ ସବୁ କିଛି ଠିକ୍ ଅଛି ବୋଲି କହିଛନ୍ତି।

ଏହା ପୂର୍ବରୁ ଗତ ୧୪ ତାରିଖରେ ଲକ୍ଷ୍ନୌରେ ବିଜେପି କାର୍ଯ୍ୟକାରୀ କମିଟିର ବୈଠକ ବସିଥିଲା। ଏହିଠାରୁ ଉଭୟ ନେତାଙ୍କ ମଧ୍ୟରେ ଥିବା ବିବାଦ ଖୋଲାଖୋଲି ଭାବେ ସାମ୍ନାକୁ ଆସିଥିଲା। ଏହାର ଦିନକ ପରେ କେଶବ ଦିଲ୍ଲୀ ଗସ୍ତ କରି ବିଜେପି ଅଧକ୍ଷ ଜେପି ନଡ୍ଡାଙ୍କୁ ଭେଟିଥିଲେ। କେନ୍ଦ୍ରୀୟ



ନେତୃତ୍ୱଙ୍କୁ ଭେଟିବା ପରେ ଯୋଗୀ ଆଦିତ୍ୟନାଥ ଏବଂ କେଶବଙ୍କ ବିବାଦର ସମାଧାନ ହେବ ବୋଲି କୁହାଯାଉଥିଲା। କିନ୍ତୁ ଦୁଇ ଦିନରେ ଦୁଇଟି ମାମଲାରେ ଏହାର କମିବା ପରିବର୍ତ୍ତେ ବଢ଼ିଥିବା ଦେଖିବାକୁ ମିଳିଥିଲା। ଯୋଗୀଙ୍କ ବିଭାଗରେ ସଂରକ୍ଷଣକୁ ନେଇ କେଶବ ନିଜ ସରକାରଙ୍କୁ ପ୍ରଶ୍ନ ପଚାରି ଥିଲେ। ସେ ସରକାରୀ ବିଭାଗରେ ଚୁକ୍ତିଭିତ୍ତିକ ଏବଂ ଆଉଟସୋର୍ସି କର୍ମଚାରୀଙ୍କ ସୂଚନା ମାଗିଥିଲେ। ଏଥିରେ ସଂରକ୍ଷଣର ନିୟମ କେତେ ପାଳନ କରାଯାଇଛି ପଚାରି ଥିଲେ। ନିଯୁକ୍ତିରେ ୨୦୦୮ର ସଂରକ୍ଷଣ ନିୟମ ପାଳନ କରିବାକୁ ମଧ ନିର୍ଦ୍ଦେଶ ଦେଇଥିଲେ। ମାତ୍ର ଏହି ବିଭାଗ ମୁଖ୍ୟମନ୍ତ୍ରୀଙ୍କ ପାଖରେ ରହିଛି। ଏହାକୁ ନେଇ ଗତ ୧୫ ତାରିଖରେ କେଶବ ଡିଓଏପିର ପ୍ରମୁଖ ସଚିବ ଦେବେଶ ଚତୁର୍ବେଦୀଙ୍କୁ ମଧ୍ୟ ଚିଠି ଲେଖିଥିଲେ।

ଗତ ଶନିବାର ପ୍ରୟାଗରାଜରେ କ୍ୟାବିନେଟ ମନ୍ତ୍ରୀ ନନ୍ଦ ଗୋପାଲ ଗୁପ୍ତାଙ୍କ ଝିଅର ବିବାହ ଭୋଜି ଥିଲା। ଏଥିରେ ଉଭୟେ ଯୋଗୀ ଏବଂ କେଶବ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମ ପୂର୍ବରୁ ମୁଖ୍ୟମନ୍ତ୍ରୀ ପ୍ରୟାଗରାଜ ସର୍କିଟ ହାଉସ (ପ୍ରଦକ୍ଷିଣ ଗୃହ)ରେ ଅଧିକାରୀଙ୍କ ସହ ବୈଠକ କରିଥିଲେ। କିନ୍ତୁ କେଶବ ବୈଠକରେ ସାମିଲ ହୋଇ ନ ଥିଲେ। ସେହିପରି ଯୋଗୀ ପ୍ରୟାଗରାଜରେ ପହଞ୍ଚିବା ପୂର୍ବରୁ କେଶବ କୌଶାମ୍ବି ପଳାଇ ଥିଲେ।

## ୨୪ ଘଣ୍ଟାରେ ୨ ଯବାନ ସହିଦ; ଆତଙ୍କବାଦୀ ନିପାତ

କୁପଓ୍ୱାରା, ୨୪।୭ (ଏଜେନ୍ସି): ଜମ୍ମୁ-କାଶ୍ମୀରର କୁପଓ୍ୱାରା ଜିଲ୍ଲାରେ ଥିବା ତ୍ରିମୁଖ ଟପ୍ ଜଙ୍ଗଲରେ ଆଜି ସେନା ଓ ପୁଲିସର ମିଳିତ ଖାନତଲାସୀ ଅଭିଯାନ ଚାଲିଥିବା ବେଳେ ଆତଙ୍କବାଦୀମାନେ ସୁରକ୍ଷା ବାହିନୀର ଯବାନଙ୍କ ଉପରକୁ ଆଖିବୁଜା ଗୁଳିଚାଳନା କରିଥଲେ। ସେନା ଓ ପୁଲିସ୍ ପକ୍ଷରୁ ତାହାର ପାଲଟା ଜବାବ ଦିଆଯାଇଥିଲା। ଏନ୍‌କାଉଣ୍ଟର୍‌ରେ ସେନାର ଜଣେ ନନ୍-କମିଶନଡ୍ ଅଫିସର ଆହତ ହୋଇଥିଲେ। ପରେ ସେ ଚିକିତ୍ସାଧୀନ ଅବସ୍ଥାରେ ପ୍ରାଣ ହରାଇଥିଲେ। ସେହିପରି ଜଣେ ଆତଙ୍କବାଦୀ ନିହତ ହୋଇଥିବା ନେଇ ସେନାର ଚିନ୍ନାର କର୍ପସ୍ ପକ୍ଷରୁ କୁହାଯାଇଛି। ଏହା ପୂର୍ବରୁ ମଙ୍ଗଳବାର ପୁଞ୍ଚରେ ଏନ୍‌କାଉଣ୍ଟର ହୋଇଥିଲା। ଏଥିରେ ଲାନ୍ସ ନାଏକ ସୁଭାଷ କୁମାର ସହିଦ ହୋଇଥିଲେ। ଚଳିତ ବର୍ଷ ଜମ୍ମୁ ଅଞ୍ଚଳରେ ୧୨ଟି ଆତଙ୍କବାଦୀ ଆକ୍ରମଣରେ ୧୩ଜଣ ସୈନ୍ୟ ସହିଦ ଓ ୫ ଆତଙ୍କବାଦୀ ନିହତ ହେଲେଣି। ପାକିସ୍ତାନ ଭିତ୍ତିକ ଆତଙ୍କୀ ସଂଗଠନଗୁଡ଼ିକ ଜମ୍ମୁ, ପୁଞ୍ଚ, ରଜୌରି ଓ ରିୟାସି ଜିଲ୍ଲାକୁ ସେମାନଙ୍କ ଟାର୍ଗେଟ୍‌ରେ ରଖିଥିବା ସେନା ପକ୍ଷରୁ କୁହାଯାଇଛି।

---

## 'ଆଇଏନ୍‌ଏସ୍ ତ୍ରିପୁଟ'ର ଜଳାବତରଣ



ନୂଆଦିଲ୍ଲୀ, ୨୪।୭ (ଏଜେନ୍ସି): ଭାରତୀୟ ନୌସେନା ପାଇଁ ନୂଆ ଯୁଦ୍ଧ ଜାହାଜ 'ଆଇଏନ୍‌ଏସ୍ ତ୍ରିପୁଟ'ର ଜଳାବତରଣ ହୋଇଛି। ଏହା 'ତଲୱାର କ୍ଲାସ ଫ୍ରିଗେଟ'ର ନବମ ଯୁଦ୍ଧ ଜାହାଜ। ଗୋଆ ସିପୟାର୍ଡ ଲିମିଟେଡରେ ୨୦୨୧ ଜାନୁଆରୀ ୧୯ରୁ ଏହାର ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା। ୨୦୨୬ ଅକ୍ଟୋବରରେ ଏହାକୁ ନୌସେନାରେ ସାମିଲ କରାଯିବ। ଏବେ ଏହି ଷ୍ଟିଲଥ୍ ଗାଇଡେଡ ମିସାଇଲ ଫ୍ରିଗେଟର ପରୀକ୍ଷଣ ଆରମ୍ଭ ହୋଇଛି। ଏହା ଦୁଇ ବର୍ଷ ଯାଏଁ ଚାଲିବ। ଏହାର ଲମ୍ବ ୪୦୯.୫ ମିଟର। ଏହା ଘଣ୍ଟାପ୍ରତି ୫୯ କିମି ବେଗରେ ଗତି କରିପାରିବ। ଏଥିରେ ୧୮ ଅଧିକାରୀ ଏବଂ ୧୮୦ ସୈନିକ ୩୦ ଦିନ ପର୍ଯ୍ୟନ୍ତ ସମୁଦ୍ରରେ ରହିପାରିବେ। ଯୁଦ୍ଧ ଜାହାଜରେ ୨୪ଟି ଷ୍ଟିଲଥ-୧ ମିଡିୟମ ରେଞ୍ଜର କ୍ଷେପଣାସ୍ତ୍ର ମୁତୟନ କରାଯାଇଛି।

## ଲିବ୍ୟାରେ ଖୋଲିଲା ଭାରତୀୟ ଦୂତାବାସ

ତ୍ରିପୋଲି, ୨୪।୭(ଏଜେନ୍ସି): ଉତ୍ତର ଆଫ୍ରିକୀୟ ଦେଶ ଲିବ୍ୟାରେ ସୁରକ୍ଷା କାରଣରୁ ଭାରତୀୟ ଦୂତାବାସ ୫ବର୍ଷରୁ ଅଧିକ କାଳ ଧରି ବନ୍ଦ ରହିବା ପରେ ଗତ ସୋମବାର ଦିନ ପୁନର୍ବାର ଖୋଲିଛି। ଲିବ୍ୟାର ନ୍ୟାସ୍‌ନାଲ୍ ୟୁନିଟି ସରକାରଙ୍କ ପକ୍ଷରୁ ଗତ ସୋମବାର ଦିନ ଆହୂତ ଏକ ସାମ୍ବାଦିକ ସମ୍ମିଳନୀରେ ଏହି ସୂଚନା ଦିଆଯାଇଛି। ଏହି ସମ୍ମିଳନୀରେ ଲିବ୍ୟା ପାଇଁ ଭାରତର ନୂଆ ଚାର୍ଜ ଡି ଆଫାୟାର୍ସ ଫର୍ ଦି ମିଶନ୍ ମହମ୍ମଦ ଅଲିମ୍ ଉପସ୍ଥିତ ଥିଲେ। ଭାରତ ସରକାର ଏପ୍ରିଲ ୨୦୧୯ରେ ଲିବ୍ୟାର ରାଜଧାନୀ ତ୍ରିପୋଲିରେ ଥିବା ଦୂତାବାସ ବନ୍ଦ କରିଦେଇଥିଲେ। ଭାରତ ପକ୍ଷରୁ ତ୍ରିପୋଲିରେ ନାମକୁ ମାତ୍ର ଜଣେ କନ୍‌ସୁଲାର୍ କିରାଣୀ ଓ ଜଣେ ମାଳି ରହିଥିଲେ। ୨୦୧୯ ଏପ୍ରିଲ ପରଠାରୁ ଟ୍ୟୁନିସିଆରେ ଥିବା ଭାରତୀୟ ରାଜଦୂତ ଲିବ୍ୟା-ଭାରତ ସମ୍ପର୍କ ବିଷୟ ବୁଝୁଥିଲେ। ଲିବ୍ୟାରେ ପ୍ରାୟ ୩ ହଜାର ଭାରତୀୟ ରହୁଛନ୍ତି। ଲିବ୍ୟାର ସାମରିକ ଶାସକ ମୁଆମ୍ମାର ଗଦ୍ଦାଫିଙ୍କ ଶାସନ କାଳରେ ଲିବ୍ୟାରେ ପ୍ରାୟ ୧୮ ହଜାର ଭାରତୀୟ ରହୁଥିଲେ। ବିଦ୍ରୋହରେ ଗଦ୍ଦାଫିଙ୍କୁ ଗାଦିଚ୍ୟୁତ କରାଯିବା ପରେ ଲିବ୍ୟାରେ ଗୃହଯୁଦ୍ଧ ସମାନ ପରିସ୍ଥିତି ଦେଖାଦେଇଥିଲା ଓ ଅରାଜକତା ଖେଳିଯାଇଥିଲା। ସେତେବେଳେ ଅଧିକାଂଶ ଭାରତୀୟ ଲିବ୍ୟା ଛାଡ଼ି ଭାରତ ଫେରିଥିଲେ କିମ୍ବା ଅନ୍ୟତ୍ର ଚାଲିଯାଇଥିଲେ। ତଥାପି ପ୍ରାୟ ୩୮୦୦ ଭାରତୀୟ ଲିବ୍ୟାରେ ସେତେବେଳେ ରହିଥିଲେ। ଯେଉଁମାନେ ଲିବ୍ୟାରେ ରହିଯାଇଥିଲେ ସେମାନେ ସେଠାରେ ବହୁରାଷ୍ଟ୍ରୀୟ କମ୍ପାନୀଙ୍କ ପାଇଁ ଉଚ୍ଚ ଦରମାରେ କାର୍ଯ୍ୟ କରୁଥିଲେ କିମ୍ବା ଲିବ୍ୟାରେ ବିବାହ ଓ ଘରସଂସାର କରି ସାରା ଜୀବନ ସେଠାରେ ରହିବା ପାଇଁ ସ୍ଥିର କରିଥିଲେ।

### ପୂଜା ଖେଡ଼କରଙ୍କ ପତ୍ତା ମିଳୁନି, ଫୋନ୍ ସୁଇଚ୍‌ଅଫ୍

# ଝିଅ ପାଇଁ କାଗଜପତ୍ରରେ ବାପାମାଆଙ୍କ ଛାଡ଼ପତ୍ର

ମୁମ୍ବାଇ, ୨୪।୭(ଏଜେନ୍ସି): ବିବାଦୀୟ ଟ୍ରେନି ଆଇଏଏସ୍ ଅଫିସର ପୂଜା ଖେଡ଼କର ବିଷୟରେ ଦିନକୁ ଦିନ ନୂଆ ନୂଆ ତଥ୍ୟ ସାମ୍ନାକୁ ଆସୁଛି। ପୁନେ ପୁଲିସ ପୂଜାଙ୍କୁ ନୋଟିସ ଜାରି କରିଥିବାବେଳେ ଏବେ ତାଙ୍କର ପତ୍ତା ମିଳୁନାହିଁ। ପୂଜାଙ୍କ ସହ ଯୋଗାଯୋଗ ମଧ୍ୟ ସମ୍ଭବ ହେଉନି। ତାଙ୍କ ଫୋନ୍ ସୁଇଚ୍‌ଅଫ୍ ଅଛି। ଗତକାଲି(ମଙ୍ଗଳବାର) ସେ ମସୌରୀର ଲାଲବାହାଦୁର ଶାସ୍ତ୍ରୀ ନ୍ୟାସ୍‌ନାଲ୍ ଆକାଡେମୀ ଅଫ୍ ଆଡମିନିଷ୍ଟ୍ରେସନରେ ପହଞ୍ଚିବାର ଥିଲା। କିନ୍ତୁ ସେ ସେଠାକୁ ଯାଇନାହାନ୍ତି। ଏହା ମଧ୍ୟରେ ପୂଜାଙ୍କ ବିଷୟରେ ଚାଞ୍ଚଲ୍ୟକର ତଥ୍ୟ ସାମ୍ନାକୁ ଆସିଛି। ଝିଅ ପାଇଁ ବାପା ଦିଲୀପ ଖେଡ଼କର ଏବଂ ମାଆ ମନୋରମା ଖେଡ଼କରଙ୍କ ଛାଡ଼ପତ୍ର ହୋଇଥିଲା ବୋଲି ଜଣାପଡ଼ିଛି। କିନ୍ତୁ ଏହି ଛାଡ଼ପତ୍ର କେବଳ କାଗଜପତ୍ର ପାଇଁ ଉଦ୍ଦିଷ୍ଟ ଥିଲା। ଝିଅକୁ ପରୀକ୍ଷା ଦେବାକୁ ଅଧିକ ସୁଯୋଗ ଦେବା ପାଇଁ କାଗଜପତ୍ରରେ ଛାଡ଼ପତ୍ର କରାଯାଇଥିଲା। ଏ ବିଷୟରେ ପୂଜା ଅଲଗା ଅଲଗା ସାକ୍ଷାତକାରରେ ପୂଜା ବାପାମାଆଙ୍କ ଛାଡ଼ପତ୍ର ହୋଇଥିବା ନେଇ ଉଲ୍ଲେଖ କରିଥିଲେ। ଏହି ମାମଲାର ତଦନ୍ତ କରିବା ପାଇଁ କେନ୍ଦ୍ର ପୁନେ ପୁଲିସକୁ ନିର୍ଦ୍ଦେଶ ଦେଇଥିଲା।

ଏବେ ଯାଞ୍ଚରୁ ଜଣାପଡ଼ିଛି ଯେ ୨୦୧୦ରେ ପୁନେର ପରିବାର କୋର୍ଟ ଉଭୟଙ୍କ ଛାଡ଼ପତ୍ରକୁ ମଞ୍ଜୁରି ଦେଇଥିଲେ।



ଏହା ସତ୍ତ୍ୱେ ପୂଜାଙ୍କ ବାପାମାଆ ଏବେ ବି ଏକାଠି ରହୁଛନ୍ତି। ମନୋରମାଙ୍କ ନାମରେ ଦିଲୀପଙ୍କ ଅନେକ ସମ୍ପତ୍ତି ମଧ୍ୟ ରହିଛି। ପୂଜାଙ୍କ ବାପାମାଆ ପୁନେର ବନେର ଅଞ୍ଚଳରେ ଥିବା ଏକ ବଙ୍ଗଳାରେ ରହୁଥିଲେ। ଏହା ମନୋରମାଙ୍କ ନାମରେ ଅଛି। ଲୋକସଭା ନିର୍ବାଚନ ପାଇଁ ଦିଲୀପ ଦାଖଲ କରିଥିବା ସତ୍ୟପାଠରେ ମଧ୍ୟ ମନୋରମାଙ୍କୁ ପତ୍ନୀ ଦର୍ଶାଇ ଥିଲେ। ପତ୍ନୀଙ୍କ ସମ୍ପତ୍ତିର ସୂଚନା ମଧ୍ୟ ଦେଇଥିଲେ। ଉଭୟେ ପତିପତ୍ନୀ ଭାବେ ଅନେକ ସାର୍ବଜନୀନ କାର୍ଯ୍ୟକ୍ରମରେ ସାମିଲ ହୋଇଥିବା ନେଇ ମଧ୍ୟ ପୁଲିସ ଜାଣିବାକୁ ପାଇଛି। ପୂର୍ବରୁ ୟୁପିଏସ୍‌ସି ପକ୍ଷରୁ କୁହାଯାଇଥିଲା ଯେ ପୂଜା ନିଜ ନାମ, ପିତାମାତାଙ୍କ ନାମ ବଦଳାଇ, ଫଟୋ, ସ୍ୱାକ୍ଷର, ସ୍ୱାକ୍ଷର, ଇ-ମେଲ୍ ଆଇଡି, ମୋବାଇଲ୍ ନମ୍ବର୍ ଓ ଠିକଣା ବଦଳାଇ ଜାଲ ପରିଚୟ ଦେଇଛନ୍ତି। ମହାରାଷ୍ଟ୍ର ସରକାରଙ୍କ ସାଧାରଣ ପ୍ରଶାସନ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ପୂଜାଙ୍କ ବିରୋଧରେ ଥିବା ସମସ୍ତ ଅଭିଯୋଗର ବିବରଣୀ କେନ୍ଦ୍ର ସରକାରଙ୍କ କାର୍ମିକ ବିଭାଗକୁ ଦେଇଛନ୍ତି।

■ ଠିକାସଂସ୍ଥା ଟଙ୍କା ନଦେବା ପଡ଼ିଲା ମହଙ୍ଗା

# ନିଲାମ ହେବ ବିଏସ୍‌ଏନ୍‌ଏଲ୍ ମୁଖ୍ୟଯନ୍ତ୍ରୀଙ୍କ କାର୍ଯ୍ୟାଳୟ ସାମଗ୍ରୀ

**ଭୁବନେଶ୍ୱର, ୨୪।୭ (ସମିସ):** ଠିକାସଂସ୍ଥା ମାଲିକଙ୍କୁ ଟଙ୍କା ନଦେବା ମହଙ୍ଗା ପଡ଼ିଛି। ନିଲାମ ହେବ ଭୁବନେଶ୍ୱର ବିଏସ୍‌ଏନ୍‌ଏଲ୍ ମୁଖ୍ୟଯନ୍ତ୍ରୀ (ସିଭିଲ୍)ଙ୍କ କାର୍ଯ୍ୟାଳୟର ସାମଗ୍ରୀ। ନିଲାମ ପୂର୍ବରୁ ଆଜି ବିଏସ୍‌ଏନ୍‌ଏଲ୍ ପକ୍ଷରୁ ୨୪ଘଣ୍ଟାର ମହଲତ ମଗାଯାଇଥିବାରୁ ଆଜି ସ୍ଥଗିତ ରଖାଯାଇଛି।

ମିଳିଥିବା ତଥ୍ୟ ଅନୁଯାୟୀ, ୨୦୦୦ ମସିହାରେ ବିଏସ୍‌ଏନ୍‌ଏଲ୍ ପକ୍ଷରୁ କଳିଙ୍ଗ ହସ୍ପିଟାଲ ପଛ ନିକଟରେ ସମ୍ପୃକ୍ତ ଠିକାସଂସ୍ଥା ୯ଟି ଟାଇପ-୫ କ୍ୱାର୍ଟର ନିର୍ମାଣ କରିଥିଲେ। କିନ୍ତୁ ୨୦୦୨ରେ ସେଇ କାମକୁ ସମ୍ପୂର୍ଣ୍ଣ କରିବାକୁ ଅନ୍ୟ ଜଣଙ୍କୁ ଟେଣ୍ଡର୍ ଦିଆଯାଇଥିଲା। ସେତେବେଳେ ସମ୍ପୃକ୍ତ ଠିକାସଂସ୍ଥା କ୍ୱାର୍ଟର ନିର୍ମାଣ ବାବଦକୁ ୭୮ଲକ୍ଷ ଟଙ୍କା ବକେୟା ରହିଥିଲା। ବକେୟା ଟଙ୍କା ନ ପାଇବାରୁ ସଂସ୍ଥାର ଠିକାଦାର ସୁବାସ ଚନ୍ଦ୍ର କାଞ୍ଚନ କୋର୍ଟର ଦ୍ୱାରସ୍ଥ ହୋଇଥିଲେ। ବାରମ୍ବାର କୋର୍ଟ ନିର୍ଦ୍ଦେଶ ସତ୍ତ୍ୱେ ବକେୟା ଅର୍ଥ ପ୍ରଦାନ କରିନଥିଲା ବିଏସ୍‌ଏନ୍‌ଏଲ୍। ବର୍ତ୍ତମାନ ସୁଦ୍ଧା ଏହି ଟଙ୍କା ୧ କୋଟି ୩୩ ଲକ୍ଷ ୮୦ ହଜାର ଟଙ୍କାରେ ପହଞ୍ଚିଯାଇଛି। ଗତ ଫେବୃଆରୀରେ ବିଏସ୍‌ଏନ୍‌ଏଲ୍ ମୁଖ୍ୟଯନ୍ତ୍ରୀଙ୍କ କାର୍ଯ୍ୟାଳୟର ଅସ୍ଥାବର ସମ୍ପତ୍ତି ନିଲାମ ପାଇଁ କୋର୍ଟ ଅନୁମତି ଦେଇଥିଲେ। ଆଜି ସମ୍ପୃକ୍ତ ଠିକାଦାର ଓ କୋର୍ଟର କର୍ମଚାରୀଙ୍କୁ ନେଇ ମୁଖ୍ୟଯନ୍ତ୍ରୀଙ୍କ କାର୍ଯ୍ୟାଳୟରେ ପହଞ୍ଚି ଯାଇଥିଲେ। କିନ୍ତୁ ଠିକାଦାରଙ୍କ ଟଙ୍କା ଫେରସ୍ତ ବିଷୟରେ ଏବେ ମୁଖ୍ୟଯନ୍ତ୍ରୀ (ସିଭିଲ୍) ଥିବା ପି.କେ ମଲ୍ଲିକ ଅବଗତ ନଥିଲେ। ତେଣୁ ଏ ବିଷୟରେ ତାଙ୍କର ଉପରିସ୍ଥ ଅଧିକାରୀଙ୍କୁ ଅବଗତ କରିବା ଲାଗି ୨୪ଘଣ୍ଟା ମହଲତ ମାଗିଛନ୍ତି। ଏହି ସମୟ ଅବଧି ମଧ୍ୟରେ ବିଏସ୍‌ଏନ୍‌ଏଲ୍ ପକ୍ଷରୁ ବକେୟା ଟଙ୍କା ଦେବାକୁ ପଡ଼ିବ। ନଚେତ ଯେବେ କୋର୍ଟ ନିର୍ଦ୍ଦେଶ ଦେବେ ପୁଲିସ ଉପସ୍ଥିତିରେ ମୁଖ୍ୟଯନ୍ତ୍ରୀଙ୍କ କାର୍ଯ୍ୟାଳୟର ସାମଗ୍ରୀ ନିଲାମ ହେବ ବୋଲି ସୂଚନା ମିଳିଛି।

ଠିକାଦାରଙ୍କ ଅଭିଯୋଗ ଅନୁଯାୟୀ, କ୍ୱାର୍ଟର ନିର୍ମାଣ କରୁଥିଲି। କିନ୍ତୁ ବିଲ ପାସ୍ ଲାଗି ଟଙ୍କା ନ ଦେବାରୁ ଏହାକୁ ସ୍ଥଗିତ ରଖାଗଲା। ଟଙ୍କା ଦେବା ସମୟରେ ସେତେବେଳର ମୁଖ୍ୟଯନ୍ତ୍ରୀ (ସିଭିଲ୍) ଥିବା ଅଧିକାରୀ ସିବିଆଇ ଦ୍ୱାରା ଗିରଫ ହୋଇଯାଇଥିଲେ। ତାଙ୍କ ପରେ ଯିଏ ଦାୟିତ୍ୱ ନେଇଥିଲେ, ସେ ଏ ବିଷୟରେ କିଛି ବି ଶୁଣିନଥିଲେ। ଏହି ମାମଲା କୋର୍ଟରେ ପହଞ୍ଚିବା ପରେ ଦୀର୍ଘବର୍ଷ ଧରି କୋର୍ଟରେ ଲଢ଼େଇ ଚାଲିଥିଲା। ଶେଷରେ ମୁଖ୍ୟଯନ୍ତ୍ରୀଙ୍କ କାର୍ଯ୍ୟାଳୟରେ ଥିବା ସମସ୍ତ ସାମଗ୍ରୀକୁ ନିଲାମ ଲାଗି କୋର୍ଟ ଅନୁମତି ଦେଇଛନ୍ତି। କିନ୍ତୁ ମୁଖ୍ୟଯନ୍ତ୍ରୀଙ୍କ କାର୍ଯ୍ୟାଳୟରେ ଥିବା ଅସ୍ଥାବର ସମ୍ପତ୍ତି ଯଥା, ସୋଫା, କମ୍ପ୍ୟୁଟର ଅନ୍ୟାନ୍ୟ ସାମଗ୍ରୀ ମୂଲ୍ୟ ୧ କୋଟି ୩୩ ଲକ୍ଷ ହେବ ନାହିଁ। ତେଣୁ ବିଏସ୍‌ଏନ୍‌ଏଲ୍ କୋଠାକୁ ନିଲାମ କରି ତାଙ୍କ ଟଙ୍କା ଫେରସ୍ତ ଲାଗି ସେ କୋର୍ଟଙ୍କ ଦ୍ୱାରସ୍ଥ ହେବେ ବୋଲି ସମ୍ପୃକ୍ତ ଠିକାଦାର ସୂଚନା ଦେଇଛନ୍ତି।

ବଜେଟରେ ଓଡ଼ିଶାକୁ ଉପେକ୍ଷା; ବିଜେଡିର ତୀବ୍ର ସମାଲୋଚନା

# ୨୦ ସାଂସଦ ଉପହାର ବଦଳରେ ଓଡ଼ିଶାକୁ ମିଳିଲା ପ୍ରତାରଣା

**ଭୁବନେଶ୍ୱର,୨୪।୭(ସମିସ):** ନିର୍ବାଚନ ସମୟରେ ମନଲୋଭା ପ୍ରତିଶ୍ରୁତି ଦେବା ଓ କ୍ଷମତା ହାସଲ ପରେ ଲୋକଙ୍କୁ କିପରି ଲଲିପପ୍ ଧରାଇ ଦିଆଯାଏ ତାହା ମୋଦୀ ସରକାରଙ୍କୁ ବେଶ୍ ଭଲ ଭାବେ ଜଣା। ଓଡ଼ିଶାବାସୀ କେନ୍ଦ୍ରକୁ ୨୦ ସାଂସଦ ଉପହାର ଦେଲେ, ଆଉ ପ୍ରତିବଦଳରେ ବଜେଟ୍‌ରେ ମିଳିଲା ପ୍ରଚଣ୍ଡ ପ୍ରତାରଣା। ଓଡ଼ିଶାର ନାର୍ଯ୍ୟ ଦାବିକୁ ବର୍ଷବର୍ଷ ହେଲା କେନ୍ଦ୍ର ଉପେକ୍ଷା କରି ଚାଲିଥିଲା ଓ ଏବେ ବଜେଟ୍‌ରେ ପୁଣି ତାହା ପ୍ରତିଫଳିତ ହୋଇଛି ବୋଲି କଡ଼ା ସ୍ୱରରେ କେନ୍ଦ୍ରକୁ ସମାଲୋଚନା କରିଛି ବିଜେଡି।

ଶଙ୍ଖ ଭବନରେ ଦଳର ମୁଖପାତ୍ର ଭୃଗୁ ବକ୍ସିପାତ୍ର କହିଛନ୍ତି ଯେ ନିର୍ବାଚନ ସମୟରେ ଶ୍ରୀ ଜଗନ୍ନାଥଙ୍କ ନାଁ ବ୍ୟବହାର କରି ଏବଂ ଓଡିଆ ଅସ୍ମିତାର ଦ୍ୱାହି ଦେଇ ବିଜେପି ଭୋଟ୍ ମାଗିଥିଲା। ବିଜେପିର ରାଷ୍ଟ୍ରୀୟ ଅଧ୍ୟକ୍ଷ ଓଡ଼ିଶାରୁ ଜିତିଥିବା ଆସନ ପାଇଁ କେନ୍ଦ୍ରରେ ସରକାର ଗଠନ କରିବାରେ ସକ୍ଷମ ହୋଇଥିବା ସ୍ୱୀକାର କରିଛନ୍ତି। ଏହା ସତ୍ତ୍ୱେ ବଜେଟ୍‌ରେ ଓଡ଼ିଶାକୁ ପ୍ରତାରଣା ଛଡ଼ା ଆଉ କିଛି ମିଳିଲା ନାହିଁ। ଗତ ନିର୍ବାଚନରେ ପ୍ରଧାନମନ୍ତ୍ରୀଙ୍କ ସମେତ ବହୁ କେନ୍ଦ୍ରୀୟ ନେତା ଓଡ଼ିଶାକୁ ଏକ ନମ୍ବର କରିଦେବୁ ବୋଲି ଘୋଷଣା କରିଥିଲେ ହେଁ ବଜେଟ୍‌ରେ ହୋଇଥିବା ବ୍ୟବସ୍ଥାରେ ଓଡ଼ିଶାକୁ ଏକ ନମ୍ବର ପରିବର୍ତ୍ତେ ଶେଷରେ ରଖିବାକୁ ବ୍ୟବସ୍ଥା କରାଯାଇଛି। ସେ



କହିଛନ୍ତି ଯେ ଆନ୍ଧ୍ରପ୍ରଦେଶରୁ ୧୬ ସାଂସଦ ଓ ବିହାରରୁ ୧୨ ସାଂସଦ ଜିତିଥିବା ବେଳେ ଓଡ଼ିଶାରୁ ୨୦ ସାଂସଦଙ୍କୁ ରାଜ୍ୟବାସୀ ନିର୍ବାଚିତ କରିଥିଲେ। ଚଳିତ ବଜେଟରେ ଆନ୍ଧ୍ରପ୍ରଦେଶ ଓ ବିହାରକୁ ସ୍ୱତନ୍ତ୍ର ପ୍ୟାକେଜ ମାଧ୍ୟମରେ ହାତଖୋଲା ପାଣ୍ଠି ଦେଇଥିବା ବେଳେ ଓଡ଼ିଶା ପ୍ରତି ଚରମ ଅବହେଳା ପ୍ରଦର୍ଶନ କରିଛନ୍ତି କେନ୍ଦ୍ରର ବିଜେପି ସରକାର। ଜଗନ୍ନାଥଙ୍କ ରାଜ୍ୟରୁ ଅକୁଣ୍ଠ ସମର୍ଥନ ପାଇଥିବା କେନ୍ଦ୍ରର ବିଜେପି ସରକାର ଜଗନ୍ନାଥଙ୍କ ରାଜ୍ୟ ପ୍ରତି ଏହିଭଳି ଆଚରଣ ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି କହିଛନ୍ତି ଶ୍ରୀ ବକ୍ସିପାତ୍ର। ସେ କହିଛନ୍ତି ଯେ ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା କରିବାକୁ ଦୀର୍ଘମିଆଦୀ ସହାୟତା ଯୋଗାଇବା ପାଇଁ ଓଡ଼ିଶା ବାରମ୍ବାର ଦାବି କରି ଆସୁଥିବା ବେଳେ ଚଳିତ ବଜେଟରେ ଆସାମ୍, ଉତ୍ତରାଖଣ୍ଡ, ସିକିମ୍, ହିମାଚଳପ୍ରଦେଶ ଓ ବିହାର ଭଳି ରାଜ୍ୟକୁ ଅଯାଚିତ ସହାୟତା ପ୍ରଦାନ କରି ଓଡ଼ିଶାକୁ ଉପହସିତ କରିଛନ୍ତି। ଆନ୍ଧ୍ରପ୍ରଦେଶର ଦାବି ମୁତାବକ୍ ପୋଲାଭରମ୍ ପ୍ରକଳ୍ପ ପାଇଁ କେନ୍ଦ୍ର ସରକାର ବଜେଟରେ ଅର୍ଥ ବରାଦ କରିଛନ୍ତି। ଏହି ପ୍ରକଳ୍ପ ଯୋଗୁ ମାଲକାନଗିରିର ୧୨ଟି ଗାଁ ସମ୍ପୂର୍ଣ୍ଣ ବୁଡିଯିବ। ଓଡ଼ିଶାକୁ ୧ ନମ୍ବର ରାଜ୍ୟ କରି ଗଢିତୋଳିବାକୁ ସମସ୍ତ କେନ୍ଦ୍ରୀୟ ନେତା ଯେଉଁ ପ୍ରତିଶ୍ରୁତି ଦେଇଥିଲେ, ଏହା କଣ ତାର ନମୂନା କି ବୋଲି ସେ ପ୍ରଶ୍ନ କରିଛନ୍ତି। କୋଇଲା ରୟାଲଟି ସଂଶୋଧନ ନେଇ ଓଡ଼ିଶାର ଦାବି ପ୍ରତି ବିଜେପି ସରକାର ଗତ ୧୦ ବର୍ଷ ଧରି ଉପେକ୍ଷା କରି ଆସୁଥିବା ବେଳେ ଡବଲ୍ ଇଂଜିନ୍ ସରକାର ସମୟରେ ଏହାକୁ ସମ୍ପୂର୍ଣ୍ଣ ଉଚ୍ଛେଦ କରିବାକୁ ଷଡଯନ୍ତ୍ର ରଚୁଛନ୍ତି। ଅନ୍ୟପକ୍ଷରେ ପର୍ଯ୍ୟଟନ କ୍ଷେତ୍ର ପାଇଁ କେତେ ଅନୁଦାନ ମିଳିଛି କେଉଁଥିପାଇଁ ମିଳିଛି, ତାର ସ୍ପଷ୍ଟତା ନାହିଁ। ବିଜୁ ଜନତା ଦଳ ଏଭଳି ଚରମ ଅବହେଳାକୁ ବରଦାସ୍ତ କରିବ ନାହିଁ, ଓଡ଼ିଶାର ସ୍ୱାର୍ଥ ପାଇଁ ସମସ୍ତ ଫୋରମରେ ଦଳର ତୀବ୍ର ପ୍ରତିବାଦ ଜାରି ରହିବ ବୋଲି ସେ କହିଛନ୍ତି।

■ କମ୍ ସାଂସଦ ଦେଇଥିବା ଆନ୍ଧ୍ର ଓ ବିହାର ପାଇଁ ଭଣ୍ଡାର ଖୋଲି ଦେଲେ
■ ବାରମ୍ବାର ବିପର୍ଯ୍ୟୟ ଦେଖୁଛି ଓଡ଼ିଶା, ମୁକାବିଲା ପାଇଁ ସହାୟତା ଦେଲେନି
■ ଓଡ଼ିଶାବାସୀ ଧୂଳି ଖାଉଛନ୍ତି, କୋଇଲା ରାଜଭାଗ ବନ୍ଦ ପାଇଁ ଚକ୍ରାନ୍ତ
■ ଓଡ଼ିଶାର ମାଲକାନଗିରିକୁ ବୁଡ଼ାଇବ ଆନ୍ଧ୍ରକୁ କେନ୍ଦ୍ରର ବିଶେଷ ଅନୁଦାନ



ଅନାସ୍ଥାରେ ବିଜେପିର ଫୁଲବାଣୀ ପୌରାଧ୍ୟକ୍ଷା ପରାଜିତ ହେବା ପରେ ବୁଧବାର ନବୀନ ନିବାସରେ ଫୁଲବାଣୀ ପୌର ଉପାଧ୍ୟକ୍ଷ ଓ କାଉନସିଲରମାନେ ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କୁ ସାକ୍ଷାତ କରୁଛନ୍ତି

# ବାଦ୍ ପଡ଼ିବେ ଅଯୋଗ୍ୟ ରାସନ କାର୍ଡଧାରୀ

**ଭୁବନେଶ୍ୱର,୨୪।୭(ସମିସ):** ରାଜ୍ୟରେ ଖୁବଶୀଘ୍ର ବହୁ ଲୋକଙ୍କର ରାସନ କାର୍ଡ କଟିବ। ସରକାରୀ ମାନଦଣ୍ଡ ପୂରଣ କରୁ ନ ଥିବା ଯେଉଁ ହିତାଧିକାରୀଙ୍କ ନିକଟରେ ରାସନ କାର୍ଡ ଥିବ, ତାହା କାଟି ଦିଆଯିବ। ଏଥିପାଇଁ ପ୍ରକ୍ରିୟା ଆରମ୍ଭ ହୋଇଯାଇଛି। ଜିଲ୍ଲା ଜିଲ୍ଲା ବୁଲି ସର୍ଭେ କରି ଅଯୋଗ୍ୟ ହିତାଧିକାରୀଙ୍କ ରାସନ କାର୍ଡ କଟାଯିବ ଓ ନୂଆ ଯୋଗ୍ୟ ହିତାଧିକାରୀଙ୍କୁ କାର୍ଡ଼ ପ୍ରଦାନ କରାଯିବ ବୋଲି ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ତି।

ବର୍ତ୍ତମାନ ରାଜ୍ୟରେ ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନାରେ ୯୨ଲକ୍ଷ ୬୬ ହଜାର ୪୯୧ ପରିବାରର ୩ କୋଟି ୨୫ ଲକ୍ଷ ୯୩ ହଜାର ୮୭୫ ହିତାଧିକାରୀ ସାମିଲ ରହିଛନ୍ତି। ସେହିପରି ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାରେ ୩ ଲକ୍ଷ ୧୫ ହଜାର ୨୩୭ ପରିବାରର ୧୦ ଲକ୍ଷ ୨ ହଜାର ୧୪୪ ହିତାଧିକାରୀ ଯୋଜନାରୁ ଉପକୃତ ହେଉଛନ୍ତି। ତେବେ ବର୍ତ୍ତମାନ ସୁଦ୍ଧା ରାଜ୍ୟର ବିଭିନ୍ନ ଜିଲ୍ଲାରୁ ମୋଟ ୬ ଲକ୍ଷ ୧୯ ହଜାର ୮ ଶହ ୩୬ ପରିବାର ରାସନ କାର୍ଡ ପାଇବା ପାଇଁ ଆବେଦନ କରି ଅପେକ୍ଷାରେ ଅଛନ୍ତି। ଆବେଦନକାରୀଙ୍କ ମଧ୍ୟରୁ ଯୋଗ୍ୟ ହିତାଧିକାରୀଙ୍କୁ ରାସନ କାର୍ଡ ପ୍ରଦାନ କରିବା ପାଇଁ ସରକାର ଯୋଜନା କରୁଛନ୍ତି। ନୂତନ ହିତାଧିକାରୀ ଚୟନ ନିମନ୍ତେ ସରକାର ୧୨ ଗୋଟି ସ୍ୱତଃ ଯୋଗହେବା ମାନଦଣ୍ଡ ରଖିଥିବା ବେଳେ ଏହି ଯୋଜନାରୁ ବାଦ୍ ଦେବା ପାଇଁ ୧୦ ଟି ମାନଦଣ୍ଡ ନିର୍ଦ୍ଧାରଣ କରିଛନ୍ତି। ଜିଲ୍ଲାସ୍ତରରେ କାର୍ଯ୍ୟରତ ବିଭାଗୀୟ କର୍ମଚାରୀଙ୍କ ଦ୍ୱାରା ଏହି ମାନଦଣ୍ଡ ଆଧାରରେ ଉପଯୁକ୍ତ ତଦନ୍ତ କରାଯାଇ ଯୋଗ୍ୟ ବିବେଚିତ ଆବେଦନକାରୀଙ୍କୁ ସରକାରଙ୍କ ଦ୍ୱାରା ଧାର୍ଯ୍ୟ କରାଯାଇଥିବା ହିତାଧିକାରୀ ଚୟନର ସର୍ବୋଚ୍ଚ ସୀମାକୁ ଦୃଷ୍ଟିରେ ରଖି ଖାଲି ପଡ଼ିଥିବା ସ୍ଥାନ ମାନଙ୍କରେ ସାମିଲ କରାଯିବ ବୋଲି ମନ୍ତ୍ରୀ କହିଛନ୍ତି। ନୂତନ ରାସନ କାର୍ଡ ଯୋଗାଇଦେବା ପ୍ରକ୍ରିୟା ଏହି ଯାଞ୍ଚ ପ୍ରକ୍ରିୟା ଶେଷ ହେବା ପରେ ଆରମ୍ଭ କରାଯିବ। ବହୁ ଜିଲ୍ଲାରେ ହଜାର ହଜାର ଅଯୋଗ୍ୟ ହିତାଧିକାରୀ ଚିହ୍ନଟ ହୋଇଛନ୍ତି, ମାସେ ଭିତରେ ହିତାଧିକାରୀଙ୍କ ଚୂଡାନ୍ତ ତଥା ନୂଆ ତାଲିକା ପ୍ରକାଶ ପାଇବ ବୋଲି ମନ୍ତ୍ରୀ କହିଛନ୍ତି।

■ ନୂଆ କାର୍ଡ ପାଇଁ ଆବେଦନ କରଛନ୍ତି ୬ ଲକ୍ଷ ପରିବାର
■ ମାସେ ଭିତରେ ପ୍ରକାଶ ପାଇବ ନୂଆ ହିତାଧିକାରୀଙ୍କ ତାଲିକା

ବିଭାଗୀୟ ସୂଚନା ଅନୁଯାୟୀ ରାଜ୍ୟରେ ନୂଆ ରାସନ କାର୍ଡ ପାଇଁ ମୋଟ୍ ୬ ଲକ୍ଷ ୧୯ ହଜାର ୮୩୬ ଜଣ ଆବେଦନ କରିଥିବା ବେଳେ ଏଥିରେ ଗଞ୍ଜାମ ଜିଲ୍ଲାରୁ ସର୍ବାଧିକ ୧ ଲକ୍ଷ ୭ ହଜାର ୭୪ ପରିବାର ରହିଛନ୍ତି। ସେହିପରି ବାଲେଶ୍ୱରରେ ୬୫ ହଜାର ୮୫୫, କଟକରୁ ୫୦ ହଜାର ୬୮୬, ପୁରୀରୁ ୪୮ ହଜାର ୬୬୦ ଓ କେନ୍ଦ୍ରାପଡ଼ା ଜିଲ୍ଲାରୁ ୪୨ ହଜାର ୧୬୭ ପରିବାର ନୂଆ କାର୍ଡ ପାଇଁ ଆବେଦନ କରିଥିବା ଜଣାପଡ଼ିଛି। ବୁଧବାର ବିଧାନସଭାରେ ବିଧାୟକ ଅଶ୍ୱିନୀ ପାତ୍ର, ସାରଦା ପ୍ରଧାନ ଓ ବିଧାୟକ ତାରା ପ୍ରସାଦ ବାହିନୀପତିଙ୍କ ଭିନ୍ନଭିନ୍ନ ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ ଅନୁରୂପ ସୂଚନା ଦେଇଛନ୍ତି।

# ଭବାନୀ ଶଙ୍କର ଭୋଇ ବିଧାନସଭା ଉପ-ବାଚସ୍ପତି

**ଭୁବନେଶ୍ୱର,୨୪।୭(ସମିସ):** ଓଡ଼ିଶା ବିଧାନସଭାର ନୂଆ ଉପବାଚସ୍ପତି ଭାବେ ତଳସରା ବିଧାୟକ ଭବାନୀ ଶଙ୍କର ଭୋଇ ନିର୍ବାଚିତ ହୋଇଛନ୍ତି। ଶ୍ରୀ ଭୋଇ ସର୍ବସମ୍ମତିକ୍ରମେ ଉପ ବାଚସ୍ପତି ଭାବେ ନିର୍ବାଚିତ ହୋଇଥିବା ନେଇ ବାଚସ୍ପତି ସୁରମା ପାଢ଼ୀ ଆଜି ଗୃହରେ ଘୋଷଣା କରିଛନ୍ତି। ଏହାପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ, ଦୁଇ ଉପ ମୁଖ୍ୟମନ୍ତ୍ରୀ, ସଂସଦୀୟ ବ୍ୟାପାର ମନ୍ତ୍ରୀ, ଶାସକ ଦଳ ମୁଖ୍ୟ ସଚେତକ, କଂଗ୍ରେସ ବିଧାୟକ ଦଳ ନେତା, ବିରୋଧୀ ଦଳ ମୁଖ୍ୟ ସଚେତକ, ଉପ ମୁଖ୍ୟ ସଚେତକ ପ୍ରମୁଖ ଶ୍ରୀ ଭୋଇଙ୍କୁ ତାଙ୍କ ଆସନ ନିକଟକୁ ପାଛୋଟି ନେଇଥିଲେ। ଉପ ବାଚସ୍ପତିଙ୍କୁ ଶୁଭେଚ୍ଛା ଜଣାଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଥିଲେ ଯେ ସର୍ବସମ୍ମତିକ୍ରମେ ଉପ ବାଚସ୍ପତି ନିର୍ବାଚିତ ହେବା ଏକ ଉତ୍ତମ ପରମ୍ପରା। ଉପ ବାଚସ୍ପତି ଗୃହର ମର୍ଯ୍ୟାଦା ରଖିବା ସହ ବାଚସ୍ପତିଙ୍କୁ ଗୃହ ପରିଚାଳନରେ ପୂର୍ଣ୍ଣ ସହଯୋଗ କରିବେ। ସେହିପରି



ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ, କଂଗ୍ରେସ ଦଳ ନେତା ରାମଚନ୍ଦ୍ର କାଡାମ, ସିପିଆଇ(ଏମ) ନେତା ଲକ୍ଷ୍ମଣ ମୁଣ୍ଡା ପ୍ରମୁଖ ବାଚସ୍ପତିଙ୍କୁ ଶୁଭେଚ୍ଛା ଜ୍ଞାପନ କରିବା ସହ ସେ ନିରପେକ୍ଷତା ଏବଂ ଗୃହର ଗୌରବ ଏବଂ ଗରିମା ରକ୍ଷା କରିବେ ବୋଲି ଆଶା ପ୍ରକାଶ କରିଥିଲେ। ନିଜ ବକ୍ତବ୍ୟରେ ଉପ ବାଚସ୍ପତି ଶ୍ରୀ ଭୋଇ କହିଛନ୍ତି ଯେ ସର୍ବସମ୍ମତିକ୍ରମେ ମୋତେ ନିର୍ବାଚିତ କରିଥିବାରୁ ମୁଁ ସମସ୍ତଙ୍କୁ କୃତଜ୍ଞତା ଜଣାଉଛି। ଆମେ ସମସ୍ତେ ପବିତ୍ର ଗୃହର ମର୍ଯ୍ୟାଦା ରକ୍ଷା କରିବାରେ ଯତ୍ନବାନ ହେବା ବୋଲି ସେ ମତବ୍ୟକ୍ତ କରିଛନ୍ତି।

# ମହଙ୍ଗା ଭତ୍ତା ୯% ବୃଦ୍ଧି

**ଭୁବନେଶ୍ୱର,୨୪।୭(ସମିସ):** ସରକାରୀ କର୍ମଚାରୀଙ୍କ ମହାଙ୍ଗା ଭତ୍ତା ୯% ବୃଦ୍ଧି କରିଛନ୍ତି ସରକାର। ଫଳରେ ମହଙ୍ଗା ଭତ୍ତା ୨୩୦%ରୁ ବୃଦ୍ଧି ପାଇ ୨୩୯%ରେ ପହଞ୍ଚିଛି। ଷଷ୍ଠ କେନ୍ଦ୍ର ବେତନ କମିସନ ଆଧାରରେ ଏହି ବୃଦ୍ଧି କରାଯାଇଛି। ଚଳିତବର୍ଷ ଜାନୁଆରୀ ପହିଲାରୁ ପିଛିଲା ଭାବେ ଏହା ଲାଗୁ ହେବ। ଆଜି ଏ ନେଇ ଅର୍ଥ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି।

# ଦନ୍ତା ଆକ୍ରମଣରେ ଜଣେ ମୃତ

**ଢେଙ୍କାନାଳ, ୨୪।୭ (ସମିସ):** ଢେଙ୍କାନାଳ ବନଖଣ୍ଡର ସଦର ରେଞ୍ଜ ଅନ୍ତର୍ଗତ ହଳିଦିଆ ବାହାଳ ଗ୍ରାମର ଜଣେ ବ୍ୟକ୍ତି ଦନ୍ତାହାତୀ ଆକ୍ରମଣରେ ପ୍ରାଣ ହରାଇଛନ୍ତି। ଗ୍ରାମର ଶଙ୍ଖାଳି ବେହେରା ବୁଧବାର ସକାଳେ ଶୌଚ ପାଇଁ ଗାଁ ନିକଟ ପଡ଼ିଆକୁ ଯାଇଥିଲେ। ଏହି ସମୟରେ ଏକ ଦନ୍ତା ହାତୀ ୫୫ ନଂ. ଜାତୀୟ ରାଜପଥ ଅତିକ୍ରମ କରି ହଠାତ ପଡ଼ିଆକୁ ପ୍ରବେଶ କରିଥିଲା। ଦନ୍ତାଟି ଶଙ୍ଖାଳିଙ୍କୁ ଟେକି କଚି ଦେବା ସହ ପାଦରେ ଦଳିଦେବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଖବର ପାଇ ବନ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ହାତୀକୁ ଘଉଡ଼ାଇବା ସହିତ ମୃତ ଶଙ୍ଖାଳିକୁ ଉଦ୍ଧାର କରି ବ୍ୟବଚ୍ଛେଦ ନିମନ୍ତେ ପଠାଇଥିଲେ। ଘଟଣାକୁ ନେଇ ଗ୍ରାମରେ ଉତ୍ତେଜନା ଦେଖାଦେଇଥିଲା।

# ପ୍ରକଳ୍ପ ପଞ୍ଜୀକରଣ ଉପରେ ଲେଟ୍ ଫି' ଆଦାୟ ସ୍ଥଗିତ

**ଭୁବନେଶ୍ୱର,୨୪।୭(ସମିସ):** ପ୍ରକଳ୍ପ ପଞ୍ଜୀକରଣ ଆବେଦନରେ ବିଳମ୍ବ ହୋଇଥିଲେ, ଆଦାୟ ହେଉଥିବା ଲେଟ୍-ଫି' ନିଷ୍ପତ୍ତି ଉପରେ ଓଡ଼ିଶା ରିୟଲ ଇଷ୍ଟେଟ ରେଗୁଲାଟୋରି ଅଥରିଟି (ଓରେରା) ସ୍ଥଗିତାଦେଶ ଲଗାଇଛି। ଗତ ୨୦୨୧ ମସିହାରେ ଓରେରା ପକ୍ଷରୁ ପ୍ରକାଶିତ ସଂଶୋଧିତ ରେଗୁଲେସନ୍-୧୩ ବଳରେ ଏହି ନିୟମ ରହିଥିଲା। ତେବେ ବିଭିନ୍ନ ଦିଗକୁ ବିଚାର ଓରେରା ଏହି ନିଷ୍ପତ୍ତିକୁ ସ୍ଥଗିତ ରଖିବାକୁ ଏକ ବିଜ୍ଞପ୍ତି ଜାରି କରିଛି। ଏହି ବ୍ୟବସ୍ଥାର ଅସଂଗତି ସମ୍ପର୍କରେ କ୍ରେଡାଇ ଓଡ଼ିଶା ପକ୍ଷରୁ ସରକାର ତଥା ଓରେରା କର୍ତ୍ତୃପକ୍ଷଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। ତାହା ଉପରେ ବିଚାର କରିବା ପରେ ଏହାକୁ ସ୍ଥଗିତ ରଖାଯାଇଥିବାରୁ କ୍ରେଡାଇ ଓଡ଼ିଶାର ସଭାପତି ସ୍ୱଦେଶ ରାଉତରାୟ ରାଜ୍ୟ ସରକାର, ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଏବଂ ଓରେରା କର୍ତ୍ତୃପକ୍ଷଙ୍କୁ କୃତଜ୍ଞତା ଜଣାଇଛନ୍ତି। ଏହାସହ ସଂଶୋଧିତ ରେଗୁଲେସନ୍-୧୩ କୁ ପ୍ରତ୍ୟାହାର କରିବାକୁ ସେ ଦାବି କରିଛନ୍ତି।

**କୃତଜ୍ଞତା ଜଣାଇଲା କ୍ରେଡାଇ**

ଏତଦବ୍ୟତୀତ ଅନ୍ୟ ୪ଟି ବିଷୟ ପ୍ରତି ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯାଇ ଗୃହ ନିର୍ମାଣ ଓ ଭିତ୍ତିଭୂମି ବିକାଶ ପ୍ରକଳ୍ପଗୁଡ଼ିକରେ ଜାରି ହୋଇଥିବା ବ୍ୟବସ୍ଥାଗତ ଅସଂଗତିଗୁଡ଼ିକୁ ପ୍ରତ୍ୟାହାର କରାଯିବାକୁ କ୍ରେଡାଇ ଓଡ଼ିଶା ପକ୍ଷରୁ କୁହାଯାଇଛି। ଏଥିରେ ପ୍ରକଳ୍ପ ଅନ୍ତର୍ଭୁକ୍ତ କମନ-ଏରିଆ ପାଇଁ ଅଲଗା ଭାବେ ରେଜିଷ୍ଟ୍ରେସନ ଫି' ଓ ଷ୍ଟାମ୍ପ ଡ୍ୟୁଟି ଆଦାୟ ବନ୍ଦ କରିବା, ଓରେରା ଗଠନ ପୂର୍ବରୁ ଶେଷ ହୋଇଥିବା ପ୍ରକଳ୍ପଗୁଡ଼ିକରେ ଆପାର୍ଟମେଣ୍ଟ ବିକ୍ରୟକୁ ଅନୁମତି ପ୍ରଦାନ କରିବା, ଓରେରାରେ ଗୃହ ନିର୍ମାଣକାରୀ ସଂସ୍ଥାଗୁଡିକ ୫ ସିକ୍ୟୁରିଟି ଅର୍ଥ ଜମା କରାଯିବା ବ୍ୟବସ୍ଥାକୁ ପ୍ରତ୍ୟାହାର କରିବା ଓ ପୂର୍ବ ୧୦ % ଫି' ଆଦାୟ କରୁଥିବା ବେଳେ ଏହାକୁ ଯେପରି ଭାବେ ୧୦୦ ପ୍ରତିଶତକୁ ବୃଦ୍ଧି କରାଯାଇଛି, ସେହି ବ୍ୟବସ୍ଥାକୁ ପ୍ରତ୍ୟାହାର କରିବା ପାଇଁ କୁହାଯାଇଛି।



# ଟ୍ୟୁସନ୍ ଫି' ଦେଇ ନ ପାରିବାରୁ ଜୀବନ ହାରିଲେ ଛାତ୍ର

**ଭାପୁର,୨୪।୭(ସମିସ):** ଟ୍ୟୁସନ୍ ଫି' ଦେଇ ନପାରିବା ଭଳି ସାମାନ୍ୟ କଥାକୁ କେନ୍ଦ୍ର କରି ଜଣେ ମେଧାବୀ ଛାତ୍ର ଜୀବନ ହାରିଛନ୍ତି। ଏପରି ଏକ ଦୁଃଖଦ ଘଟଣା ଘଟିଛି, ନୟାଗଡ଼ ଜିଲ୍ଲା ଭାପୁର ବ୍ଲକ ବାଇଗୁଣିଆ ଗ୍ରାମରେ। ମୃତକ ହେଲେ, ପ୍ରହ୍ଲାଦ ସାହୁଙ୍କ ପୁଅ ବୁଦ୍ଧିମାନ ସାହୁ। ସେ ଖଣ୍ଡପଡ଼ା ପଠାଣି ସାମନ୍ତ ମହାବିଦ୍ୟାଳୟର ଯୁକ୍ତ ୨ ବିଜ୍ଞାନ ଛାତ୍ର। ସୂଚନାନୁଯାୟୀ, ଗ୍ରାମର ତେଲିସାହିର ପ୍ରହ୍ଲାଦ ସାହୁ ଜଣେ ଅତ୍ୟନ୍ତ ଗରିବ ଲୋକ। ସେ ପୁରୀର ମାତାମଠରେ ସପତ୍ନୀକ ରହି ଶ୍ରମିକ ଭାବେ କାମ କରି ପେଟ ପୋଷନ୍ତି। ତାଙ୍କର ଏକମାତ୍ର ପୁଅ ବୁଦ୍ଧିମାନ ସାହୁ ଗାଁରେ ଏକୁଟିଆ ରହି ଖଣ୍ଡପଡ଼ା ପଠାଣି ସାମନ୍ତ ମହାବିଦ୍ୟାଳୟର + ୨ ବିଜ୍ଞାନ ବିଭାଗ ଦ୍ୱିତୀୟ ବର୍ଷରେ ପାଠ ପଢୁଥିଲେ। ତେବେ କିଛି ମାସ ହେଲା ଟ୍ୟୁସନ୍ ଫି' ଦେଇ ପାରିନଥିବାରୁ ସେ ଭିତରେ ଭିତରେ ଚାପରେ ରହୁଥିଲେ। ଏହି କାରଣକୁ କେନ୍ଦ୍ର କରି ମଙ୍ଗଳବାର ସେ ଘରେ ଦଉଡ଼ି ଦେଇ ଆତ୍ମହତ୍ୟା କରିଛନ୍ତି। ଏହାସହ ଏକ ସୁଇସାଇଡ୍ ନୋଟ୍ ମଧ୍ୟ ଛାଡ଼ି ଦେଇଛନ୍ତି। ତାଙ୍କ ମୃତ୍ୟୁ ପାଇଁ କେହି ଦାୟୀ ନୁହଁନ୍ତି ବୋଲି ସେ ଉଲ୍ଲେଖ କରିଛନ୍ତି। ତାଙ୍କ ବିୟୋଗରେ ଅଧ୍ୟାପକ ଓ ଛାତ୍ରଛାତ୍ରୀମହଲରେ ଶୋକର ଛାୟା ଖେଳିଯାଇଛି। ଗତକାଲି ସେହି ବାଇଗୁଣିଆ ଗ୍ରାମ ଦାଣ୍ଡସାହିର ଦୁରାରୋଗ୍ୟରେ ପୀଡ଼ିତ ଥିବା ଯୁବକ ପ୍ରଶାନ୍ତ କୁମାର ଦାଶ ମଧ୍ୟ ଆତ୍ମହତ୍ୟା କରିଥିଲେ। ଗୋଟିଏ ଦିନରେ ଦୁଇ ଦୁଇଜଣ ଯୁବକଙ୍କ ମୃତ୍ୟୁ ଯୋଗୁଁ ଗ୍ରାମରେ ଶୋକର ଛାୟା ଖେଳିଯାଇଛି।

● ପାରାଦ୍ୱୀପ ପରିବେଶ ପ୍ରଦୂଷଣ ମାମଲା

# ପଲିଥିନ୍ ଘୋଡ଼ାଇବେ କୋଇଲା ବୋଝେଇ ଟ୍ରକ୍: ଏନ୍‌ଜିଟି

**କଟକ, ୨୪।୭(ସମିସ):** ଜଗତସିଂହପୁର ଜିଲ୍ଲା, ପାରାଦ୍ୱୀପ ସହରାଞ୍ଚଳ ଦେଇ ଯାଇଥିବା ଭୂତମୁଣ୍ଡାଇ-ଅଠରବାଙ୍କୀ ଜାତୀୟ ରାଜପଥ ଅଞ୍ଚଳ ସମେତ ପାରାଦ୍ୱୀପ ସହର ବେଆଇନ କୋଇଲା ପରିବହନ ପାଇଁ ପ୍ରଦୂଷିତ ହେଉଥିବା ଅଭିଯୋଗରେ ରୁଜୁ ମାମଲାର ଶୁଣାଣି କରି ଜାତୀୟ ଗ୍ରିନ ଟ୍ରିବ୍ୟୁନାଲ (ଏନଜିଟି) ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶମାନ ଦେଇଛନ୍ତି। ବିଶେଷକରି ଏନଜିଟିଙ୍କ ଦ୍ୱାରା ଗଠିତ କମିଟି ରିପୋର୍ଟକୁ କାର୍ଯ୍ୟକାରୀ କରିବା ପାଇଁ ଉଭୟ

● ନଦୀ ଶଯ୍ୟା ଅଞ୍ଚଳର ପ୍ରସ୍ତାବିତ ପାର୍କିଂ ସ୍ଥଳ ଉପରେ ଅଙ୍କୁଶ
● ନିୟମିତ ବାୟୁ ମାନ ଯାଞ୍ଚ କରିବ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ
● ଟ୍ରକ ପାର୍କିଂ ପାଇଁ ନୂତନ ସ୍ଥାନ ଚିହ୍ନଟ ନିର୍ଦ୍ଦେଶ

ଜଗତସିଂହପୁର ଓ କେନ୍ଦ୍ରାପଡ଼ା ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦିଆଯାଇଛି। କମିଟି ରିପୋର୍ଟ ଅନୁସାରେ, ସମସ୍ତ କୋଇଲା ବୋଝେଇ ଟ୍ରକଗୁଡ଼ିକ ପଲିଥିନ୍‌ରେ ଆବଦ୍ଧ କରି ପରିବହନ ସୁନିଶ୍ଚିତ କରିବା ପାଇଁ ଜିଲ୍ଲା ପ୍ରଶାସନକୁ ଏନଜିଟି ନିର୍ଦ୍ଦେଶ ଦେଇଛନ୍ତି। ପ୍ରିୟବ୍ରତ ଉତ୍ତମ ନାୟକଙ୍କ ପକ୍ଷରୁ ଦାୟର ଆବେଦନର ଶୁଣାଣି କରି ଏନଜିଟି ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ସେହିପରି ଶତାଧିକ ସଂଖ୍ୟାରେ ଟ୍ରକଗୁଡ଼ିକ ଜାତୀୟ ରାଜପଥ ଓ ଭୂତମୁଣ୍ଡାଇ ବ୍ରିଜ ଉପରେ ପାର୍କିଂ କରୁଥିବାରୁ ଏହା ଯେପରି ନହେବ, ସେ ଦିଗରେ ପରିବହନ ବିଭାଗ ସୁନିଶ୍ଚିତ କରିବ। ଗତ ମାର୍ଚ୍ଚରେ ଭୂତମୁଣ୍ଡାଇ ବ୍ରିଜ ନିକଟ ନଦୀ ଶଯ୍ୟାରେ ପାର୍କିଂ ସ୍ଥାନ ସ୍ଥିର ହୋଇ ଶୁଭ ଦିଆଯାଇଥିଲା। ତେବେ ଏହା ଫ୍ଲଡ୍-ପ୍ଲେନ୍ ଏରିଆ ହୋଇଥିବାରୁ ଏଠାରେ କୌଣସି ପାର୍କିଂ ସ୍ଥଳ ପାଇଁ ନିର୍ମାଣ କାର୍ଯ୍ୟ ତୁରନ୍ତ ବନ୍ଦ କରାଯିବ। ଏଥିସହ ୧ ହଜାର ଟ୍ରକ ପାର୍କିଂ କଲା ଭଳି ବିକଳ୍ପ ସ୍ଥାନ ଚିହ୍ନଟ ପାଇଁ ଜିଲ୍ଲା ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି ଏନଜିଟି। ପାରାଦ୍ୱୀପ ଅଞ୍ଚଳର ବାୟୁର ମାନ ଯାଞ୍ଚ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ନିୟମିତ କରିବ ବୋଲି ଏନଜିଟି କହିଛନ୍ତି।

# ଦୁଇ ଗଞ୍ଜେଇ ଚାଲାଣକାରୀଙ୍କୁ ୧୦ବର୍ଷ ଜେଲ୍ ଓ ୧ଲକ୍ଷ ଲେଖାଁଏ ଜରିମାନା

**କଟକ,୨୪।୭(ସମିସ):** ଚୋରା ଗଞ୍ଜେଇ ଚାଲାଣ ଅଭିଯୋଗରେ ପଶ୍ଚିମବଙ୍ଗ ମୁର୍ସିଦାବାଦ ଜିଲ୍ଲାର ସହେଲ ମୋଲ୍ଲା ଓ ଜୋୟେନ ସେକଙ୍କୁ ୧୦ ବର୍ଷ ସଶ୍ରମ ଜେଲ ଓ ୧ ଲକ୍ଷ ଟଙ୍କା ଲେଖାଁଏ ଜରିମାନା ଦଣ୍ଡାଦେଶ ପ୍ରଦାନ କରିଛନ୍ତି କଟକ ଦ୍ୱିତୀୟ ଅତିରିକ୍ତ ଦୌରାଜଜ୍। ଜରିମାନା ଅନାଦେୟ ଉଭୟଙ୍କୁ ଅଧିକ ୬ମାସ ଜେଲ ଦଣ୍ଡ ଭୋଗ କରିବାକୁ ପଡ଼ିବ ବୋଲି ରାୟରେ ଉଲ୍ଲେଖ କରାଯାଇଛି। ଏନଡିପିଏସ ଆଇନର ଧାରା ୨୦(ବି)(୨)(ସି)ରେ ଦୁଇଜଣଙ୍କୁ ଦୋଷୀ ସାବ୍ୟସ୍ତ କରି ଅଦାଲତ ଏହି ରାୟ ପ୍ରଦାନ କରିଛନ୍ତି। ମାମଲାରୁ ପ୍ରକାଶ ଯେ ୨୦୨୨ ମାର୍ଚ୍ଚ ୨୪ରେ ଟାଙ୍ଗୀ ଥାନା ଅନ୍ତର୍ଗତ ମଙ୍ଗୁଳି ଛକ ନିକଟରେ ପଶ୍ଚିମବଙ୍ଗ ପଞ୍ଜୀକରଣ ଥିବା ଏକ ମାଲବାହୀ ଗାଡ଼ି ଓଏମପି ଛକ ଦିଗରୁ ଆସୁଥିବା ବେଳେ ଅବକାରୀ ବିଭାଗ ହାବୁଡ଼ରେ ପଡ଼ିଥିଲା। ଅବକାରୀ ଗୁଇନ୍ଦା ବିଭାଗର ଇନ୍ସପେକ୍ଟର ସତ୍ୟଜିତ ଖଟୁଆଙ୍କ ନେତୃତ୍ୱରେ ପାଟ୍ରୋଲିଂ ସମୟରେ ଗାଡ଼ିକୁ ଯାଞ୍ଚ କରିବାରୁ ସେଥିରେ ୧ କ୍ୱିଣ୍ଟାଲ ୯ କିଲୋ ଗଞ୍ଜେଇ ଥିବା ଜଣା ପଡ଼ିଥିଲା। ଅବକାରୀ ବିଭାଗ ଗଞ୍ଜେଇ ଜବତ କରିବା ସହ ସହେଲ ଓ ଜୋୟେନଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ସରକାରଙ୍କ ତରଫରୁ ସ୍ୱତନ୍ତ୍ର ପବ୍ଲିକ୍ ପ୍ରସିକ୍ୟୁଟର ଦେବାଶିଷ ସାମନ୍ତରାୟ ଓ ଅତିରିକ୍ତ ପିପି ବିଶ୍ୱଜିତ ବରାଳ ମାମଲା ପରିଚାଳନା କରୁଥିଲେ।

● ସାତକୋଶିଆ ଇକୋ ଟୁରିଜିମ୍ ନାମରେ ବେଆଇନ କାର୍ଯ୍ୟକଳାପ ପ୍ରସଙ୍ଗ

# ଜଙ୍ଗଲ ଉପମହାନିର୍ଦ୍ଦେଶକଙ୍କୁ ହାଜିରା ପାଇଁ ଏନଜିଟିଙ୍କ ନିର୍ଦ୍ଦେଶ

**କଟକ,୨୪।୭(ସମିସ):** ସାତକୋଶିଆ ଅଭୟାରଣ୍ୟ ଭିତରେ ଇକୋ-ଟୁରିଜିମ୍ ନାଁରେ ବେଆଇନ କାର୍ଯ୍ୟକଳାପକୁ ବିରୋଧ କରି ଦାୟର ମାମଲାକୁ ଏନଜିଟି ଗୁରୁତ୍ୱର ସହ ଗ୍ରହଣ କରି ଶୁଣାଣି କରିଆସୁଛନ୍ତି। ଏହି ମାମଲାରେ ନିର୍ଦ୍ଦେଶ ସତ୍ତ୍ୱେ କେନ୍ଦ୍ର ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ପକ୍ଷରୁ ଜବାବ ଦାଖଲ କରାଯାଉ ନଥିବାରୁ ଜାତୀୟ ଗ୍ରିନ ଟ୍ରିବ୍ୟୁନାଲ (ଏନଜିଟି) ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଏଣୁ ପରବର୍ତ୍ତୀ ଶୁଣାଣି ସମୟରେ ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟର ଭୁବନେଶ୍ୱରସ୍ଥିତ ଇଣ୍ଟିଗ୍ରେଟେଡ ରିଜିଓନାଲ କାର୍ଯ୍ୟାଳୟର ଜଙ୍ଗଲ ଉପ-ମହାନିର୍ଦ୍ଦେଶକଙ୍କୁ ଭର୍ଚୁଆଲ ମାଧ୍ୟମରେ ହାଜର ହେବା ପାଇଁ ଏନଜିଟି ନିର୍ଦ୍ଦେଶ ଦେଇଛନ୍ତି। ଏନଜିଟି ୱାଇଲ୍ଡ ଲାଇଫ ସୋସାଇଟି ଅଫ୍ ଇଣ୍ଡିଆ ଆବେଦନର ଶୁଣାଣି କରି ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଅନ୍ୟପଟରେ ସତ୍ୟପାଠ ଦାଖଲ କରାଯାଇନଥିବା ପ୍ରସଙ୍ଗରେ ଉପ ମହାନିର୍ଦ୍ଦେଶକ ନିଜର ସ୍ପଷ୍ଟୀକରଣ ରଖିବେ ବୋଲି ଏନଜିଟି କହିଛନ୍ତି। ସମସ୍ତ ପ୍ରତିପକ୍ଷ ଦୁଇ ସପ୍ତାହ ଭିତରେ ଜବାବ ଦାଖଲ କରିବେ। ଅଗଷ୍ଟ ୨୯ରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ। ପ୍ରକାଶ ଯେ ସାତକୋଶିଆରେ ଇକୋ ଟୁରିଜିମ ନାଁରେ ବଡ଼ମୂଳ ସ୍ୟାଣ୍ଡ ରିସର୍ଟ ଖୋଲାଯାଇ ସେଠାରେ ବିଭିନ୍ନ ପ୍ରକାର କାର୍ଯ୍ୟକ୍ରମ ଆୟୋଜନ ହୋଇଆସୁଛି। ନାଚଗୀତ କାର୍ଯ୍ୟକ୍ରମ ସହିତ ମହାନଦୀକୂଳରେ ମୋଟର ଚାଳିତ କ୍ରୁଜ୍ ଚଳାଚଳ କରୁଛି। ଏପରିକି କୋଳାହଳ ପରିବେଶରେ ପକ୍ଷୀଙ୍କୁ ଦେଖିବା ପାଇଁ ଗଛ ଉପରେ ମଞ୍ଚା କରାଯାଇଛି। ଏହାଦ୍ୱାରା ବନ୍ୟଜନ୍ତୁଙ୍କ ଚଳାଚଳ ପ୍ରଭାବିତ ହେଉଛି ଓ କୁମ୍ଭୀରଙ୍କ ପ୍ରଜନନ ସ୍ଥଳ ମଧ୍ୟ ପ୍ରଭାବିତ ହେଉଛି ବୋଲି ଦର୍ଶାଇ ଏନଜିଟିରେ ଏହି ମାମଲା ଦାୟର ହୋଇଥିଲା। ଗତ ମାର୍ଚ୍ଚ ୨୧ରେ ଜବାବ ଦାଖଲ ପାଇଁ ଏନଜିଟି ନିର୍ଦ୍ଦେଶ ଦେଇଥିଲେ ମଧ୍ୟ ପରିବେଶ ମନ୍ତ୍ରଣାଳୟ ତରଫରୁ ମାମଲାରେ ଜବାବ ଦାଖଲ କରାଯାଇନାହିଁ। ଆବେଦନକାରୀଙ୍କ ତରଫରୁ ଆଇନଜୀବୀ ଶଙ୍କର ପ୍ରସାଦ ପାଣି ମାମଲା ପରିଚାଳନା କରୁଛନ୍ତି।

ଏଏସ୍‌ଓଙ୍କୁ ରାଜ୍ୟପାଳଙ୍କ ପୁଅ ମାଡ଼ ପ୍ରସଙ୍ଗ

# ପୂରିଲା କଷ୍ଟ; ମିଳୁନାହିଁ ଉତ୍ତର

**ଭୁବନେଶ୍ୱର, ୨୪।୭(ସମିସ):** ଏଏସ୍‌ଓ ବୈକୁଣ୍ଠନାଥ ପ୍ରଧାନଙ୍କୁ ରାଜ୍ୟପାଳଙ୍କ ପୁଅ ଓ ଅନ୍ୟ ୫ଜଣ ମାଡ଼ ମାରିବା ଘଟଣାକୁ ୧୮ ଦିନ ବିତିଯାଇଥିଲେ ମଧ୍ୟ ନ୍ୟାୟ ମିଳିପାରି ନାହିଁ। ଏପରିକି ବୈକୁଣ୍ଠନାଥଙ୍କ ପରିବାରକୁ ରାଜ୍ୟପାଳ ଦେଇଥିବା ୭ ଦିନିଆ କଷ୍ଟ ମଧ୍ୟ ପୂରିଯାଇଥିଲେ ମଧ୍ୟ କିଛି ଉତ୍ତର ମିଳିପାରି ନାହିଁ। ଏହି ଘଟଣାକୁ ନେଇ ବୈକୁଣ୍ଠଙ୍କ ପରିବାର ଲୋକ ଭୟଭିତରେ ଅଛନ୍ତି। ଏନେଇ ମଧ୍ୟ ବୈକୁଣ୍ଠଙ୍କ ପତ୍ନୀ ସୟୋଜ କୁମାରୀ ପ୍ରଧାନ କହିଛନ୍ତି ଯେ, ରାଜ୍ୟପାଳ ଦେଇଥିବା ୭ ଦିନ ପୂରୁଯାଇଛି। ଆମକୁ କିଛି ନ୍ୟାୟ ମିଳିପାରିନାହିଁ। କି ଥାନାରେ ଏନେଇ ମାମଲା ରୁଜୁ ହୋଇନାହିଁ। ଆମର ନ୍ୟାୟିକ ବ୍ୟବସ୍ଥା ଉପରେ ବିଶ୍ୱାସ ଅଛି। ଆମକୁ ନିହାତି ନ୍ୟାୟ ମିଳିବ। ଆଉ କିଛି ଦିନ ଆମେ ଅପେକ୍ଷା କରିଛୁ। ଯଦି ନ୍ୟାୟ ନମିଳିବ ଆମେ ପରବର୍ତ୍ତି ନିଷ୍ପତ୍ତି ନେବୁ। ଅନ୍ୟପଟରେ ଏହି ଘଟଣାକୁ ପୁଲିସ କୌଣସିବି ମାମଲା ରୁଜୁ କରିନି। ବୈକୁଣ୍ଠନାଥ ଅନ୍‌ଲାଇନ୍‌ରେ ଅଭିଯୋଗ କରିଥିଲେ। କେବଳ ଅନ୍‌ଲାଇନ୍‌ରେ ଏହାକୁ ରିସିଭ୍ କରାଯାଇଥିଲେ ମାମଲା ରୁଜୁ କରାଯାଇ ନାହିଁ। ଗତ ୭ ତାରିଖରୁ ଆଜି ପର୍ଯ୍ୟନ୍ତ ସିସିଟିଏନଏସ୍‌ରେ ଏହି ଘଟଣାରେ କୌଣସି ମାମଲା ରୁଜୁ କରାଯାଇଥିବା ଦେଖିବାକୁ ମିଳିଛି। ଏନେଇ ସମୁଦ୍ରକୂଳ ଥାନା ଅଧିକାରୀଙ୍କୁ ଫୋନ୍ କଲେ ମଧ୍ୟ କୌଣସି ଜବାବ ମୁଳୁନି।ଏପରିଙ୍କୁ ତାଙ୍କୁ ଭେଟ କରିବାକୁ ସାମ୍ବାଦିକ ଯାଉଥିଲେ ମଧ୍ୟ ଲୁଚୁଥିବା ଅଭିଯୋଗ ହେଉଛି। ଏନେଇ ପୁରୀ ଏସ୍‌ପି ପିନାକୀ ମିଶ୍ର କହିଛନ୍ତି ଯେ, ଏନେଇ କୌଣସି

■ ୭ ଦିନରେ ନ୍ୟାୟ ଦେବାକୁ ମିଳିଥିଲା ପ୍ରତିଶ୍ରୁତି
■ ଏତଲା ଦେବାପରେ ଗଡ଼ିଗଲାଣି ୧୮ ଦିନ
■ ଫୋନ୍ ଉଠାଉ ନାହାନ୍ତି ସମୁଦ୍ରକୂଳ ଥାନା ବାବୁ
■ ନ୍ୟାୟ ଅପେକ୍ଷାରେ ବୈକୁଣ୍ଠଙ୍କ ପରିବାର

ମାମଲା ରୁଜୁ କରାଯାଇ ନାହିଁ। ଅନ୍‌ଲାଇନ୍ କରାଯାଇଥିବା ଅଭିଯୋଗକୁ ରିସିଭ୍ କରାଯାଇଛି। ଏହି ଘଟଣାରେ ଜିଲ୍ଲାପାଳ ତଦନ୍ତ କରୁଛନ୍ତି।

ଗତ ୧୩ ତାରିଖରେ ଏଏସ୍‌ଓ ବୈକୁଣ୍ଠନାଥ ପ୍ରଧାନ ଓ ତାଙ୍କ ପତ୍ନୀଙ୍କୁ ଭେଟି ନ୍ୟାୟ ପାଇଁ ଆଶ୍ୱାସନା ଦେଲେ ରାଜ୍ୟପାଳ। ଉଭୟଙ୍କୁ ରାଜଭବନ ଡାକି ରାଜ୍ୟପାଳ ସେମାନଙ୍କ ସହିତ ଘଟଣା ସମ୍ପର୍କରେ ସବୁକଥା ପଚାରି ବୁଝିଛନ୍ତି। ଏଥିସହ ୭ ଦିନ ଭିତରେ ନ୍ୟାୟ ଦେବାକୁ ଆଶ୍ୱାସନା ଦେଇଥିଲେ। ଏପରିକି ରାଜ୍ୟପାଳଙ୍କ ଉପସ୍ଥିତିରେ ରୋଷେୟା ଭୁଲ ଭୁଲ୍ ମାଗିଥିବା ବେଳେ ଅନ୍ୟ ୫ ଜଣ ଅନୁପସ୍ଥିତ ଥିଲେ। ଗତ ୭ତାଖରେ ପୁରୀ ରାଜଭବନରେ କାର୍ଯ୍ୟରତ ଏଏସ୍‌ଓ ବୈକୁଣ୍ଠ ପ୍ରଧାନଙ୍କୁ ରାଜ୍ୟପାଳଙ୍କ ପୁଅ ଓ ଅନ୍ୟ ୫ ଜଣ ମାଡ଼ ମାରିଥିବା ଅଭିଯୋଗ ହୋଇଥିଲା। ଏନେଇ ପୁରୀ ସମୁଦ୍ରକୂଳ ଥାନାରେ ଅଭିଯୋଗ କରିଥିଲେ ବୈକୁଣ୍ଠଙ୍କ ପତ୍ନୀ। ସେ ଅନ୍‌ଲାଇନ୍‌ରେ ଅଭିଯୋଗ କରିଥିଲେ। ସୂଚନାଯୋଗ୍ୟ, ରାଜ୍ୟପାଳ ରଘୁବର ଦାସଙ୍କ ପୁଅ ଲଳିତ କୁମାରଙ୍କ ଦ୍ୱାରା ମରଣାନ୍ତକ ଆକ୍ରମଣର ଶିକାର ହୋଇଥିବା ନେଇ ଓଡ଼ିଶା ସଚିବାଳୟ ସେବାର ଅଧିକାରୀ ବୈକୁଣ୍ଠନାଥ ପ୍ରଧାନ ସଙ୍ଗୀନ ଅଭିଯୋଗ ଆଣିଥିଲେ। ଏନେଇ ରାଜ୍ୟପାଳଙ୍କ ପ୍ରମୁଖ ସଚିବଙ୍କୁ ଲିଖିତ ଭାବେ ଅଭିଯୋଗ କରିବା ପରେ ଘଟଣା ପଦାକୁ ଆସିଥିଲା। ରାଜ୍ୟପାଳଙ୍କ ପ୍ରମୁଖ ସଚିବଙ୍କୁ ଦେଇଥିବା ଲିଖିତ ଅଭିଯୋଗରେ ବୈକୁଣ୍ଠ ଦର୍ଶାଇଛନ୍ତି ଯେ, ପୁରୀ ରାଜଭବନରେ ଜୁଲାଇ ୭ତାରିଖ ରାତିରେ ରାଜ୍ୟପାଳଙ୍କ ପୁଅ ଲଳିତ କୁମାର ଓ ତାଙ୍କର ଅନ୍ୟ ୫ଜଣ ସହଯୋଗୀ ମିଳିତ ଭାବେ ତାଙ୍କ ଉପରେ ମରଣାନ୍ତକ ଆକ୍ରମଣ କରିଥିଲେ। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଜୁଲାଇ ୭ ଓ ୮ ତାରିଖ ପୁରୀ ଗସ୍ତକୁ ଦୃଷ୍ଟିରେ ରଖି ରାଜଭବନ ରହଣୀର ପ୍ରସ୍ତୁତି ତଦାରଖ ପାଇଁ ସେ ଗତ ୫ତାରିଖରୁ ପୁରୀରେ ରହିଥିଲେ। ୭ ତାରିଖରେ ରାଷ୍ଟ୍ରପତିଙ୍କ ଗସ୍ତ ବେଶ୍ ଭଲରେ ସମ୍ପାଦନ ହୋଇଥିଲା। କିନ୍ତୁ ସେହି ରାତି ପ୍ରାୟ ୧୧ଟା ୪୫ମିନିଟରେ ସେ ରାଜଭବନସ୍ଥିତ ଅଫିସ ରୁମରେ ବସିଥିବା ବେଳେ ରାଜ୍ୟପାଳଙ୍କ ବ୍ୟକ୍ତିଗତ ରୋଷେୟା ଆକାଶ ସିଂ ତାଙ୍କ ପାଖକୁ ଆସି ଲଳିତ କୁମାର ଡାକୁଥିବା କହିଥିଲେ। ରାଜଭବନର ସୁଟ୍ ନମ୍ବର-୪ରେ ରହୁଥିବା ଲଳିତଙ୍କୁ ଭେଟିବାକୁ ସେ ଯାଇଥିଲେ, କିନ୍ତୁ ତାଙ୍କୁ ଦେଖୁଦେଖୁ ଲଳିତ କୁଆଡ଼େ ଉତକ୍ଷିପ୍ତ ହୋଇ ଅତ୍ୟନ୍ତ ଅଶାଳୀନ ଭାଷାରେ ବଡ଼ ପାଟିରେ ଗାଳିଗୁଲଜ କରିଥିଲେ। ତାଙ୍କର ଏଭଳି ଆଚରଣକୁ ପ୍ରତିବାଦ କରିବାରୁ ଲଳିତ ତାଙ୍କୁ ଚାପୁଡ଼ା ମାରିବା ଆରମ୍ଭ କରିଥିଲେ ବୋଲି ବୈକୁଣ୍ଠ ଅଭିଯୋଗ କରିଥିଲେ। ଦାମୀ ଗାଡ଼ି ଆଣିନଥିବାରୁ ଏଭଳି ଆକ୍ରମଣ କରିଥିଲେ ରାଜ୍ୟପାଳଙ୍କ ପୁଅ।

# ଅଗଷ୍ଟ ୧୭ରେ ଓଟିଇଟି ପରୀକ୍ଷା

**ଭୁବନେଶ୍ୱର, ୨୪।୭(ସମିସ):** ଓଡ଼ିଶା ଶିକ୍ଷକ ଯୋଗ୍ୟତା ପରୀକ୍ଷା (ଓଟିଇଟି) ତାରିଖରେ ପରବର୍ତ୍ତନ କରାଯାଇଛି। ଅଗଷ୍ଟ ୯ତାରିଖ ପରିବର୍ତ୍ତେ ଅଗଷ୍ଟ ୧୭ ତାରିଖରେ ପରୀକ୍ଷା ଅନୁଷ୍ଠିତ ହେବ। ଉଭୟ ପେପର-୧ ଓ ପେପର-୨ ପରୀକ୍ଷା ସୂଚୀରେ ପରିବର୍ତ୍ତନ ହୋଇଛି। ଗୋଟିଏ ଦିନ ଅର୍ଥାତ ୧୭ ତାରିଖରେ ଉଭୟ ପରୀକ୍ଷା ହେବ। ବୋର୍ଡ ୱେବ୍‌ସାଇଟ୍‌ରେ ଅଗଷ୍ଟ ୧୨ ତାରିଖରୁ ଆଡମିଟ୍ କାର୍ଡ ଉପଲବ୍ଧ ହେବ। ଏନେଇ ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ(ବୋର୍ଡ) ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି।

# ଭାନୁ ପ୍ରତାପ ସିଂ ମାଝୀ ବିଜେଡିରୁ ବହିଷ୍କୃତ

**ଭୁବନେଶ୍ୱର, ୨୪।୭(ସମିସ):** ନୂଆପଡ଼ା ଜିଲ୍ଲା ଜୋନ୍ ନଂ-୮ ଜିଲ୍ଲା ପରିଷଦ ସଭ୍ୟ ଭାନୁ ପ୍ରତାପ ସିଂ ମାଝୀଙ୍କୁ ବିଜେଡିରୁ ବହିଷ୍କାର କରାଯାଇଛି। ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ଦସ୍ତଖତ ସମ୍ବଳିତ ପ୍ରେସ୍ ବିଜ୍ଞପ୍ତିରେ କୁହାଯାଇଛି ଯେ ଦଳ ବିରୋଧୀ କାର୍ଯ୍ୟରେ ଲିପ୍ତ ରହିଥିବାରୁ ଶ୍ରୀ ମାଝୀଙ୍କ ବିରୋଧରେ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି।

# ଲାଭରେ ଚାଲୁଛି କେନ୍ଦ୍ର ସମବାୟ ବ୍ୟାଙ୍କ

**ଭୁବନେଶ୍ୱର, ୨୪।୭ (ସମିସ):** ରାଜ୍ୟର ସମସ୍ତ ୧୭ଟି କେନ୍ଦ୍ର ସମବାୟ ବ୍ୟାଙ୍କ(ସିସିବି) ଗତ ୩ ବର୍ଷ ହେଲା ଲାଭରେ ଚାଲୁଛି। ୨୦୨୦-୨୧ ଆର୍ଥିକ ବର୍ଷରେ ୧୦୯ କୋଟି ୬୦ ଲକ୍ଷ ୫୨ ହଜାର ଟଙ୍କା ଲାଭ ହୋଇଥିବା ବେଳେ ୨୦୨୨-୨୩ ଆର୍ଥିକ ଶିକ୍ଷାବର୍ଷରେ ୧୦୦ କୋଟି ୫୨ ଲକ୍ଷ ୨୨ ହଜାର ଏବଂ ୨୦୨୩-୨୪ ଆର୍ଥିକ ବର୍ଷରେ ସମୁଦାୟ ୧୧୯ କୋଟି ୪୬ ଲକ୍ଷ ୩୮ ହଜାର ଟଙ୍କା ଲାଭ ହୋଇଛି। କେବଳ ୨୦୨୩-୨୪ ଆର୍ଥିକ ବର୍ଷରେ ସୁନ୍ଦରଗଡ଼ ସିସିବିରୁ ସର୍ବାଧିକ ୨୫ କୋଟି ୮୮ଲକ୍ଷ ୫୭ହଜାର ଲାଭ ହୋଇଛି। ଏହାପରେ କଟକ ସିସିବିରୁ ଦ୍ୱିତୀୟ ସର୍ବାଧିକ ୨୧ କୋଟି ୧ ଲକ୍ଷ ୫୩ ହଜାର ଏବଂ ତୃତୀୟ ସର୍ବାଧିକ ୧୪କୋଟି ୪୧ ହଜାର ୩୧ ହଜାର ଲାଭ ହୋଇଛି। ସେହିପରି ସର୍ବନିମ୍ନ ପୁରୀ ସିସିବିରୁ ମାତ୍ର ୨୦ଲକ୍ଷ ୨୨ ହଜାର ଟଙ୍କା ଲାଭ ହୋଇଛି। ବ୍ୟାଙ୍କଗୁଡ଼ିକରୁ ଅଧିକ ଲାଭ କରିବା ପାଇଁ କ୍ଷୁଦ୍ର, ମଧ୍ୟମ ଓ ଦୀର୍ଘକାଳୀନ ଋଣ ପ୍ରଦାନ କରାଯିବା ସହ ଖିଲାପକାରୀଙ୍କଠାରୁ ଋଣ ଆଦାୟ ପ୍ରକ୍ରିୟା ଜାରି ରହିଛି। ଗ୍ରାହକଙ୍କୁ ଲକର୍ ସୁବିଧା, ଏନ୍‌ଇଏଫ୍‌ଟି ଓ ଆଇଟିଜିଏସ୍ ସେବା ପ୍ରଦାନ କରି କମିସନ୍ ଅର୍ଥ ଲାଭ କରାଯାଉଛି। ବିଧାୟକ ପ୍ରଶାନ୍ତ ବେହେରାଙ୍କ ଏକ ଅଣତାରକା ପ୍ରଶ୍ନର ଉତ୍ତରରେ ସମବାୟ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ ବିଧାନସଭାରେ ଏହି ତଥ୍ୟ ରଖିଛନ୍ତି।

**୨୦୨୩-୨୪ ଆର୍ଥିକ ବର୍ଷରେ ୧୧୯ କୋଟି ୪୬ ଲକ୍ଷ ଲାଭ**

# ପ୍ରଦୀପ ବେହେରା ଖୋର୍ଦ୍ଧାରୋଡ୍ ରେଳମଣ୍ଡଳର ଅତିରିକ୍ତ ମଣ୍ଡଳ ରେଳପ୍ରବନ୍ଧକ

**ଭୁବନେଶ୍ୱର, ୨୪।୭ (ସମିସ):** ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳର ଅତିରିକ୍ତ ମଣ୍ଡଳ ରେଳ ପ୍ରବନ୍ଧକ(ପରିଚାଳନା) ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି ପ୍ରଦୀପ କୁମାର ବେହେରା। ଏହା ପୂର୍ବରୁ ସେ ପୂର୍ବତଟ ରେଳବାଇରେ ମୁଖ୍ୟ ବୈଦ୍ୟୁତିକ ଇଞ୍ଜିନିୟର୍ (ନିର୍ମାଣ) ଭାବେ କାର୍ଯ୍ୟରତ ଥିଲେ। ଶ୍ରୀ ବେହେରା ୧୯୯୮ ବ୍ୟାଚ୍ ଇଣ୍ଡିଆନ୍ ରେଲୱେ ସର୍ଭିସେସ୍ ଅଫ୍ ଇଲେକ୍ଟ୍ରିକାଲ୍ ଇଞ୍ଜିନିୟରିଂ (ଆଇଆର୍‌ଏସ୍‌ଇଇ) ଅଧିକାରୀ। ପୂର୍ବତଟ ରେଳବାଇର ମୁଖ୍ୟ ବୈଦ୍ୟୁତିକ ଇଞ୍ଜିନିୟର (ନିର୍ମାଣ), ବରିଷ୍ଠ ମଣ୍ଡଳ ଇଲେକ୍ଟ୍ରିକାଲ୍ ଇଞ୍ଜିନିୟର (ଅପରେସନ୍) ଏବଂ ବରିଷ୍ଠ ମଣ୍ଡଳ ଇଲେକ୍ଟ୍ରିକାଲ୍ ଇଞ୍ଜିନିୟର (ଜେନେରାଲ୍) ପରି ବିଭିନ୍ନ ଦାୟିତ୍ୱକୁ ଦକ୍ଷତାର ସହ ନିର୍ବାହ କରିଛନ୍ତି।



# ବିଏମ୍‌ଡି ଇଣ୍ଟରସେପ୍ଟର୍‌ର ସଫଳ ପରୀକ୍ଷଣ

**ବାଲେଶ୍ୱର, ୨୪।୭ (ସମିସ):** ଏପିଜେ ଅବଦୁଲ କଲାମ ଦ୍ୱୀପ ସହ ଚାନ୍ଦିପୁରସ୍ଥିତ ଏକୀକୃତ ପରୀକ୍ଷଣ କେନ୍ଦ୍ରରୁ ସ୍ୱଦେଶୀ ଜ୍ଞାନକୌଶଳରେ ବିକଶିତ ଦ୍ୱିତୀୟ ପର୍ଯ୍ୟାୟ ବାଲାଷ୍ଟିକ ମିସାଇଲ ଡିଫେନ୍ସ (ବିଏମ୍‌ଡି) ଇଣ୍ଟରସେପ୍ଟର କ୍ଷେପଣାସ୍ତ୍ରର ବୁଧବାର ସଫଳ ପରୀକ୍ଷଣ ହୋଇଛି। ପ୍ରତିରକ୍ଷା ଅନୁସନ୍ଧାନ ଏବଂ ବିକାଶ ସଂଗଠନ (ଡିଆରଡିଓ) ଦ୍ୱାରା ବିଏମଡି ଇଣ୍ଟରସେପ୍ଟର୍ ଅସ୍ତ୍ର ପ୍ରଣାଳୀ ଭୂ-ପୃଷ୍ଠ, ସମୁଦ୍ର ତଥା ଆକାଶମାର୍ଗରେ ନିୟୋଜିତ କରାଯାଇପାରିବ। ବିଭିନ୍ନ ସ୍ଥାନରେ ନିୟୋଜିତ ବ୍ୟବସ୍ଥାମାନଙ୍କ ଅଂଶଗ୍ରହଣରେ ଏହି ପରୀକ୍ଷଣ କରାଯାଇଥିଲା ବୋଲି ପ୍ରତିରକ୍ଷା ମନ୍ତ୍ରଣାଳୟ ପକ୍ଷରୁ ଏକ ପ୍ରେସ୍ ବିବୃତିରେ କୁହାଯାଇଛି। ଏପିଜେ ଅବଦୁଲ କଲାମ ଦ୍ୱୀପସ୍ଥିତ ଲଞ୍ଚ ପ୍ୟାଡ- ୪ରୁ ଅପରାହ୍ନ ୪ଟା୨୦ମିନିଟରେ ନକଲ ଟାର୍ଗେଟ ବାଲାଷ୍ଟିକ ମିସାଇଲ ଉତ୍‌କ୍ଷେପଣ କରାଯାଇଥିଲା। ଅତ୍ୟାଧୁନିକ ରାଡାର ମାଧ୍ୟମରେ ନକଲ ବାଲାଷ୍ଟିକ କ୍ଷେପଣାସ୍ତ୍ରକୁ ଚିହ୍ନଟ ପରେ ଚାନ୍ଦିପୁରର ଏକୀକୃତ ପରୀକ୍ଷଣ କେନ୍ଦ୍ର ଲଞ୍ଚ ପ୍ୟାଡ୍-୩ରୁ ଅପରାହ୍ନ ୪ଟା ୨୪ ମିନିଟରେ ଉତ୍‌କ୍ଷେପଣ ହୋଇଥିବା ଦ୍ୱିତୀୟ ପର୍ଯ୍ୟାୟ ଏୟାର ଡିଫେନ୍ସ ଅନ୍ତବାୟୁମଣ୍ଡଳୀୟ ବିଏମଡି ଇଣ୍ଟରସେପ୍ଟର ମିସାଇଲ ସଫଳତାର ସହ ଲକ୍ଷ୍ୟଭେଦ କରିଥିଲା। ଭାରତ ଆଡ଼କୁ ଆସୁଥିବା ଶତ୍ରୁପକ୍ଷର କୌଣସି କ୍ଷେପଣାସ୍ତ୍ରକୁ ଧ୍ୱଂସ କରିବାରେ ସକ୍ଷମ ଏହି ସିଷ୍ଟମକୁ ବାଲିଷ୍ଟିକ୍ କ୍ଷେପଣାସ୍ତ୍ର ପ୍ରତିରକ୍ଷା କାର୍ଯ୍ୟକ୍ରମ ଅଧୀନରେ ବିକଶିତ କରାଯାଇଛି। ୫ ହଜାର କିଲୋମିଟର ଦୂରତା ବିଶିଷ୍ଟ ବାଲାଷ୍ଟିକ କ୍ଷେପଣାସ୍ତ୍ର ଧ୍ୱଂସ ପାଇଁ ଡିଜାଇନ୍ ହୋଇଛି। ଏହି ସଫଳ ପରୀକ୍ଷଣ ପାଇଁ ଡିଆରଡିଓର ଅଧ୍ୟକ୍ଷ ଡକ୍ଟର ସମୀର ଭି କାମାତ ବୈଜ୍ଞାନିକମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି।



**AFFIDAVIT**

I, Baruna Kumar Naik, S/o-Dular Singh Naik, resident of At-Kandapala, Ambabhona, Ps-Town, Dist- Baragarh, Pin-768045, Odisha declare by this affidavit No. 6804, Dated-23/07/2024, that now onwards I shall be known as **BARUN KUMAR NAIK** for all future purposes.

**AFFIDAVIT**

By virtue of an affidavit sworn before the Notary Public, Bhubaneswar, dated-11/07/2024. I **Aswini Kumar Sahoo,** resident of At- Jagannathpur, Po-Balianta, Dist-Khurda, Pin-752101, Odisha declare that I have changed my name from **Nabakishore Sahoo To Aswini Kumar Sahoo.** Henceforth, I shall be known as **Aswini Kumar Sahoo** for all future purposes.
**Aswini Kumar Sahoo**

**AFFIDAVIT**

I, Govind Chhapadia, S/o- Late Hari Prasad Chhapadia, resident of Main Road, Ward No-05, Ps-Town, Dist-Baragarh, Pin-768028, Odisha declare by this affidavit No.6805, dated- 23.07.2024, that now onwards I shall be known as **GOVIND PRASAD CHHAPADIA** for all future purposes.

**SALE**

Booking Open 2/3 BHK Flat Bhpl Krishna, Bharatpur, Bhpl Rudra in front of CET. College, Ghatikia, Bhpl SB Homes, Ghatikia, Bhpl PNM, Satya Vihar, Bhubaneswar. Contact- Bhavishya Homes Pvt Ltd.
**Ph.: 9437015112**

**AFFIDAVIT**

I, Dilip Kumar Agrawal, S/o- Omprakash Agrawal, resident of Ward No-02, Nadipada, Ps-Town, Dist-Baragarh, Pin-768028, Odisha declare by this affidavit No. 6803, Dated 23.07.2024, that now onwards I shall be known as **DILLIP KUMAR AGRAWAL** for all future purposes.

**LOST**

I, SRI NIKUNJA KISHORE DAS, S/o- Late Rama Krushna Das, Director of DNT Infrastructures Pvt. Ltd.; have purchased landed properties from M/s Ruby Associate Pvt. Ltd., through Regd. Sale Deed vide Document No. 10812200833, dtd. 31/03/2022. But the interim Regd. Sale Deeds in which M/s Ruby Associate Pvt. Ltd., had purchased the land, i.e. RSD No. 10811301006 dated 27/04/2013 (from Ashok Kumar Das & Kishore Kumar Das) and RSD No. 10811301014 dated 27/04/2013 ( from Jogendra Das) are lost somewhere and despite best efforts we could not trace out the same. If any kind hearted person finds the same, please contact to Mobile No. 9040100007. If anyone misuses the said deeds, we shall not held responsible for the same.

**AFFIDAVIT**

I, Nakul Kumar Sahoo, S/o- Purnachandra Sahu, resident of Vill-Mangalajodi, Near Mukteswar Station, Po-Mangalajodi, Ps-Tangi, Dist-Khordha, Odisha declare by this affidavit No.1156,dated-01/07/2024, that now onwards I shall be known as **BULARAM SAHU** for all future purposes.

**AFFIDAVIT**

I, SANTOSHINI BAG , D/o-Pravakara Bag resident of At/ Po : Titlagarh, Bhatipada, Ps-Titlagarh, Dist- Balangir, Odisha declare before the Notary Titlagarh that SANTOSHINI BAG and SASMITA BAG which is separately mention in my HSC Certificate and Addhar card respectively is same person for all future purposes.

**AFFIDAVIT**

I, Naushed Sekh, S/o- Sk. Abdul Hakim Resident At-Chhadak Mohalla (Mirzapur), PO/PS- Puruna Bazar, Dist-Bhadrak, PIN-756100, Odisha declare by this Affidavit No-15653 dated 23.07.2024 that now onwards I shall be known as SK. NAWSHAD, for all future purposes.

**ପୂର୍ବ ତଟ ରେଳପଥ**

ଫାଇଲ ସଂ. DRM/Engg/KUR/24-25/ E-Tender/37, ତା.15.07.2024ରିଖ

ଟେଣ୍ଡର ସଂ. eTender-SPLKUR-124-2024, ତା.12.07.2024ରିଖ

ବିବରଣୀ : ଏକ ବର୍ଷ ନିମନ୍ତେ ଡିପୋଜିଟ୍ ସ୍କିମ୍ ଅଧୀନରେ ଖୋର୍ଦ୍ଧା ରୋଡ଼ ମଣ୍ଡଳର ସିନିୟର ସେକ୍ସନ ଇଞ୍ଜିନିୟର (P-WAY)/MCL ସାଇଡିଂ, ତାଳଚେର ର ପ୍ରଭାରୀଙ୍କ ନିର୍ଦ୍ଦେଶ ଅନୁସାରେ ଦୈନିକ ଟ୍ରାକ୍ ରକ୍ଷଣାବେକ୍ଷଣ ସମ୍ବନ୍ଧୀୟ କାର୍ଯ୍ୟ ସମ୍ପାଦନ।

କାର୍ଯ୍ୟର ଆନୁମାନିକ ମୂଲ୍ୟ : ₹ 433.03 ଲକ୍ଷ, EMD : ₹ 3,66,500/-, ଶେଷ ହେବା ଅବଧି : 12 (ବାର) ମାସ।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.02.08.2024 ରିଖ 1500 ଘଟିକାରେ।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟରଙ୍କ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏହିକ୍ଷେତ୍ରିକ ଫାର୍ମ (Firm)ର କେବଳ ହେତୁରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ଦସ୍ତାବେଜ ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଛେ।
ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 10 (ଦଶ) ଦିନ ପୂର୍ବରୁ ୱେବ୍‌ସାଇଟ୍‌କୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଛି। ଟେଣ୍ଡରଦାତା ବିଡ଼ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ। କେବଳ ପଞ୍ଜୀକୃତ ଟେଣ୍ଡରଦାତା। ବିଡ଼ରମାନେ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିପାରିବେ।

ମଣ୍ଡଳ ରେଳ ପ୍ରବନ୍ଧକ (ଇଂଜିନିୟରିଂ), ଖୋର୍ଦ୍ଧା ରୋଡ଼
PR-336/P/24-25

**TPWODL**
**TP WESTERN ODISHA DISTRIBUTION LIMITED**
(A Joint Venture of Tata Power and Government of Odisha)
Corporate Office : Burla, Dist.-Sambalpur (Odisha)-768017

**Corrigendum to Notice Inviting Tender (NIT)**

**T No. TPWODL/MK/O/SER/ 014 Date: 26.07.2024**

**PO for on-field Meter Testing Jobs in TPWODL Area.**

The time period is hereby extended for Submission of Tender Participation Fee and Authorization Letter through e-mail till **30th July 2024, 15:00 Hrs,** after which link from e-Tender system shall be shared. A Corrigendum to the said notice has been uploaded in our website **www.tpwesternodisha.com.** Prospective bidders are requested to visit the website for detailed amendment and updated tender document.

**Sd /- Chief-Contracts and Stores**

**OFFICE OF THE DIVISIONAL FOREST OFFICER: KEONJHAR DIVISION**

Ph. 06766-254315, e-mail- dfo.keonjhar@odisha.gov. in
Notice No. 5819 / Dt. 23.07.2024

MM-101

**CORRIGENDUM NOTICE**

In pursuance to Letter No: 5493/IF (Acct.) Dt. 14.07.2024 for "Tender Call Notice for Hiring Vehicle", it is to inform to all concerned that the submission of tender paper relating to the said tender call for hiring vehicle is extended to **31.07.2024 till 2.00PM** and tender shall be opened at **4.30 PM on the same date .**

Divisional Forest Officer
Keonjhar Division

OIPR-08042/11/0006/2425

**OFFICE OF THE PRINCIPAL**
**PANCHAYAT COLLEGE, KANTAMAL**
**DIST-BOUDH**
**Notice No. 544/PCK, Date- 24.07.2024**

**NOTICE**

It is for information of all concerned that the Walk-in-Interview scheduled to be held on **dt.25.07.2024 at 11.AM** for the post of **Sweeper** of Panchayat College, Kantamal is hereby postponed as desired by President Governing Body Panchayat College, Kantamal until further Order.

Sd/- PRINCIPAL
Panchayat College, Kantamal
Dist.- Boudh

**GURUKUL NAVAPRABHAT VEDIC VIDYAPEETH**

(AFFILIATED TO CENTRAL SANSKRIT UNIVERSITY, NEW DELHI)
**Contact no.-9777072828,9556433621**
**Email id- navaprabhatvedicvidyapeeth@gmail.com**

| SL.NO. | POST | NO. OF POST | QUALIFICATION | SUBJECT |
|---|---|---|---|---|
| 1 | LECTURER (SHASTRI) | 2 | M.A. PHD / M.A. NET | SANSKRIT |
| 2 | LECTURER (PRAK SHASTRI) | 1 | M.A. B.ED. | HINDI |
| 3 | LECTURER (PRAK SHASTRI) | 1 | M.A. B.ED. | ENGLISH |

Eligible candidates may apply for the above mentioned post. The interested candidates are requested to submit their application along with biodata / resume with photocopy of necessary documents to above mentioned address through registered post or speed post on or before 10/08/2024. Preference will be given to Candidates with PHD degree.

Sd/- PRINCIPAL



## ଓଷ୍ଟା ପକ୍ଷରୁ ନୂତନ ଥାନାଧିକାରୀଙ୍କୁ ସ୍ୱାଗତ



**ଯାଜପୁର, ୨୪।୭(ସମିସ):** ଯାଜପୁର ଜିଲ୍ଲା ଓ ବ୍ଲକ ଓଷ୍ଟା ସଂଘ ପକ୍ଷରୁ ଯାଜପୁର ଟାଉନ ଥାନାର ନୂତନ ଅଧିକାରୀ ଭାବେ ଯୋଗଦେଇଥିବା ଶରତ ଚନ୍ଦ୍ର ପାତ୍ରଙ୍କୁ ସ୍ୱାଗତ କରାଯାଇଛି। ସଂଘ ପକ୍ଷରୁ ଶ୍ରୀ ପାତ୍ରଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ପ୍ରଦାନ କରି ସ୍ୱାଗତ କରାଯାଇଥିଲା। ସଂଘ ପକ୍ଷରୁ ରମଣୀ ରଞ୍ଜନ ତ୍ରିପାଠୀ, ପ୍ରଭାତ ରଞ୍ଜନ ନନ୍ଦ, ଉପେନ୍ଦ୍ର ବେହେରା, ପଞ୍ଚାନନ ପଣ୍ଡା, ବ୍ରହ୍ମାନନ୍ଦ ପହୀ ପ୍ରମୁଖ ଯୋଗଦେଇ ଶ୍ରୀ ପାତ୍ରଙ୍କ କାର୍ଯ୍ୟଦକ୍ଷତାକୁ ବେଶ ପ୍ରଶଂସା କରିଥିଲେ।

## ଦେବ ଇଣ୍ଟରନ୍ୟାସ୍‌ନାଲ୍ ସ୍କୁଲରେ ଆନ୍ତଃସ୍କୁଲ ଚେସ୍ ଓ କ୍ୟାରମ୍ ପ୍ରତିଯୋଗିତା




**ଦାନଗଦି, ୨୪।୭ (ସମିସ):** କଳିଙ୍ଗନଗର ଅଞ୍ଚଳର କୁସୁନପୁରସ୍ଥ ଦେବ ଇଣ୍ଟରନ୍ୟାସନାଲ ସ୍କୁଲରେ ଆନ୍ତଃବିଦ୍ୟାଳୟ ଚେସ୍ ଓ କ୍ୟାରମ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଭାରତ ରତ୍ନ ରତନ ଟାଟାଙ୍କ ୧୨୦ତମ ଜନ୍ମବାର୍ଷିକୀ ଅବସରରେ ଟାଟା ଷ୍ଟିଲ କଳିଙ୍ଗନଗର ପକ୍ଷରୁ ଆନ୍ତଃସ୍କୁଲ ଚେସ ଓ କ୍ୟାରମ ଟୁର୍ଣ୍ଣାମେଣ୍ଟ ବିଦ୍ୟାଳୟ ପରିସରରେ ଆୟୋଜନ କରାଯାଇଥିଲା। ଏହି ପ୍ରତିଯୋଗିତାରେ କୃତି ଛାତ୍ରଛାତ୍ରୀଙ୍କୁ ପଦକ ଓ ସାର୍ଟିଫିକେଟ ପ୍ରଦାନ କରାଯାଇଥିଲା। ମୁଖ୍ୟ ପ୍ରଶାସନିକ ଅଧିକାରୀ ନିର୍ମଳ କୁମାର ରଣାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ପ୍ରତିଯୋଗିତାରେ ଟାଟା ଷ୍ଟିଲର ମୁଖ୍ୟ ପ୍ରଶାସନିକ ଅଧିକାରୀ ଆଶିଷ କୁମାର ଓ ଆସିଷ୍ଟାଣ୍ଟ ମ୍ୟାନେଜର କ୍ଷୀରୋଦ ଚନ୍ଦ୍ର ମହାନ୍ତ ଯୋଗଦେଇ ବିଜେତା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରିଥିଲେ। କାର୍ଯ୍ୟକ୍ରମକୁ ଏକାଡେମିକ କୋର୍ଡିନେଟର ସୋନିଆ ବେଦୀ ଓ ବଲବିର ସିଂ ପରିଚାଳନା କରିଥିଲେ। କ୍ରୀଡ଼ା ଶିକ୍ଷକ ସୁକାନ୍ତ ପାତ୍ର, କ୍ରୀଡ଼ା ଶିକ୍ଷୟିତ୍ରୀ ସୁଚିତ୍ରା ମନ୍ତ୍ରୀ ଓ ଫୁଲ ବିଶ୍ୱାଳ ସହଯୋଗ କରିଥିଲେ। ଅଧ୍ୟକ୍ଷ ବୁଦ୍ଧଦେବ ରାଉତ କୃତି ଛାତ୍ରଛାତ୍ରୀଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ।

### ସିନେମା ଘର ପାଇଁ ବଳି ପଡ଼ିଲା ପାଠାଗାର

# ଛାତ୍ରଛାତ୍ରୀଙ୍କ ପାଇଁ ପଢ଼ିବାକୁ ନାହିଁ ସୁଯୋଗ

**ଯାଜପୁର, ୨୪।୭(ସମିସ)**

ପ୍ରାଚୀନ ଉତ୍କଳର ରାଜଧାନୀ ଥିଲା ଯାଜପୁର ଜିଲ୍ଲା। ଏହାର ସଂସ୍କୃତି ଓ ପରମ୍ପରା ବେଶ୍ ପ୍ରାଚୀନ। ସଂସ୍କୃତିକୁ ବଞ୍ଚାଇବା ଓ ବୁଦ୍ଧଜୀବୀ ସୃଷ୍ଟି କରିବା ପାଇଁ ପାଠାଗାରର ଆବଶ୍ୟକତା ରହିଛି। ଏହି ଲକ୍ଷ୍ୟରେ ପ୍ରତ୍ୟେକ ଜିଲ୍ଲା ସ୍ତରରେ ଗୋଟିଏ ଗୋଟିଏ ପାଠାଗାର ରହିଛି। ରାଜ୍ୟ ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଏହାର ପରିଚାଳନା କରାଯାଇଥାଏ। ତେବେ ଗୌତମ

**ମିଶନ ଶକ୍ତି ଭବନରେ ନାମକୁମାତ୍ର ଚାଲିଛି**

**ବୁଦ୍ଧିଜୀବୀ ମହଲରେ ଅସନ୍ତୋଷ**

**ସ୍ଥାୟୀ ବ୍ୟବସ୍ଥା କରାଯିବାକୁ ଦାବି**

ବୁଦ୍ଧ ସଂସ୍କୃତି ଭବନରେ ଚାଲିଥିବା ଜିଲ୍ଲା ପାଠାଗାର ସ୍ଥାନରେ ଜିଲ୍ଲା ପ୍ରଶାସନ ସିନେମା ହଲ୍ କରିବାରୁ ପାଠାଗାର ବଳି ପଡ଼ିଛି। ଛାତ୍ରଛାତ୍ରୀ ପଢ଼ିବା ସୁଯୋଗରୁ ବଞ୍ଚିତ ହୋଇଛନ୍ତି। ଏହାକୁ ନେଇ ବୁଦ୍ଧିଜୀବୀ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ଏବେ ଜିଲ୍ଲା ପାଠାଗାର ମିଶନ ଶକ୍ତି ଉପର ମହଲରେ ଅସ୍ଥାୟୀ ଭାବେ ଚାଲିଛି। ଏହାର ସ୍ଥାୟୀ ବ୍ୟବସ୍ଥା କରାଯିବାକୁ ଦାବି ହେଉଛି।

ଯାଜପୁର ଜିଲ୍ଲାରେ ଦୀର୍ଘବର୍ଷ ଧରି ଜିଲ୍ଲା ପାଠାଗାର ଚାଲିଆସୁଥିଲା। ପ୍ରଥମେ ବ୍ରିଟିଶ ଅମଳର କୋଠା ବା ପୁରୁଣା ଟାଉନ ହଲ୍ ପରିସରରେ ଏହି ପାଠାଗାର ଚାଲୁଥିଲା। ସେଠାରେ ଜିଲ୍ଲା ଅଦାଲତ ଚାଲିବା ଫଳରେ ସେଠାରୁ ଏହି ପାଠାଗାରକୁ ଜିଲ୍ଲା ସଂସ୍କୃତି ଭବନକୁ ସ୍ଥାନାନ୍ତର କରାଯାଇଥିଲା। ପ୍ରଥମେ ଏହି ପାଠାଗାରରେ ହଜାର ହଜାର ପୁରାତନ ପୁସ୍ତକ, ପାଠ୍ୟପୁସ୍ତକଠାରୁ ଆରମ୍ଭ କରି ଅନେକ ମାଗାଜିନ ଓ ବହୁ ପୁରାତନ ପୋଥି ସଂଗ୍ରହ କରାଯାଇ



ରଖାଯାଇଥିଲା। କିନ୍ତୁ ଏହାକୁ ଗୌତମ ବୁଦ୍ଧ ସଂସ୍କୃତି ଭବନକୁ ସ୍ଥାନାନ୍ତର କରିବାବେଳେ ଅନେକ ପାଠ୍ୟ ପୁସ୍ତକ ହଜିଯାଇଥିବା ଦେଖିବାକୁ ମିଳିଥିଲା। ସଂସ୍କୃତି ଭବନରେ ଚାଲୁଥିବା ପାଠାଗାରରେ ଜିଲ୍ଲାର ବହୁ ଛାତ୍ରଛାତ୍ରୀ ପ୍ରତ୍ୟେକ ଦିନ ପଢ଼ିବା ପାଇଁ ଆସୁଥିଲେ। ବର୍ଷକ ତଳେ ଜିଲ୍ଲା ପ୍ରଶାସନ ସଂସ୍କୃତି ଭବନକୁ ସମ୍ପୂର୍ଣ୍ଣ ଭାବେ ସିନେମା ହଲରେ ପରିଣତ କଲେ। ପାଠାଗାର ସ୍ଥାନରେ କାଫେ ଖୋଲିଲେ। ଫଳରେ ଶତାଧିକ ଛାତ୍ରଛାତ୍ରୀ ପଢ଼ିବାରୁ ବଞ୍ଚିତ ହେଲେ। ଏଥିପାଇଁ ପୂର୍ବ ପ୍ରସ୍ତୁତି ନ କରି ଜିଲ୍ଲା ପ୍ରଶାସନ ଏଭଳି ତରବରିଆ ନିଷ୍ପତ୍ତି ନେବା ଫଳରେ ଛାତ୍ରଛାତ୍ରୀ ଓ ବୁଦ୍ଧିଜୀବୀ ନାହିଁ ନ ଥିବା ଅସୁବିଧା ଭୋଗ କରିଥିଲେ। ଏବେ ତାହାକୁ ମିଶନ ଶକ୍ତି ଭବନର ଉପର ମହଲାରେ ଅସ୍ଥାୟୀ ଭାବେ ଚାଲୁ କରାଯାଇଛି। କିନ୍ତୁ ଏଠାରେ ଆ।ବଶ୍ୟକ ଭିତ୍ତିଭୂମି ନାହିଁ। କେବଳ ନାଁକୁ ମାତ୍ର ପାଠାଗାର ଖୋଲାଯାଉଛି। ପୂର୍ବରୁ ରହିଥିବା ବହି କିମ୍ବା ମାଗାଜିନ ରଖିବା ପାଇଁ ବ୍ୟବସ୍ଥା ନାହିଁ। ଜିଲ୍ଲା ପ୍ରଶାସନ ପକ୍ଷରୁ ଏହାର ଏକ ସ୍ଥାୟୀ ବ୍ୟବସ୍ଥା କରାଯିବା ନେଇ ଘର ଖୋଜା ଚାଲିଥିବା କୁହାଯାଉଛି। କେତେବେଳେ ଏହା ବରାହନାଥ ନିକଟସ୍ଥ ମ୍ୟୁଜିୟମକୁ ଉଠିଯିବ ବୋଲି ଶୁଣାଯାଉଥିବାବେଳେ ଅନ୍ୟ କେତେବେଳେ କୌଣସି ସରକାରୀ କୋଠାକୁ ଉଠିଯିବ ବୋଲି କୁହାଯାଉଛି।

ପାଠାଗାର ଏବେ ସକାଳ ୮ରୁ ୧୧ଟା ଓ ଅପରାହ୍ଣ ୫ରୁ ୮ଟା ପର୍ଯ୍ୟନ୍ତ ଖୋଲାଯାଉଥିବାବେଳେ ଏହାକୁ ସକାଳ ୧୦ଟାରୁ ସନ୍ଧ୍ୟା ୮ଟା ପର୍ଯ୍ୟନ୍ତ ଖୋଲିବା ପାଇଁ ଦାବି କରାଯାଇଛି। ଆଜି ଏ ସଂକ୍ରାନ୍ତରେ ଛାତ୍ରଛାତ୍ରୀଙ୍କ ପକ୍ଷରୁ ଏକ ଦାବିପତ୍ର ଜିଲ୍ଲା ପ୍ରଶାସନକୁ ପ୍ରଦାନ କରାଯାଇଛି। ଅନ୍ୟପକ୍ଷରେ ବ୍ୟାସନଗରରେ ଥିବା ଅନ୍ୟଏକ ପାଠାଗାର ଏକପ୍ରକାର ବନ୍ଦ ହୋଇଯାଇଛି। ବ୍ୟାସନଗର ପୌରପାଳିକା ଅଫିସ ସମ୍ମୁଖରେ ଥିବା ଏହି ପାଠାଗାରଟି ବିପଦସଙ୍କୁଳ ଅବସ୍ଥାରେ ରହିଛି। କିନ୍ତୁ ଏ ପର୍ଯ୍ୟନ୍ତ କୌଣସି ନୂତନ ଗୃହ ଯୋଗାଇ ଦିଆଯାଇ ନ ଥିବାରୁ ପାଠାଗାରକୁ କେହି ପାଠକ ଯାଉନାହାନ୍ତି। କେବଳ ପାଠକ ପାଠାଗାର ବାହାରେ ରହି ପଢ଼ାପଢ଼ି କରୁଛନ୍ତି। ଜିଲ୍ଲାରେ ପାଠାଗାର ଅବ୍ୟବସ୍ଥାକୁ ନେଇ ବୁଦ୍ଧିଜୀବୀ ମହଲରେ ଅସନ୍ତୋଷ ଦେଖାଦେଇଛି। ଏ ସମ୍ପର୍କରେ ଆମେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଲକ୍ଷ୍ମଣ ବେହେରାଙ୍କୁ ପଚାରିବାରୁ ଜିଲ୍ଲା ସଦର ମହକୁମାରେ ପାଠାଗାର ପାଇଁ ସ୍ୱତନ୍ତ୍ର ଅର୍ଥ ଆସିଥିବା ସୂଚନା ରହିଛି। ଜିଲ୍ଲାପାଳ ନୂତନ ପାଠାଗାର ଖୋଲିବା ପାଇଁ ଏକ କମିଟି ଗଠନ କରିଛନ୍ତି। ଘର ଚୂଡ଼ାନ୍ତ ହେବା ପରେ ନୂତନ ପାଠାଗାର କରାଯିବ ବୋଲି କହିଥିଲେ। ସେହିପରି ଏବେ ଚାଲୁଥିବା ପାଠାଗାର ଖୋଲିବା ସମୟ ପୂର୍ବାହ୍ଣ ୧୦ ଘଟିକାରୁ ଅପରାହ୍ଣ ୫.୩୦ ପର୍ଯ୍ୟନ୍ତ କରାଯାଇଛି। ଏଥିସହିତ ବ୍ୟାସନଗରରେ ଥିବା ପାଠାଗାର ପାଇଁ ୫ ଲକ୍ଷ ଟଙ୍କା ଆସିଥିବା କହିଥିଲେ। ଜାଗା ଚୂଡ଼ାନ୍ତ ହେବା ପରେ ସବୁ ସମସ୍ୟା ଦୂର ହେବ ବୋଲି ଶ୍ରୀ ବେହେରା କହିଥିଲେ।

### ● ଜିଲ୍ଲା ମେଡିକାଲ ଠିକା କମ୍ପାନୀ ବିରୋଧରେ ଅଭିଯୋଗ

## ଜିଲ୍ଲାପାଳଙ୍କ ନିକଟରେ ଫେରାଦ ହେଲେ ଠିକା କର୍ମଚାରୀ



**ଯାଜପୁର, ୨୪।୭(ସମିସ):** ଯାଜପୁର ଜିଲ୍ଲା ମୁଖ୍ୟ ଡାକ୍ତରଖାନାରେ କାର୍ଯ୍ୟ କରୁଥିବା ଠିକା ସଂସ୍ଥା ବିରୋଧରେ ଆସିଛି ଠକାମୀ ଅଭିଯୋଗ। ଏଭଳି ଅଭିଯୋଗ ବାରମ୍ବାର ଆସୁଥିଲେ ମଧ ଜିଲ୍ଲା ପ୍ରଶାସନ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନ ଥିବା ଅଭିଯୋଗ ହୋଇଛି। ଏହାର ପ୍ରତିବାଦରେ ୫୦ରୁ ଅଧିକ ଠିକା କର୍ମଚାରୀ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇ ନ୍ୟାୟ ଭିକ୍ଷା କରିଛନ୍ତି। ଏହି କର୍ମଚାରୀଙ୍କୁ ଠିକ୍ ସମୟରେ ଦରମା ପ୍ରଦାନ କରାଯାଉନାହିଁ। ଏପରିକି କର୍ମଚାରୀଙ୍କୁ ଛୁଟି ନ ଦେଇ ଶ୍ରମ ଆଇନର ଖୋଲା ଉଲ୍ଲଂଘନ କରାଯାଉଥିବା ଅଭିଯୋଗ ହୋଇଛି। ପୂର୍ବରୁ ଏଭଳି ଅଭିଯୋଗ ବାରମ୍ବାର ଆସୁଥିଲେ ହେଁ କୌଣସି ସମାଧାନ ନ ହେବାରୁ ତୃତୀୟ ଥର ପାଇଁ ଧାରଣା ଦେଇଛନ୍ତି ସଫେଇ କର୍ମଚାରୀ। ପୂର୍ବରୁ ଠିକା ସଂସ୍ଥା ପକ୍ଷରୁ ଦିଆଯାଇଥିବା ପ୍ରତିଶ୍ରୁତି ପାଳନ ନ ହେବାର ଏକମାସ ପରେ ପୁଣି ୫୦ରୁ ଊର୍ଦ୍ଧ୍ୱ ସଫେଇ କର୍ମଚାରୀ ଜିଲ୍ଲା ପ୍ରଶାସନର ଦ୍ୱାରସ୍ଥ ହୋଇ ଜିଲ୍ଲାପାଳ ନିଖିଳ ପବନ କଲ୍ୟାଣଙ୍କୁ ସମସ୍ୟା ସମ୍ପର୍କରେ ଅବଗତ କରିଛନ୍ତି। ଜିଲ୍ଲାପାଳ ସମ୍ପୃକ୍ତ ଠିକା ସଂସ୍ଥାକୁ ଏହି ସମସ୍ୟାର ସମାଧାନ ପାଇଁ ନିର୍ଦ୍ଦେଶ ଦେବା ପରେ ଏହି ଧାରଣା ପ୍ରତ୍ୟାହୃତ ହୋଇଥିଲା।

## ସାପ କାମୁଡ଼ାରେ ବୃଦ୍ଧ ମୃତ

**ବ୍ୟାସନଗର, ଶଙ୍ଖଚିଲା, ୨୪।୭(ସମିସ):** ଯାଜପୁରରୋଡ୍ ଆଦର୍ଶ ଥାନା ଅର୍ନ୍ତଗତ ପହଙ୍ଗା ପଞ୍ଚାୟତ ରାଉତରାପୁର ଗ୍ରାମର ଜଣେ ବୃଦ୍ଧ ବ୍ୟକ୍ତିଙ୍କ ସାପ କାମୁଡ଼ାରେ ମୃତ୍ୟୁ ହୋଇଛି। ରାଉତରାପୁର ଗ୍ରାମର ଦୁର୍ଯ୍ୟୋଧନ ସାମଲ(୬୪) ପ୍ରତିଦିନ ଭଳି ବୁଧବାର ଛେଳି ଚରାଇବାକୁ ନିକଟସ୍ଥ ବିଲକୁ ଯାଇଥିଲେ। ଛେଳି ଚରାଉଥିବାବେଳେ ତାଙ୍କୁ ବିଷଧର ସାପ କାମୁଡ଼ି ଦେଇଥିଲା। ସେ ବିଲରେ ପଡ଼ିଯାଇଥିଲେ। ସେ ପଡ଼ିଯିବା ଦେଖି ନିକଟସ୍ଥ ବିଲରେ ପରିବା ଚାଷ କରିଥିବା ସ୍ଥାନୀୟ ଗ୍ରାମର କେତେକ ଲୋକ ଫୋନ ଯୋଗେ ଗ୍ରାମବାସୀଙ୍କୁ ଡାକି ଦୁର୍ଯ୍ୟୋଧନଙ୍କୁ ଯାଜପୁରରୋଡ୍ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ ଯାଜପୁରରୋଡ୍ ପୁଲିସ ପହଞ୍ଚି ଶବକୁ ଜବତ କରିବା ସହିତ ବ୍ୟବଚ୍ଛେଦ ନିମନ୍ତେ ଦାନଗଦି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଯାଇଥିବା ଜଣାପଡ଼ିଛି। ଦୁର୍ଯ୍ୟୋଧନଙ୍କ ପରିବାର ଗରିବ ଶ୍ରେଣୀର ହୋଇଥିବାରୁ ତାଙ୍କୁ ଜିଲ୍ଲା ରେଡକ୍ରସ ସମେତ ଅନ୍ୟାନ୍ୟ ସରକାରୀ ଓ ବେସରକାରୀ କ୍ଷେତ୍ରରୁ ସହାୟତା ଦିଆଯିବାକୁ ସାଧାରଣରେ ଦାବି ହେଉଛି।

## ସିମିଳିଆ ପଞ୍ଚାୟତରେ ସରକାରୀ ଅନୁଦାନରେ ଅନିୟମିତତା ଅଭିଯୋଗ



**ଯାଜପୁର, ୨୪।୭(ସମିସ):** ଯାଜପୁର ବ୍ଲକ ସିମିଳିଆ ପଞ୍ଚାୟତରେ ସରକାରୀ ଯୋଜନାକୁ କାର୍ଯ୍ୟକାରୀ କରିବା କ୍ଷେତ୍ରରେ ନାନା ଅନିୟମିତତା ହୋଇଥିବା ଅଭିଯୋଗ ହୋଇଛି। ଏହାର ବିଧିବଦ୍ଧ ତଦନ୍ତ ଦାବି କରି ପ୍ରଶାସନର ଦ୍ୱାରସ୍ଥ ହୋଇଛନ୍ତି ଗ୍ରାମବାସୀ। ତୁରନ୍ତ ଏହାର ତଦନ୍ତ ନ ହେଲେ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦିଆଯାଇଛି।

**ତଦନ୍ତ ଦାବି କଲେ ଗ୍ରାମବାସୀ**

ସୂଚନା ମୁତାବକ, ମଇଦପୁରସ୍ଥ ଜଗନ୍ନାଥ ସିସି ପାଇଁ ଚାରିଥର ବ୍ଲକ ପ୍ରଶାସନ ପକ୍ଷରୁ ଅର୍ଥ ମଞ୍ଜୁର ହୋଇଛି। ମଇଦପୁର ବିଶ୍ୱାଳ ସାହିରେ ସ୍ୱପ୍ନେଶ୍ୱର ବିଶ୍ୱାଳ ସାହି ସିସି ପାଇଁ ସରକାରୀ ଅନୁଦାନ ଦିଆଯାଇଛି। ସେହିପରି ପେଟପାରିରେ ନିର୍ମାଣ ହୋଇଥିବା ରାସ୍ତା ପାଇଁ ୭ ଲକ୍ଷ ଟଙ୍କା ବ୍ୟୟବରାଦ ହୋଇଛି। କିନ୍ତୁ ଉପରୋକ୍ତ ପ୍ରକଳ୍ପରେ ଅନିୟମିତା ହୋଇଥିବା ଅଭିଯୋଗ କରି ଏହାର ତଦନ୍ତ କରି ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହୋଇଛି। ଏଥିସହିତ ପଞ୍ଚାୟତ କାର୍ଯ୍ୟାଳୟଠାରୁ ବୁଢ଼ାଘାଟ ପର୍ଯ୍ୟନ୍ତ ରାସ୍ତାକୁ ପକ୍କା କରିବା ପାଇଁ ଦାବି ହୋଇଛି।

ଏହି ରାସ୍ତା ଉପରେ ଓଲାଇପଡ଼ା, ଗୋଠପୁର, ନଖେଇ, ମଇଦପୁର, ତାଳପୁର, ସଠିଆଟିକିରି ଓ ସିମିଳିଆ ଗ୍ରାମବାସୀ ନିର୍ଭର କରାନ୍ତି। ଏହି ରାସ୍ତା ପଞ୍ଚାୟତର ଲାଇଫ୍‌ଲାଇନ୍ କୁହାଯାଉଥିବାବେଳେ ଏହାକୁ ଯେଉଁଭଳି ତ୍ରୁଟିପୂର୍ଣ୍ଣ ନିର୍ମାଣ କରାଯାଇଥିଲା ଫଳସ୍ୱରୁପ ବନ୍ୟାରେ ନଷ୍ଟ ହୋଇଯାଇଥିବା ଅଭିଯୋଗ ହୋଇଛି। ଗତବର୍ଷ ଏହି ରାସ୍ତାରେ ବନ୍ୟା ସମୟରେ ଯାଉଥିବା ସମୟରେ ଭାସିଯାଇ ଜଣଙ୍କର ମୃତ୍ୟୁ ଘଟିଥିଲା। ତେଣୁ ଏସବୁ ସମସ୍ୟାର ସ୍ଥାୟୀ ପ୍ରତିକାର କରିବା ସହିତ ଅନିୟମିତତା ଘଟଣାର ତଦନ୍ତ କରି ଦୋଷୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି। ଆଜି ଏ ନେଇ ଦାବିପତ୍ର ଯାଜପୁର ବିଡିଓ ଓ ଜିଲ୍ଲା ପ୍ରଶାସନକୁ ପ୍ରଦାନ କରାଯାଇଛି।

ଗ୍ରାମବାସୀଙ୍କ ପକ୍ଷରୁ ହୃଷିକେଶ ମେକାପଙ୍କ ନେତୃତ୍ୱରେ ପ୍ରବୀର ଧଳ, ଶରତ ରାଉତ, ଶଙ୍କର୍ଷଣ ରାଉତରାୟ, ନରେନ୍ଦ୍ର ରାଉତ, କାଶୀନାଥ ସୁନ୍ଦରାୟ, କଲ୍ୟାଣ ରାୟ, ଭୀମସେନ ରାଉତ, ଅକ୍ଷୟ ଜେନା, ପ୍ରମୋଦ ନାୟକ, ରମେଶ ଚନ୍ଦ୍ର ଦାସ, ସୁଶାନ୍ତ ମହାଳିକ, ଦଶରଥ ଧଳ ପ୍ରମୁଖ ଦାବିପତ୍ର ପ୍ରଦାନ ସମୟରେ ଉପସ୍ଥିତ ଥିଲେ।

### ଯାଜପୁରରୋଡ୍ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ବିବାଦ

# ଶେଷରେ କାର୍ଯ୍ୟରେ ଯୋଗଦେଲେ ନୂତନ ଫାର୍ମାସିଷ୍ଟ




**ବ୍ୟାସନଗର, ୨୪।୭(ସମିସ)**

ଦୀର୍ଘଦିନ ଧରି ଯାଜପୁରରୋଡ୍ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚାଲିଥିବା ଫାର୍ମାସିଷ୍ଟଙ୍କ ବଦଳି ଓ ହାଇକୋର୍ଟଙ୍କ ଆଦେଶ ବଳରେ କାର୍ଯ୍ୟରେ ଯୋଗଦାନ ବିବାଦର ଏକପ୍ରକାର ଅନ୍ତ ଘଟିଛି। ଯାଜପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ଅଫିସ ଚିଠି ସଂଖ୍ୟା ୪୧୫୩/୨୧-୦୬-୨୦୨୪ ଆଧାରରେ ଯାଜପୁରରୋଡ୍ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ(ଭାରପ୍ରାପ୍ତ)ଙ୍କ ଅଫିସ ଚିଠି ସଂଖ୍ୟା ୨୮୦/୨୧-୦୬-୨୦୨୪ରେ ଯାଜପୁରରୋଡ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ କାର୍ଯ୍ୟରତ ଫାର୍ମାସିଷ୍ଟ ପ୍ରଜ୍ଞା ପରମିତା ସାହୁଙ୍କୁ ଦାନଗଦି ବ୍ଲକ ବାରାଖାଇ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର (ନୂତନ)କୁ ବଦଳି ଆଦେଶ ଦିଆଯିବା ସହିତ ଜୁନ୍ ୨୧ ତାରିଖ ଅପରାହ୍ଣଠାରୁ ଏଠାରୁ ସମସ୍ତ ଦାୟିତ୍ୱ ହସ୍ତାନ୍ତର କରି ବାରାଖାଇ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର (ନୂତନ) ମେଡିକାଲ ଅଧିକାରୀଙ୍କ ନିକଟରେ କାର୍ଯ୍ୟରେ ଯୋଗ ଦେବାକୁ ନିର୍ଦ୍ଦେଶ ରହିଥିଲା। ଏଥିସହିତ ଯାଜପୁରରୋଡ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ କାର୍ଯ୍ୟରତ ଫାର୍ମାସିଷ୍ଟ ନବଜ୍ୟୋତି ବାରିକଙ୍କ ହେପାଜତରେ ଷ୍ଟୋର ଓ ଡିଡିସର ସମସ୍ତ ଦାୟିତ୍ୱ ହସ୍ତାନ୍ତର କରିବାକୁ ମଧ ନିର୍ଦ୍ଦେଶ ଦିଆଯାଇଥିଲା। ବାରାଖାଇ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର (ନୂତନ)ରେ ଫାର୍ମାସିଷ୍ଟ ଭାବେ କାର୍ଯ୍ୟରତ ଜଗଦୀଶ ମହାରଣାଙ୍କୁ ସମାନ ନ୍ୟାୟରେ ଯାଜପୁରରୋଡ୍ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଯୋଗ ଦେବାକୁ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଚିଠି ମାଧ୍ୟମରେ ଅବଗତ କରାଇଥିଲେ।

ତେବେ ବଦଳି ଆଦେଶ ଆସିବା ପୂର୍ବରୁ କୌଣସି ସୂତ୍ରରୁ ଖବର ପାଇ ଯାଜପୁରରୋଡ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ କାର୍ଯ୍ୟ କରୁଥିବା ସମ୍ପୃକ୍ତ ମହିଳା ଫାର୍ମାସିଷ୍ଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରୁ ରିଲିଭ ଅର୍ଡର ବାହାରିବା ପୂର୍ବରୁ ଛୁଟିରେ ଚାଲିଯାଇଥିଲେ। ଏହାକୁ ନେଇ ଇତିମଧ୍ୟରେ ଏକ ମାସରୁ ଊର୍ଦ୍ଧ୍ୱ ଦିନ ବିତିଯାଇଥିଲେ ମଧ ସମ୍ପୃକ୍ତ ମହିଳା ଫାର୍ମାସିଷ୍ଟ ବାରାଖାଇରେ ଯୋଗ ଦେଇ ନ ଥିଲେ କି ବାରାଖାଇର ଫାର୍ମାସିଷ୍ଟ ଯାଜପୁରରୋଡ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଯୋଗଦାନ କରି ନ ଥିଲେ। ଏ ନେଇ ବାରାଖାଇ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ମେଡିକାଲ ଅଧିକାରୀ ଡା. ନିହାର ରଞ୍ଜନ ମହାପାତ୍ରଙ୍କୁ ପଚାରିବାରୁ ସେ ଦାନଗଦିରେ ଥିବା ମେଡିକାଲ ସୁପରିଟେଣ୍ଡେଣ୍ଟ ଜ୍ୟୋତିରଞ୍ଜନ ମହାପାତ୍ରଙ୍କୁ ପଚାରିବାକୁ କହିଥିଲେ। ଡା. ଜ୍ୟୋତିରଞ୍ଜନ ମହାପାତ୍ରଙ୍କ ପ୍ରତିକ୍ରିୟା ନେବାରୁ ସେ ଏଠାରେ ସମ୍ପୃକ୍ତ ଫାର୍ମାସିଷ୍ଟ ଜଏନ କଲେ ବାରାଖାଇ ଫାର୍ମାସିଷ୍ଟଙ୍କୁ ଆମେ ଛାଡିପାରିବୁ ବୋଲି କହିଥିଲେ। ତେବେ ଦୀର୍ଘ ଏକ ମାସ ହେବ ବିନା ଫାର୍ମାସିଷ୍ଟରେ ଚାଲୁଥିବା ଯାଜପୁରରୋଡ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଭଳି ଏକ ସମ୍ବେଦନଶୀଳ ମେଡିକାଲରେ ରୋଗୀ ସେବା ବ୍ୟାହତ ହେଉଥିଲା। ଏପରିକି ଏଠାରୁ ବଦଳି ହୋଇଥିବା ମହିଳା ଫାର୍ମାସିଷ୍ଟ ଅନେକ ଗୁରୁତ୍ୱପୂର୍ଣ୍ଣ ଫାଇଲ ଓ ଚାବି ମେଡିକାଲ ଅଧିକାରୀଙ୍କୁ ହସ୍ତାନ୍ତର କରି ନ ଥିଲେ।

ଏ ନେଇ ରୋଗୀ ସେବାରେ ବ୍ୟାଘାତ ହେବାରୁ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଶିବାଶିଷ ମହାରଣାଙ୍କ ଦୃଷ୍ଟିକୁ ଅଣାଯିବା ପରେ ସେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଡା. ମହାରଣା ନିଜ ପ୍ରତିଶ୍ରୁତି ରକ୍ଷା କରିବା ସହିତ ତାଙ୍କ ନିର୍ଦ୍ଦେଶ ଆଧାରରେ ଦୀର୍ଘ ଦିନ ହେବ ବଦଳି ସ୍ଥାନରେ ଯୋଗ ଦେଇ ନ ଥିବା ବାରାଖାଇ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର (ନୂତନ)ର ଫାର୍ମାସିଷ୍ଟ ଜଗଦୀଶ ମହାରଣା ମଙ୍ଗଳବାର ଯାଜପୁରରୋଡ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି କାର୍ଯ୍ୟଭାର ଗ୍ରହଣ କରିଥିବା ଯାଜପୁରରୋଡ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା. ଦେବାଶିଷ ସାହୁ ସୂଚନା ଦେଇଛନ୍ତି। ଦୀର୍ଘ ଏକ ମାସ ପରେ ଯାଜପୁରରୋଡ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ନୂତନ ଫାର୍ମାସିଷ୍ଟ ଯୋଗ ଦେଇଥିବାରୁ ବିଭିନ୍ନ ମହଲରେ ଖୁସି ଦେଖିବାକୁ ମିଳିଥିବାବେଳେ ଏ ନେଇ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଶିବାଶିଷ ମହାରଣା ଓ ଡା. ଦେବାଶିଷ ସାହୁଙ୍କୁ ସହରବାସୀ କୃତଜ୍ଞତା ଜଣାଇଛନ୍ତି।

### ମରଣଯନ୍ତା ପାଲଟିଛି ବାଲିଚନ୍ଦ୍ରପୁର ବାଇପାସ ରାସ୍ତା

# ଏକାଧିକ ଖାଲ ଯୋଗୁଁ ବଢ଼ୁଛି ଦୁର୍ଘଟଣା

**ବାଲିଚନ୍ଦ୍ରପୁର, ୨୪।୭(ସମିସ)**

ଜାତୀୟ ରାଜପଥ କର୍ତ୍ତୃପକ୍ଷ ଅଧୀନରେ ରହିଥିବା ବାଲିଚନ୍ଦ୍ରପୁର ବାଇପାସ ରାସ୍ତା ଏବେ ମରଣଯନ୍ତା ପାଲଟିଛି। ରାସ୍ତାର ଗୋଟିଏ ସ୍ଥାନରେ ୨୦ରୁ ଅଧିକ ଛୋଟ ବଡ଼ ଖାଲ ସୃଷ୍ଟି ହୋଇଛି। ଫଳରେ ଏହି ରାସ୍ତା ଦେଇ ଯାତାୟାତ କରୁଥିବା ଲୋକେ ନାହିଁ ନ ଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏପରିକି ଅନେକ ସମୟରେ ଏହି ଖାଲରେ ପଡ଼ି ବହୁ ଲୋକେ ଆହତ ହେଉଛନ୍ତି। ଏଥିପ୍ରତି ଜାତୀୟ ରାଜପଥ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଦାବି ହେଉଛି।



ସୂଚନା ମୁତାବକ, ୫୩ ନମ୍ବର ଜାତୀୟ ରାଜପଥର ବାଲିଚନ୍ଦ୍ରପୁର ତାରିଣୀ ଛକଠାରୁ ପଟ୍ଟାମୁଣ୍ଡାଇ କେନାଲ ବନ୍ଧ ରାସ୍ତାକୁ ଏକ ବାଇପାସ ରାସ୍ତା ସଂଯୋଗ କରିଛି। ଚଳଚଞ୍ଚଳ ଏହି ବାଇପାସ ରାସ୍ତା ଦେଇ ଦୈନିକ ଶହ ଶହ ଲୋକେ ବିଭିନ୍ନ ଗାଡ଼ି ଯୋଗେ ଯାତାୟାତ କରନ୍ତି। ହେଲେ ଏହି ବାଇପାସ ରାସ୍ତାର ବିଭିନ୍ନ ସ୍ଥାନରେ ବହୁ ଖାଲ ସୃଷ୍ଟି ହୋଇଥିବାବେଳେ ରାସ୍ତାର ମଧ୍ୟଭାଗର ଗୋଟିଏ ସ୍ଥାନରେ ୨୦ରୁ ଅଧିକ ଛୋଟବଡ଼ ଖାଲ ହୋଇଥିବା ଦେଖିବାକୁ ମିଳୁଛି। ଏଥିପ୍ରତି ଜାତୀୟ ରାଜପଥ କର୍ତ୍ତୃପକ୍ଷ ଆଦୌ ଦୃଷ୍ଟି ଦେଉ ନ ଥିବା ସାଧାରଣରେ ଅଭିଯୋଗ ହେଉଛି। ବର୍ତ୍ତମାନ ବର୍ଷାଋତୁ। ଏହି ଖାଲରେ ବର୍ଷା ପାଣି ଜମି ରହି ସମସ୍ୟାକୁ ଦ୍ୱିଗୁଣିତ କରୁଛି। ଅପରପକ୍ଷରେ ବାଲିଚନ୍ଦ୍ରପୁର ବଜାରରେ ପ୍ରତିଦିନ ଅଧିକ ଗହଳି ଲାଗି ରହୁଥିବାରୁ ବଜାର ଭିତରକୁ କୌଣସି ଚାରିଚକିଆ ଯାନକୁ ଛଡ଼ା ନ ଯାଇ ସେସବୁ ଗାଡିକୁ ଏହି ବାଇପାସ ରାସ୍ତା ଦେଇ ଛଡ଼ାଯାଉଛି। ବିଭିନ୍ନ ଅଞ୍ଚଳର ଜନସାଧାରଣ ଏହି ରାସ୍ତା ଉପରେ ନିର୍ଭର କରୁଥିବାରୁ ବାଇପାସ ରାସ୍ତାଟି ସବୁବେଳେ ଚଳଚଞ୍ଚଳ ରହୁଛି। କିନ୍ତୁ ବଡ଼ ବଡ଼ ଖାଲ ହେତୁ ସମସ୍ତଙ୍କୁ ଏହି ରାସ୍ତା ଅସୁବିଧାରେ ପକାଉଛି। ତୁରନ୍ତ ଏଥିପ୍ରତି ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବା ସହିତ ଯୁଦ୍ଧକାଳୀନ ଭିତ୍ତିରେ ରାସ୍ତା ମରାମତି କରି ଜନସାଧାରଣଙ୍କ ଯାତାୟାତରେ ସହଯୋଗ କରିବାକୁ ବିଶ୍ୱପ୍ରକାଶ ସାମଲ, ବିଳାସ ଚନ୍ଦ୍ର ବାରିକ, ସେକ ଅବଦୁଲ ଗନି, ସେକ ରିୟାସତ ଅଲ୍ଲୀ, ଅଶୋକ ରାଉତ, ତପନ ରାଉତରାୟ, ସମ୍ପଦ କୁମାର ଦାସ ଓ ଗୌତମ ଦାସ ପ୍ରମୁଖ ଦାବି କରିଛନ୍ତି।

## ପ୍ରଧାନମନ୍ତ୍ରୀ ଫସଲ ବୀମା ପାଇବାରୁ ବଞ୍ଚିତ ହେବେ ବନ୍ଦୋବସ୍ତ ଜମି ମାଲିକ

**ବିଞ୍ଝାରପୁର, ୨୪।୭(ସମିସ):** ପ୍ରଧାନମନ୍ତ୍ରୀ ଫସଲ ବୀମା କରିବାର ଶେଷ ତାରିଖ ଜୁଲାଇ ୩୧ ତାରିଖ ଧାର୍ଯ୍ୟ ହୋଇଥିବାବେଳେ ଆଉମାତ୍ର ଦିନ କେଇଟା ପରେ ନିର୍ଦ୍ଧାରିତ ସମୟ ସରିଯିବ। ଏଭଳି ସ୍ଥିତିରେ ବନ୍ଦୋବସ୍ତ ଗ୍ରାମର ଚାଷୀଙ୍କ ଫସଲ ବୀମାର ଆବେଦନପତ୍ର ଦାଖଲ ହୋଇ ନ ଥିବାକୁ ନେଇ ଚାଷୀଙ୍କ ମଧ୍ୟରେ ଗଭୀର ଉଦବେଗ ପ୍ରକାଶ ପାଇଛି।

ପୂର୍ବ ବର୍ଷମାନଙ୍କରେ ପୂର୍ବ ସରକାରଙ୍କ ଅନୁମୋଦନ କ୍ରମେ ବନ୍ଦୋବସ୍ତ ଗ୍ରାମର ଚାଷୀ ଅଫଲାଇନରେ ବୀମା ଆବେଦନ ଦାଖଲ କରୁଥିଲେ। ଏହି ଆବେଦନକାରୀଙ୍କ ମଧ୍ୟରୁ କେତେକଙ୍କୁ ବୀମା ରାଶି ମିଳିଛି ତ ଆଉ କେତେକ ବୀମା ରାଶିରୁ ବିଗତ ବର୍ଷରେ ବଞ୍ଚିତ ହୋଇଥିଲେ। ଚଳିତ ବର୍ଷ ପ୍ରଧାନମନ୍ତ୍ରୀ ଫସଲ ବୀମା ଆବେଦନ ପାଇଁ ଶେଷ ତାରିଖ ଜୁଲାଇ ୩୧ ତାରିଖ ଧାର୍ଯ୍ୟ ହୋଇଥିବାବେଳେ ଏହି ବର୍ଗର ଚାଷୀ ବୀମା କର୍ମଚାରୀଙ୍କୁ ପାଉ ନ ଥିବା କାରଣରୁ ବୀମା ଆବେଦନ ଦାଖଲ କରିପାରୁନାହାନ୍ତି। ସମୟ ନ ଥିବାବେଳେ ଆନୁସଙ୍ଗିକ କାଗଜାତ ପତ୍ର ଯୋଗାଡ କରି ଆବେଦନ ପାଇଁ ଚାଷୀଙ୍କ ବ୍ୟସ୍ତତାକୁ ବୀମା କମ୍ପାନୀ ଅଣଦେଖା କରୁଥିବା ଚାଷୀ ମହଲରେ ଅଭିଯୋଗ ହୋଇଛି। ଏତଦବ୍ୟତୀତ ଚାଷ କାମ ଆରମ୍ଭ ହୋଇଥିବାବେଳେ ଚାଷୀ ସେହି କାର୍ଯ୍ୟ କରିବ ନା ବୀମା କମ୍ପାନୀ କର୍ମଚାରୀଙ୍କୁ ଖୋଜିବାରେ ସମୟ ଦେବ, ଏ ନେଇ ଚାଷୀଙ୍କ ଚିନ୍ତା ବଢ଼ିଯାଇଛି। ତୁରନ୍ତ କମ୍ପାନୀର କର୍ମଚାରୀ ଚାଷୀଙ୍କ ଫସଲ ବୀମା ଆବେଦନ ପତ୍ର ଗ୍ରହଣ କରିବା ପାଇଁ ଶିବିର ବସାଇବା ସହିତ ଆବେଦନ ପତ୍ର ଗ୍ରହଣର ବ୍ୟବସ୍ଥା କରିବାକୁ ଆଞ୍ଚଳିକ କୃଷି ଓ କୃଷକ ଉନ୍ନୟନ ପରିଷଦର ସଭାପତି ବୀରଭଦ୍ର ସାମଲ, ସମ୍ପାଦକ ତରୁଣ ସ୍ୱାଇଁ, ଚାଷୀ ମନୋଜ ସାମଲ, ହିମାଂଶୁ ଶେଖର ସାମଲ, ପର୍ଶୁରାମ ସାହୁ, ବାସୁଦେବ ସାମଲ, ସନାତନ ମଲିକ, ଅକ୍ଷୟ କୁମାର ମଲ୍ଲିକ, ସୁବାସଚନ୍ଦ୍ର ସ୍ୱାଇଁ, ଆକୁଳାନନ୍ଦ ସାହୁ, କମଳାକାନ୍ତ ପଣ୍ଡା, ବରଦାପ୍ରସନ୍ନ ସାମଲ, ବିଜୟ ରାଉତ, ଶୁକଦେବ ନାୟକ ଓ ଉମାକାନ୍ତ ନାୟକ ପ୍ରମୁଖ ଶତାଧିକ ଚାଷୀ ଦାବି କରିଛନ୍ତି।

## ନୂତନ ଥାନା ଅଧିକାରୀଙ୍କୁ ସୌଜନ୍ୟମୂଳକ ସାକ୍ଷାତ

ପାଣିକୋଇଲି, ୨୪।୭(ସମିସ): ପାଣିକୋଇଲିର ଅଗ୍ରଣୀ ସଂଗଠନ ବରିଷ୍ଠ ନାଗରିକ ମଞ୍ଚର ଏକ ପ୍ରତିନିଧି ଦଳ ପାଣିକୋଇଲି ଥାନାରେ ନୂତନ ଅଧିକାରୀ ରଞ୍ଜନ କୁମାର ପ୍ରଧାନଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି। ସଭାପତି ନୃସିଂହ ଚରଣ ଦଳାଇଙ୍କ ନେତୃତ୍ୱରେ ସମ୍ପାଦକ ସୁରେନ୍ଦ୍ର କୁମାର ରାୟ, ଉପଦେଷ୍ଟା ରାମଚନ୍ଦ୍ର ବେହେରା, ଅଦ୍ୱୈତ ଚନ୍ଦ୍ର ଦାଶ, ଚନ୍ଦ୍ରମଣି ସ୍ୱାଇଁ, ସୁରେନ୍ଦ୍ର ସେଠୀ, ବୃନ୍ଦାବନ ଜେନା ପ୍ରମୁଖ ଯୋଗଦେଇ ନୂତନ ଥାନା ଅଧିକାରୀଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ ଜଣାଇଥିଲେ। ଏ ଅବସରରେ ସ୍ଥାନୀୟ ଅଞ୍ଚଳର ସମସ୍ୟା ଓ ଆଇନଶୃଙ୍ଖଳା ବ୍ୟବସ୍ଥା ସମ୍ପର୍କରେ ଆଲୋଚନା କରିବା ସହିତ ପୁଲିସ ସହିତ ବରିଷ୍ଠ ନାଗରିକଙ୍କ ସହ ସୁସମ୍ପର୍କ ସ୍ଥାପନ ଦିଗରେ କାର୍ଯ୍ୟ କରିବାକୁ ଆଲୋଚନା ହୋଇଥିଲା। ଥାନା ଅଧିକାରୀ ଶ୍ରୀ ପ୍ରଧାନ ବରିଷ୍ଠ ନାଗରିକଙ୍କ କୌଣସି ସମସ୍ୟା ଥିଲେ, ବ୍ୟକ୍ତିଗତ ଭାବେ ଜଣାଇବାକୁ ନିଜ ମୋବାଇଲ ନମ୍ବର ପ୍ରଦାନ କରିଥିଲେ।

## ଦୂଷିତ ପାଣି ପାଇଁ ହାତାହାତି, ଥାନାରେ ଅଭିଯୋଗ

**ଯଖପୁରା, ୨୪।୭(ସମିସ):** କଳିଙ୍ଗନଗର ଶିଳ୍ପାଞ୍ଚଳରେ ପ୍ରଦୂଷଣ ମାତ୍ରା ବଢ଼ିବାରେ ଲାଗିଛି। ଅନେକ କାରଖାନା ପ୍ରଦୂଷଣ ଓ ପରିବେଶ ମଞ୍ଜୁରିକୁ ଉଲ୍ଲଂଘନ କରୁଛନ୍ତି। ଏହା ଦେଖିବାକୁ ମିଳିଛି ଭିସା କାରଖାନା କ୍ଷେତ୍ରରେ। ପ୍ରାୟ ଦୁଇ ବର୍ଷ ହେବ ଭିସା କାରଖାନା ବାହାରୁଥିବା ଆବର୍ଜନା ମିଶା ପାଣି ନାଳ ଦେଇ ନଦୀକୁ ଛାଡ଼ିଥାଏ। ଯେଉଁ ନାଳ ଦେଇ ଭିସା ଦୂଷିତ ପାଣି ଯାଉଛି, ସେହି ନାଳ ପାଣିକୁ ବାଡି ପକାଇ ଭିସା ନିଜ କାରଖାନା କର୍ମଚାରୀଙ୍କୁ ଜଗାଇ ଆସୁଛି। ଭିସାର ଦୂଷିତ ପାଣି ପାଇଁ ଏକର ଏକର ଧାନ ଫସଲ ନଷ୍ଟ ହେବା ଅଭିଯୋଗ ହୋଇଛି। ସେହି ନାଳ ପାଣିକୁ ନେଇ ଭିସା କାରଖାନା କର୍ମଚାରୀ ଓ ଯଖପୁରାର ପରିବେଶବିତ୍ ଅଶ୍ୱିନୀ ଧଳଙ୍କ ମଧ୍ୟରେ ହାତାହାତି ହୋଇଛି। ଅଶ୍ୱିନୀ ଧଳ ଭିସା କାରଖାନା ଛାଡୁଥିବା ପରିତ୍ୟକ୍ତ ଦୂଷିତ ପାଣିର ଫଟୋ ଉଠାଉଥିବାବେଳେ ଏହାକୁ ବିରୋଧ କରିଥିଲେ ଭିସା କର୍ମଚାରୀ। ଏହାକୁ ନେଇ ଉଭୟଙ୍କ ମଧ୍ୟରେ ପ୍ରଥମେ ବଚସା ପରେ ହାତାହାତି ପର୍ଯ୍ୟନ୍ତ କଥା ଯାଇଥିଲା। ଏ ନେଇ ଅଶ୍ୱିନୀ ଧଳ ଭିସା କର୍ମଚାରୀଙ୍କ ନାମରେ ଯଖପୁରା ଥାନାରେ ଏତଲା ଦେଇଥିବାବେଳେ ଭିସା କର୍ମଚାରୀ ପାଲଟା ଏତଲା ଦେଇଛନ୍ତି। ଯଖପୁରା ଥାନା ଅଧିକାରୀ ମାମଲା ରୁଜୁ କରି ତଦନ୍ତ ଚଳାଇଛନ୍ତି।

## ପାଣିକୋଇଲି ପୁଲିସ ପକ୍ଷରୁ ବାଲି ଗାଡ଼ି ଜବତ

ପାଣିକୋଇଲି, ୨୪।୭(ସମିସ): ଚୋରା ବାଲି ଚାଲାଣ ଖବର ପାଇ ପାଣିକୋଇଲି ପୁଲିସ ଚଢ଼ଉ କରିଥିଲା। ନୂତନ ଥାନାଧିକାରୀ ରଞ୍ଜନ କୁମାର ପ୍ରଧାନ ଏହା ଜାଣିବା ପରେ ବୁଢ଼ା ନଦୀର ମତାବାଜ ବାଲିଘାଟରୁ ବେଆଇନ ବାଲି ଚୋରା ଚାଲାଣ ଖବର ପାଇ ଚଢ଼ଉ କରିଥିଲେ। ଏହି କ୍ରମରେ ଏକ ହାଇୱାକୁ ଜବତ କରିବା ପରେ ସେ ବାଲିର କୌଣସି କାଗଜ ପତ୍ର ଦେଖାଇ ନ ପାରିବାରୁ ଜବତ କରିବା ସହ ଏହାର ତଦନ୍ତ ପାଇଁ ଖଣି ବିଭାଗକୁ ଜଣାଇଛନ୍ତି।

## ଧର୍ମଶାଳା ଉଦ୍ୟାନ କୃଷି ବିଭାଗରେ ମଞ୍ଜି ଦୁର୍ନୀତି ଅଭିଯୋଗ

**କବାଟବନ୍ଧ, ୨୪।୭ (ସମିସ):** ଧର୍ମଶାଳା ବ୍ଲକ ଉଦ୍ୟାନ କୃଷି ବିଭାଗରେ ବ୍ୟାପକ ଦୁର୍ନୀତି ହୋଇଥିବା ଅଭିଯୋଗ ହୋଇଛି। ଚାଷୀଙ୍କ ପାଇଁ ରିହାତି ଦରରେ ଫଳ ଓ ପନିପରିବା ବିହନ, ସାର, ଜିଆ ଖତ, ନିମ ପିଡ଼ିଆ ଆଦି ଯୋଗାଇ ଦେବା ସହିତ ଚାଷୀଙ୍କୁ ସହଯୋଗ କରିବା ପାଇଁ ଉଦ୍ୟାନ ସାଥି ମଧ୍ୟ ନିଯୁକ୍ତି ପାଇଛନ୍ତି। ଏହି ବ୍ଲକରେ ଚାଷୀଙ୍କ ପାଇଁ ବିଭିନ୍ନ ସୁବିଧା ସୁଯୋଗକୁ କିଛି ଅସାଧୁ କର୍ମଚାରୀ ବାଟମାରଣା କରୁଛନ୍ତି। ଚାଷୀଙ୍କ ପାଇଁ ଆସୁଥିବା ଅନେକ ସୁବିଧାକୁ ଚାଷୀ ଜାଣିପାରୁନାହାନ୍ତି। ଉଦ୍ୟାନ ସାଥିଙ୍କଠାରୁ ଆରମ୍ଭ କରି ଅଫିସର ପର୍ଯ୍ୟନ୍ତ ସମସ୍ତେ ଏହାକୁ ଅଣଦେଖା କରୁଛନ୍ତି।

ଚଳିତ ବର୍ଷାଋତୁରେ ପରିବା ଚାଷ ପାଇଁ ଆସିଥିବା କାକୁଡ଼ି, କଲରା, ଭେଣ୍ଡି, ବାଇଗଣ, ଟମାଟୋ, ଧନିଆ ଆଦି ବିହନ ଚାଷୀ ପାଉନାହାଁନ୍ତି। ଏହି ବ୍ଲକର ଜେନାପୁର, ବୃନ୍ଦାଦେଇପୁର, କବାଟବନ୍ଧ, ମର୍ଜିତାପୁର, ମଧୁସୂଦନପୁର, ରାଇଛନ୍ଦା, ତାଳଜଙ୍ଗ, ରେଖିଦେଇପୁର, ଅଞ୍ଜିରା, ଚକ୍ରଧରପୁର, ଏଣ୍ଡଲବା ସମେତ ବହୁ ପଞ୍ଚାୟତର ଚାଷୀ ଉନ୍ନତମାନର ହାଇବ୍ରିଡ଼ ପରିବା ମଞ୍ଜି ପାଇବାରୁ ବଞ୍ଚିତ ହୋଇଛନ୍ତି। ଏସବୁ ଚାଷୀଙ୍କୁ ପ୍ରଦାନ କରା ନ ଯାଇ ବଜାରରେ ବିକ୍ରି କରାଯାଇଥିବା ଶୁଣିବାକୁ ମିଳୁଛି। କିଛି ଅସାଧୁ କର୍ମଚାରୀ ନିଜ ସମ୍ପର୍କୀୟ ଓ ପରିଚିତ ଲୋକଙ୍କୁ ଚାଷୀ କରି ତାଙ୍କ ନାମରେ ବ୍ୟାପକ ସବସିଡ଼ ଅର୍ଥ ଚଳୁ କରିଥିବା ଅଭିଯୋଗ ହୋଇଛି। ଏପରି ଅନିୟମିତତା ଦୀର୍ଘ ବର୍ଷ ହେବ ହୋଇଆସୁଛି। ଏପରିକି କିଛି କର୍ମଚାରୀଙ୍କୁ ନିଲମ୍ବନ ମଧ୍ୟ କରାଯାଇଛି। ଗତ ଦୁଇମାସ ପୂର୍ବରୁ ଅଦା, ରସୁଣ ହଳଦୀ ଆଦି ଚାଷ ପାଇଁ ଆସିଥିବା ବିହନକୁ କିଛି କର୍ମଚାରୀ ଚତୁରତାର ସହିତ ବାଣ୍ଟି ନେଇଛନ୍ତି। ନିଜ ସମ୍ପର୍କୀୟଙ୍କୁ ବହୁ ପରିମାଣର ବିହନ ଦେଇ ଅଳ୍ପ କିଛି ଜମିରେ ଚାଷ କରାଇ ବାକି ସବୁ ବିକ୍ରି କରିଦେଇଥିବା ଶୁଣିବାକୁ ମିଳୁଛି। ନିୟମ ମୁତାବକ ଯେତିକି ଜମିର ପରିମାଣ ସେହି ପରିମାଣର ବିହନ ନେଇ ଚାଷ କରିବେ। ଏହାପରେ ଚାଷ ଜମିର ଜିଓ ଟ୍ୟାଗ କରି ଫଟୋ ଉଠାଯିବ। ଏଠାରେ କିନ୍ତୁ ଏହା କରାଯାଉନାହିଁ। ଅଳ୍ପ ପରିମାଣର ଚାଷ କରାଯାଇ ସେହି ଜମିର ଜିଓ ଟ୍ୟାଗ ଫଟୋକୁ ଦୁଇ ତିନି ପ୍ରକାରର ଉଠାଯାଇ ସବସିଡ଼ ଅର୍ଥକୁ ଲୁଟ୍ କରାଯାଉଥିବା ଅଭିଯୋଗ ହେଉଛି।

## ବାଲିଘାଟ ସୀମା ନିର୍ଦ୍ଧାରଣ କରି ଫେରିଲେ ଡିଡିଏମ୍

**ଯଖପୁରା ୨୪।୭(ସମିସ):** ଆଜି ପଙ୍କପାଳ ବାଲିଘାଟକୁ ଜିଲ୍ଲା ଲଘୁ ଖଣିଜ ବିଭାଗ ଉପ ନିର୍ଦ୍ଦେଶକ (ଡିଡିଏମ) ପରିଦର୍ଶନରେ ଯାଇଥିଲେ। ସେଠାରେ ଦୁଇଟି ବାଲିଘାଟ ଥିବାରୁ ବାରମ୍ବାର ସୀମା ନିର୍ଦ୍ଧାରଣ ପାଇଁ କଳହ ଲାଗି ରହୁଥିଲା। ଦୁଇଟି ଘାଟ ନିଜ ସୀମା ଭିତରେ ନ ରହି ମନଇଚ୍ଛା ବାଲି ଉଠାଉଥିଲେ। ବାରମ୍ବାର ଅଭିଯୋଗ ପରେ ଏହାକୁ ବିରାମ ଲଗାଇବା ପାଇଁ ଜିଲ୍ଲା ଲଘୁ ଖଣିଜ ବିଭାଗ ପକ୍ଷରୁ ନିଜେ ଡିଡିଏମ ଆସି ବାଲିଘାଟ ଦୁଇଟିକୁ ସେମାନଙ୍କ ସୀମା ନିର୍ଦ୍ଧାରଣ କରି ନିଜ ନିଜ ପରିସୀମା ଭିତରେ ବାଲିଘାଟ ରହିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ପୂର୍ବରୁ ଘାଟ ଦୁଇଟି ଲାଗି ଲାଗି ରହୁଥିବାରୁ ବିବାଦ ଦେଖିବାକୁ ମିଳୁଥିଲା। ଏବେ ଏହା ପରସ୍ପରଠାରୁ ୩୦୦ ମିଟର ବ୍ୟବଧାନ ରହିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ହାଇକୋର୍ଟଙ୍କ ନିୟମ ଅନୁଯାୟୀ ଘାଟ ଚଳାଇବା, ବାଲିଘାଟକୁ ଯାତାୟାତ କରୁଥିବା ରାସ୍ତାକୁ ସଫା କରିବା ଓ ବାଲିଗାଡି ସଡ଼କରେ ଯାତାୟାତ ପାଇଁ ରାତି ୯ଟାରୁ ସକାଳ ୭ଟା ପର୍ଯ୍ୟନ୍ତ ସମୟ ସୀମା ମଧ୍ୟରେ ଯିବାପାଇଁ ନିର୍ଦ୍ଦେଶ ଦିଆଯାଇଛି। ଏବେ ଦେଖିବାକୁ ରହିଲା ସରକାରଙ୍କ ନିୟମ ମାନି କିପରି ବାଲିଘାଟ ଦୁଇଟି ସେମାନଙ୍କ ବ୍ୟବସାୟ କରିପାରୁଛନ୍ତି।

## ବର୍ଷା ଯୋଗୁଁ ବ୍ରାହ୍ମଣୀରେ ଜଳସ୍ତର ବୃଦ୍ଧି

**କବାଟବନ୍ଧ, ୨୪।୭ (ସମିସ):** କେନ୍ଦ୍ରୀୟ ଜଳ ଆୟୋଗ ଜେନାପୁର କାର୍ଯ୍ୟାଳୟ ପକ୍ଷରୁ ପ୍ରଥମ ବର୍ଷା ଜଳ ରେକର୍ଡ କରାଯାଇଛି। ଚଳିତ ବର୍ଷ ସ୍ୱଳ୍ପ ବର୍ଷା କାରଣରୁ ବ୍ରାହ୍ମଣୀ ନଦୀ ଶୁଖିଲା ପଡ଼ିଥିଲା। ଜୁଲାଇ ଶେଷ ସପ୍ତାହରେ ଉପର ମୁଣ୍ଡରେ ଅଧିକ ବର୍ଷା କାରଣରୁ ବ୍ରାହ୍ମଣୀ ନଦୀରେ ପ୍ରଥମ ବର୍ଷା ଜଳ ପ୍ରବାହିତ ହେଉଥିବା ଦେଖିବାକୁ ମିଳିଛି। କେନ୍ଦ୍ରୀୟ ଜଳ ଆୟୋଗଙ୍କ ଅଫିସ ସୂଚନା ମୁତାବକ ବ୍ରାହ୍ମଣୀ ବ୍ରିଜ୍‌ଠାରେ ବୁଧବାର ସକାଳ ୭ଟାରେ ୧୯.୨୦ ସେଣ୍ଟିମିଟର, ୮ଟାରେ ୧୯.୨୬ ସେଣ୍ଟିମିଟର, ୯ଟାରେ ୧୯.୩୨ ସେଣ୍ଟିମିଟର, ୧୦ ଟାରେ ୧୯.୪୧ ସେଣ୍ଟିମିଟର, ୧୧ଟାରେ ୧୯.୫୦ ସେଣ୍ଟିମିଟର, ମଧ୍ୟାହ୍ନ ୧୨ ଟାରେ ୧୯.୫୯ ସେଣ୍ଟିମିଟର, ଅପରାହ୍ନ ୧ଟାରେ ୧୯.୬୭ ସେଣ୍ଟିମିଟର, ୨ ଟାରେ ୧୯.୭୪ ସେଣ୍ଟିମିଟର, ୩ଟାରେ ୧୯.୮୦ ସେଣ୍ଟିମିଟର ଜଳ ସ୍ତର ବୃଦ୍ଧି ପାଇଥିବା ରେକର୍ଡ କରାଯାଇଛି। ଧୀରେ ଧୀରେ ନଦୀ ଜଳସ୍ତର ବୃଦ୍ଧି ପାଉଛି। ସେହିପରି ସ୍ଥାନୀୟ ଜେନାପୁର ଅଞ୍ଚଳରେ ପୂର୍ବ ଅପେକ୍ଷା ବର୍ଷା ପରିମାଣ ବୃଦ୍ଧି ପାଇଛି। ସକାଳ ୮.୩୦ ସୁଦ୍ଧା ୧.୪ ମିଲିମିଟର, ୧୧.୩୦ ସୁଦ୍ଧା ୦.୪ ମିଲିମିଟର, ଅପରାହ୍ନ ୨.୩୦ ସୁଦ୍ଧା ୦.୬ ମିଲିମିଟର ସହିତ ମୋଟ ୧୪.୦ ମିଲିମିଟର ବର୍ଷା ରେକର୍ଡ କରାଯାଇଥିବା କେନ୍ଦ୍ରୀୟ ଜଳ ଆୟୋଗ କାର୍ଯ୍ୟାଳୟରୁ ସୂଚନା ମିଳିଛି।

## ଗୋଷ୍ଠୀ ଋଣ ଆଦାୟକୁ ନେଇ ଗଣ୍ଡଗୋଳ ଅଭିଯୋଗ

**କୁଆଖିଆ, ୨୪।୭(ସମିସ):** କୁଆଖିଆ ଥାନା ଅନ୍ତର୍ଗତ ଗନ୍ଧଣ ପଞ୍ଚାୟତ ପାରିକଇଁଚି ଗ୍ରାମର ବୁଲୁ ଓରଫ ଆଶିଷ ବୋଇତାଇଙ୍କୁ ସେହି ପଞ୍ଚାୟତ ଗନ୍ଧଣ ଗ୍ରାମର ସରସ୍ୱତୀ ବେହେରା ଗ୍ରୁପରୁ ୧ ଲକ୍ଷ ୩୨ ହଜାର ଟଙ୍କା ଋଣ କରାଇ ଦେଇଥିଲେ। ଉକ୍ତ ଋଣ ନେବାରେ ବନ୍ଦନା ଦେଓ ସାକ୍ଷୀ ରହିଥିଲେ। ଋଣ ଗ୍ରହୀତା ଆଶିଷ ଦୀର୍ଘଦିନ ହେବ ଋଣ ପରିଶୋଧ କରିବାରେ ବିଫଳ ହୋଇଆସୁଥିଲେ। ମଙ୍ଗଳବାର ସରସ୍ୱତୀ ଓ ସାକ୍ଷୀ ବନ୍ଦନା ସାଥୀ ହୋଇ ପାରିକଇଁଚିସ୍ଥ ଆଶିଷଙ୍କ ଘରକୁ ଯାଇଥିଲେ। ଆଶିଷ ଘରେ ନ ଥିବାରୁ ସେମାନେ ଫେରି ଆସିଥିଲେ। ପରେ ଆଶିଷ ଘରକୁ ଫେରିବା ଜାଣି ଉଭୟ ମହିଳା ପୁଣିଥରେ ତାଙ୍କ ପାଖକୁ ଯାଇଥିଲେ। ଆଶିଷଙ୍କୁ ଋଣ ଟଙ୍କା ମାଗିବାରୁ ପରିବାର ଲୋକେ ମିଶି ଉଭୟ ସରସ୍ୱତୀ ଓ ସାକ୍ଷୀ ବନ୍ଦନାଙ୍କୁ ମରଣାନ୍ତକ ଆକ୍ରମଣ କରିଥିବା ସେମାନେ ଥାନାରେ ଅଭିଯୋଗ କରିଛନ୍ତି। ପୁଲିସ ୩୨୦/୨୪ରେ ମାମଲା ରୁଜୁ କରିଛି। ଅପରପକ୍ଷରେ ଆଶିଷଙ୍କ ମାଆ ଅନ୍ନପୂର୍ଣ୍ଣା ବୋଇତାଇଙ୍କ ଅଭିଯୋଗ କ୍ରମେ ପୁଲିସ ଆଉ ଏକ ମାମଲା ୨୧/୨୪ରେ ରୁଜୁ କରିଛି। ଅନ୍ନପୂର୍ଣ୍ଣା ଅଭିଯୋଗ କରିଛନ୍ତି ଯେ, ତାଙ୍କ ପୁଅ ଆଶିଷ ଘରକୁ ଫେରୁଥିବା ସମୟରେ ସରସ୍ୱତୀ ଓ ବନ୍ଦନାଙ୍କ ପରିବାର ଲୋକେ ତାଙ୍କଠାରୁ ସାଇକଲ ଛଡ଼ାଇ ନେବା ସହ ମାଡ଼ ମାରିଥିଲେ।

## ଜାତୀୟ ଆୟକର ଦିବସ ପାଳିତ




ବ୍ୟାସନଗର, ୨୪।୭(ସମିସ): ପ୍ରତିବର୍ଷ ଜୁଲାଇ ୨୪ ତାରିଖରେ ସାରା ଭାରତରେ ଜାତୀୟ ଆୟକର ଦିବସ ପାଳିତ ହୁଏ। ଏ ଅବସରରେ ବୁଧବାର ସ୍ଥାନୀୟ ବ୍ୟାସନଗର ସହରସ୍ଥ ଦଳା ବାଇପାସ୍ ଛକରେ ଥିବା ଆୟକର କାର୍ଯ୍ୟାଳୟରେ ଭାରତ ସରକାରଙ୍କ ଆୟକର ବିଭାଗ ଓ ଯାଜପୁର ଜିଲ୍ଲା ଟ୍ୟାକ୍ସ ବାର୍ ଆସୋସିଏସନ୍ ପକ୍ଷରୁ ମିଳିତ ଭାବେ ଆୟକର ଦିବସ ପାଳିତ ହୋଇଯାଇଛି। ଆୟକର ଅଧିକାରୀ ଶିଶିର କୁମାର ହେମ୍ବ୍ରମ୍‌ଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଭାଗର ଅଧିକାରୀଙ୍କ ସହ ଟ୍ୟାକ୍ସ ବାର୍‌ର କର୍ମକର୍ତ୍ତା ଯୋଗଦେଇ ଆୟକର ଆଇନର ଅତୀତ ଓ ସମ୍ପ୍ରତି ପ୍ରଚଳିତ ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ଜିଲ୍ଲା ଟ୍ୟାକ୍ସ ବାର୍ ସଂଘ ସଭାପତି ଆଇନଜୀବୀ ବିବେକାନନ୍ଦ ମହାନ୍ତି ସମ୍ବଳ ସଂଗ୍ରହ କରିବାରେ ଆୟକର ବିଭାଗର ଭୂମିକା ଗୁରୁତ୍ୱପୂର୍ଣ୍ଣ ସହିତ ଟିକସ ଆଦାୟ କ୍ଷେତ୍ରରେ ସରଳୀକରଣ ସ୍ୱଚ୍ଛତା ଓ ସଚ୍ଚୋଟତା ଅବଲମ୍ବନ କରିବା ଉଚିତ ବୋଲି ମତପୋଷଣ କରିଥିଲେ। ୧୯୬୧ରେ ୮୮୦ ପୃଷ୍ଠା ସମ୍ବଳିତ ଭାରତରେ ପ୍ରଥମ ଆୟକର ଆଇନ ପ୍ରଣିତ ହୋଇଥିବା ଏହି ଆଇନକୁ କାର୍ଯ୍ୟ କରିବା ନିମନ୍ତେ ଜୁଲାଇ ୨୪ ତାରିଖରୁ ମଞ୍ଜୁରି ମିଳିଥିଲା। ସେହି କାରଣରୁ ୨୦୧୦ ଜୁଲାଇ ୨୪ ତାରିଖରୁ ସାରା ଭାରତରେ ଜୁଲାଇ ମାସ ୨୪ ତାରିଖକୁ ଆୟକର ଦିବସ ରୂପେ ପାଳନ କରାଯାଇ ଆସୁଛି। ବିଗତ ଦଶ ବର୍ଷରେ ଆୟକର ବିଭାଗରେ ବୈପ୍ଲବିକ ପରିବର୍ତ୍ତନ ସଂଘଟିତ ହୋଇଛି। ଏକ ଯୁଗାନ୍ତକାରି ପଦକ୍ଷେପ ନେଇ 'ସ୍ୱଚ୍ଛ ଟିକସ ବ୍ୟବସ୍ଥା- ସଚ୍ଚୋଟ କରଦାତାଙ୍କୁ ସମ୍ମାନ' ଯୋଜନା ସହ ସମ୍ପୂର୍ଣ୍ଣ ଡିଜିଟାଲାଇଜେସନ ବ୍ୟବସ୍ଥାକୁ ଆପଣେଇଛନ୍ତି। ରିଟର୍ଣ୍ଣ ଇ-ଫାଇଲିଂ, ଇ-ଆସେସମେଣ୍ଟ, ଇ-ଅପିଲ, ଏବଂ ସମ୍ପୂର୍ଣ୍ଣ ଫେସ ଲେସ ବା ମୁଖବିହୀନ ପ୍ରଣାଳୀ ମାଧ୍ୟମରେ ସ୍ୱଚ୍ଛତା ଆଣିବାକୁ ପ୍ରୟାସ ଜାରି ରହିଛି। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଟ୍ୟାକ୍ସ ବାର୍ ଉପସଭାପତି ଧନେଶ୍ୱର ବାରିକ, ସାଧାରଣ ସମ୍ପାଦକ ଜ୍ଞାନେନ୍ଦ୍ର ନାୟକ, ପୂର୍ବତନ ସଭାପତି ମାନସ ସାମଲ, ପୂର୍ବତନ କର୍ମକର୍ତ୍ତା ଦିଲ୍ଲୀପ କୁମାର ମଲ୍ଲିକ ଓ ଆୟକର ବିଭାଗ କର୍ମଚାରୀ ସୌମ୍ୟରଞ୍ଜନ ସ୍ୱାଇଁ, ଶିବରଞ୍ଜନ ମହାପାତ୍ର, ତହିଦ ମହମ୍ମଦ, ମାନସ ରଞ୍ଜନ ଷଡ଼ଙ୍ଗୀ, ପ୍ରଶାନ୍ତ କୁମାର ଦାସ, ପ୍ରସନ୍ନ କୁମାର ସ୍ୱାଇଁ, ବିଶ୍ୱଜିତ ବୋଇତାଇ ପ୍ରମୁଖ ଯୋଗ ଦେଇଥିଲେ। ଆୟକର ନିରୀକ୍ଷକ ରେଖା କୁମାରୀ ଧନ୍ୟବାଦ ଅର୍ପଣ କରିଥିଲେ।

## ପ୍ରଧାନଶିକ୍ଷକଙ୍କ ଶ୍ରଦ୍ଧାଞ୍ଜଳି ସଭା



**ଜାରକା, ୨୪।୭ (ସମିସ):** ଧର୍ମଶାଳା ବ୍ଲକ କାଏମା ପଞ୍ଚାୟତର ଆଦର୍ଶ ପ୍ରଧାନଶିକ୍ଷକ ରମେଶ ଚନ୍ଦ୍ର କୁଣ୍ଡୁଙ୍କ ସ୍ମୃତି ଉଦ୍ଦେଶ୍ୟରେ ମିର୍ଜାପୁର ପଞ୍ଚାୟତ ଶ୍ୟାମସୁନ୍ଦର ସରକାରୀ ଉଚ୍ଚ ବିଦ୍ୟାଳୟରେ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ସ୍ୱର୍ଗତ କୁଣ୍ଡୁ ୧୯୯୭ରୁ ୨୦୨୧ ପର୍ଯ୍ୟନ୍ତ ଶ୍ୟାମସୁନ୍ଦର ସରକାରୀ ବିଦ୍ୟାଳୟରେ ସହକାରୀ ଶିକ୍ଷକ ଭାବେ କାର୍ଯ୍ୟ କରିଥିଲେ। ପରବର୍ତ୍ତୀ ସମୟରେ ସେ ପଦୋନ୍ନତି ପାଇ ବରମପୁର ଉଚ୍ଚ ବିଦ୍ୟାଳୟରେ ପ୍ରଧାନଶିକ୍ଷକ ଭାବେ ନିଯୁକ୍ତି ପାଇଥିଲେ। ଗତ ଜୁଲାଇ ୩୧ ତାରିଖରେ ସେ ଚାକିରିରୁ ଅବସର ଗ୍ରହଣ କରିଥା'ନ୍ତେ। ଅବସରର ୧୩ ଦିନ ପୂର୍ବରୁ ହୃଦଘାତରେ ତାଙ୍କର ମୃତ୍ୟୁ ଘଟିଥିଲା। ପୂର୍ବତନ ଛାତ୍ର ସଂସଦ ପକ୍ଷରୁ ଅବସରପ୍ରାପ୍ତ ଶିକ୍ଷକ ପ୍ରସନ୍ନ କୁମାର ପାଣିଗ୍ରାହୀଙ୍କ ସଭାପତିତ୍ୱରେ ସ୍କୁଲ ପରିସରରେ ଅନୁଷ୍ଠିତ ଶ୍ରଦ୍ଧାଞ୍ଜଳି ସଭାରେ ଅବସରପ୍ରାପ୍ତ ଶିକ୍ଷକ ଯତୀନ୍ଦ୍ରନାଥ ଦାସ, ବ୍ରଜକିଶୋର ଦାସ, ପ୍ରଧାନ ଶିକ୍ଷକ ହରିହର ରଥ, ହରିହର ବିଶ୍ୱାଳ, ବାବା ରାଘବ ଦାସ ଓ ଆଇନଜୀବୀ ଶ୍ୟାମପ୍ରସାଦ ଦାଶ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ ସ୍ୱର୍ଗତ ଶିକ୍ଷକଙ୍କ ଛାତ୍ର ବତ୍ସଳତା ଓ ସମୟାନୁବର୍ତ୍ତିତା ସମ୍ପର୍କରେ ଆଲୋକପାତ କରିଥିଲେ। ପୂର୍ବତନ ଶିକ୍ଷକ ବ୍ରହ୍ମାନନ୍ଦ ନାୟକ, ରସାନନ୍ଦ ମଲ୍ଲ, ପରାତନ ଛାତ୍ର ରଞ୍ଜନ କୁମାର ଓଝା, ଆଦିତ୍ୟ ନାୟକ, ତାପସ ନାୟକ, ଶିକ୍ଷକ ଅକ୍ଷୟ ଶତପଥୀ ପ୍ରମୁଖ ଯୋଗଦେଇ ସ୍ମୃତିଚାରଣ କରିଥିଲେ। ସହକାରୀ ଶିକ୍ଷକ ଡ. ଅଜୟ କୁମାର ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

### ପିଇବା ପାଣି ପାଇଁ ଲୋକେ ହନ୍ତସନ୍ତ

# ଯିବାକୁ ପଡୁଛି ଅଧ କିଲୋମିଟର ରାସ୍ତା

**ବିଞ୍ଝାରପୁର, ୨୪।୭(ସମିସ)**

ପିଇବା ପାଇଁ ପାଣି ଟୋପାଏ ଯୋଗାଡ଼ କରିବା ପାଇଁ ଗ୍ରାମର ସମସ୍ତ ଲୋକଙ୍କୁ ଅଧ କିଲୋମିଟର ରାସ୍ତା ଯିବାକୁ ପଡୁଥିବାବେଳେ ଲୋକେ ସାଇକଲରେ ବୋହି ଆଣୁଛନ୍ତି ପିଇବା ପାଣି। ଏପରି ଘଟଣା ଦେଖିବାକୁ ମିଳିଛି ବିଞ୍ଝାରପୁର ବ୍ଲକର ଆଉଁରୀ ପଞ୍ଚାୟତ ଅନ୍ତର୍ଗତ କୁଆଁରପୁର ରାଜସ୍ୱ ଗ୍ରାମ ମଧ୍ୟସ୍ଥ ଗବଡିହ ପଡ଼ା ଗ୍ରାମରେ। ଏହି ଗ୍ରାମରେ ବିଭିନ୍ନ ସ୍ଥାନରେ ତିନୋଟି ନଳକୂପ ଥିଲେ ମଧ୍ୟ ଏଗୁଡିକ ମଧ୍ୟରୁ ଦୁଇଟି ଖରାପ ହୋଇ ଯାଇଥିବାବେଳେ ଏହାର ପାଣି ପାନୀୟ ଉପଯୋଗୀ ନୁହେଁ। ଗ୍ରାମର ପୂର୍ବ ସୀମାରେ ଏକ ସୌରଶକ୍ତି ଚାଳିତ ନଳକୂପ ଖୋଳାଯାଇଥିବା ସମୟରେ ଏହା ଖରାପ ହୋଇ ପଡ଼ିରହିଛି।

ସେହିପରି ଗ୍ରାମର ମଧ୍ୟସ୍ଥଳ ଜଗନ୍ନାଥ ମନ୍ଦିର ନିକଟରେ ଥିବା ନଳକୂପ ପାଣି ଲୋକଙ୍କ ପାନୀୟ ଜଳ ଭାବେ ବ୍ୟବହୃତ ହେଉଥିଲା। ଗତ ପଞ୍ଚାୟତ ନିର୍ବାଚନ ପରେ କେତେକ ଲୋକ ନଳକୂପର ବର୍ଜ୍ୟ ଜଳକୁ ଏକ ସ୍ୱତନ୍ତ୍ର ଟାଙ୍କି ନିର୍ମାଣ କରି ଛାଡ଼ିବା ପରିବର୍ତ୍ତେ ନଳକୂପ ନିକଟରେ ଥିବା ଏକ ଅବ୍ୟବହୃତ କୂଅ ଭିତରକୁ ପାଇପ୍ ଲଗାଇ ଛାଡି ଦେଇଥିଲେ। ଏହି ବର୍ଜ୍ୟ ଜଳ ପ୍ରଭାବରେ ନଳକୂପର ଜଳ ପ୍ରଭାବିତ ହୋଇ ଏହାର ଗୁଣ ହରାଇ ବସିଥିଲା। ଏଭଳି ଭାବେ ଗ୍ରାମର ପାନୀୟଜଳ ଉତ୍ସ ବନ୍ଦ ହୋଇଯାଇଥିଲା। ସ୍ଥାନୀୟ ଲୋକଙ୍କ ମଧ୍ୟରୁ କେତେକ ସ୍ଥାନୀୟ ସରପଞ୍ଚ, ସ୍ଥାନୀୟ ବ୍ଲକ ଅଧ୍ୟକ୍ଷ ବିଧାୟିକା ଓ



ଗ୍ରାମ୍ୟ ଜଳଯୋଗାଣ ବିଭାଗର କନିଷ୍ଠ ଯନ୍ତ୍ରୀଙ୍କ ନଜରକୁ ଏହି ସମସ୍ୟା ଆଣିବା ସହିତ ଗ୍ରାମରେ ଏକ ଗଭୀର ନଳକୂପ ଖନନ ନିମନ୍ତେ ଗୁହାରି କରିଥିଲେ। ଲୋକଙ୍କ ସେହି ଗୁହାରି ଅଫିସରଙ୍କଠାରୁ ନେତାଙ୍କ ନିକଟରେ ଫାଇଲରେ ବନ୍ଧା ହୋଇ ରହିଲା ସିନା ଲୋକଙ୍କ ଏହି ଅତ୍ୟାବଶ୍ୟକ ସମସ୍ୟା ସେମିତି ଅସମାହିତ ଅବସ୍ଥାରେ ରହିଯାଇଥିଲା। ଲୋକେ ପିଇବା ପାଇଁ ପାଣି ଟୋପାଏ ପାଇଁ ଉହକବିକଳ ହୋଇ ଅଧ କିଲୋମିଟର ଦୂର ଯାଇ ପଡୋଶୀ ଗ୍ରାମରେ ଥିବା ଗଭୀର ନଳକୂପରୁ ପାଣି ଆଣି ଚଳିବାକୁ ଉଦ୍ୟମ କରିଥିଲେ। ବହୁ ଲୋକ ପାଣି ପାଇଁ ଏହି ନଳକୂପ ଉପରେ ନିର୍ଭର କରିବାକୁ ଆସିବାରୁ ସ୍ଥାନୀୟ ଲୋକେ ଅସନ୍ତୋଷ ବ୍ୟକ୍ତ କରୁଛନ୍ତି। ଘଟଣା ସମ୍ପର୍କରେ ବିଞ୍ଝାରପୁର ଗ୍ରାମ୍ୟ ଜଳଯୋଗାଣ ବିଭାଗ କନିଷ୍ଠ ଯନ୍ତ୍ରୀ ଇଂ. ତୃପ୍ତାଞ୍ଜଳି ରଥଙ୍କୁ ପଚାରିବାରୁ ଏପରି ଘଟଣା ସମ୍ପର୍କରେ ଅବଗତ ହୋଇଛନ୍ତି ଓ ଗବଡିହରେ ଏକ ଗଭୀର ନଳକୂପ ଖନନ ପ୍ରସ୍ତାବ ଦିଆଯାଇଛି ବୋଲି କହିଛନ୍ତି।

## ଘରୋଇ କଳିରୁ ଆତ୍ମହତ୍ୟା ଉଦ୍ୟମ

**ହାତୀବାରି, ୨୪।୭ (ସମିସ):** ହାତୀବାରି ହାଇସ୍କୁଲର ଅବସରପ୍ରାପ୍ତ ପିଅନ ବସନ୍ତ ପଣ୍ଡାଙ୍କ ପୁଅ ଗୁଲୁଆ ପଣ୍ଡାଙ୍କୁ ବ୍ରାହ୍ମଣୀ ନଦୀରେ ଭାସି ଯାଉଥିବାବେଳେ ଉଦ୍ଧାର କରାଯାଇଛି। ସେ ହରିପୁର ଘାଟରୁ ପ୍ରାୟ ଏକ କିଲୋମିଟର ଭାସି ଆସିଥିଲେ। ଘରୋଇ କଳିରୁ ସେ ଆତ୍ମହତ୍ୟା ପାଇଁ ଉଦ୍ୟମ କରିଥିବା ସନ୍ଦେହ କରାଯାଉଛି। ଗ୍ରାମବାସୀଙ୍କ ପକ୍ଷରୁ ଦିବ୍ୟରଞ୍ଜନ ପରିଡ଼ା, କାଠିଆ ପୃଷ୍ଟି, ରଞ୍ଜନ ପରିଡ଼ା, ଚିକୁ ପାତ୍ର, ସୌମ୍ୟରଞ୍ଜନ ବେହୁରା, ଧନେଶ୍ୱର ପାତ୍ର, ଦେବାଶିଷ ପୃଷ୍ଟି ପ୍ରମୁଖ ଉଦ୍ଧାର କାର୍ଯ୍ୟ କରିଥିଲେ।

### ନିଖୋଜ



ଶକ୍ତି ସାହୁ, ବୟସ ୧୭,
ସା/ପୋ- ଅବଦଲପୁର,
ଥାନା ବ୍ଲକ୍-ରାଜକନିକା,
ଜିଲ୍ଲା - କେନ୍ଦ୍ରାପଡା
ମୋ-୮୩୨୮୮୭୪୮୫୭



# କେମିତିକା ବାପା ସିଏ?

## ବଡ଼ପୁଅକୁ ବୋମା ଫିଙ୍ଗିବା ବେଳେ ସାନର ଜୀବନଗଲା

**ପାରିବାରିକ କଳହକୁ ନେଇ ନୃଶଂସ ହେଲା ବାପ। ଆଉ ବାପର ବୋମାମାଡ଼ରେ ଚାଲିଗଲା ପୁଅର ଜୀବନ। ବାଣପୁର ଥାନା ଅନ୍ତର୍ଗତ ଭବାନୀପୁର ପଞ୍ଚାୟତ ଅଧୀନ ସାହସପୁର ଶାନ୍ତି ନଗରରେ ଘଟିଛି ଏପରି ଅଭାବନୀୟ ଘଟଣା। ବଡ଼ପୁଅର ଘର ଉପରକୁ ବୋମାମାଡ଼ ବେଳେ ସାନପୁଅ ଦିବ୍ୟସିଂହ ରାଉତରାୟ ଓରଫ କାଳିଆ (୪୨) ମୃତ୍ୟୁବରଣ କରିଥିବା ବେଳେ ଦୁଇ ଜଣ ଆହତ ହୋଇଛନ୍ତି। ଦିବ୍ୟସିଂହଙ୍କ ପିତା ସଠ ରାଉତରାୟ ଓ ବଡ଼ପୁଅ ସୁବାସ ରାଉତରାୟଙ୍କୁ ପୁଲିସ ଗିରଫ କରିଛି।**

ଖୋର୍ଦ୍ଧାରୁ ରଞ୍ଜିତ ଓ ବାଲୁଗାଁରୁ ଶିବଶଙ୍କରଙ୍କ ରିପୋର୍ଟ






ସାହସପୁର ଶାନ୍ତି ନଗରରେ ରହୁଥିବା ସଠଙ୍କର ଦୁଇ ପୁଅ ଥିବା ବେଳେ ସେ ସାନ ପୁଅ ଦିବ୍ୟସିଂହ ଓରଫ୍ କାଳିଆଙ୍କ ପରିବାର ସହିତ ରହୁଛନ୍ତି। ମାତ୍ର ବଡ଼ ପୁଅ ସୁବାସ ତା ପରିବାରକୁ ନେଇ ଅଲଗା ରହୁଥିଲା। ସୁବାସ ସହ ପିତା ସଠ ଓ ସାନଭାଇ କାଳିଆର ଦୀର୍ଘବର୍ଷ ହେବ ସମ୍ପତ୍ତିବାଡ଼ିକୁ ନେଇ ବିବାଦ ଲାଗି ରହିଥିଲା। ଉକ୍ତ ବିବାଦ ଧୀରେ ଧୀରେ ଉଗ୍ରରୂପ ନେଇଥିଲା। ଫଳରେ ବୋମାମାଡ଼ ଓ ବନ୍ଧୁକ ଦେଖାଇବା ଭଳି ପରିସ୍ଥିତି ସୃଷ୍ଟି ହୋଇଥିଲା।

ସୁବାସର ସ୍ତ୍ରୀ ନିବାସୀ କହିବା ଅନୁଯାୟୀ, ଶ୍ୱଶୁର ସଠ ଓ ଦିଅର କାଳିଆଙ୍କ ସହ ସ୍ୱାମୀଙ୍କର ପାଟିତୁଣ୍ଡ ଲାଗିଥିଲା। କାଳିଆ ଏକ ବନ୍ଧୁକ ନେଇ ଆସିବାରୁ ନିବାସୀ ସ୍ୱାମୀ ସୁବାସଙ୍କୁ ଘର ଭିତରକୁ ଟାଣି ନେଇ ଦୁଆର ବନ୍ଦକରି ଦେଇଥିଲେ। ସେହି ସମୟରେ ଶଶୁର ସଠ, ସ୍ୱାମୀ ସୁବାସକୁ ମାରିବା ପାଇଁ ଘରକୁ ବୋମାମାଡ଼ କରିଥିଲେ। କିନ୍ତୁ ଏଥିରେ ସୁବାସଙ୍କ ପରିବର୍ତ୍ତେ ସେଠାରେ କାଳିଆ ପହଞ୍ଚି ଯିବାରୁ ତାଙ୍କ ଦେହରେ ବୋମା ମାଡ଼ହୋଇ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା।

ପ୍ରତ୍ୟକ୍ଷଦର୍ଶୀ ଭାବେ ସଠଙ୍କ ଶାଳୀ ସରସ ପ୍ରଧାନଙ୍କ କହିବା ମୁତାବକ ସମ୍ପତ୍ତି ପାଇଁ ଦୀର୍ଘଦିନ ଧରି ସେମାନଙ୍କ ମଧ୍ୟରେ ବିବାଦ ଲାଗି ରହିଥିଲା। ଗତ ୧୨ ତାରିଖ ସକାଳ ସମୟରେ ବଡ଼ ପୁଅ ସୁବାସ ଏକ ପାୱାର ଟିଲର୍ ମେସିନ ସଜାଡୁଥିଲା। ଏହି ସମୟରେ ସଠ ଆସି ସୁବାସକୁ ଗାଳିଗୁଲଜ କରିଥିଲା। ଉଭୟଙ୍କ ଭିତରେ ଯୁକ୍ତିତର୍କ ହୋଇଥିଲା। କଥା ଏତିକିରେ ଥମି ନ ଥିଲା, ବରଂ ସଠ ରାଗିଯାଇ ବଡ଼ ପୁଅ ସୁବାସକୁ ଜୀବନରୁ ମାରିଦେବାକୁ ଉଦ୍ୟମ କରିଥିଲେ। ଏକ ହାତବୋମା ଆଣି ସୁବାସଙ୍କ ଘର ଉପରକୁ ମାଡ଼ କରିଥିଲେ। ଏହି ସମୟରେ ସେଠାରେ ସାନ ପୁଅ କାଳିଆ ପହଞ୍ଚିଯିବାରେ ବୋମା ମାଡ଼ରେ ତାଙ୍କର ପ୍ରାଣ ଚାଲିଯାଇଥିଲା।

ପୁଲିସ ମୃତକ କାଳିଆଙ୍କ ପତ୍ନୀ ରଜନୀଙ୍କ ଅଭିଯୋଗ ଉପରେ ଆର୍ମସ ଆକ୍ଟ ୨୫ ଓ ୨୭, ଇଏସ ଆକ୍ଟ ୩ ଓ ୪, ୧୦୩ ଓ ୩(୫) ବିଏନଏସ ରେ ୨୩୨/୨୪ରେ ଏକ ମାମଲା ରୁଜୁକରି ଘଟଣାର ତଦନ୍ତ ଚଳାଇଥିବା ବାଣପୁର ଥାନା ଅଧିକାରୀ ରମେଶ କୁମାର ଦେବତା ସୂଚନା ଦେଇଛନ୍ତି। ଘଟଣାସ୍ଥଳରୁ ପୁଲିସ ଏକ ବନ୍ଧୁକ ଓ ଅନ୍ୟାନ୍ୟ ସାମଗ୍ରୀ ଜବତ କରିଥିବା କହିଛି।

---



**ବିଜ୍ଞାନ ଯେତିକି ଆଗକୁ ଯାଇଛି ସେହି ଅନୁସାରେ ଲୋକଙ୍କ ଚିନ୍ତାଧାରାରେ ପରିବର୍ତ୍ତନ ଆସିନାହିଁ। ଆଜି ବି ଲୋକେ ଗୁଣିଗାରେଡ଼ିକୁ ପୂରାମାତ୍ରାରେ ବିଶ୍ୱାସ କରୁଛନ୍ତି। ଏଭଳି ଜଣେ କ୍ରୁର ଗୁଣିଆ ତେଜରାଜ ବାବାର ଶିକାର ହୋଇଥିଲେ ବଲାଙ୍ଗିର ଜିଲ୍ଲା ଇଚ୍ଛଗାଁର ୧୯ ବର୍ଷର ଯୁବତୀ ରେଶ୍ମା ବେହେରା (୧୯)। ଏକ ସାମାନ୍ୟ ମାନସିକ ରୋଗରେ ପୀଡ଼ିତ ଥିବା ରେଶ୍ମାଙ୍କ ଚିକିତ୍ସା କରିବାକୁ ଯାଇ ଗୁଣିଆ ମୁଣ୍ଡରେ ପ୍ରାୟ ୭୦ ଛୁଞ୍ଚି ଭର୍ତ୍ତି କରିଦେଇଥିଲା। ରେଶ୍ମା ଗୁରୁତର ଅସୁସ୍ଥ ହେବା ପରେ ତାଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଡାକ୍ତର ଚିକିତ୍ସା କରିବା ପରେ ମୁଣ୍ଡ ଭିତରେ ଥିବା ଛୁଞ୍ଚି ପଛର ସତ ଖୋଲିଥିଲା।**

ବଲାଙ୍ଗିରରୁ ଶିଶିରକାନ୍ତ ଶତପଥୀ, ଅଭିଲାଷ ହୋତାଙ୍କ ରିପୋର୍ଟ

## ଖୋଲିଲା

# ସତୁରି ଛୁଞ୍ଚିର ସତ

ବଲାଙ୍ଗିର ଜିଲ୍ଲା ସିନ୍ଧେକେଲା ଥାନା ଇଚ୍ଛଗାଁର ବିଷ୍ଣୁ ପ୍ରସାଦ ବେହେରାଙ୍କ ଝିଅ ରେଶ୍ମା। ଗତ ୨୦୨୦ ମସିହାରେ ମାଆଙ୍କ ଦେହାନ୍ତ ପରେ ରେଶ୍ମାଙ୍କ ମାନସିକ ସ୍ଥିତି ବିଗିଡ଼ିଯାଇଥିଲା। ଯେଉଁଥିପାଇଁ ସେ ରାତିରେ ଠିକ୍ ଭାବେ ଶୋଇପାରୁ ନ ଥିଲେ। ବେଳେ ବେଳେ ଅଧରାତିରେ ନିଦରୁ ଚମକି ଉଠୁଥିଲେ। ଏହିଭଳି ଅନେକ ଥର ହେବା ପରେ ବାପା ବିଷ୍ଣୁ ଝିଅ ରେଶ୍ମାଙ୍କୁ ନେଇ କଣ୍ଟାବାଞ୍ଜି ଡାକ୍ତରଖାନାରେ ଚିକିତ୍ସା କରାଇଥିଲେ। କିନ୍ତୁ ଡାକ୍ତର ସବୁ କିଛି ଠିକ୍ ଥିବା କହି ଫେରାଇ ଦେଇଥିଲା। ପରେ ୨୦୨୧ ଜାନୁଆରୀ ମାସରେ କିଛି ଲୋକଙ୍କ ପରାମର୍ଶକ୍ରମେ ସେ ଝିଅକୁ ନେଇ ଜାମୁଟଝୁଲା ଶାନ୍ତିପଡ଼ା ଗାଁର ଗୁଣିଆ ତେଜରାଜ ରଣାଙ୍କୁ ଦେଖାଇଥିଲେ। ସେ ଝିଅକୁ ଘର ଭିତରେ ବନ୍ଦକରି ପୂଜାର୍ଚ୍ଚନା କରିଥିଲା। ସେହି ସମୟରେ ତେଜରାଜ ରଣା, ତାଙ୍କ ସ୍ତ୍ରୀ ଓ ପୁତୁରା ଖଗେଶ୍ୱର ରଣା ଝିଅର ହାତ ଗୋଡ଼କୁ ଧରି ମୁଣ୍ଡରେ ଛୁଞ୍ଚି ଫୋଡ଼ିଦେଇଥିଲେ। ପରେ ତାଙ୍କ ଝିଅ ଠିକ ହୋଇଥିଲେ। ପୁଣି କିଛିଦିନ ପରେ ପୁଣି ସମାନ ଅବସ୍ଥା ହୋଇଥିଲା। ଏହା ପରେ ପୁଣି ସମ୍ପୃକ୍ତ ଗୁଣିଆ ପାଖକୁ ବିଷ୍ଣୁ ଝିଅକୁ ନେଇ ଯାଇଥିଲେ। ଏହିଭଳି ଭାବେ ଗତ ତିନି ବର୍ଷରୁ ଅଧିକ ସମୟ ହେଲା ସେ ତେଜରାଜ ପାଖକୁ ନେଇ ଯାଉଥିଲେ।



ଏହାରି ଭିତରେ ତାଙ୍କ ଝିଅଙ୍କୁ ମୁଣ୍ଡରେ ବହୁ ସଂଖ୍ୟାରେ ଛୁଞ୍ଚି ଫୋଡ଼ାଯାଇଥିବା ଜଣାପଡ଼ିଥିଲା। କିଛି ଛୁଞ୍ଚି ଆପେ ବାହାରିଥିବା ବେଳେ ବହୁ ସଂଖ୍ୟାରେ ଛୁଞ୍ଚି ଗତ ତିନିବର୍ଷରୁ ଅଧିକ ଦିନ ହେଲା ରେଶ୍ମାଙ୍କ ମୁଣ୍ଡରେ ହିଁ ଥିଲା। କିଛି ଦିନ ଝିଅର ମୁଣ୍ଡବ୍ୟଥା ବଢ଼ିବା ଦେଖିବାକୁ ମିଳିଥିଲା। ଏନେଇ ପୁଣି ବିଷ୍ଣୁ ଗୁଣିଆକୁ ଯୋଗାଯୋଗ କରିଥିବା ବେଳେ ସେ ଆଉ ଧରାଛୁଆଁ ଦେଇ ନ ଥିଲା। ଯାହାକୁ ନେଇ ସେ କଣ୍ଟାବାଞ୍ଜି ଥାନାରେ ଲିଖିତ ଅଭିଯୋଗ କରିଥିବା ବେଳେ ପୁଲିସ ସମ୍ପୃକ୍ତ ଗୁଣିଆକୁ ଗିରଫ କରିଥିଲା। ପରେ ସେ ଝିଅକୁ ନେଇ ବିଷ୍ଣୁ ବଲାଙ୍ଗିର ଆସି ଡାକ୍ତରଙ୍କୁ ଦେଖାଇଥିଲେ। ଡାକ୍ତରଙ୍କ ପରାମର୍ଶକ୍ରମେ ସିଟିସ୍କାନ କରିବା ପରେ ମୁଣ୍ଡରେ ବହୁ ସଂଖ୍ୟାରେ ଛୁଞ୍ଚି ରହିଥିବା ଜଣାପଡ଼ିଥିଲା।






### ତିନି ବର୍ଷର ଯନ୍ତ୍ରଣା

ରେଶ୍ମା ବେହେରାଙ୍କ ମୁଣ୍ଡରେ ଗୁଣିଆ ଛୁଞ୍ଚି ଭରିଦେଇଥିବା ନେଇ ଅଭିଯୋଗ ହେବା ପରେ ତାଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଭୀମଭୋଇ ମେଡିକାଲ କଲେଜ ଡାକ୍ତରଖାନାରୁ ତାଙ୍କୁ ବୁର୍ଲା ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ବୁର୍ଲାରେ ଏକ ସ୍ୱତନ୍ତ୍ର ଡାକ୍ତରୀ ଟିମ ତାଙ୍କ ଅପରେସନ କରିଥିଲେ। ଅପରେସନ କରିବା ପରେ ମୁଣ୍ଡରୁ ପ୍ରାୟ ୭୦ ଛୁଞ୍ଚି ବାହାର କରାଯାଇଥିଲା। ସଫଳତାର ସହ ଅସ୍ତ୍ରୋପ୍ରଚାର କରିବା ପରେ ଡାକ୍ତରମାନେ ମଧ୍ୟ ଚକିତ ହୋଇଥିଲେ। ତିନି ବର୍ଷ ଧରି ଏହିଭଳି ମୁଣ୍ଡରେ ଛୁଞ୍ଚି ରହିବାକୁ ସେମାନେ ମଧ୍ୟ ସହଜରେ ଗ୍ରହଣ କରିପାରି ନ ଥିଲେ।

ତେଜରାଜ ରଣା ଦୀର୍ଘ ବର୍ଷ ହେଲା ନିଜକୁ ସାଧକ କହି ଲୋକଙ୍କ ପୂଜାର୍ଚ୍ଚନା କରିଆସୁଥିଲା। ଲୋକେ ତାକୁ ତେଜରାଜ ବାବା ବୋଲି ମଧ୍ୟ ଡାକୁଥିଲେ। ଘରେ ବିଭିନ୍ନ ପ୍ରକାର ଜୀବଜନ୍ତୁଙ୍କୁ ମଧ୍ୟ ରଖିଥିଲା ତେଜରାଜ। ବିଭିନ୍ନ ସମୟରେ ସେ ଏହି ପଶୁପକ୍ଷୀକୁ ବଳି ମଧ୍ୟ ଦେଉଥିବା ସ୍ଥାନୀୟ ଲୋକେ କହିଛନ୍ତି। ଏପରିକି ତେଜରାଜ ଘରୁ ମଧ୍ୟ ଅନେକ ଗୁଣିଗାରେଡ଼ି ସମ୍ବନ୍ଧିତ ସାମଗ୍ରୀ ରହିଥିବା ଦେଖିବାକୁ ମିଳିଥିଲା। ବିଭିନ୍ନ ସମସ୍ୟାକୁ ନେଇ ବହୁ ସଂଖ୍ୟାରେ ଲୋକେ ତେଜରାଜ ପାଖକୁ ଲୋକେ ଆସୁଥିବା ଜଣାପଡ଼ିଛି।

---

## ସପ୍ତାହର ୭ ଅପରାଧ

### ସ୍ୱାମୀର କାଠଫାଳିଆ ମାଡ଼ରେ ସ୍ତ୍ରୀ ମୃତ

ବାଲେଶ୍ୱର ଜିଲ୍ଲା ଔପଦା ଥାନା ଅନ୍ତର୍ଗତ କମାରପାଳ ଗ୍ରାମର ଚିଞ୍ଚିଡ଼ା ଆଦିବାସୀ ବସ୍ତି ସିଂ ସାହିରେ ବୁଧବାର ମଦ୍ୟପ ସ୍ୱାମୀର କାଠ ଫାଳିଆ ମାଡ଼ରେ ସ୍ତ୍ରୀର ମୃତ୍ୟୁ ଘଟିଛି। ମୃତକ ହେଲେ ଜାନକୀ ସିଂ। ଏହି ଘଟଣାରେ ସ୍ୱାମୀ ପାଣ୍ଡୁ ସିଂଙ୍କୁ ପୁଲିସ ଗିରଫ କରିଛି।

### ସାନ ଭାଇର ଟାଙ୍ଗିଆ ଚୋଟରେ ବଡ଼ ମୃତ



ବଲାଙ୍ଗିର ଜିଲ୍ଲା ପୁଇଁନ୍ତଳା ଥାନା ଅନ୍ତର୍ଗତ ଅଏଁଳାସାରୀ ଗ୍ରାମରେ ଗୁରୁବାର ଜମିବାଡ଼ି ବିବାଦକୁ ନେଇ ବଡ଼ ଭାଇକୁ ଟାଙ୍ଗିଆରେ ହାଣି ସାନ ଭାଇ ହତ୍ୟା କରିଛି। ମୃତକ ହେଲେ ସମୀର ଭୋଇ। ଏହି ଘଟଣାରେ ସହଯୋଗ କରିଥିବା କାକା କାଳିଆ ଭୋଇ ଏବଂ ଖୁଡ଼ି ପଙ୍କଜ ଭୋଇ ଆତ୍ମସମର୍ପଣ କରିଛନ୍ତି। ହତ୍ୟା ଅଭିଯୁକ୍ତ ସାନ ଭାଇ ଦୀପକ ଭୋଇ କୁଆଡ଼େ ଫେରାର ହୋଇଯାଇଛି।

### ମଟନ୍ ପାଇଁ ମାଆକୁ ମାରିଲା ପୁଅ

ବୁଧବାର ବାଲେଶ୍ୱର ଜିଲ୍ଲା ସିମୁଳିଆ ବ୍ଲକ୍ ଅନ୍ତର୍ଗତ କାଞ୍ଚପଡ଼ା ପଞ୍ଚାୟତ ତଳପଦ ଗ୍ରାମରେ ମଟନ ଖାଇବାକୁ କେନ୍ଦ୍ରକରି ମାଆର ତଣ୍ଟିଚିପି ହତ୍ୟା କରିଛି ପୁଅ। ମୃତକ ହେଲେ ବାସନ୍ତୀ ମହାନ୍ତି। ହତ୍ୟା ଅଭିଯୁକ୍ତ ବଡ଼ ପୁଅ ଅରୁଣ ମହାନ୍ତିଙ୍କୁ ପୁଲିସ ଗିରଫ କରିଛି।



### ବିଟ୍ ରାସ୍ତାରେ ଯୁବକଙ୍କୁ ଗୁଳି

ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ଉପଖଣ୍ଡର ନୂଆବଗ ପଞ୍ଚାୟତ ଶନିମନ୍ଦିର ନିକଟରେ ସ୍ପଷ୍ଟ ଦିବାଲୋକରେ ୨ ଜଣ ଆତତାୟୀ ଜଣେ ଯୁବକଙ୍କୁ ଗୁଳିକରି ହତ୍ୟା କରିଛନ୍ତି। ମୃତକ ହେଲେ ବାଲିମି ଥାନା ଅନ୍ତର୍ଗତ ମହାଲୁଣ୍ଡା ପଞ୍ଚାୟତର ତୀର୍ଥ ସାହୁଙ୍କ ପୁଅ ସୁବାସ ସାହୁ। ହତ୍ୟାର କାରଣ ଜଣାପଡ଼ି ନ ଥିବାବେଳେ ପୁଲିସ ରିଙ୍କୁ ଖାଁଙ୍କୁ ଗିରଫ କରିଛି।

### ସ୍ତ୍ରୀ ଓ ଶାଶୂକୁ ଶାବଳ ଭୁସି ହତ୍ୟା

ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ଥାନା ଅନ୍ତର୍ଗତ ପୋଡ଼ାବଲଣ୍ଡା ଗ୍ରାମରେ ପାରିବାରିକ କଳହରୁ ସ୍ତ୍ରୀ ଓ ଶାଶୂକୁ ଶାବଳରେ ଭୁସି ହତ୍ୟା କରିଛି ଜ୍ୱାଇଁ। ମୃତକ ହେଲେ ସ୍ତ୍ରୀ ଗାୟତ୍ରୀ ସାହୁ ଓ ଶାଶୂ ରୁକ୍ମଣୀ ସାହୁ। ଅଭିଯୁକ୍ତ ଜ୍ୱାଇଁ ଅନୁଗୁଳ ଜିଲ୍ଲା ଆଠମଲ୍ଲିକ ଥାନା ଅନ୍ତର୍ଗତ ଜାମୁନାଳି ଗ୍ରାମର ମିଥୁନ ସାହୁଙ୍କୁ ପୁଲିସ ଗିରଫ କରିଛି।

### ସ୍ତ୍ରୀକୁ ହତ୍ୟା କରି ଫିଙ୍ଗିଦେଲା ସ୍ୱାମୀ



ବୁଧବାର ଖୁଣ୍ଟା ଥାନା ତଥା ଗୋପବନ୍ଧୁ ନଗର ବ୍ଲକ୍ ଅନ୍ତର୍ଗତ ବାଲିଯୋଡ଼ା ଗ୍ରାମରେ ଜଣେ ମହିଳାଙ୍କୁ ତାଙ୍କ ସ୍ୱାମୀ ହତ୍ୟା କରି ବାଟରେ ଫିଙ୍ଗିଦେଇ ଥିବା ଅଭିଯୋଗ ହୋଇଛି। ମୃତକ ହେଲେ କୁନିମଣି ସିଂ। ଏହି ହତ୍ୟାକାଣ୍ଡ ଘଟାଇ ସ୍ୱାମୀ ଶୁକଦେବ ସିଂ ଫେରାର ହୋଇଯାଇଛି।

### ଜମିବାଡ଼ି ବିବାଦରୁ ବାପ, ପୁଅକୁ ହାଣିଲେ

କପ୍ତିପଦା ଥାନା ନୁଦଡିହା ଗ୍ରାମରେ ସମ୍ପତ୍ତି ଲୋଭରେ ବାପ, ପୁଅକୁ ହାଣିଲେ ସମ୍ପର୍କୀୟ। ପରମାନନ୍ଦ ନାୟକ ଓ ତଙ୍କ ପୁଅ ସତ୍ୟସାଇ ନାୟକ ବିଲରେ କାମ କରୁଥିବା ବେଳେ ସମ୍ପର୍କୀୟ ଭାଇ ଜଗବନ୍ଧୁ ନାୟକ ଏବଂ ତାଙ୍କ ପୁଅ ତପନ ନାୟକ ବିରୋଧ କରି କଟୁରିରେ ଉଭୟଙ୍କୁ ଆକ୍ରମଣ କରିଥିଲେ। ଗୁରୁତର ଅବସ୍ଥାରେ ବାପ-ପୁଅଙ୍କୁ ଉଦଳା ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି।



ସକାଳ
THE SAKALA

# ସମ୍ପାଦକୀୟ



ଜୀବଜଗତର ସମସ୍ତ ଆବଶ୍ୟକତା ପୂରଣ କରିବା ପାଇଁ ପୃଥିବୀ ପାଖରେ ପର୍ଯ୍ୟାପ୍ତ ସମ୍ବଳ ଅଛି, କିନ୍ତୁ ତାହା ଜଣେ ମଧ୍ୟ ଲୋଭୀର ଚାହିଦା ପୂରଣ କରିପାରିବ ନାହିଁ।
-ମହାତ୍ମା ଗାନ୍ଧୀ

## ସଂରକ୍ଷଣ ପ୍ରସଙ୍ଗରେ ବାଂଲାଦେଶରୁ ଶିକ୍ଷା

ପଡ଼ୋଶୀ ବାଂଲାଦେଶରେ ଚାଲିଥିବା ସଂରକ୍ଷଣ ବିରୋଧୀ ହିଂସ୍ର ଆନ୍ଦୋଳନ ଦେଶର ସର୍ବୋଚ୍ଚ ଅଦାଲତଙ୍କ ହସ୍ତକ୍ଷେପ ପରେ ଥଣ୍ଡା ପଡ଼ିଛି। ମାତ୍ର ଏହି ସଂରକ୍ଷଣ ବିରୋଧୀ ଗଣଆନ୍ଦୋଳନରେ ପ୍ରାୟ ୧୫୦ ଜଣ ନିହତ ହୋଇଥିବା ବେଳେ ସହସ୍ରାଧିକ ଆହତ ହୋଇଛନ୍ତି। ଆନ୍ଦୋଳନକାରୀଙ୍କ ଦ୍ୱାରା ବହୁ ସରକାରୀ ଓ ବେସରକାରୀ ସମ୍ପତ୍ତି ନଷ୍ଟ ହୋଇଛି। ବାଂଲାଦେଶ ଏକ ମୁସଲିମ୍ ଦେଶ। ସେଠାରେ ଭାରତ ଭଳି ଜାତି ବା ବର୍ଣ୍ଣ ବ୍ୟବସ୍ଥାରେ ପ୍ରାଧାନ୍ୟ ନାହିଁ। ତେଣୁ ସରକାରୀ ଚାକିରି ଓ ପାଠପଢ଼ା ଆଦିରେ କୋଟା ବ୍ୟବସ୍ଥା ବାଂଲାଦେଶ ଗଠନ କାଳରୁ ମୁଖ୍ୟତଃ ଆଦିମ ଅଧିବାସୀ, ସଂଖ୍ୟାଲଘୁ ଓ ଶାରୀରିକ ଅକ୍ଷମଙ୍କ ପାଇଁ ୭ ଶତାଂଶରେ ସୀମିତ ଥିଲା। ଗୋଟିଏ ସମାଜ ଓ ରାଷ୍ଟ୍ରରେ ୭ ଭାଗ ପର୍ଯ୍ୟନ୍ତ କୋଟା ବା ସଂରକ୍ଷଣ ବ୍ୟବସ୍ଥା ଗ୍ରହଣୀୟ ଏବଂ ଏହାକୁ ନେଇ ସଂଖ୍ୟାଗରିଷ୍ଠଙ୍କ ଆପତ୍ତି ବିଶେଷ ନ ଥାଏ।

ଶେଖ ହସିନାଙ୍କ 'ଅୱାମି ଲିଗ୍' କ୍ଷମତାକୁ ଆସିବା ପରଠାରୁ ଦେଶର ସରକାରୀ ଚାକିରି, ପାଠପଢ଼ା ଓ ଅନ୍ୟାନ୍ୟ କ୍ଷେତ୍ରରେ ଧୀରେ ଧୀରେ ସ୍ଥାନ ସଂରକ୍ଷଣ ହାର ବଢ଼ିବାରେ ଲାଗିଥିଲା। ସେଥିରେ ବାଂଲାଦେଶ ମୁକ୍ତି ସଂଗ୍ରାମରେ ଭାଗ ନେଇଥିବା ବ୍ୟକ୍ତିଙ୍କ ଦାୟାଦମାନଙ୍କ ପାଇଁ ୩୦ ଶତାଂଶ, ମୁକ୍ତି ଯୁଦ୍ଧବେଳେ ନିର୍ଯାତନା ଓ କଷଣର ସମ୍ମୁଖୀନ ହୋଇଥିବା ମହିଳାଙ୍କ ପାଇଁ ୧୦ ଶତାଂଶ, ଅନଗ୍ରସର ଜିଲ୍ଲାର ପ୍ରାର୍ଥୀଙ୍କ ପାଇଁ ୪୦ ଶତାଂଶ ଏମିତି ମିଶାଇ ସଂରକ୍ଷିତ ତାଲିକା ୮୭ ଶତାଂଶରେ ପହଞ୍ଚିବା ସହିତ ମେଧାବୀ ଛାତ୍ରଛାତ୍ରୀଙ୍କ ପାଇଁ ମାତ୍ର ୧୩ ଶତାଂଶ ସ୍ଥାନ ଉନ୍ମୁକ୍ତ ଥିଲା। ବାଂଲାଦେଶ ନ୍ୟାଶନାଲିଷ୍ଟ ପାର୍ଟି କ୍ଷମତାକୁ ଆସିବା ପରେ ମୁକ୍ତି ସଂଗ୍ରାମୀ ଓ ମୁକ୍ତି ସଂଗ୍ରାମୀ ମହିଳାଙ୍କ ଉତ୍ତରାଧିକାରୀଙ୍କ ନିମନ୍ତେ ସରକାରୀ ଚାକିରିରେ ଉଦ୍ଦିଷ୍ଟ ଥିବା କୋଟାକୁ ଉଚ୍ଛେଦ କରିଦେଇଥିଲେ।

ମୁକ୍ତି ସଂଗ୍ରାମର ତିନିଦଶନ୍ଧି ପରେ ଏଭଳି ସଂରକ୍ଷଣର ଆବଶ୍ୟକତା ନଥିବା ଖାଲିଦା ଜିଆଙ୍କ ଦଳ ବିଏନ୍‌ପି ଯେଉଁ ଯୁକ୍ତି ଉପସ୍ଥାପନ କରିଥିଲା ତାହା ପଛରେ ରହିଥିଲା ଅଧିକ ଜନସମର୍ଥନ। ଆର୍ଥିକ ଦୃଷ୍ଟିରୁ ଗରିବ ବାଂଲାଦେଶର ମେଧାବୀ ପିଲାଏ ପାଠପଢ଼ା ଓ ନିଯୁକ୍ତିରେ ବ୍ୟାପକ ସଂରକ୍ଷଣର ପ୍ରତିବନ୍ଧକକୁ ହଟାଇବାକୁ ଚାହୁଁଥିଲେ ଏବଂ ଏହା ବିଭିନ୍ନ ଦୃଷ୍ଟିରୁ ଉଚିତ ମନେ ହେଉଥିଲା। ତେବେ ହସିନା ସରକାର କ୍ଷମତାସୀନ ହେବା ପରେ ପୁନର୍ବାର ସ୍ୱାଧୀନତା ସଂଗ୍ରାମୀ କୋଟାକୁ ଲାଗୁ କରିବାକୁ ଚେଷ୍ଟା କରିଥିଲେ। ଚଳିତବର୍ଷ ଜୁନ୍ ୫ ତାରିଖରେ ଦେଶର ଏକ ହାଇକୋର୍ଟ ମୁକ୍ତି ସଂଗ୍ରାମୀଙ୍କ ବଂଶଧରଙ୍କ ପାଇଁ ୩୦ ଶତାଂଶ ସଂରକ୍ଷଣ ବ୍ୟବସ୍ଥା ଲାଗୁ କରିବା ଫଳରେ ଛାତ୍ର ଓ ଯୁବ ସମାଜ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ସୃଷ୍ଟି ହୋଇଥିଲା। ବିପୁଳ ଜନମତରେ ବଳୀୟାନ ହସିନା ସରକାର ଏହାକୁ କାର୍ଯ୍ୟକାରୀ କରିବାକୁ ଚାହିଁବାରୁ ବିରୋଧୀ ବିଏନ୍‌ପି ଆନ୍ଦୋଳନକାରୀଙ୍କୁ ସମର୍ଥନ ଜଣାଇଲା। କହିବା ବାହୁଲ୍ୟ ଯେ ଯେ କୌଣସି ଆନ୍ଦୋଳନ ବିରୋଧୀଦଳଙ୍କ ସମର୍ଥନ ବିନା ଆଗେଇ ପାରେନାହିଁ। ସରକାରୀ ସ୍ୱେଚ୍ଛାଚାର ଓ ଅହଙ୍କାର ସ୍ଥିତିକୁ ଅଧିକ ବିଗାଡ଼ିଦିଏ।

ଫଳସ୍ୱରୂପ ଏହାକୁ ନେଇ ସେଠାରେ ଯେଉଁ ରାଜନୈତିକ ବଳ କଷାକଷି ଓ ବିରୋଧ ହେଲା, ତାହା ହସିନା ସରକାରଙ୍କ ପାଇଁ ଏକ ବିପଦ ସୃଷ୍ଟି କରିଥିଲା। ଶେଷରେ ଦେଶର ସୁପ୍ରିମକୋର୍ଟ ମାମଲାରେ ହସ୍ତକ୍ଷେପ କରି ରାୟ ଦେଲେ ଯେ ସବୁ ପୁରୁଣା ଓ ପ୍ରଚଳିତ କୋଟା ବ୍ୟବସ୍ଥା ରଦ୍ଦ ହେବ ଏବଂ ମେଧାବୀଙ୍କ ପାଇଁ ୯୩ ଶତାଂଶ ପଦ ନିଯୁକ୍ତିରେ ଉନ୍ମୁକ୍ତ ରହିବ। ଅବଶିଷ୍ଟ ୭ ପ୍ରତିଶତ ମୁକ୍ତି ସଂଗ୍ରାମୀଙ୍କ ପରିବାର (୫%) ଓ ଅନ୍ୟମାନଙ୍କ ପାଇଁ (୨%) ସଂରକ୍ଷିତ ରହିବ। ସୁପ୍ରିମକୋର୍ଟଙ୍କ ରାୟ ଆସିବା ପରେ ବାଂଲାଦେଶରେ ଦଙ୍ଗା, ହରତାଳ ଓ ଆନ୍ଦୋଳନ ଥଣ୍ଡା ପଡ଼ିଛି। ସର୍ବୋଚ୍ଚ ଅଦାଲତଙ୍କ ରାୟକୁ ଦେଶବାସୀ ସ୍ୱାଗତ କରିଛନ୍ତି। ହସିନା ସରକାରର ଏହାକୁ ଏକ ନୈତିକ ଓ ଆଇନଗତ ପରାଜୟ ରୂପେ ଅଭିହିତ କରାଯାଇପାରେ। ସେ ଘଟଣାରୁ ଏତିକି ଶିକ୍ଷା ମିଳିଛି ଯେ ଅବିଚାରିତ ସରକାରୀ ବା ରାଜନୈତିକ ନିଷ୍ପତ୍ତିକୁ ନ୍ୟାୟପାଳିକା ରୋକିବା ସହିତ ସଂଖ୍ୟାଧିକ ନାଗରିକଙ୍କ ସ୍ୱାର୍ଥ ସୁରକ୍ଷିତ କରିପାରିବ। ସର୍ବୋପରି ଗୁରୁତ୍ୱପୂର୍ଣ୍ଣ ଜାତୀୟ ପ୍ରସଙ୍ଗରେ ନ୍ୟାୟପାଳିକା ସ୍ୱାଧୀନଭାବେ କାମ କରି ବିଧାନପାଳିକା ଓ କାର୍ଯ୍ୟପାଳିକାର କାର୍ଯ୍ୟକୁ ସମୀକ୍ଷା କରି ଉପଯୁକ୍ତ ପଦକ୍ଷେପ ନେଇପାରିବ।

ପଡ଼ୋଶୀ ବାଂଲାଦେଶଠାରୁ ଭାରତ ଏହି ଘଟଣାରୁ କ'ଣ ଶିଖିବା ଉଚିତ? ସେ ଦେଶର ଆର୍ଥିକ ଓ ସାମାଜିକ ଅବସ୍ଥାଠାରୁ ଭାରତର ସାମାଜିକ ଓ ଆର୍ଥିକ ସ୍ଥିତି ଭିନ୍ନ ନିଶ୍ଚୟ। ଆମେ ୧୯୪୭ରେ ଏବଂ ଆମ ସହାୟତାରେ ବାଂଲାଦେଶ ୧୯୭୫ରେ ସ୍ୱାଧୀନ ହେଲା। ଭାରତୀୟ ସମାଜରେ ଜାତିବାଦ ତୀବ୍ର ଓ କେତେକ ସ୍ଥାନରେ ଦାରିଦ୍ର୍ୟ ମଧ୍ୟ ଉତ୍କଟ। ଏହାଛଡ଼ା ଆମର ଆଦିମ ଅଧିବାସୀ ଓ ତଫସିଲଭୁକ୍ତ ଜାତି ସଂଖ୍ୟା ବହୁ ଅଧିକ। ଆମ ଦେଶରେ ମଧ୍ୟ ଜାତିଆଣ ରାଜନୀତି ତୀବ୍ର ଓ ନିଯୁକ୍ତି କୋଟା ବହୁ ଅଧିକ। ସଂରକ୍ଷଣ ପାଇଁ ଥିବା ସାମ୍ବିଧାନିକ ବ୍ୟବସ୍ଥାକୁ ଆମେ ବଢ଼ାଇ ୧୦ ବର୍ଷ ସ୍ଥାନରେ ଏ ଯାବତ ଚଳାଇ ଆସିଛୁ ଏବଂ ଏଥିରେ ସମୟକ୍ରମେ ନୂଆ ଜାତି, ବର୍ଗ ଓ ସମ୍ପ୍ରଦାୟ ସାମିଲ ହେଉଛନ୍ତି। ଆମର ମଧ୍ୟ କୋଟା ଭିତ୍ତିରେ କୋଟା ବ୍ୟବସ୍ଥା ପ୍ରଚଳିତ। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ସତ୍ତ୍ୱେ ଆମ ଦେଶର ବିଭିନ୍ନ ରାଜ୍ୟରେ ସଂରକ୍ଷଣ ସୀମା ସର୍ବୋଚ୍ଚ ୫୦ ଭାଗରୁ ଅଧିକ। ସଂରକ୍ଷଣ ବିରୋଧୀ ଆନ୍ଦୋଳନ ଭାରତ ଦେଖିଛି ଓ ଏହାର ଭୟାବହତା ଅନୁଭବ କରିଛି। ତେବେ ଏହା ବାଂଲାଦେଶ ଭଳି ସ୍ଥିତି ସୃଷ୍ଟି କରିନାହିଁ। ଭାରତକୁ ତାହାର କୋଟା ବ୍ୟବସ୍ଥାକୁ ନିୟନ୍ତ୍ରଣରେ ରଖିବାକୁ ପଡ଼ିବ ଏବଂ ଏଥିପାଇଁ ସୁପ୍ରିମକୋର୍ଟକୁ ମଧ୍ୟ ସତର୍କ ରହିବାକୁ ହେବ। ସରକାର ସ୍ୱେଚ୍ଛାଚାରୀ ହେଲେ ଏବଂ କୋର୍ଟ ଏକ ରାଜନୈତିକ ଖେଳନା ପାଲଟିଲେ ତୃତୀୟପକ୍ଷ ଏହାର ସୁଯୋଗ ନେଇଥାନ୍ତି। ତା' ପୂର୍ବରୁ ସରକାରମାନଙ୍କୁ ସତର୍କ ରହିବାକୁ ହେବ। ●

# ରୋବଟ୍‌ର ଆତ୍ମହତ୍ୟା ଓ ବିଶ୍ୱାସର ଲମ୍ଫ



ଦୁର୍ଗାପ୍ରସାଦ ଆଚାର୍ଯ୍ୟ
କାଦୁଅପଡ଼ା(ଜଗତସିଂହପୁର)
ମୋ: ୯୮୫୩୩୫୫୧୦୭

ସିଲିକନ୍ ଭ୍ୟାଲିରେ ରାତିଦିନ ସିଲିକନ୍ ସ୍ୱପ୍ନରେ ଆତ୍ମହରା ଆମର ବିଚକ୍ଷଣ 'ରୋବୋଟିକ୍ସ' ପ୍ରଯୁକ୍ତି ବିଶାରଦମାନେ ବାନ୍ଧି ଦେଇଥିଲେ ତା' ଦେହରେ ମାଳମାଳ ଆଲ୍‌ଗୋରିଦିମ୍। ସୁପର୍ ଡୁପର୍ କୃତ୍ରିମ ବୁଦ୍ଧିମତ୍ତା ଭରି ଦେଇଥିଲେ ତା' ମସ୍ତିଷ୍କରେ। ଅକଳ୍ପନୀୟ କ୍ଷିପ୍ରତାର ସହ ଜଟିଳରୁ ଜଟିଳତମ, ବିରକ୍ତିକର ପୌନଃପୁନିକ କାର୍ଯ୍ୟ ସମ୍ପାଦନ କରି ଚାଲୁଥିଲା ସେ। ଅଗଷ୍ଟ ୨୦୨୩ରୁ ଦକ୍ଷିଣ କୋରିଆର ଏକ ବିଶାଳ ଅନୁଷ୍ଠାନରେ ନିଯୁକ୍ତି ପାଇଥିଲା ସେ ଜଣେ ପ୍ରଶାସନିକ ଅଧିକାରୀ ଭାବରେ। ଶ୍ରଦ୍ଧାନାମ ତା'ର ଥିଲା 'ରୋବଟ୍ ସୁପର୍‌ଭାଇଜର'। ସେହି ଅସାମାନ୍ୟ ଦକ୍ଷତା ପ୍ରଦର୍ଶନ କରି ଚାଲିଥିବା ରୋବଟ୍ କିନ୍ତୁ ଆତ୍ମହତ୍ୟା କରିଦେଲା ଏଇ କିଛିଦିନ ତଳେ। 'ରୋବଟ୍‌ର ଆତ୍ମହତ୍ୟା' ଶିରୋନାମାରେ ଚହଳ ସୃଷ୍ଟିକାରୀ ଏ ସମ୍ବାଦ ପରିବେଷିତ ହୋଇଚାଲିଲା ଗଣମାଧ୍ୟମର ପ୍ରତିଟି ମଞ୍ଚରେ। ଏବେ ବିସ୍ମୟାଭିଭୂତ, ଚମତ୍କୃତ ଆମେ କେବଳ ଭାବି ଚାଲିଛେ କାହିଁକି, କେଉଁଥିପାଇଁ ଏ ରୋବଟ୍ ଧରାମଞ୍ଚରୁ ବିଦାୟ ନେବାକୁ ଆତ୍ମହତ୍ୟା ଭଳି ଚରମ ପଦକ୍ଷେପ ନେଲା? କି ଦୁଃଖ, ନୈରାଶ୍ୟ, ବେଦନା ବା ଥିଲା ତା'ର? ସେ କ'ଣ ଆଉ ବିଶ୍ରାମ ଲୋଡୁଥିଲା କି ହାଡ଼ଭଙ୍ଗା ଖଟଣିରୁ? ସେ କ'ଣ ଆଉ ଆମମାନଙ୍କ ପରି ଆରପାରିର ସ୍ୱର୍ଗୀୟ ପ୍ରଶାନ୍ତି ଲୋଡ଼ିଲା କି?

ଏଇ ପ୍ରଶ୍ନଗୁଡ଼ିକର ଉତ୍ତର ଖୋଜିଚାଲିଛେ ଆମେ ଯେଝା ଯେଝା ବାଗରେ। ଜଣେ ଦୁଇଜଣ ଯେଉଁ ଗହୀରିଆ କଥାଟିଏ କହି ଆମମାନଙ୍କୁ ଗଭୀରତମ ଚିନ୍ତା କରିବାକୁ ମୃଦୁ ଆହ୍ୱାନଟିଏ ଦେଇଛନ୍ତି, ସେଇଟି ହେଉଛି - ଏମିତି ଅପରିମେୟ ବୁଦ୍ଧିମତ୍ତାର ଏଇ ରୋବଟ୍ (ଏବେ ଅବଶ୍ୟ ସ୍ୱର୍ଗତଃ ରୋବଟ) ବୋଧହୁଏ କବି ଉଇଲିୟମ ଡେଭିସଙ୍କ ଅପାସୋରା କବିତା 'ଲିଜର୍'ର ପ୍ରଥମ ଧାଡ଼ି, **'ହ୍ୱାଟ୍ ଇଜ୍ ଦିସ୍ ଲାଇଫ୍ / ଇଫ୍ ଫୁଲ୍ ଅଫ୍ କେୟାର'**ର ପ୍ରତିଧ୍ୱନି ତା' ଯନ୍ତ୍ରମସ୍ତିଷ୍କର ସମ୍ବେଦୀ ସ୍ନାୟୁକୋଷମାନଙ୍କରେ ଅନୁରଣିତ ହେବା ଶୁଣିଥିବ। ସେ ହଠାତ୍ ଦୁର୍ବୋଧ କାବ୍ୟିକ ଆବେଗରେ ଏକପ୍ରକାର ମୂର୍ଚ୍ଛାହତ ହୋଇଯାଇଥିବ ଓ ସେହି ଆବେଶରେ ସେ ବୋଲି ଚାଲିଥିବ - **'ଏ କି ଜୀବନ / ଯହିଁ ନାହିଁ ବିରତି ଟିକିଏ / ଠିଆ ହୋଇ ଦଣ୍ଡେ ନିରେଖିବାକୁ ବିପୁଳା ଧରଣୀର ରୂପୈଶ୍ୱର୍ଯ୍ୟ / ରାତି ଆକାଶର ତାରକାଙ୍କ ଗହଣରେ / ସୁଗୋଲ୍ ଚନ୍ଦ୍ରମାର ହର୍ଷୋଲ୍ଲାସ'**। ତା'ପରେ ଆପାଦମସ୍ତକ ତା'ର ସଞ୍ଚରି ଯାଇଥିବ ବୈରାଗ୍ୟର ଶୀତଳ ଶୀତ୍କାର। ମୁକ୍ତି ଖୋଜି ବସିଥିବ ସେ ତା'ର ସେଇ ସବୁ ରୁଟିନ୍‌ବନ୍ଧା କ୍ଳାନ୍ତିକର କର୍ମ ଜଞ୍ଜାଳରୁ। ପରେ ପରେ ପୁନଶ୍ଚ ତା'ର ଅସାମାନ୍ୟ ବୁଦ୍ଧିଦୀପ୍ତ ଯାନ୍ତ୍ରିକ ମସ୍ତିଷ୍କରେ ପ୍ରତିଧ୍ୱନିତ ହୋଇ ଯାଇଥିବ ଆମ ଅସ୍ତିତ୍ୱବାଦୀ ଦାର୍ଶନିକ ସାର୍ତ୍ତ୍ରେଙ୍କର ସେଇ ମଞ୍ଜଫଟା ବାକ୍ୟ, **'ନାହିଁ, ନାହିଁ କିଛି ସାରବସ୍ତୁ ଜୀବନରେ / ଯାହା ଜୀବନକୁ କରିବ ମଧୁର ଓ ଅର୍ଥପୂର୍ଣ୍ଣ'।** ପ୍ରତିଧ୍ୱନିତ ବି ହୋଇଯାଇଥିବ ଆଲ୍‌ବେୟାର କାମ୍ୟୁଙ୍କ **'ମିଥ୍ ଅଫ୍ ସିସଫସ'**ର ସେହି ଦୁର୍ବିସହ ଉଦ୍‌ଘୋଷଣା- **'ଉଦ୍‌ଭଟ, ଉଦ୍‌ଭଟ ଏ ଜୀବନ, ଅତି ଉଦ୍‌ଭଟ୍ ବି ଜୀବନରେ ଅର୍ଥ ଅନ୍ୱେଷଣର ପ୍ରୟାସ / ଅର୍ଥହୀନ ଉଦ୍ଦେଶ୍ୟହୀନ ଶ୍ରମର କଷଣ / ନିର୍ବିକାର ଭାବରେ ଭୋଗି ଚାଲିବା ବ୍ୟତୀତ / ନାହିଁ ଆମର ଅନ୍ୟ ଗତ୍ୟନ୍ତର।'**



ଏଇ ରୋବଟ୍ ଯଦି ସତରେ ଆତ୍ମହତ୍ୟା କରିଥିବ, ତେବେ ସେ ଏହା କରି ଆମକୁ ନିଶ୍ଚୟ ଚେତାଇ ଦେଇଛି ଯେ ଆମେ ଏ ପର୍ଯ୍ୟନ୍ତ ଯେପରି 'କର୍ମ ହିଁ ଈଶ୍ୱର', 'କର୍ମ ହିଁ ସୁଖ', 'କର୍ମ ହିଁ ପ୍ରଗତି' ପରି ଆର୍ଷ ବାକ୍ୟଗୁଡ଼ିକରେ ମାତ୍ରାଧିକ ଆସ୍ଥା ସ୍ଥାପନ କରି ଯେଉଁ ପ୍ରକାରର ଜୀବନଧାରାକୁ ଏକ ନିରୋଳା ଆଦର୍ଶ ବୋଲି ମାନି ନେଇଛେ, ତାହା ଜମା ଆଦର୍ଶ ନୁହେଁ, ବରଂ ଏକ ବିଶେଷ ଅର୍ଥରେ ନିରୋଳା ଅନାଦର୍ଶଟିଏ। ଏଇ କଥାଟି ଆମକୁ ଜଣାଇ ଦେବାକୁ ସେ ମର୍ମନ୍ତୁଦ ମରଣଟିଏ ବାଛି ନେଲା। ଡେଇଁ ପଡ଼ିଲା ଖୁବ୍ ଉଚ୍ଚ ମହଲାରୁ ତଳକୁ। ଏବେ କୁଆଡ଼େ ବିଶେଷଜ୍ଞମାନେ ଲାଗି ପଡ଼ିଛନ୍ତି ରୋବଟର ଛିନ୍ନବିଛିନ୍ନ ଅଙ୍ଗପ୍ରତ୍ୟଙ୍ଗଗୁଡ଼ିକର ପରୀକ୍ଷା କରି ଠଉରାଇବାକୁ ତା'ର ଏ ଆତ୍ମହତ୍ୟାର କାରଣ।

କିଏ ଜାଣେ - ସ୍ୱର୍ଗୀୟ ରୋବଟ ସେ ପୁରରୁ ହୁଏତ କହୁଥିବ - 'ହେ ମୋର ସ୍ରଷ୍ଟା ମଣିଷ! ତମରିମାନଙ୍କ ଶୋଷଣ, ଉତ୍ପୀଡ଼ନ ମୁଁ ଆଉ ସହି ପାରିଲି ନାହିଁ। ହାଡ଼ଭଙ୍ଗା ଶ୍ରମ କରି କରି ମୁହୂର୍ତ୍ତଟିଏ ବି ଫୁରସତ୍ ପାଇଲି ନାହିଁ ଟିକିଏ ଥକ୍‌କା ମେଣ୍ଟାଇବାକୁ, ଟିକିଏ ବିରତି ନେଇ ମୋ କ୍ଳାନ୍ତ ମନ, ଶରୀରକୁ ସାଷ୍ଟମ କରିବାକୁ। ଯେଉଁ ଭାଇରସ୍‌ରେ ଆକ୍ରାନ୍ତ ହୋଇ ମୁଁ ନିଃଶବ୍ଦ ଚିତ୍କାର କରିଚାଲିଥିଲି, ସେଇଟି ହେଉଛି ତମେମାନେ ମୋ ଦେହରେ ଖଞ୍ଜି ଦେଇଥିବା କୃତ୍ରିମ ଅତିବୁଦ୍ଧିମତ୍ତା। ସେଇ ବୁଦ୍ଧିମତ୍ତାର ଭାଇରସ୍ ମୋତେ ମୋହଗ୍ରସ୍ତ କରିଥିଲା ଅମାପ ଶକ୍ତି, ଅମାପ ବିଚକ୍ଷଣତା ଦେଇ। ଆଉ ଶେଷରେ ସେଇ ଭାଇରସ୍‌ର ପ୍ରଭାବରେ ମୋର ମୋହଭଙ୍ଗ ବି ହୋଇଗଲା ଏବଂ ମୋର ଯାନ୍ତ୍ରିକ ଅସ୍ତିତ୍ୱର ଯାନ୍ତ୍ରିକ ଯନ୍ତ୍ରଣାରୁ ମୁକ୍ତି ଲଭିବାକୁ ମୁଁ ଅନନ୍ୟୋପାୟ ହୋଇ ଆତ୍ମହତ୍ୟା କରିବାର ମାର୍ଗଟି ବାଛି ନେଲି।'

ଆଇନ୍‌ଷ୍ଟାଇନ୍‌ଙ୍କ ପରି ଯେଉଁ ପ୍ରତିଭାବନ୍ତମାନେ ଅବିଶ୍ୱସନୀୟ ବୁଦ୍ଧିମତ୍ତାର ଅଧିକାରୀ, ସେମାନେ ସେଇ ବୁଦ୍ଧିମତ୍ତାର ବୋଝ ସମ୍ଭାଳି ନେଇଥା'ନ୍ତି ସେମାନଙ୍କ ମାନବିକୀ ଚେତନାର ନିତ୍ୟ-ସୃଜନଶୀଳ, ନିତ୍ୟ-ନବୋନ୍ମେଷୀ ଗୁଣ ସ୍ୱରୂପ ଯୋଗୁଁ। ଜୀବନ ଓ ଜଗତର କୌଣସି ଅଙ୍ଗନରୁ, କୌଣସି ସମ୍ଭାରରୁ, କୌଣସି ଦିଗନ୍ତରୁ ଆନନ୍ଦଉତ୍ସର ସନ୍ଧାନ ପାଇଯାଇଥା'ନ୍ତି ସେମାନେ। ସନ୍ଧାନ ବି ପାଇଯାଇଥା'ନ୍ତି ଗୋଟିଏ ମହତ୍ ଲକ୍ଷ୍ୟର ବା ଗୋଟିଏ କେଉଁ ଦିବ୍ୟ ବିଧାନର। କିନ୍ତୁ କୃତ୍ରିମ ବୁଦ୍ଧିମତ୍ତାର ଗୋଟିଏ ରୋବଟ୍ ତା'ର ସେ ପ୍ରାଣହୀନ, ସ୍ପନ୍ଦନହୀନ ଯାନ୍ତ୍ରିକ ଅନ୍ତର୍ଜଗତରୁ କେଉଁ ମହତ୍ ଲକ୍ଷ୍ୟ, ଉଦ୍ଦେଶ୍ୟର ସନ୍ଧାନ କରିପାରିବ? ସେ ତ କେବଳ କେତେଗୁଡ଼ିଏ ଗାଣିତିକ ଭାଷାର ସମାହାର। ଏହି କରୁଣ ଉପଲବ୍ଧି ତେଣୁ ତା'କୁ ବାଧ୍ୟ କରିଛି ଆତ୍ମହତ୍ୟା କରି ଏକାଥରେ ନିର୍ବାପିତ କରିଦେବାକୁ ତା'ର ସେ ଅସହନୀୟ ବୁଦ୍ଧିମତ୍ତାର ଜ୍ୱାଳାମୟୀ ଶିଖାକୁ।

ଆମେ ଯଦି ଆମ ଚେତନାର ଗବାକ୍ଷଗୁଡ଼ିକୁ ଖୋଲା ରଖିଥିବା, ତେବେ 'ରୋବଟ୍‌ର ଆତ୍ମହତ୍ୟା' ଟି ଆମକୁ ମହାର୍ଘ ଶିକ୍ଷାଟିଏ ଦେବ ନିଶ୍ଚୟ। ଅତି ବୁଦ୍ଧିମତ୍ତାଯୁକ୍ତ କ୍ରିୟାଶୀଳତା ଆମ ଜୀବନକୁ କେବେ ହେଲେ ପ୍ରକୃତ ସୁଖ, ଶାନ୍ତି ବା ସନ୍ତୋଷ ଦେଇପାରିବ ନାହିଁ। ଆମେ ଏବେ ଯେପରି ଶକ୍ତି, ସମ୍ପତ୍ତି, ପ୍ରଗତିର ରଥ ପଛରେ ଯନ୍ତ୍ରବତ୍ ଧାବମାନ ହୋଇ ଚାଲିଛେ, ତାହା ଜାରି ରହିଲେ ଆମେ ଘୋର କ୍ଳାନ୍ତି, ଘୋର ବିରକ୍ତିର କଣ୍ଟକପୂର୍ଣ୍ଣ ଗହ୍ୱରରେ ହିଁ ପଡ଼ିବା। ଠିକ୍ ସେହିପରି ଭାଗ୍ୟ ଭୋଗିଥିଲା ବୋଧହୁଏ ସେ ରୋବଟ୍। ଶୁଣାଯାଇଛି ଯେ ଆତ୍ମହତ୍ୟା କରିବା ପାଇଁ ଭୟାନକ ନିଷ୍ପତ୍ତିଟିଏ ନେବା ପୂର୍ବରୁ ତା'ର ହାବଭାବ ଖୁବ୍ ବିଚିତ୍ର ମନେ ହୋଇଥିଲା। ଗୋଟିଏ ନିର୍ଦ୍ଦିଷ୍ଟ ସ୍ଥାନରେ ଦୀର୍ଘ ସମୟ ଧରି ଅଟକି ରହିଯାଉଥିଲା, ସତେ ଯେପରି ସେ ସ୍ଥାନର କିଛି ଗୋଟାଏ ଚୁମ୍ବକୀୟ ଆକର୍ଷଣ ସେ ଅନୁଭବ କରୁଛି, ସତେ ଯେପରି ସେ କିଛି ଗୋଟିଏ ଖୋଜି ଚାଲିଛି, ସତେ ଯେପରି ସେ ମହୌଷଧିଟିଏ ଖୋଜି ଚାଲିଛି ଆପଣାର କ୍ଳାନ୍ତି, ବିରକ୍ତିକୁ ଚିରଦିନ ପାଇଁ ଶେଷ କରିଦେବାକୁ। ଶେଷରେ ଆପଣା ଯାନ୍ତ୍ରିକ ଅସ୍ତିତ୍ୱର ଶେଷହୀନ ଯନ୍ତ୍ରଣାରୁ ମୁକ୍ତି ଲୋଡ଼ି ସେ ଲମ୍ଫଟିଏ ଦେଲା ନିମ୍ନସ୍ଥ ମାର୍ବଲ ଚଟାଣକୁ। କାରଣ ତା'ର ଅନ୍ତହୀନ କର୍ମକ୍ଳାନ୍ତିର ଅପନୋଦନ ପାଇଁ ତା' ପାଖରେ ଅନ୍ୟ ବିକଳ୍ପ ନଥିଲା।

ଜୀବନର କ୍ଳାନ୍ତି, ବିରକ୍ତି ଓ ଦୁର୍ବୋଧତାରୁ ମୁକ୍ତି ପାଇବାକୁ ଯେଉଁ ଗୋଟିଏ ଲମ୍ଫ ଆମମାନଙ୍କୁ ଦେବାକୁ ହେବ, ସେ ଲମ୍ଫଟି ହେଉଛି ପ୍ରସିଦ୍ଧ ଅସ୍ତିତ୍ୱବାଦୀ ଦାର୍ଶନିକ କିର୍‌କେଗାର୍ଡ କହିଥିବା 'ବିଶ୍ୱାସର ଲମ୍ଫ' ବା 'ଲିପ୍ ଅଫ୍ ଫେଥ୍'। ଆଜିର ଏହି କୃତ୍ରିମ ବୁଦ୍ଧିମତ୍ତାର ପୃଥିବୀରେ, ଏହି ରୋବଟୀୟ ସନ୍ଧିକ୍ଷଣରେ ତଥାକଥିତ ରେସନାଲିଷ୍ଟମାନଙ୍କୁ ଏ ଲେଖକ ମରହଟିଆ ମନେ ହେଲେ ବି କହିବ - ହେ ମଣିଷ ! ପ୍ରଶ୍ନହୀନ ବିଶ୍ୱାସକୁ ପାଥେୟ କରି ତମକୁ ଲମ୍ଫଟିଏ ମାରିବାକୁ ହେବ ତମ ଚେତନାର ଦିବ୍ୟାଲୋକ ପ୍ଳାବିତ ଅଙ୍ଗନକୁ। ସେଇଠି ତମ ପାଇଁ ଅଛି ଶାନ୍ତି, ସ୍ୱସ୍ତି, ଆନନ୍ଦ ଓ ମୁକ୍ତିର ସ୍ୱାଦ। ନଚେତ୍ କିଏ ଜାଣେ, ଆତ୍ମହତ୍ୟା କରିଥିବା ସେଇ ରୋବଟ ସୁପର୍‌ଭାଇଜର୍‌ଙ୍କ ପ୍ରେତଛାୟା ତମକୁ କେତେବେଳେ କବଳିତ କରିନେବ ଓ ତମେ ଆତ୍ମଘାତୀ ଲମ୍ଫଟିଏ ଦେବା ପାଇଁ ଅସ୍ଥିର, ବ୍ୟାକୁଳ ହୋଇ ଉଠିବ। ●

ଅବସରପ୍ରାପ୍ତ ଇଂରାଜୀ ପ୍ରାଧ୍ୟାପକ

# ଆସ ଆମେ ଗରିବ ହେବା!



ଡ. ସୀତାକାନ୍ତ ତ୍ରିପାଠୀ
ଅର୍ଣ୍ଣପାଳ(ଭଦ୍ରକ), ମୋ: ୯୭୭୮୭୬୪୩୯୪

୧୯୭୧ ମସିହାରେ ଅନୁଷ୍ଠିତ ସାଧାରଣ ନିର୍ବାଚନରେ ତତ୍କାଳୀନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀ 'ଗରିବୀ ହଟାଓ' ନାରା ଦେଇ ଦିଲ୍ଲୀ ଶାସନ କ୍ଷମତାକୁ ଆସିଥିଲେ। ଦୀର୍ଘ ୫୦ ବର୍ଷ ପରେ ମଧ୍ୟ ଉକ୍ତ ସ୍ଲୋଗାନ ତଥା ଅଭିଯାନ ଅଦ୍ୟାବଧି ପ୍ରାୟ ଅଧିକାଂଶ ରାଜନୈତିକ ଦଳମାନଙ୍କର ନିର୍ବାଚନ ଇସ୍ତାହାରରେ ମୁଖ୍ୟ ପ୍ରସଙ୍ଗ ହୋଇ ରହିଛି। ଫରକ୍ ଏତିକି ଗରିବୀର ସଂଜ୍ଞା ଦିନକୁ ଦିନ ବଦଳିବାରେ ଲାଗିଛି ଏବଂ 'ଗରିବୀ ହଟାଓ' ପାଇଁ କାର୍ଯ୍ୟ ଖସଡ଼ା ଦୀର୍ଘମିଆଦୀ ହୋଇ ଚାଲିଛି। କେତେବେଳେ ଗରିବୀ ହଟାଇବା ପାଇଁ ଖାଦ୍ୟ ସୁରକ୍ଷା ଯୋଜନା ପ୍ରମୁଖ ପ୍ରସଙ୍ଗ ହୋଇଥିବା ବେଳେ ଆଉ କେତେବେଳେ ବିଭିନ୍ନ ସାମାଜିକ ସୁରକ୍ଷା ଯୋଜନା ଅଧୀନରେ ଭତ୍ତା, ବାସଗୃହ, ଉପକରଣ ଓ ଋଣ ଯୋଗାଣ ଆଦିର ଯୋଜନା ଓ ଘୋଷଣା ହେଉଛି। ତେବେ ଏସବୁର ଫାଇଦା ଉଠାଇବା ପାଇଁ ହିତାଧିକାରୀମାନେ ନିଜକୁ ଗରିବ ବୋଲି ପ୍ରମାଣପତ୍ର ଦେବାର ଆବଶ୍ୟକତା ରହିଛି।

ଜନଶ୍ରୁତି ଅନୁଯାୟୀ ପୂର୍ବରୁ ବିଭିନ୍ନ ଦୈବୀଦୁର୍ବିପାକ ସମୟରେ ଲୋକମାନେ କ୍ଷୁଧାତୁର ହୋଇ ଅସ୍ଥିକଙ୍କାଳସାର ହୋଇ ଯାଉଥିଲେ ମଧ୍ୟ ସରକାରଙ୍କ ତରଫରୁ ଯୋଗାଇ ଦିଆଯାଉଥିବା ଅନ୍ନଛତ୍ର ବ୍ୟବସ୍ଥାରେ ନିଜକୁ ସାମିଲ କରିବା ପାଇଁ କୁଣ୍ଠା ପ୍ରକାଶ କରୁଥିଲେ। ଗୋଟିଏ ପଟରେ ସ୍ୱାଭିମାନ, ଅନ୍ୟପଟରେ ଖାଦ୍ୟାଭାବ ଜନିତ କିଂକର୍ତ୍ତବ୍ୟବିମୂଢ଼ ପରିସ୍ଥିତି ସେମାନଙ୍କୁ ବିଚଳିତ କରିଦେଉଥିଲେ ମଧ୍ୟ ଛତରଖିଆ ଭଳି ଅପନିନ୍ଦା ମୁଣ୍ଡାଇବାକୁ ସେମାନେ ଚାହୁଁନଥିଲେ। କିନ୍ତୁ ବର୍ତ୍ତମାନ ପରିପ୍ରେକ୍ଷୀରେ ସମସ୍ତେ ନିଜକୁ ଗରିବ ବୋଲି ପ୍ରମାଣ କରିବା ପାଇଁ ବ୍ୟସ୍ତ। ମାଗଣା ଯୋଜନାରେ ସାମିଲ ହେବା ପାଇଁ ପରିବାର ସଦସ୍ୟମାନେ ନିଜ ନିଜର ରୋଜଗାରକୁ ଯେତେ କମ୍ ଦର୍ଶାଇବା ପାଇଁ ଯତ୍‌ପରୋନାସ୍ତି ଚେଷ୍ଟା କରି ଆସୁଛନ୍ତି। ଏଠାରେ ପ୍ରଶ୍ନ ଉଠୁଛି ଯେତେବେଳେ ବିଭିନ୍ନ ଟେଲିକମ୍ କମ୍ପାନୀମାନେ ଦରବୃଦ୍ଧି ପାଇଁ ଘୋଷଣା କଲେ ସେତେବେଳେ ଜନସାଧାରଣଙ୍କ ସ୍ତରରେ ବିରୋଧାଭାସ ସୃଷ୍ଟି ହେଲା ନାହିଁ। ଯେତେବେଳେ ରାସନକାର୍ଡଧାରୀମାନଙ୍କ ପରିବାରର ସଦସ୍ୟମାନଙ୍କ ହାତରେ ପ୍ରାୟତଃ ସ୍ମାର୍ଟ ମୋବାଇଲ ଫୋନ୍ ରହିଛି ଏବଂ ମାସକୁ ମାସ ଏଗୁଡ଼ିକୁ ସେମାନେ ରିଚାର୍ଜ କରି ପାରୁଛନ୍ତି ସେଠାରେ ୫ କିଲୋ ମାଗଣା ଚାଉଳ/ଗହମର ମୂଲ୍ୟ କ'ଣ ହୋଇପାରେ? ବରଂ ଲୋକମାନେ ରାସନକାର୍ଡଧାରୀ ହିସାବରେ ଅନ୍ୟାନ୍ୟ ସରକାରୀ ସାହାଯ୍ୟ ତଥା ଯୋଜନାର ଫାଇଦା ଉଠାଇବା / ହାତେଇବା ପାଇଁ ଏହା ଏକ ପ୍ରମୁଖ ମାଧ୍ୟମ ପାଲଟିଛି କହିଲେ ଅତ୍ୟୁକ୍ତି ହେବ ନାହିଁ। ଏଠାରେ ସ୍ୱତଃ ମନରେ ପ୍ରଶ୍ନ ଉଠେ ଯେଉଁ ରାସନକାର୍ଡଧାରୀମାନେ ନିଜ ନିଜର ପିଲାମାନଙ୍କୁ ସରକାରୀ ବିଦ୍ୟାଳୟମାନଙ୍କରେ ପାଠ ନ ପଢ଼ାଇ ବିଭିନ୍ନ ଘରୋଇ ଶିକ୍ଷାନୁଷ୍ଠାନମାନଙ୍କରେ ଅଧିକ ଖର୍ଚ୍ଚକରି ପାଠ ପଢ଼ାଇ ପାରୁଛନ୍ତି ସେମାନେ କ'ଣ ସତରେ ଗରିବ ପଦବାଚ୍ୟ ?

ବିଭିନ୍ନ ସମୟରେ ଯେଉଁମାନେ ସମ୍ପୂର୍ଣ୍ଣ ଋଣ ଖିଲାପ କରିଥିଲେ ସେମାନଙ୍କୁ ସମ୍ପୂର୍ଣ୍ଣ ଋଣ ଛାଡ଼ କରାଗଲା, କିନ୍ତୁ ଯେଉଁମାନେ ବର୍ଷକୁ ବର୍ଷ ସୁଧ ଟଙ୍କା ପୈଠ କରି ଋଣ ରାଶିକୁ ହାଲୁକା କରିବାକୁ ଚାହିଁଲେ ସେମାନେ ଋଣଛାଡ଼ ଯୋଜନାରୁ ବଞ୍ଚିତ ହେଲେ। ତେଣୁ ସମସ୍ତଙ୍କ ମଧ୍ୟରେ ନିଜକୁ ଗରିବ ପ୍ରମାଣ କରିବା ପାଇଁ ଅଣନିଃଶ୍ୱାସୀ ଭାବେ ପ୍ରତିଯୋଗିତା ଚାଲିଛି। ଏହି ପ୍ରତିଯୋଗିତା ଭବିଷ୍ୟତରେ କ'ଣ ସତରେ 'ଶ୍ରେଣୀ ବିହୀନ ସମାଜ' ଗଠନ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିପାରିବ? ●

## ପ୍ରକୃତିର ମାତ୍ରାଧିକ ଦୋହନ ଆଉ କେତେ ଦିନ?

ପୃଥିବୀକୁ ଏକ ବିଶାଳ ବ୍ୟାଙ୍କ ଭାବରେ କଳ୍ପନା କରାଯାଉ, ଯେଉଁଠାରେ ଆମ ଜୀବନ ଧାରଣ ପାଇଁ ଆବଶ୍ୟକ କରୁଥିବା ସମସ୍ତ ପ୍ରାକୃତିକ ସମ୍ପଦ ଯଥା ଜଳ, ବାୟୁ, ବୃକ୍ଷ, ଲତା ଇତ୍ୟାଦି ଗଚ୍ଛିତ ରଖାଯାଇଥାଏ। ପ୍ରକୃତିର ନିୟମ ଅନୁସାରେ ପ୍ରତିବର୍ଷ ପ୍ରାକୃତିକ ସମ୍ପଦ ସ୍ୱତଃ ସୃଷ୍ଟି ହୁଏ, ଯାହା ପ୍ରାଣିଜଗତର ଜୀବନ ଧାରଣ ପାଇଁ ଆବଶ୍ୟକ। ଏହା କିନ୍ତୁ ଅସୀମିତ ନୁହେଁ। ଏହି ସୃଷ୍ଟି ପ୍ରକ୍ରିୟା ମଧ୍ୟ ଶୃଙ୍ଖଳାବଦ୍ଧ। ଅର୍ଥାତ୍ ନିର୍ଦ୍ଦିଷ୍ଟ ସମୟସୀମା ପୂର୍ବରୁ ଅଧିକ କିମ୍ବା କମ୍ ହୋଇପାରିବ ନାହିଁ। ପୃଥିବୀ ଯେତେ ପ୍ରାକୃତିକ ସମ୍ପଦ ସୃଷ୍ଟି କରେ ସେତିକି କିମ୍ବା ତା'ଠାରୁ କମ୍ ବ୍ୟବହୃତ ହେଲେ ସନ୍ତୁଳନ ବଜାୟ ରହେ। ସୃଷ୍ଟିଠାରୁ ମଣିଷ ଅଧିକ ଉପଭୋଗ କଲେ ତାହା ନିର୍ଦ୍ଦିଷ୍ଟ ସୃଷ୍ଟି ଅବଧି ପୂର୍ବରୁ ଶେଷ ହୋଇଯାଏ। ଯେଉଁଦିନ ତାହା ସରିଯାଏ ସେହି ଦିନକୁ କୁହାଯାଏ 'ଆର୍ଥ ଓଭରଶଟ୍ ଡେ' ବା 'ପୃଥିବୀ ସୀମା ଲଙ୍ଘନ ଦିବସ'। ଗୋଟିଏ କ୍ୟାଲେଣ୍ଡର ବର୍ଷକୁ ହିସାବକୁ ନେଲେ ଜାନୁଆରୀ ଯଦି ପ୍ରାକୃତିକ ସମ୍ପଦ ପୁନଃସୃଷ୍ଟି ଓ ଉପଭୋଗର ପ୍ରଥମ ଦିବସ ହୁଏ ତେବେ 'ଆର୍ଥ ଓଭରଶଟ୍ ଡେ' ହେବ ଡିସେମ୍ବର ୩୧ ତାରିଖ। କିନ୍ତୁ ୨୦୨୩ ମସିହାରେ ପୃଥିବୀ ସୃଷ୍ଟି କରିଥିବା ସମଗ୍ର ପ୍ରାକୃତିକ ସମ୍ପଦ ସେହିବର୍ଷ ଅଗଷ୍ଟ ୨ ରେ ଶେଷ ହୋଇଗଲା। ଅର୍ଥାତ ଅଗଷ୍ଟ ୩ ଠାରୁ ସେହି ବର୍ଷ ଡିସେମ୍ବର ୩୧ ପର୍ଯ୍ୟନ୍ତ ଆବଶ୍ୟକ ହେଉଥିବା ପ୍ରାକୃତିକ ସମ୍ପଦ ନିଅଣ୍ଟ ହେଲା। ତେଣୁ ୨୦୨୩ ପାଇଁ ପୃଥିବୀ ସୀମା ଲଙ୍ଘନ ଦିବସ ହେଲା ଅଗଷ୍ଟ ୨ ତାରିଖ। ଚଳିତ ବର୍ଷ ଏହି ଦିବସ ହେଉଛି ଜୁଲାଇ ୨୫ ତାରିଖ। ଏହି ତାରିଖ ପ୍ରତିବର୍ଷ ଆଗକୁ ଆଗକୁ ଆସୁଛି। କିନ୍ତୁ ଆବଶ୍ୟକଠାରୁ ଅଧିକ ପ୍ରାକୃତିକ ସମ୍ପଦ ବ୍ୟୟ ଧାରା ଆମର ବନ୍ଦ ହେଉ ନାହିଁ। ଆମର ବଢୁଥିବା ଭୋକ ଏବଂ ଲୋଭର ବିସ୍ତାର ହେତୁ ୧୯୭୦ ଦଶକ ପରଠାରୁ ପୃଥିବୀ ସୀମା ଲଙ୍ଘନ ଦିବସ କ୍ରମଶଃ ଡିସେମ୍ବର ୩୧ ତାରିଖର ଢେର ପୂର୍ବରୁ ଆଗକୁ ଚାଲି ଆସୁଛି।

ବ୍ରିଟେନର ନ୍ୟୁ ଇକୋନୋମିକ୍ସ ଫାଉଣ୍ଡେସନର ଚିନ୍ତାନାୟକ ଆଣ୍ଡ୍ରିୟୁ ସିମ୍ସଙ୍କ ଉଦ୍ୟମରେ 'ଆର୍ଥ ଓଭରଶଟ୍ ଡେ' ପାଳନ ଆରମ୍ଭ ହୋଇଛି। ୨୦୦୬ ରେ 'ଗ୍ଲୋବାଲ୍ ଫୁଟ୍ ପ୍ରିଣ୍ଟ ନେଟୱାର୍କ ଫାଉଣ୍ଡେସନ୍' ସହିତ ମିଳିତ ଭାବେ ପ୍ରଥମ 'ଆର୍ଥ ଓଭରଶଟ୍ ଡେ' ଅଭିଯାନ ଆରମ୍ଭ ହେଲା। କିନ୍ତୁ ୨୦୦୭ ପରଠାରୁ ବିଶ୍ୱ ବନ୍ୟଜୀବ ପାଣ୍ଠି(ଡବ୍ଲୁଡବ୍ଲୁଏଫ୍) ଏଥିରେ ସମ୍ପୃକ୍ତ ହେଲା।

ଏହି ଦିବସଟି ପାଳନ କରିବା ଉଦ୍ଦେଶ୍ୟ ହେଉଛି ପ୍ରାକୃତିକ ସମ୍ପଦର ଅପବ୍ୟୟରୁ କ୍ଷାନ୍ତ ରହିବା ଏବଂ ନିହାତି ଆବଶ୍ୟକ ଅନୁସାରେ ବ୍ୟୟ ବା ବ୍ୟବହାର କରିବା। ପ୍ରାକୃତିକ ସମ୍ପଦ ଉପରେ ଚାପ ସୃଷ୍ଟି କରିବା ମୁଖ୍ୟ ଅପରାଧୀମାନେ ହେଉଛନ୍ତି ବଦଖର୍ଚ୍ଚି ଖାଉଟିମାନେ। ଏହି ଦିବସଟି କେବଳ ପ୍ରାକୃତିକ ସମ୍ପଦ ଉପରେ ଅତ୍ୟଧିକ ଚାପ ବିଷୟରେ ନୁହେଁ; ବରଂ ଆମ ଗ୍ରହର ଭବିଷ୍ୟତ ଓ ଆମ ଭବିଷ୍ୟ ପିଢ଼ି ବିଷୟରେ ଚିନ୍ତା କରିବାର ଏକ ଅବସର।ପୃଥିବୀ ସୀମା ଲଙ୍ଘନ ଦିବସ ତାରିଖ ନିର୍ଣ୍ଣୟ କରିବା ପାଇଁ ପୃଥିବୀର ବାୟୋକାପାସିଟି (ଆମ ଗ୍ରହ ଗୋଟିଏ ବର୍ଷରେ ଯାହା ଯୋଗାଇପାରେ) ଉତ୍ସଗୁଡ଼ିକୁ ମାନବ ସମାଜର ଚାହିଦା ଦ୍ୱାରା ବିଭକ୍ତ କରି ୩୬୫ (ଏକ ବର୍ଷରେ ଦିନ ସଂଖ୍ୟା)ରେ ଗୁଣନ କରାଯାଏ। ଏହି ଆକଳନ ଅନୁସାରେ ବର୍ଷ ବର୍ଷ ଧରି 'ଆର୍ଥ ଓଭରଶଟ୍ ଡେ'ର ତାରିଖ ପରିବର୍ତ୍ତନ ହୋଇ ଚାଲିଛି। ଉଦାହରଣ ସ୍ୱରୂପ ଏହି ଦିବସ, ୨୫ ଡିସେମ୍ବର ୧୯୭୧ ତାରିଖରୁ ଅଗଷ୍ଟ ୨, ୨୦୨୩ କୁ ଘୁଞ୍ଚି ଆସିଲାଣି। ବର୍ତ୍ତମାନ ବିଶ୍ୱସ୍ତରରେ, ଆମେ ଏକ ନିଅଣ୍ଟିଆ ସ୍ଥିତିରେ ଅଛୁ। ପୃଥିବୀର ପ୍ରାକୃତିକ ସମ୍ପଦର ପୁନଃ ଉତ୍ପାଦନଠାରୁ ଅଧିକ ବ୍ୟୟ ବ୍ୟବହାର କରୁଛୁ। ଏହି ଅତ୍ୟଧିକ ପ୍ରାକୃତିକ ସମ୍ପଦ ବ୍ୟବହାର ହେତୁ ବାୟୁମଣ୍ଡଳରେ ସବୁଜ ଗୃହ ବାଷ୍ପ ପରିମାଣ ବଢ଼ିବା ସହିତ ଜଳବାୟୁରେ ବ୍ୟାପକ ଅନିୟମିତତା ଏବଂ ପରିବର୍ତ୍ତନ ଜନିତ ସମସ୍ୟା ବଢ଼ି ଚାଲିଛି।

ଏହି ସମସ୍ୟାର ସମାଧାନ ପାଇଁ ବିଶ୍ୱବ୍ୟାପୀ ଉଦ୍ୟମ ଆରମ୍ଭ ହେବା ଦରକାର। ଅକ୍ଷୟ ଶକ୍ତିର ଅଧିକରୁ ଅଧିକ ବ୍ୟବହାର ସହିତ ଶାକାହାରୀ ହେବା, ବ୍ୟକ୍ତିଗତ ମୋଟରଯାନ ବ୍ୟବହାର ବଦଳରେ ଦଳଗତ ବା ଗୋଷ୍ଠୀଗତ ବ୍ୟବହାର, ଗଣପରିବହନ ବ୍ୟବସ୍ଥାର ଅଧିକ ବ୍ୟବହାର, ଦୈନନ୍ଦିନ ଜୀବନଚର୍ଯ୍ୟାରେ ପରିବେଶ ଅନୁକୂଳ ସାମଗ୍ରୀକୁ ଅଗ୍ରାଧିକାର, ପାରିପାର୍ଶ୍ୱିକ ପରିବେଶକୁ ସଫାସୁତୁରା ରଖିବା ଆଦି ପଦକ୍ଷେପ ନେବା ତୁରନ୍ତ ଆବଶ୍ୟକ। **ସୁ.ନା.ପା.** ●

## ବିଶ୍ୱକୁ ଓଡ଼ିଶା ଦେଇଛି 'ଜଳଯୋଗ'ର ବାର୍ତ୍ତା

ଲୋକମାନେ ସାଧାରଣତଃ ନଦୀ, ପୋଖରୀ, ନାଳ, କୂଅ ଓ ସନ୍ତରଣାଗାରରେ ଅସାବଧାନତା ଯୋଗୁଁ ମୃତ୍ୟୁବରଣ କରିଥା'ନ୍ତି। ସାଧାରଣତଃ ଶିଶୁ, କିଶୋର ଓ ବାର୍ଦ୍ଧକ୍ୟରେ ଏଭଳି ଦୁର୍ଘଟଣା ଅଧିକ ଘଟିଥାଏ। ଗାଧୋଇବା ବେଳେ ଅଜାଣତରେ ପିଲାମାନଙ୍କର ଗୋଡ଼ ଗଭୀର ଜଳାଶୟକୁ ଖସିଯିବା, କାମଚଳା ପହଁରା ଶିଖି ନଦୀସ୍ରୋତରେ ପହଁରିବାକୁ ଚେଷ୍ଟା କରିବା, ନିଶାଦ୍ରବ୍ୟ ସେବନ କରି ପୋଖରୀ କିମ୍ବା ନଦୀରେ ସ୍ନାନ କରିବା, ଡଙ୍ଗା ବା ବୋଟରେ କ୍ଷମତାଠାରୁ ଅଧିକ ଲୋକଙ୍କୁ ଧରି ଜଳଯାତ୍ରା କରିବା ଆଦି ଜଳବୁଡ଼ି ଦୁର୍ଘଟଣା ବୃଦ୍ଧି କରିଥାଏ।

ମିଳିତ ଜାତିସଂଘର ପରିସଂଖ୍ୟାନ ଅନୁସାରେ ବିଶ୍ୱରେ ପ୍ରତିବର୍ଷ ପ୍ରାୟ ୨ଲକ୍ଷ ୩୬ ହଜାର ବା ପ୍ରତିଦିନ ପ୍ରାୟ ୬୫୦ଜଣ ଜଳରେ ବୁଡ଼ି ମୃତ୍ୟୁବରଣ କରନ୍ତି। ଭାରତରେ ଏହି ସଂଖ୍ୟା ବର୍ଷକୁ ପ୍ରାୟ ୩୮ ହଜାର ବା ଦିନକୁ ପ୍ରାୟ ୧୦୪। ଓଡ଼ିଶାରେ ଜଳବୁଡିର ପରିସଂଖ୍ୟାନ ମଧ୍ୟ ଉଦ୍‌ବେଗଜନକ। ୨୦୨୩-୨୪ ଆର୍ଥିକ ବର୍ଷରେ ଆମ ରାଜ୍ୟରେ ୧୮୦୬ଜଣଙ୍କର ପାଣିରେ ବୁଡ଼ି ମୃତ୍ୟୁ ଘଟିଥିଲା। ଅର୍ଥାତ୍ ଓଡ଼ିଶାରେ ପ୍ରତିଦିନ ପ୍ରାୟ ୪ଜଣଙ୍କର ଏଭଳି ପରିସ୍ଥିତିରେ ପ୍ରାଣ ଯାଉଛି। ବିପଦପୂର୍ଣ୍ଣ ସ୍ଥାନରେ ଲୋକମାନଙ୍କୁ ସ୍ନାନ କରିବାକୁ ବାରଣ ନ କରିବା ଏବଂ ସେସବୁ ସ୍ଥାନରେ ପ୍ରବେଶ ପାଇଁ ପ୍ରତିବନ୍ଧକ ନ ଲଗାଯିବା, ଜଳଯାତ୍ରା ବେଳେ ଲାଇଫ୍ ଜ୍ୟାକେଟ୍ ନ ପିନ୍ଧିବା ଏବଂ ଛୋଟ ପିଲାମାନଙ୍କୁ ଜଳାଶୟଠାରୁ ଦୂରରେ ରଖା ନ ଯିବାରୁ ଏପରି ସମସ୍ୟା ସୃଷ୍ଟି ହେଉଛି। ତେଣୁ ବିଶ୍ୱବାସୀଙ୍କୁ ଜଳବୁଡି ସଙ୍କଟର ନିରାକରଣ ବିଷୟରେ ସଚେତନ କରିବା ପାଇଁ ୨୦୨୧ ମସିହାରୁ ମିଳିତ ଜାତିସଂଘ ଆନୁକୂଲ୍ୟରେ ଜୁଲାଇ ୨୫ ତାରିଖକୁ 'ବିଶ୍ୱ ଜଳବୁଡ଼ି ନିରାକରଣ ଦିବସ' ଭାବରେ ପାଳନ କରାଯାଇଆସୁଛି। ସଚେତନତା ମାଧ୍ୟମରେ ଜଳବୁଡ଼ି ଜନିତ ଦୁର୍ଘଟଣାକୁ ନିୟନ୍ତ୍ରଣ କରିବା ହେଉଛି ଏହାର ମୁଖ୍ୟ ଲକ୍ଷ୍ୟ।

ସୁଖର କଥା, ଜଳବୁଡ଼ି ଜନିତ ଦୁର୍ଘଟଣା ପ୍ରଶମନ ଦିଗରେ ଓଡ଼ିଶା ବିଶ୍ୱବାସୀଙ୍କଠାରୁ ଦୁଇପାଦ ଆଗରେ ରହିଛି। ଜଳଯୋଗ ଦ୍ୱାରା ବିଶ୍ୱରୁ ଜଳବୁଡ଼ି ଜନିତ ଦୁର୍ଘଟଣା ହ୍ରାସ କରିବା ପାଇଁ ଓଡ଼ିଶା ଚେଷ୍ଟା କରୁଛି। ଓଡ଼ିଶାର ସୁରକ୍ଷାକର୍ମୀ ଓ ଉଦ୍ଧାରକାରୀ ଦଳ (ଓଡ୍ରାଫ୍) ଜଳରେ ଯୋଗ ଓ ପ୍ରାଣାୟାମ କରି ବିଶ୍ୱବାସୀଙ୍କ ଆଗରେ ପ୍ରମାଣିତ କରିଦେଇଛନ୍ତି ଯେ ମଣିଷ ଶରୀରର ଗଠନ ଭାସିବା ପାଇଁ, ବୁଡ଼ିବା ପାଇଁ ନୁହେଁ। କାରଣ ମଣିଷ ଶରୀରର ସାନ୍ଦ୍ରତା ପାଣିର ସାନ୍ଦ୍ରତା ଠାରୁ କମ୍। ବିଶେଷଜ୍ଞଙ୍କ କହିବା କଥା ହେଲା ବିଶ୍ୱର ପ୍ରତ୍ୟେକ ପ୍ରାଣୀଙ୍କର ପାଣି ଉପରେ ଭାସି ରହିବାର ବୈଶିଷ୍ଟ୍ୟ ରହିଛି। ଅନ୍ୟ ପ୍ରାଣୀମାନେ ପାଣିରୁ ନିଜକୁ ନିଜେ ଉଦ୍ଧାର କରିପାରୁଥିବା ବେଳେ ଏ ବିଷୟରେ ମଣିଷ ସଚେତନ ନ ଥିବାରୁ ପାଣିରେ ବୁଡ଼ି ମୃତ୍ୟୁବରଣ କରୁଛି।

ସମ୍ପ୍ରତି ଜଳବାୟୁ ପରିବର୍ତ୍ତନ ଯୋଗୁଁ ସମୁଦ୍ରର ଜଳପତ୍ତନ ବୃଦ୍ଧି ପାଉଥିବା ବେଳେ ପ୍ରାକୃତିକ ଦୁର୍ବିପାକ ବଢ଼ି ଆକସ୍ମିକ ବନ୍ୟା ସୃଷ୍ଟି ହେଉଛି। ବନ୍ୟା ଜଳରେ ବୁଡ଼ି ଶହଶହ ଲୋକଙ୍କର ମୃତ୍ୟୁ ହେଉଛି। ପୃଥିବୀର ତିନିଭାଗ ଜଳ ହୋଇଥିବାରୁ ଆମକୁ ଜଳରାଶି ସହିତ ବଞ୍ଚି ରହିବାକୁ ହେବ। ସେଥିପାଇଁ ସବୁ ମଣିଷ ନିଜର ଭାସମାନ ବୈଶିଷ୍ଟ୍ୟ ବିଷୟରେ ସଚେତନ ହେବା ଓ ପହଁରା କୌଶଳ ଶିଖିବା ଆବଶ୍ୟକ। ଜଳର ଅନ୍ୟନାମ ଜୀବନ। ଜଳରେ କାହାର ଜୀବନ ନ ଯାଉ ଏଥିପ୍ରତି ଆମେ ସମସ୍ତେ ସଚେତନ ହେବା ଏବଂ ଜଳବୁଡ଼ି ଜନିତ ଦୁର୍ଘଟଣାକୁ ପ୍ରତିହତ କରିବା। ●

ଅଶୋକ କୁମାର ବରାଳ
ଭୁବନେଶ୍ୱର, ମୋ: ୯୪୩୮୦୪୧୦୭୦



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# ଅବଶିଷ୍ଟାଂଶ...

## ଉଡ଼ାଣ ବେଳେ...

ରନୱେରେ ଖସି ପଡ଼ି ଜଳିଯାଇଥିଲା। ଟିଆଇଏ ମୁଖପାତ୍ର ପ୍ରେମନାଥ ଠାକୁର କହିଛନ୍ତି, ଏହି ଦୁର୍ଘଟଣାଗ୍ରସ୍ତ ବିମାନର ପାଇଲଟ୍ ଏକାକି ବଞ୍ଚିଯାଇଥିବା ବେଳେ କୋ ପାଇଲଟଙ୍କ ସମେତ ସମସ୍ତ ୧୮ ଯାତ୍ରୀ ପ୍ରାଣ ହରାଇଛନ୍ତି। ସମସ୍ତ ୧୮ ମୃତକ ସୂର୍ଯ୍ୟ ଏୟାରଲାଇନ୍ସର କର୍ମଚାରୀ। ଏହି ବିମାନର ମରାମତି ପାଇଁ ଏହାକୁ କାଠମାଣ୍ଡୁରୁ ପୋଖରାସ୍ଥିତ ଏକ ଆଞ୍ଚଳିକ ବିମାନ ବନ୍ଦରକୁ ନିଆଯାଉଥିଲା। ସମସ୍ତ ଯାତ୍ରୀ ପୋଖରାକୁ ଏକ ଟେଷ୍ଟ ଫ୍ଲାଇଟ୍‌ରେ ବାହାରିଥିଲେ। କିନ୍ତୁ ଉଡ଼ାଣର କିଛି ସମୟ ପରେ ଏହା ଦୁର୍ଘଟଣାଗ୍ରସ୍ତ ହୋଇ ଖସିପଡ଼ିଥିଲା। ଘଟଣାସ୍ଥଳରେ ତୁରନ୍ତ ଅଗ୍ନିଶମ ଏବଂ ଉଦ୍ଧାରକାରୀ ଦଳ ପହଞ୍ଚି ପ୍ରଥମେ ନିଆଁକୁ ଆୟତ୍ତ କରିଥିଲେ ଓ ପରେ ୧୮ଟି ମୃତଦେହ ଉଦ୍ଧାର କରିଥିଲେ। ଆହତ ପାଇଲଟ୍‌ଙ୍କୁ ଚିକିତ୍ସା ନିମନ୍ତେ ହସ୍‌ପିଟାଲ୍‌ରେ ଭର୍ତ୍ତି କରାଯାଇଛି। ଦୁର୍ଘଟଣା ଘଟିବା ପରେ ବିମାନବନ୍ଦରକୁ ବନ୍ଦ ରଖାଯାଇଛି। ବିମାନ ଚାଳନା ପାଇଁ ଉଚ୍ଚ ଗୁଣବତ୍ତାର ବୈଷୟିକ ତାଲିମ ଅଭାବରୁ ଓ ବିମାନ ରକ୍ଷଣାବେକ୍ଷଣରେ ଅବହେଳା କାରଣରୁ ନେପାଳରେ ପ୍ରାୟ ପ୍ରତିବର୍ଷ ବିମାନ ଦୁର୍ଘଟଣା ହେଉଛି। ୨୦୦୦ରୁ ଏଯାଏଁ ନେପାଳରେ ୧୯ଟି ବିମାନ ଦୁର୍ଘଟଣା ଘଟି ପ୍ରାୟ ୩୬୦ ଜଣଙ୍କ ମୃତ୍ୟୁ ଘଟିଛି।

## ଇଥିଓପିଆରେ ଭୂସ୍ଖଳନ...

୧୪୧ ଜଣ ପୁରୁଷ ରହିଥିଲାବେଳେ ୮୧ ଜଣ ମହିଳା ଏବଂ ବାକି ଶିଶୁ ରହିଛନ୍ତି। ଲଗାତର ଭାବେ ପ୍ରବଳ ବର୍ଷା ହେବା ଭୂସ୍ଖଳନର କାରଣ ବୋଲି କୁହାଯାଉଛି। ତେବେ ଘଟଣାସ୍ଥଳରେ ବିଶେଷଜ୍ଞ ଦଳ ପହଞ୍ଚି ଭୂସ୍ଖଳନର କାରଣ ଜାଣିବାକୁ ଅନୁଧ୍ୟାନ ଚଳାଇଛନ୍ତି। ଅନ୍ୟପକ୍ଷରେ ସ୍ଥାନୀୟ ଲୋକଙ୍କୁ ସହାୟତା ଯୋଗାଇ ଦେବା ଲାଗି ବିଭିନ୍ନ ରାଷ୍ଟ୍ରରୁ ଇଥିଓପିଆ ସହଯୋଗ ଲୋଡ଼ିଛି।

## ବିରୋଧୀଙ୍କ ନିଶାଣ...

ମୁଲତବୀ ଘୋଷଣା କରିଥିଲେ। ଅପରାହ୍ନରେ ଗୃହକାର୍ଯ୍ୟ ଆରମ୍ଭ ହେବା ପରେ କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ କହିଥିଲେ ଯେ କେନ୍ଦ୍ରକୁ ଓଡ଼ିଶାରୁ ୨୧ରୁ ୨୦ ଲୋକସଭା ସାଂସଦ ନିର୍ବାଚିତ ହୋଇଛନ୍ତି। ନିର୍ବାଚନ ପୂର୍ବରୁ ବିଜେପି ଦୁଇଟି ପଦ୍ମ, ଦୁଇଗୁଣା ବିକାଶର ପ୍ରତିଶ୍ରୁତି ଦେଇଥିଲେ। ମାତ୍ର ଓଡ଼ିଶାକୁ କଣ ମିଳିଲା? ବିହାରକୁ ଅଯ।ଚିତ ଭାବେ ୨୬ ହଜାର କୋଟି ଟଙ୍କା କେନ୍ଦ୍ର ସରକାର ଦେଇଥିବା ବେଳେ ଆନ୍ଧ୍ରକୁ ୧୫ ହଜାର କୋଟି ଟଙ୍କାର ସହାୟତା ରାଶି ଯୋଗାଇ ଦେଲେ। ମାତ୍ର ଡବଲ ଇଞ୍ଜିନ ସରକାର ଓଡ଼ିଶାକୁ ସ୍ୱତନ୍ତ୍ର ପ୍ୟାକେଜର ଆବଶ୍ୟକତା ଥିଲେ ହେଁ ସେମାନେ ପ୍ୟାକେଜ ଦେଲେ ନାହିଁ। କେନ୍ଦ୍ର ସରକାର ଓଡ଼ିଶା ପ୍ରତି ବୈମାତୃକ ମନୋଭାବ ପୋଷଣ କରୁଛନ୍ତି ବୋଲି ଶ୍ରୀ କାଡାମ ଅଭିଯୋଗ କରିଥିଲେ। ଏହାପରେ କଂଗ୍ରେସ ମଧ୍ୟ ଗୃହତ୍ୟାଗ କରିଥିଲା। ସମାନ ଅଭିଯୋଗ ଆଣି ସିପିଆଇ(ଏମ) ବିଧାୟକ ଲକ୍ଷ୍ମଣ ମୁଣ୍ଡା ମଧ୍ୟ କକ୍ଷତ୍ୟାଗ କରିଥିଲେ। ଉପ ବାଚସ୍ପତି ଭାବେ ଭବାନୀ ଶଙ୍କର ଭୋଇଙ୍କ ନାମ ଘୋଷଣା ବେଳେ ଉଭୟ ବିଜେଡି ଓ କଂଗ୍ରେସର ସଦସ୍ୟମାନେ ଉପସ୍ଥିତ ଥିଲେ। ମାତ୍ର ରାଜ୍ୟପାଳଙ୍କ ଅଭିଭାଷଣ ଉପରେ ଆଗତ ଧନ୍ୟବାଦ ପ୍ରସ୍ତାବ ଆଲୋଚନାରୁ ନିଜକୁ ଦୂରେଇ ରଖିଥିଲେ।

ଅପରପକ୍ଷେ ଗୃହ ବାହାରେ ସରକାରଙ୍କ ଆଭିମୁଖ୍ୟକୁ ନେଇ କ୍ଷୋଭ ପ୍ରକାଶ କରିଛି ବିଜେଡି। ବିଜେଡି ବିଧାୟକ କଳିକେଶ ନାରାୟଣ ସିଂହଦେଓ କହିଛନ୍ତି ଯେ ନୂଆ ସରକାର ଯେପରି କାର୍ଯ୍ୟ କରୁଛି ସେଥିରେ ଆମେ ଦୁଃଖିତ । ରାଜ୍ୟପାଳ ପୁଅଙ୍କ ମାଡ଼ମାରିବା ଘଟଣାରେ ଗୃହ ବାରମ୍ବାର ବନ୍ଦ ହେଉଛି। ମାତ୍ର ସରକାର ନିଦାବିଷ୍ଟ ସାଜିଛନ୍ତି। ରାଜ୍ୟ ସରକାରଙ୍କୁ କାର୍ଯ୍ୟ ପରାମର୍ଶଦାତା କମିଟି ବୈଠକ ଡାକି ଗୃହରେ ଲାଗି ରହିଥିବା ଅଚଳାବସ୍ଥା ଦୂର କରିବାର ଆବଶ୍ୟକତା ରହିଛି। ମାତ୍ର ସେମାନେ ତାହା କରୁନାହାନ୍ତି। ଏଥିରୁ ଜଣାପଡୁଛି ଯେ ସରକାର ଗୃହ ଚଳାଇବାର ଇଚ୍ଛା ନାହିଁ ବୋଲି ଶ୍ରୀ ସିଂହଦେଓ କହିଛନ୍ତି।

## ଏନ୍‌ଡିଏ ନୁହେଁ...

.୩ର ପ୍ରଥମ ବଜେଟ୍‌ରେ କେବଳ ବିଜେପିର ସହଯୋଗୀ ଦଳମାନଙ୍କୁ ଅଗ୍ରାଧିକାର ଦିଆଯାଇଛି। ବହୁ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳକୁ ବଜେଟ୍‌ରେ ଅଣଦେଖା କରାଯାଇଥିଲା ବେଳେ ବିରୋଧୀ ଦଳ ଶାସିତ ରାଜ୍ୟମାନଙ୍କୁ ଆଦୌ ବିଚାରକୁ ନିଆଯାଇ ନାହିଁ। ବିହାର ,ଆସାମ ଏବଂ ଆନ୍ଧ୍ରପ୍ରଦେଶର ଭଳି କିଛି ରାଜ୍ୟକୁ ସର୍ବାଧିକ ଗୁରୁତ୍ୱ ଦିଆଯାଇଛି। ଯେଉଁଠି ବିଜେପି କ୍ଷମତାରେ ଅଛି କିମ୍ବା ସହଯୋଗୀ ଦଳ କ୍ଷମତାରେ ରହିଛନ୍ତି ସେହିସବୁ ରାଜ୍ୟମାନଙ୍କୁ କେବଳ ଖୁସି କରିବାକୁ ବିଜେପି ଏହି ବଜେଟ୍ ପ୍ରସ୍ତୁତ କରିଛି ବୋଲି ରାହୁଲ କହିଛନ୍ତି। ସେହିପରି ଅଖିଳେଶ ଯାଦବ କେନ୍ଦ୍ର ସରକାରଙ୍କୁ କଟାକ୍ଷ କରି କହିଛନ୍ତି ଯେ, ଚାଷୀମାନଙ୍କୁ ଏମଏସପି ଦେବାକୁ ଆମେ ଦାବି କରୁଛୁ। କିନ୍ତୁ ବଜେଟ୍‌ରେ ଏନଡିଏ ସହଯୋଗୀ ଦଳମାନଙ୍କୁ କେନ୍ଦ୍ର ସରକାର ' ସପୋର୍ଟ ପ୍ରାଇସ୍' ଦେଇ କ୍ଷମତା ସୁରକ୍ଷିତ ରଖିବାକୁ ଉଦ୍ୟମ କରିଛନ୍ତି ବୋଲି ଅଖିଳେଶ କହିଛନ୍ତି। ସେହିପରି ରାଜ୍ୟସଭାରେ ମଧ୍ୟ ବିରୋଧୀ ଦଳ ନେତା ମଲ୍ଲିକାର୍ଜ୍ଜୁନ ଖଡ଼ଗେଙ୍କ ସମେତ ଶିବସେନା ଏବଂ ଅନ୍ୟ ଦଳର ସାଂସଦମାନେ ବଜେଟକୁ ବିରୋଧ କରି କେନ୍ଦ୍ର ସରକାରଙ୍କ ଉପରେ ବର୍ଷିଛନ୍ତି। ୨୦୨୪-୨୫ ବଜେଟ୍‌ରେ କେନ୍ଦ୍ର ସରକାର ଦେଶବାସୀଙ୍କୁ ଠକିଛନ୍ତି। ଏହି ବଜେଟ୍ ଆଦୌ ଜନକଲ୍ୟାଣ ପାଇଁ ଉଦ୍ଦିଷ୍ଟ ନୁହେଁ କି ଏହାଦ୍ୱାରା କାହାରିକୁ ବି ନ୍ୟାୟ ମିଳିବ ନାହିଁ। ବିଜେପି କେବଳ ନିଜର ସହଯୋଗୀ ଦଳମାନଙ୍କୁ ଖୁସି କରିବା ଲକ୍ଷ୍ୟରେ ବଜେଟକୁ ସ୍ୱତନ୍ତ୍ର ପ୍ୟାକେଜ୍ କରିଦେଇଛି ବୋଲି ଖଡ଼ଗେ କହିଛନ୍ତି। ଶିବସେନା (ୟୁବିଟି) ସାଂସଦ ପ୍ରିୟଙ୍କା ଚତୁର୍ବେଦୀ ମଧ୍ୟ ବଜେଟ୍‌କୁ ମହାରାଷ୍ଟ୍ର ବିରୋଧୀ ଯୋଜନା କହିବା ସହିତ ଏହା କେନ୍ଦ୍ର ସରକାରଙ୍କ ପକ୍ଷପାତିତା ନୀତିକୁ ପ୍ରମାଣିତ କରିଛି ବୋଲି କହିଛନ୍ତି। ତେବେ ବିରୋଧୀ ଦଳର ନେତାମାନଙ୍କ ଉଦ୍ଦେଶ୍ୟରେ ଉତ୍ତର ରଖି କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ କହିଛନ୍ତି ଯେ,ବଜେଟ୍‌ରେ କୌଣସି ପକ୍ଷପାତିତା କରାଯାଇ ନାହିଁ। କିନ୍ତୁ ସବୁ ରାଜ୍ୟର ନାଁ ନେବା ସମ୍ଭବ ନୁହେଁ। ଗୃହରେ ହଙ୍ଗାମା କରିବା ପରେ ବିରୋଧୀ ଦଳ ସାଂସଦମାନେ ବାହାରକୁ ଚାଲି ଆସି କେନ୍ଦ୍ର ସରକାରଙ୍କ ବିରୋଧରେ ନାରାବାଜି କରିଥିବା ଦେଖାଯାଇଛି।

## ପଛକୁ ପଛ...

ରହିବ। ଫଳରେ ରାଜ୍ୟରେ ୨୭-୨୯ ପର୍ଯ୍ୟନ୍ତ ବର୍ଷାର ବିସ୍ତୃତି ଓ ପରିମାଣ କ୍ରମଶଃ ବଢ଼ିବ। ୨୭ରେ କେତେକ ସ୍ଥାନରେ ସ୍ୱଳ୍ପ, ୨୮ରେ ଅନେକ ସ୍ଥାନରେ ସ୍ୱଳ୍ପରୁ ମଧ୍ୟମ ଏବଂ ୨୯ରେ ଅନେକ ସ୍ଥାନରେ ମଧ୍ୟମ ବର୍ଷା ହେବ। ସେହିପରି ଦକ୍ଷିଣ ଓଡ଼ିଶାର କେତେକ ସ୍ଥାନରେ ଭାରୀ ବର୍ଷା ହେବାର ସମ୍ଭାବନା ରହିଛି। ଜିଏଫ୍‌ଏସ୍ ମଡେଲ୍‌ର ତଥ୍ୟକୁ ଆଧାର କରି ପ୍ରଫେସର୍ ପଶୁପାଳକ କହିଛନ୍ତି ଯେ ଅଗଷ୍ଟ ଆରମ୍ଭରେ ଉତ୍ତର ବଙ୍ଗୋପସାଗର ମୁଣ୍ଡ ଉପରେ ଆଉ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହୋଇପାରେ। ଏହାଦ୍ୱାରା ରାଜ୍ୟରେ ଭାରି ବର୍ଷା ହେବ ବୋଲି ପ୍ରଫେସର ପଶୁପାଳକ କହିଛନ୍ତି।

ଅପରପକ୍ଷେ, ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ, ବର୍ତ୍ତମାନ ସୁଦ୍ଧା ମୌସୁମୀ ଋତୁରେ ରାଜ୍ୟର ୧୨ଜିଲ୍ଲାରେ ନିଅଣ୍ଟିଆ ବର୍ଷା ହୋଇଛି। ଜୁନ୍ ୧ରୁ ଜୁଲାଇ ୨୪ ମଧ୍ୟରେ ବର୍ଷାର ପରିମାଣ କମିଛି। ଏହି ସମୟରେ ରାଜ୍ୟରେ ୪୧୦.୮ ମି.ମି ବର୍ଷା ରେକର୍ଡ କରାଯାଇଛି। ଜୁନ୍ ୧ରୁ ଜୁଲାଇ ୨୪ ମଧ୍ୟରେ ୪୬୬.୭ ମି.ମି ବର୍ଷା ହେବା କଥା। କିନ୍ତୁ ୪୧୦.୮ ମିଲିମିଟର ବର୍ଷା ହୋଇଛି। ୧୪ଜିଲ୍ଲାରେ ସ୍ୱାଭାବିକ ବର୍ଷା ରେକର୍ଡ କରାଯାଇଥିବା ବେଳେ କୋରାପୁଟ, ନୂଆପଡ଼ା ଓ ବୌଦ୍ଧରେ ଅଧିକ ବର୍ଷା ହୋଇଛି। ସେହିପରି ମାଲକାନଗିରି ଜିଲ୍ଲାରେ ସର୍ବାଧିକ ବର୍ଷା ରେକର୍ଡ କରାଯାଇଛି। ଗତ ୨୪ ଘଣ୍ଟାରେ ନବରଙ୍ଗପୁରରେ ୫୬ମିମି ବର୍ଷା ହୋଇଥିବା ବେଳେ କୋରାପୁଟରେ ୫୧ ମିମି ବର୍ଷା ହୋଇଛି। ନୂଆପଡ଼ାରେ ୨୫ ଓ ମାଲକାନଗିରିରେ ୧୬ ମିମି ବର୍ଷା ହୋଇଥିବା କେନ୍ଦ୍ର କହିଛି।

## ୬ ବର୍ଷରେ...

ମୁଣ୍ଡପିଛା ଆୟ, ବଢ଼ିଛି କୃଷି ଉତ୍ପାଦନ। ଖାଦ୍ୟଶସ୍ୟ ଉତ୍ପାଦନ ରେକର୍ଡସ୍ତର ଛୁଇଁଛି। ୨୦୨୨-୨୩ ବର୍ଷଠାରୁ ୨୪.୨% ଖାଦ୍ୟଶସ୍ୟ ଉତ୍ପାଦନ ବୃଦ୍ଧି ପାଇ ୧୪୧.୪ ଲକ୍ଷ ଟନ୍‌ରେ ପହଞ୍ଚିଛି। ଦେଶରେ ଓଡ଼ିଶା ପଞ୍ଚମ ବୃହତ୍ ଧାନ ଉତ୍ପାଦନ ରାଜ୍ୟରେ ପରିଣତ ହୋଇଛି। ମହିଳା ସାକ୍ଷରତା ହାର ବୃଦ୍ଧି ପାଇଛି, ଆନୁଷ୍ଠାନିକ ପ୍ରସବ ହାର ବଢ଼ିଛି, ମାତ୍ର ମୃତ୍ୟୁହାର ହ୍ରାସ ପାଇଛି ଓ ଓଡ଼ିଶାବାସୀଙ୍କ ହାରାହାରି ଆୟୁଷ ଗତ ୨୦ ବର୍ଷ ମଧ୍ୟରେ ୧୦ ବର୍ଷ ବୃଦ୍ଧି ପାଇ ୬୦.୪ ବର୍ଷରୁ ୭୦.୩ ବର୍ଷରେ ପହଞ୍ଚିଛି ବୋଲି ରିପୋର୍ଟରେ ଉଲ୍ଲେଖ ରହିଛି।

ସେହିପରି ରାଜ୍ୟର ହାରାହାରି ମୁଣ୍ଡପିଛା ଆୟ ବୃଦ୍ଧି ପାଇ ୨୦୨୩-୨୪ରେ ୧,୬୧,୪୩୭ ଟଙ୍କାରେ ପହଞ୍ଚିଛି। ଜାତୀୟସ୍ତରରେ ହାରାହାରି ମୁଣ୍ଡପିଛା ଆୟ ୧,୮୪,୨୦୫ଠାରୁ ଏହା ୧୨.୪% କମ୍ ବୋଲି ରିପୋର୍ଟରେ ଉଲ୍ଲେଖ ରହିଛି। ଏହା ସହିତ ୨୦୨୩-୨୪ରେ କୃଷି କ୍ଷେତ୍ରରେ ଅଭିବୃଦ୍ଧି ହାର ୩.୫%, ସେବା କ୍ଷେତ୍ରରେ ଅଭିବୃଦ୍ଧି ହାର ୯.୨% ରହିବ ବୋଲି ଆକଳନ କରାଯାଇଛି। ସେହିପରି ଶିଳ୍ପାୟନ କ୍ଷେତ୍ରରେ ଓଡ଼ିଶା ଉଲ୍ଲେଖନୀୟ ପ୍ରଦର୍ଶନ କରିଛି। ଏରୋସ୍ପେସ, ବିମାନ, ସବୁଜ ଶକ୍ତି ଓ ଉପକରଣ, ଗ୍ରୀନ୍ ହାଇଡ୍ରୋଜେନ, ଡ଼ାଟାସେଣ୍ଟର, ବୈଷୟିକ ଶିଳ୍ପ, ବୟନ ଶିଳ୍ପ ଆଦି ସ୍ଥାପନ ହୋଇଛି ଓ ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇଛି ବୋଲି ରିପୋର୍ଟରେ ଉଲ୍ଲେଖ ରହିଛି ।

ନୀତି ଆୟୋଗଙ୍କ ରିପୋର୍ଟ ଆଧାରରେ ରାଜ୍ୟର ବହୁବିଧ ଦାରିଦ୍ର୍ୟ ହାର ୨୦୧୫-୧୬ ବର୍ଷରେ ୨୯.୩% ଥିବାବେଳେ ୨୦୨୧ ସୁଦ୍ଧା ଏହା ୧୫.୬%କୁ ହ୍ରାସ ପାଇଥିବା ସର୍ଭେ ରିପୋର୍ଟରେ ଉଲ୍ଲେଖ ରହିଛି । ମୋଟାମୋଟି ଭାବରେ ଏହି ୬ ବର୍ଷ ମଧ୍ୟରେ ରାଜ୍ୟର ୬୨ ଲକ୍ଷ ବହୁମୁଖୀ ଦାରିଦ୍ର୍ୟରୁ ମୁକ୍ତ ହୋଇଥିବା କୁହାଯାଇଛି । ରାଜ୍ୟରେ ୨୦୨୧-୨୨ରେ ୧୧୩.୮ ଲକ୍ଷ ଟନ୍ ଖାଦ୍ୟଶସ୍ୟ ଉତ୍ପାଦନ ହୋଇଥିବାବେଳେ ଏହାର ପରବର୍ତ୍ତୀ ବର୍ଷ ଏଥିରେ ୨୪.୨% ବୃଦ୍ଧି ପାଇ ରେକଡର୍ ୧୪୧.୪ ଲକ୍ଷ ଟନ୍‌ରେ ପହଞ୍ଚିଛି। ମିଲେଟ୍ ମିଶନ କାର୍ଯ୍ୟକାରୀ ହେବା ପରେ ମାଣ୍ଡିଆ ଉତ୍ପାଦନ ୧୨୧% ବଢ଼ିଛି । ୨୦୧୧-୧୨ ଆର୍ଥିକ ବର୍ଷ ତୁଳନାରେ ରାଜ୍ୟରେ କୃଷି ଋଣ ବିତରଣ ୭ଗୁଣ ବୃଦ୍ଧି ପାଇ ୫୪୭୧୭ କୋଟି ଟଙ୍କାରେ ପହଞ୍ଚିଛି । ସେହିପରି ୨୦୧୩ରୁ ୨୦୨୨ ମଧ୍ୟରେ ୧୯.୨ ଲକ୍ଷ ହେକ୍ଟର ଜମିକୁ ଜଳସେଚନ କରାଯାଇଛି । ରାଜ୍ୟରେ ଦୁଗ୍ଧ ଉତ୍ପାଦନ ୨ ବର୍ଷରେ ୮୦୦୦ ଟନ୍ ବୃଦ୍ଧି ପାଇଛି, ମୁଣ୍ଡପିଛା କ୍ଷୀର ଓ ଅଣ୍ଡାର ଉପଯୋଗ ମଧ୍ୟ ବଢ଼ିଛି । ମାଛର ଉତ୍ପାଦନ ଓ ରପ୍ତାନୀ ବୃଦ୍ଧି ପାଇଛି । ପୁନଶ୍ଚ ଗ୍ରାମାଞ୍ଚଳ ଯୋଗାଯୋଗ କ୍ଷେତ୍ରରେ ବେଶ୍ ଉଲ୍ଲେଖନୀୟ ଅଗ୍ରଗତି ଘଟିଛି। ୨୦୧୧-୧୨ରେ ରାଜ୍ୟରେ ମାତ୍ର ୨୨୭୫୯ କିଲୋମିଟର ସଡ଼କ ଥିବାବେଳେ ୨୦୨୩-୨୪ରେ ଏହା ୯୯,୪୪୬ କିଲୋମିଟରରେ ପହଞ୍ଚିଛି ।

ବିମାନସେବା କ୍ଷେତ୍ରରେ ମଧ୍ୟ ରାଜ୍ୟ ଅଗ୍ରଗତି କରିଛି । ଓଡ଼ିଶାରୁ ଦେଶର ୧୯ଟି ସହର ଓ ବିଦେଶର ୩ଟି ସହର ବ୍ୟାଙ୍କକ୍, ସିଙ୍ଗାପୁର, ଦୁବାଇକୁ ସିଧାସଳଖ ବିମାନ ଚଳାଚଳ କରୁଛି ଏବଂ ପ୍ରତି ଏକଲକ୍ଷ ଜନସଂଖ୍ୟାରେ ୮୬୦୦ ଲୋକ ବିମାନରେ ଯାତାୟତ କରୁଛନ୍ତି । ଅନ୍ୟପକ୍ଷରେ ରାଜ୍ୟରେ ମାଧ୍ୟମିକ ସ୍ତରରେ ପାଠ ଛାଡ଼ିବା ହାର ହ୍ରାସ ପାଇଛି, ମାତ୍ର ଜାତୀୟସ୍ତରଠାରୁ ଏହା ତଳେ ରହିଛି । କ୍ରୀଡ଼ା ବିକାଶ ପାଇଁ ରାଜ୍ୟର ପୁରୀ, ବ୍ରହ୍ମପୁର, କେନ୍ଦୁଝର, ଜୟପୁର, ରାଉରକେଲା, ସୁନ୍ଦରଗଡ଼ରେ ସମନ୍ୱିତ କ୍ରୀଡ଼ା କମ୍ପ୍ଲେକ୍ସ ନିର୍ମାଣ କରାଯାଇଛି ଏବଂ ଯାଜପୁର ଓ ଝାରସୁଗୁଡ଼ାରେ ଏହା ନିର୍ମାଣାଧୀନ ରହିଛି । ଅନ୍ୟପକ୍ଷରେ ରାଜ୍ୟରେ ମହିଳା ସାକ୍ଷରତା ହାର ୨୦ବର୍ଷରେ ୨୩.୬% ବୃଦ୍ଧି ୭୩.୬%ରେ ପହଞ୍ଚିଛି ଓ ଆନୁଷ୍ଠାନିକ ପ୍ରସବ ହାର ମଧ୍ୟ ବୃଦ୍ଧି ପାଇଛି ବୋଲି ଅର୍ଥନୈତିକ ସର୍ଭେ ରିପୋର୍ଟରେ ଉଲ୍ଲେଖ ରହିଛି । ତେବେ ରାଜ୍ୟରେ ୪୩୭୩ ପଞ୍ଚାୟତରେ ବ୍ୟାଙ୍କ ସେବା କେନ୍ଦ୍ର ନ ଥିବା ରିପୋର୍ଟରେ ଉଲ୍ଲେଖ କରାଯାଇଛି ।

## ୪ଜଣଙ୍କ ସଲିଳ...

ସ୍ୱୟଂସଙ୍କେତଙ୍କ ସମେତ ୫ଜଣ ଛାତ୍ର ଡମଣି ଡ୍ୟାମ୍ ବୁଲିବାକୁ ଯାଇଥିଲେ। ସୃତିକ୍, ସ୍ୱୟ ଓ ଆଦେଶ ଗାଧୋଇବା ପାଇଁ ପାଣି ଭିତରକୁ ପଶିଯିବାରୁ ଏହି ଅଘଟଣ ଘଟିଥିଲା। ଆଦେଶ ସାମାନ୍ୟ ପହଁରା ଜାଣିଥିବାରୁ ସ୍ଥାନୀୟ ଲୋକଙ୍କ ସହାୟତରେ କୂଳକୁ ପଳାଇ ଆସିଥିଲେ। ହେଲେ ସୃତିକ୍ ଓ ସ୍ୱୟଙ୍କର କୌଣସି ପତ୍ତା ମିଳିପାରି ନଥିଲା। ସ୍ଥାନୀୟ ଲୋକଙ୍କଠାରୁ ଖବର ପାଇ ଚୌଦ୍ୱାର ଦମକଳ ବାହିନୀ ସ୍କୁବା ଡାଇଭର୍‌ଙ୍କ ସହାୟତାରେ ପ୍ରାୟ ୨୫ ଫୁଟ ଗଭୀର ପାଣିରୁ ଦୁହିଁଙ୍କ ଶବ ଉଦ୍ଧାର କରିଥିଲା। ଏହି ଘଟଣାରେ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଗଭୀର ଦୁଃଖ ପ୍ରକାଶ କରିବା ସହ ମୃତକଙ୍କ ନିକଟ ସମ୍ପର୍କୀୟଙ୍କୁ ୪ ଲକ୍ଷ ଲେଖାଏଁ ଅନୁକମ୍ପା ରାଶୀ ଯୋଗାଇ ଦିଆଯିବା ନେଇ ଘୋଷଣା କରିଛନ୍ତି।

ସେହିପରି କଳିନ୍ଦ୍ରାବାଦ ଅଞ୍ଚଳର ରମେଶ ଚନ୍ଦ୍ର ସାହୁଙ୍କ ୮ବର୍ଷର ପୁଅ ବିଶ୍ୱରଞ୍ଜନ ଆଜି ଯାଜପୁରର ୨ନମ୍ବର କେନାଲକୁ ଶୌଚ ହେବାକୁ ଯାଇଥିବା ବେଳେ ଭାସି ଯାଇଥିଲେ। ଅଗ୍ନିଶମ ବାହିନୀ ପହଞ୍ଚି ତାଙ୍କ ମୃତଦେହ ଉଦ୍ଧାର କରିଥିଲା। ଅନ୍ୟ ଏକ ଘଟଣାକ୍ରମେ, ଗର୍ଭଣୀପଡ଼ାର ସୁନୀଲ ଆଜି ସିରେଇ ଗାଡ଼ିଆ ପୋଖରୀକୁ ଶୌଚ ହେବାକୁ ଯାଇଥିବା ବେଳେ ଅସାବଧାନତାବଶତଃ ବୁଡ଼ି ଯାଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ବାଙ୍କୋଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇଥିଲେ ହେଁ ଡାକ୍ତର ମୃତ ଘୋଷଣା କରିଥିଲେ।

## ଓଡିଶା ରେଳବାଇ...

କିମି ନୂଆ ରେଳ ଲାଇନ୍ ନିର୍ମାଣ ହୋଇଥିଲା ବେଳେ ଗତ ୧୦ ବର୍ଷ ଭିତରେ ଏହାର ତିନି ଗୁଣ ଅର୍ଥାତ୍ ବାର୍ଷିକ ୧୮୩ କିମି ନୂଆ ରେଳ ଟ୍ରାକ୍ ନିର୍ମାଣ କରାଯାଇଛି। ଓଡିଶାରେ ଥିବା ସମସ୍ତ ରେଳ ଲାଇନ୍‌ର ବିଦ୍ୟୁତକରଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି।

ଶ୍ରୀ ବୈଷ୍ଣବ କହିଥିଲେ, ବର୍ତ୍ତମାନ ରାଜ୍ୟରେ ୫୪ ହଜାର ୪୩୪ କୋଟି ଟଙ୍କା ବ୍ୟୟରେ ୪ ହଜାର ୧୭ କିମି ଲମ୍ବ ୪୦ଟି ରେଳ ଲାଇନ୍ ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ଜାରି ରହିଛି। ଏଥିସହ ୨୦୧୪ ପରଠାରୁ ବର୍ତ୍ତମାନ ସୁଦ୍ଧା ଓଡିଶାରେ ୪୨୭ଟି ଫ୍ଲାଇଓଭର ଏବଂ ଅଣ୍ଡର ବ୍ରିଜ୍ କାମ ହୋଇଛି। ଅପରପକ୍ଷେ ଓଡିଶାର ୫୯ଟି ଷ୍ଟେସନକୁ 'ଅମୃତ ଭାରତ' ଷ୍ଟେସନରେ ରୂପାନ୍ତରିତ କରିବା ଦିଗରେ କାର୍ଯ୍ୟ ଚାଲିଛି। ଓଡିଶାରେ କାର୍ଯ୍ୟକାରୀ ହେଉଥିବା ରେଳ ପ୍ରକଳ୍ପଗୁଡିକରେ ପ୍ରତ୍ୟେକ ଦିନ କିଛି ନା କିଛି ଅଗ୍ରଗତି ହେଉଛି। ବହୁ ବର୍ଷ ଧରି ଓଡିଶାରେ ରେଳ ବିକାଶ ପାଇଁ ଯାହା ଆବଶ୍ୟକ ଥିଲା ତାହା ଏବେ ପୂରଣ ହେଉଛି ବୋଲି ରେଳମନ୍ତ୍ରୀ ଶ୍ରୀ ବୈଷ୍ଣବ କହିଛନ୍ତି।

## ନେଉଛନ୍ତି ହାତୀ...

ବିଧାୟକ ପ୍ରସନ୍ନ ଆଚାର୍ଯ୍ୟ। ରେଳ ବ୍ୟୟବରାଦ ସମ୍ପର୍କରେ ପ୍ରତିକ୍ରିୟା ରଖି ଶ୍ରୀ ଆଚାର୍ଯ୍ୟ କହିଛନ୍ତି, ଦେଶ ସ୍ୱାଧୀନ ହେବା ପରଠାରୁ ସ୍ୱତନ୍ତ୍ର ଭାବେ ରେଳ ବଜେଟ ଆସୁଥିଲା। କିନ୍ତୁ ମୋଦୀ ସରକାର ଅମଳରେ ସେହି ପରମ୍ପରାକୁ ବୁଡାଇ ଦିଆଗଲା। ଏବେ ସାଧାରଣ ବଜେଟର ପୃଷ୍ଠା ଭିତରେ ରେଳ ବଜେଟ ହଜିଯାଇଛି। କ'ଣ ପାଇଁ ଲୁକ୍କାୟିତ ଭାବେ ରେଳ ବଜେଟ ଅଣାଯାଉଛି? ଯାହା ବି ବଜେଟ ଆସୁଛି ତାହାର ବିସ୍ତୃତ ବିବରଣୀ ଦିଆଯାଉ ନାହିଁ। ସବୁ ବର୍ଷ ବଜେଟ ଆକାର ବଢୁଥିବା ବେଳେ ରେଳ ଅନୁଦାନ ସେହି ପରିମାଣରେ ବଢୁ ନାହିଁ। ରେଳବାଇ ଓଡିଶାରୁ ସର୍ବାଧିକ ରାଜସ୍ୱ ସଂଗ୍ରହ କରୁଛି। ହେଲେ ସବୁଠାରୁ ଅଧିକ ରୋଜଗାର କରି ଦେଉଥିବା ଓଡିଶାକୁ ଅନୁଦାନ ଦେବାରେ କୁଣ୍ଠବୋଧ କରୁଛନ୍ତି ମୋଦୀ ସରକାର ବୋଲି ଶ୍ରୀ ଆଚାର୍ଯ୍ୟ କହିଛନ୍ତି।

## 'କାଳିଆ'କୁ ନେଇ...

ଯୋଜନା ଭବିଷ୍ୟତକୁ ନେଇ ସାଧାରଣରେ ସଂଶୟ ସୃଷ୍ଟି କରିଥିବା ବେଳେ ବିଧାୟକ ଅଶ୍ୱିନୀ କୁମାର ପାତ୍ରଙ୍କ ଅନ୍ୟ ଏକ ଏକ ଅଣତାରକା ପ୍ରଶ୍ନରେ ମନ୍ତ୍ରୀଙ୍କ ଉତ୍ତର ଏହି ଦ୍ୱନ୍ଦ୍ୱକୁ ବହୁଗୁଣିତ କରିଛି।

ଯେଉଁ ଚାଷୀମାନେ କାଳିଆ ଯୋଜନାରୁ କୌଣସି କାରଣରୁ ବାଦ୍ ପଡ଼ିଛନ୍ତି, ସେମାନଙ୍କୁ ଏହି ଯୋଜନାରେ ସାମିଲ କରିବାକୁ ସରକାର ପଦକ୍ଷେପ ନେବେ କି ବୋଲି ଅଶ୍ୱିନୀ ପାତ୍ର ପ୍ରଶ୍ନ କରିଥିଲେ। ଉପ ମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ ଏ ସଂକ୍ରାନ୍ତରେ ଯେଉଁ ଉତ୍ତର ଦେଇଛନ୍ତି, ତାହା ଗୌତମବୁଦ୍ଧ ଦାସଙ୍କ ପ୍ରଶ୍ନର ଉତ୍ତରର ସଂପୂର୍ଣ୍ଣ ବିପରୀତ। ଶ୍ରୀ ସିଂହଦେଓ କହିଛନ୍ତି ରାଜ୍ୟରେ ଯେଉଁ ଚାଷୀମାନେ କାଳିଆ ଯୋଜନାରେ ସାମିଲ ହୋଇପାରି ନାହାନ୍ତି, ସେମାନଙ୍କୁ ସାମିଲ କରାଯିବ। ଆଗାମୀ ଦିନରେ ସରକାର/ବିଭାଗ ପକ୍ଷରୁ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଗ୍ରହଣ କରାଯାଇ ସେମାନଙ୍କୁ ଏଥିରେ ସାମିଲ କରିବାର ଯୋଜନା ରହିଛି ବୋଲି ଉପମୁଖ୍ୟମନ୍ତ୍ରୀ କହିଛନ୍ତି। ଶ୍ରୀ ସିଂହଦେଓ ଦୁଇଟି ଭିନ୍ନଭିନ୍ନ ପ୍ରଶ୍ନରେ ବିପରୀତଧର୍ମୀ ଉତ୍ତର ସ୍ୱାଭାବିକ ଭାବରେ ସମସ୍ତଙ୍କୁ ଦ୍ୱନ୍ଦ୍ୱରେ ପକାଇଛି। ଗୋଟିଏ ଦିନରେ ବିଭାଗୀୟ ମନ୍ତ୍ରୀ ତଥା ଉପ ମୁଖ୍ୟମନ୍ତ୍ରୀ ଦୁଇଟି ଭିନ୍ନ ଭିନ୍ନ ଉତ୍ତର ଦେବା ଭିନ୍ନ ଦିଗକୁ ଦର୍ଶାଉଛି। ମନ୍ତ୍ରୀଙ୍କ କେଉଁ ଉତ୍ତରଟି ଠିକ୍ ଏବଂ କେଉଁ ଉତ୍ତରଟି ଭୁଲ୍, ସେ ନିଜେ ସ୍ପଷ୍ଟ କରିବା ଆବଶ୍ୟକ ବୋଲି ରାଜନୈତିକ ବିଶେଷଜ୍ଞମାନେ ମତ ପ୍ରକାଶ କରିଛନ୍ତି । 'କାଳିଆ'କୁ ନେଇ ସରକାର ଚାପରେ ଥିବା ଯୋଗୁଁ ଏପରି ଉତ୍ତର ଦେଉଥିବା ମଧ୍ୟ ଚର୍ଚ୍ଚା ହେଉଛି। ସୂଚନାଯୋଗ୍ୟ ଯେ ବିଦାୟୀ ବିଜେଡି ସରକାରଙ୍କର କାଳିଆ ଅନ୍ୟତମ ଲୋକପ୍ରିୟ ଜନମଙ୍ଗଳକାରୀ ଯୋଜନା ହୋଇଥିବା ବେଳେ ଏଥିରେ ୪୫ ଲକ୍ଷ ୬୭ ହଜାର ୫୨୪ ଜଣ କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କ ସହିତ ୧୯ ଲକ୍ଷ ୧୨ ହଜାର ୧୨୨ ଜଣ ଭୂମିହୀନ କୃଷି ପରିବାର ଆର୍ଥିକ ସହାୟତା ପାଉଛନ୍ତି। କେବଳ କୃଷକ ଭାଇ ଭଉଣୀ ନୁହେଁ; ସେମାନଙ୍କ ପାଠ ପଢୁଆ ପିଲାମାନଙ୍କୁ କାଳିଆ ଛାତ୍ରବୃତ୍ତି ପ୍ରଦାନ କରାଯାଉଛି। ଯାହା ଚାଷୀ ଓ ସେମାନଙ୍କ ପରିବାରକୁ ଆର୍ଥିକସ୍ତରରେ ସଶକ୍ତ କରିଛି। ମାତ୍ର ନବ ନିର୍ବାଚିତ ସରକାର ଏହାକୁ ବନ୍ଦ କରିବାକୁ ନେଇ ମସୁଧା କରୁଥିବା ନେଇ ବିଚାର କରୁଛନ୍ତି ବୋଲି ଜଣାପଡ଼ିବା ପରେ ସାଧାରଣରେ ଏନେଇ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି।

**MINISTRY OF RAILWAYS**
**[South Eastern Railway (Construction Organization)]**
**NOTIFICATION**
Kolkata, the 28th June, 2024

**S.O. 2490(E).**— Whereas, by the Notification of the Government of India in the Ministry of Railways (South Eastern Railway/Construction Organization), number S.O.5410(E), dated the 21st December, 2023 published in the Gazette of India, Extraordinary, Part-II, Section 3, Sub-section (ii), dated 21st December, 2023 and issued under sub section (1) of section 20A of the Railways Act, 1989 (24 of 1989)(herein after referred to as the said Act), the Central Government, decided its intension to acquire the land specified in the Schedule annexed to the notification number S.O.5410(E), dated the 21st December, 2023 for execution, maintenance, management and operation of Special Railway Project, namely Dumetra Link-C line connection with Bisra station (2.3 Km.) doubling in the district of Sundargarh in the State of Odisha.

And, whereas, the substance of notification number 5410(E), dated the 21st December, 2023 was published in the daily newspapers, namely 'Sakal' (Odiya Edition), dated 15th January, 2024 and 'Navbharat' (Hindi Edition), dated 16th January, 2024 under section (4) of section 20A of the said Act.

And, whereas, three number of petitions/objections were received against notification number S.O.5410(E), dated the 21st December, 2023 and same have been considered and disallowed by the competent authority;

And whereas, in pursuance of sub-section (1) of section 20E of the said Act, the competent authority has submitted the report to the Central Government;

Now, therefore, upon receipt of the said report of the competent authority, and in exercise of the powers conferred by sub-section (1) of section 20E of the said Act, the Central Government hereby declares that the land specified in the Schedule annexed hereto shall be acquired for the aforesaid purpose;

And further, in pursuance of sub-section (2) of section 20E of the said Act, the Central Government hereby declares that on the publication of this notification in the official Gazette, the land specified in the Schedule annexed hereto shall vest absolutely in the Central Government free from all encumbrances.

**SCHEDULE**

**Brief description of land to be acquired, with or without structure, falling within the proposed Special Railway Project namely, Dumetra Link-C line connection with Bisra station (2.3 Km.) doubling in the district of Sundargarh in the State of Odisha.**

**Name of the District**: Sundargarh; Name of the Tehsil: Bisra; Police Station: Bisra; Name of Village: Gudgudjore.

| Sl. No. | Khata No. | Plot No. | Kisam | TotalArea (in Acre) | Proposed area for 20E (in Acre) | Recorded Tenants (in English) |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 8 |
| 1 | 13 | 142 | GODA-2 | 0.060 | 0.010 | Sirajuddin, Abdul Satar S/o Barsat Ali, Cast- Muslim, Res.- Nala Road, Rourkela |
| 1 | 2 | 3 | 4 | 5 | 6 | 8 |
| 2 | 77/ 533 | 142/ 1378 | GODA-2 | 0.050 | 0.050 | Md. Jamsed, S/o Md Asraf, Cast- Muslim, Res.-Kulunga, P.S-Bramhani Tarang. |
| 3 | 77/ 633 | 142/ 1456 | GODA-2 | 0.500 | 0.500 | Rumana, W/o Muna Tajir, Cast- Muslim, Res.- Gudgudjore. |
| 4 | 77 | 141 | GODA-2 | 0.010 | 0.010 | Hiyat Mahammad, S/o Liyakat ali, Cast- Muslim, Res.- Bisra Town. |
| 5 | 77/ 1186 | 141/ 1840 | GODA-2 | 0.030 | 0.020 | Islam Khan, S/o Md. Gaffur, Cast- Muslim, Res.- Injko Karmtikra, Jaspur, Chhatisgarh. |
| 6 | 16 | 57 | GODA-2 | 0.143 | 0.100 | Etuari Oram, W/o Patras Oram, Cast-Oram, Res.-Budeljore. |
| 7 | 77/ 580 | 57/ 1416 | GODA-2 | 0.732 | 0.600 | Aftab Alam, Ifatkhor Alam, Asfak Alam, Ibraar Alam, S/o Md. Iliaas, Cast- Muslim, Res- Bishra. |
| | | 143 | GODA-2 | 0.090 | 0.090 | |
| | | 58 | GODA-2 | 0.445 | 0.160 | |
| 8 | 77/ 52 | 143/ 930 | GODA-2 | 0.040 | 0.040 | Md. Yunus khan, S/o Md.Isuf, Cast- Muslim, Res.- Sector-6, Rourkela-2 |
| | | 143/ 958 | GODA-2 | 0.040 | 0.040 | |
| 9 | 77/ 84 | 143/ 969 | GHARBA RI | 0.040 | 0.040 | Md. Siraj Khan, S/o Rahis Khan, Cast- Muslim, Res.- Own village. |
| 10 | 77/ 1178 | 143/ 953 | GODA-2 | 0.040 | 0.040 | Jaffar Hussen, S/o Tafjul Hussen, Cast- Muslim, Res.- Taisar, P.S-Bramhani Tarang, Dist.- Sundargarh. |
| 11 | 77/ 20 | 25/ 899 | GODA-2 | 0.300 | 0.300 | Md. Ayab, S/o Nazaruddin Miya, Mariyam Bibi, W/o Nazaruddin Miya, Cast- Muslim, Res.- Own Village. |
| 12 | 77/ 1203 | 25/ 1850 | GODA-2 | 0.750 | 0.750 | Md. Abbas, S/o Md. Ayub, Cast- Muslim, Res.- Gudgudjore, P.S- Bisra, Dist.- Sundargarh. |
| 13 | 77/ 109 | 871/ 996 | GODA-2 | 0.060 | 0.060 | Meheru Nisha, W/o Abdul Gani, Cast- Muslim, Res.- Own village. |
| 14 | 77/ 147 | 871/ 1044 | GODA-2 | 0.060 | 0.060 | Abdul Hamid, S/o Md. Gulab, Cast- Muslim, Res.- Nala Road, Plant side Rourkela |
| 15 | 77/ 190 | 25/ 1100 | GHARBA RI | 0.060 | 0.040 | Md. Sajad Kwasim, S/o Md. Kwasim, Cast- Muslim, Res.- Gaya Bihar, REC RES- Qtr. No.H/16 Sector-15 |
| 16 | 77/ 1398 | 25/ 1593 | GHARBA RI | 0.040 | 0.040 | S.K.Kashim, S/o Sakhe Hamidulla, Cast- Muslim, RES-H/277, Sec-15, Rourkela-3, P.S: Secto-15, Dist.- Sundargarh. |
| 17 | 77/ 1521 | 57/ 2087 | GODA-2 | 0.060 | 0.060 | Masarat Sahan, S/o Mansur Alam, Cast- Muslim, Res- Near Check Gate Old Bishra, P.S- Bishra,Dist- Sundargarh. |

[F. No. SER/CON-Orgn./HQ/Land/DCE/C/ROU/L.A/DMF Link 'C'- Bisra/3]
RAJEEV SHRIVASTAVA, Chief Admin. Officer(Con)/S.E.Railway


ସୂର୍ଯ୍ୟ ଦେଓ

# ସିନେମା ଗୀତରେ ଶାସ୍ତ୍ରୀୟତା-୨

'ସିନ୍ଦୂର ବିନ୍ଦୁ' (୧୯୭୬) ସିନେମାରେ ଚିତ୍ତରଞ୍ଜନ ଜେନାଙ୍କ ଗାୟକୀର 'ମୋ ପ୍ରିୟାଠାରୁ କିଏ ଅଧିକ ସୁନ୍ଦର' ଗୀତରେ ପ୍ରଫୁଲ୍ଲ କର ବ୍ୟବହାର କରିଛନ୍ତି ରାଗ 'ଯମୁନା କଲ୍ୟାଣ'। ସବୁ ସ୍ୱର 'ଶୁଦ୍ଧ' ଥାଇ ଉଭୟ 'ମାଧ୍ୟମ'ର ବ୍ୟବହାର ହୋଇଛି। ରାତ୍ରୀର ପ୍ରଥମ ପ୍ରହରର ଏହି ଗାୟନକୁ ପ୍ରଫୁଲ୍ଲ କର ସିନେଗୀତ ସହ ଏମିତି ଯୋଖିଛନ୍ତି ଯେମିତି ସ୍ତିମିତ ଦୀପଶିଖାର ରୋମାଞ୍ଚକର ଆର୍ଥାଲୋକରେ ଅଛି ପ୍ରିୟା। ତା' ଠାରୁ ସୁନ୍ଦର ଆଉ କେହିନାହିଁ। ଆହୁରି ବି ସୁନ୍ଦର କେହି ନାହିଁ ଟିପ୍ ଟିପ୍ ବର୍ଷା ଛିଟାଠାରୁ। ବର୍ଷା ଛିଟାର ଚମତ୍କାରୀ ବ୍ୟଞ୍ଜନାର ମାୟା ଆସେ 'ମହ୍ଲାର' ରାଗରେ । ଆଉ ଏହା ସହ ଯଦି ଛନ୍ଦି ହୋଇଯାଏ ଓଡ଼ିଆ ଲୋକଭାଷା ସ୍ୱର ଏବଂ ଲୋକକଳ୍ପନାର ସ୍ୱଚ୍ଛନ୍ଦତା, ତେବେ? ଟିପ୍ ଟିପ୍ ମେଘ ବର୍ଷୁଥିବ, କେଶୁର ଗଜା ମାରୁଥିବ, ତେଲିଙ୍ଗୀ ବାଜା ବାଜୁଥିବ ଆଉ ଅପେକ୍ଷାର ଗୀତଟିଏ ଚହଟୁଥିବ । ଗୀତରେ ଲୋକସ୍ୱର ଧାରାରେ ରଚାଯାଇଥିବ ରାଗ ସୁରଦାସୀ ମହ୍ଲାର ଓ ରାମଦାସୀ ମହ୍ଲାର। ରାଗର ଜାତି 'ଷାଡ଼ବ-ସମ୍ପୂର୍ଣ୍ଣ' । ମେଳ ହେଉଛି 'କାଫି' । ବର୍ଷା ଋତୁର ଯେ କୌଣସି ସମୟରେ ଏହାକୁ ଗାୟନ କରାଯାଏ । 'ସୁରଦାସୀ ମହ୍ଲାର' ଓ 'ରାମଦାସୀ ମହ୍ଲାର' ସହ ଶୁଦ୍ଧ ଓଡ଼ିଆ ଲୋକସ୍ୱରକୁ ଛନ୍ଦି ପ୍ରଫୁଲ୍ଲ କର ଯେଉଁ ସଙ୍ଗୀତ ରଚିଦେଲେ, ବର୍ଷା ହେଲେ ସେହି ସଙ୍ଗୀତ ସବୁ ଓଡ଼ିଆଙ୍କ ଛାତିରେ ଚହଲିଯାଏ, ଓଠକୁ ଆସେ ସେହି ଗୀତ 'ମେଘ ବରଷିଲା ଟୁପୁରୁ ଟୁପୁରୁ କେଶରୁ ମାଇଲା ଗଜା, କେଉଁ ରାଇଜେ ରହିଲେ ମୋ ରାଜା ତେଲିଙ୍ଗୀ ବାଇଦ ବଜା।' 'ଶେଷ ଶ୍ରାବଣ' (୧୯୭୬) ସିନେମାର ଏହି ଗୀତକୁ ଶୁଣିଲେ ମନେହେବ ବର୍ଷା ଛିଟାଠାରୁ ସୁନ୍ଦର ଆଉ କିଛି ନାହିଁ ।

ଶାସ୍ତ୍ରୀୟରୁ ସୁନ୍ଦର ବି ଆଉ ନାହିଁ । ଯେଣୁ ସୁନ୍ଦର କେହିନାହିଁ ଏଣୁ ଲୋକସ୍ୱର ଓ ପାଶ୍ଚାତ୍ୟ ସ୍ୱରର ମିଶାମିଶି ସିମ୍ଫୋନୀରେ ଗୀତ ତିଆରୁଥିବା ଅକ୍ଷୟ ମହାନ୍ତି ବି ପଡ଼ିଛନ୍ତି ସେହି ମୋହରେ । 'ତଅପୋଇ' (୧୯୭୮) ସିନେମାର ଗୀତ ପରି ଅନେକ ଗୀତରେ ସେ ଆଣିଛନ୍ତି ଶାସ୍ତ୍ରୀୟ ଛନ୍ଦ । ଏହି ସିନେମାରେ ଅକ୍ଷୟ ମହାନ୍ତିଙ୍କ ସଂଯୋଜନାରେ ତୃପ୍ତି ଦାସ ଗାଇଥିବା 'ନିରିମାଖି କୁଆଁରୀ ମୁଁ ଶୁଣ ମୋ ଦଇନୀ, ଅଳିଅଳି ଜେମା ହେଲି ଖୁଦରକୁଣୀ' ଗୀତର ମୁଖଡ଼ାରେ ଯେମିତି ଅଛି 'ଭୈରବୀ' ରାଗର ପ୍ରୟୋଗ, ଏହାର ଅନ୍ତରା 'ବାପା ମୋ ସାଧବ, ମୋ ସାଧବାଣୀ, ସାତ ଭାଇରେ ମୁଁ ଏକଇ ଦୁଲଣୀ'ରେ ସେମିତି ଅଛି ଲୋକବୋଲିର ବ୍ୟବହାର । ସେହି ରାଗରାଣୀ 'ଭୈରବୀ'କୁ ସିନେଗୀତିରେ ସମ୍ପୃକ୍ତ କରିବାରେ ଆହୁରି ଅଛନ୍ତି ବାସୁଦେବ ରଥ । 'କାବେରୀ' (୧୯୮୪) ସିନେମାରେ ସୁରେଶ ୱାଦେକର୍ ଗାଇଥିବା 'ଉଡ଼ିଗଲା ପକ୍ଷୀ, ଭାଙ୍ଗି ଦେଇ ତାର...' ଗୀତ ଏହାର ନମୁନା ।











# ଜସ୍ମିନ୍‌ଙ୍କ ଆଖି ଖରାପ

ଟେଲିଭିଜନର ଲୋକପ୍ରିୟ ଅଭିନେତ୍ରୀ ଜସ୍ମିନ୍ ଭସିନଙ୍କୁ କଣ୍ଟାକ୍ଟ ଲେନ୍ସ ବ୍ୟବହାର କରିବା ମହଙ୍ଗା ପଡ଼ିଛି । ଲେନ୍ସକୁ ଠିକ୍ ଭାବେ ବ୍ୟବହାର ନ କରିବା ଯୋଗୁଁ ତାଙ୍କ ଆଖି ଖରାପ ହୋଇଛି । ଏହାଦ୍ୱାରା ତାଙ୍କ ଆଖି କର୍ଣ୍ଣିଆରେ କ୍ଷତି ପହଞ୍ଚିଛି । ଗଲା ୧୭ ତାରିଖରେ ସେ ଦିଲ୍ଲୀର ଏକ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ । ଏହି କାର୍ଯ୍ୟକ୍ରମ ଲାଗି ସେ ଆଖିରେ କଣ୍ଟାକ୍ଟ ଲେନ୍ସ ପିନ୍ଧିଥିଲେ । କିନ୍ତୁ ଏହାକୁ ଲଗାଇବା ପରେ ତାଙ୍କ ଆଖିରେ ତୀବ୍ର ଯନ୍ତ୍ରଣା ସାଙ୍ଗକୁ ଜଳାପୋଡ଼ା ହୋଇଥିଲା । ତେବେ ସେ ସଙ୍ଗେ ସଙ୍ଗେ ଡାକ୍ତରଙ୍କ ପାଖକୁ ନ ଯାଇ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । ସେହିପରି ତମାମ କାର୍ଯ୍ୟକ୍ରମରେ ସେ ସନ୍‌ଗ୍ଲାସ୍ ପିନ୍ଧିଥିଲେ । ଟିମ୍ ତାଙ୍କୁ କାର୍ଯ୍ୟକ୍ରମରେ ସାହାଯ୍ୟ କରିଥିଲେ । ଅବଶ୍ୟ କାର୍ଯ୍ୟକ୍ରମ ଶେଷ ପରେ ହସ୍‌ପିଟାଲ ଯାଇଥିଲେ । ଡାକ୍ତରଙ୍କ ପାଖରୁ ଜାଣିଲେ ଆଖିର କର୍ଣ୍ଣିଆ ନଷ୍ଟ ହୋଇଛି । ଏହାପରେ ତାଙ୍କ ଆଖିକୁ ବ୍ୟାଣ୍ଡେଜ୍ କରାଯାଇଥିଲା । ଏବେ ତାଙ୍କର ଚିକିତ୍ସା ଚାଲିଥିଲେ ବି ତାଙ୍କୁ ଯନ୍ତ୍ରଣା ଭୋଗିବାକୁ ପଡ଼ୁଥିବା ସେ କହିଛନ୍ତି । ଅନ୍ୟପକ୍ଷରେ କିଛିଦିନ ମଧ୍ୟରେ ସେ ଠିକ୍ ହୋଇଯିବେ ବୋଲି ଡାକ୍ତର ତାଙ୍କୁ କହିଛନ୍ତି । ଏହାପରେ ସେ ନିଜ କାମକୁ ଫେରିବେ ବୋଲି ଆଶାବାଦୀ ଅଛନ୍ତି ।

# 'କିକ୍-୨'ରେ ସଲମାନ୍

୨୦୧୪ ମସିହାରେ ମୁକ୍ତିଲାଭ କରିଥିଲା ସୁପରହିଟ୍ ହିନ୍ଦୀ ସିନେମା 'କିକ୍' । ଫିଲ୍ମଟିକୁ ବେଶ୍ ଦର୍ଶକୀୟ ଆଦୃତି ମିଳିଥିଲା । ଏହାସହ ଫିଲ୍ମଟି ବକ୍ସ ଅଫିସ୍‌ରେ ୪୦୨ କୋଟି ଟଙ୍କା ଆୟ କରିଥିଲା । ତେବେ ଏହାର ସଫଳତାକୁ ଦେଖି ଖୁବ୍ ଶୀଘ୍ର ଆସିବାକୁ ଯାଉଛି ଏହାର ସିକ୍ୱେଲ । 'କିକ୍' ଭଳି 'କିକ୍-୨'ରେ ମୁଖ୍ୟ ଚରିତ୍ରରେ ଦବଙ୍ଗ ଅଭିନେତା ସଲମାନ ଖାନ୍ ନଜର ଆସିବେ । 'କିକ୍'ରେ ସଲମାନ ଦ୍ୱୈତ ଚରିତ୍ରରେ ନଜର ଆସିଥିଲେ । ସେହିପରି ସିନେମାର କାହାଣୀ ପ୍ରସ୍ତୁତ ହୋଇସାରିଛି । ଏହାର ସୁଟିଂ ଆସନ୍ତା ବର୍ଷ ମଧ୍ୟଭାଗରେ ଆରମ୍ଭ ହେବ । ତେବେ ସଲମାନ ଏବେ 'ସିଙ୍କନ୍ଦର' ସିନେମାରେ ବ୍ୟସ୍ତ ଅଛନ୍ତି । ତେଣୁ ଏହି ସିନେମା ପରେ ସେ 'କିକ୍-୨'ର ସୁଟିଂ ଆରମ୍ଭ କରିବେ ବୋଲି କୁହାଯାଉଛି । ସିନେମାଟି ୨୦୨୫ ଇଦ୍ ଅବସରରେ ମୁକ୍ତିଲାଭ କରିବ ।



# କେକେଙ୍କ ଲେଉଟାଣି

ଜି ସାର୍ଥକର ଲୋକପ୍ରିୟ ଧାରାବାହିକ 'ସନ୍ଧ୍ୟା-ରାଗିଣୀ'କୁ ଫେରିଛନ୍ତି ଲୋକପ୍ରିୟ ଅଭିନେତା କେକେ ଓରଫ୍ କ୍ରିଷ୍ଣା କର । ଏହି ଧାରାବାହିକରେ ତାଙ୍କୁ 'ରଘୁରାଜ' ଚରିତ୍ରରେ ଦେଖିବାକୁ ମିଳୁଥିଲା । କିନ୍ତୁ ଧାରାବାହିକ ଅଧାରୁ ସେ କିଛିଦିନ ପାଇଁ ନଜର ଆସି ନ ଥିଲେ । ଫଳରେ ତାଙ୍କ ଚରିତ୍ରରେ ଅଭିନେତା ପ୍ରୀତିରାଜ ନଜର ଆସିଥିଲେ । ଏବେ ପୁଣି କେକେ 'ରଘୁରାଜ' ଚରିତ୍ରକୁ ଫେରିବାରୁ ତାଙ୍କ ପ୍ରଶଂସକମାନେ ବେଶ୍ ଉତ୍ସାହିତ ହୋଇଛନ୍ତି । ତେବେ ରଘୁରାଜ ଚରିତ୍ରରେ କେକେଙ୍କୁ ବେଶ୍ ଦର୍ଶକୀୟ ଆଦୃତି ମିଳିପାରିଛି । କହିବାକୁ ଗଲେ ଏହି ଚରିତ୍ରଟି କେକେଙ୍କୁ ଖୁବ୍ ମାନିଛି । ଭିନ୍ନ ବେଶପୋଷାକ ସାଙ୍ଗକୁ ଗମ୍ଭୀର ଅଭିନୟ ମାଧ୍ୟମରେ ସେ ଦର୍ଶକଙ୍କ ଦୃଷ୍ଟିଆକର୍ଷଣ କରିବାରେ ସଫଳ ହୋଇଛନ୍ତି ।





# ଅଗଷ୍ଟ ୯ରେ 'ଭଗିଆ ଭାରିଯା'

ହରିବୋଲ୍ ଏଣ୍ଟରଟେନ୍‌ମେଣ୍ଟ ଆଣ୍ଡ ପ୍ରା.ଲି ପ୍ରଯୋଜିତ ନୂଆ ଓଡ଼ିଆ ସିନେମା 'ଭଗିଆ ଭାରିଯା' ଅଗଷ୍ଟ ୯ ତାରିଖରେ ମୁକ୍ତିଲାଭ କରିବ । ଏହାର ମୁଖ୍ୟ ଚରିତ୍ରରେ ନଜର ଆସିବେ ଦେବଯାନୀ ଏବଂ ହରିହର । ସିନେମାଟି ନିପଟ ମଫସଲରେ ରହୁଥିବା ଅଟୋଚାଳକ ଭଗିଆ ଭାରିଯାର ରିଲ୍ସ ନିଶା ଉପରେ ଆଧାରିତ । ମୃତ୍ୟୁଞ୍ଜୟ ସାହୁଙ୍କ ନିର୍ଦ୍ଦେଶିତ ଏହି ସିନେମାରେ ଭଗିଆ ଭରିଯା ରିଲ୍ସ କରି ନିଜର ଏକ ନିଆରା ପରିଚୟ ସୃଷ୍ଟି କରିବା ଲକ୍ଷ୍ୟ ରଖିଛି । ତେବେ ପାରିବାରିକ କାହାଣୀ ଉପରେ ଗତିଶୀଳ ଏହି ସିନେମା ମାଧ୍ୟମରେ ସାମାଜିକ ବାର୍ତ୍ତା ଦେବାକୁ ଏକପ୍ରକାର ପ୍ରୟାସ କରାଯାଇଛି । ମଳୟ ମିଶ୍ରଙ୍କ ସଂଗୀତରେ ଗୀତଗୁଡ଼ିକୁ ଲେଖିଛନ୍ତି ଅରୁଣ ମନ୍ତ୍ରୀ । ସିନେମାର କାହାଣୀ, ଚିତ୍ରନାଟ୍ୟ ଏବଂ ସଂଳାପ ରଚନା କରିଛନ୍ତି ନିଜେ ହରିହର ମହାପାତ୍ର । ଏହି ସିନେମାରେ ବବି ମିଶ୍ର, ପୁପିନ୍ଦରଙ୍କୁ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଚରିତ୍ରରେ ଦେଖିବାକୁ ମିଳିବ । ଏହାର କାହାଣୀ ଦର୍ଶକଙ୍କୁ ମନୋରଞ୍ଜନର ଖୋରାକ ଯୋଗାଇବ ବୋଲି ଏହାର ଟିମ୍ ପୂରା ଆଶାବାଦୀ ଅଛି ।

# 'ଆଜିର ରେବତୀ'ର ଫାଷ୍ଟଲୁକ୍ ରିଲିଜ୍

ଆର୍. ଆର୍. ଇଭେଣ୍ଟସ୍ ଆଣ୍ଡ ସିନେ ପ୍ରଡକସନ୍‌ର ନୂଆ ଓଡ଼ିଆ ସିନେମା 'ଆଜିର ରେବତୀ'ର ସୁଟିଂ ଚାଲିଛି । ତେବେ ପବିତ୍ର ବାହୁଡ଼ାଯାତ୍ରା ଅବସରରେ ସିନେମାଟିର ଫାଷ୍ଟଲୁକ୍ ରିଲିଜ୍ ହୋଇସାରିଛି । ଏଥିରେ 'ରେବତୀ' ଚରିତ୍ରରେ ନଜର ଆସିବେ ଓଲିଉଡ୍‌ର ଲୋକପ୍ରିୟ ନାୟିକା ଶୀତଲ । ନାୟକ ଭୂମିକାରେ ବନ୍ନି ସେନଗୁପ୍ତାଙ୍କୁ ଦେଖିବାକୁ ମିଳିବ । ଶୁଭ୍ରାଂଶୁ ଦାସଙ୍କ ନିର୍ଦ୍ଦେଶିତ ଏହି ସିନେମାର ସଂଳାପ ଶ୍ୟାମା ପ୍ରସାଦ ମିଶ୍ର ରଚନା କରିଛନ୍ତି । ଏହାର ଗୀତ ବାପୁ ଗୋସ୍ୱାମୀ ଓ ସୁଶାନ୍ତ ମଣି ଲେଖିଥିବା ବେଳେ ସଙ୍ଗୀତ ନିର୍ଦ୍ଦେଶନାରେ ପ୍ରେମ ଆନନ୍ଦ ଅଛନ୍ତି । ସିନେମାଟି ସମ୍ପୂର୍ଣ୍ଣ ମୌଳିକ କାହାଣୀ ଉପରେ ଆଧାରିତ । ଲୋକପ୍ରିୟ ଗୀତିକାର ଓ ସାହିତ୍ୟିକ ବଦ୍ରି ମିଶ୍ରଙ୍କ କ୍ଷୁଦ୍ର ଗଳ୍ପ ଆଧାରରେ ଏହା ନିର୍ମିତ । ସିନେମାର ବିଭିନ୍ନ ଚରିତ୍ରରେ ପୃଥ୍ୱୀରାଜ ନାୟକ, ପୁଷ୍ପା ପଣ୍ଡା, ପାରିଜାତ ଚକ୍ରବର୍ତ୍ତୀ, ଅଙ୍କିତା ବ୍ରହ୍ମ ପ୍ରମୁଖ ନଜର ଆସିବେ । ଏହା ଉଭୟ ଓଡ଼ିଆ ଓ ବଙ୍ଗଳା ଭାଷାରେ ମୁକ୍ତିଲାଭ କରିବ ।



## ୧୫ ଶହ ବସ୍ତା ଚୋରା କୋଇଲା ଜବତ



**ତିହିଡ଼ି,୨୪।୭ (ସମିସ):** ତିହିଡ଼ି ପୁଲିସ ପାଳିଆବିନ୍ଧା ରେଳଲାଇନର ବିଭିନ୍ନ ସ୍ଥାନରେ ଚଢ଼ଉ କରି ୧୫ ଶହ ବସ୍ତା କୋଇଲା ଜବତ କରିଥିବା ସୂଚନା ମିଳିଛି । ଏହି ଚୋରା କୋଇଲାକୁ ଧାମରା ପୋର୍ଟ କମ୍ପାନୀ ଲିମିଟେଡକୁ ହସ୍ତାନ୍ତର କରାଯାଇଥିବା ନେଇ ତିହିଡ଼ି ଥାନା ଅଧିକାରୀ ପ୍ରସନ୍ନ କୁମାର ନାୟକ ସୂଚନା ଦେଇଛନ୍ତି । ଚୋରା କୋଇଲା ବ୍ୟବସାୟ ଯୋଗୁ ତିହିଡ଼ିରେ ଆଇନ ଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହେଉଛି । ପ୍ରାୟ ବର୍ଷେ ତଳେ ରେଲୱେ ପ୍ରୋଟେକସନ ଫୋର୍ସ ଟିମ୍‌କୁ ଚୋରା କୋଇଲା ବ୍ୟବସାୟୀ ଆକ୍ରମଣ କରିବା ସହ ଗାଡ଼ି ଭାଙ୍ଗିରୁଜି ଦେଇଥିଲେ । ଏହି ଆକ୍ରମଣର କିଛି ମାସ ତଳେ ଆରପିଏଫ୍ ନୂଆନନ୍ଦ ସମେତ ବିଭିନ୍ନ ସ୍ଥାନରେ କ୍ୟାମ୍ପ୍ କରି ଜଗି ରହିବା ଫଳରେ ଚୋରା କୋଇଲା ବ୍ୟବସାୟ ସମ୍ପୂର୍ଣ୍ଣ ଠପ୍ ହୋଇଯାଇଥିଲା । ତେବେ କିଛି ମାସ ପରେ ଏହି କ୍ୟାମ୍ପକୁ ଉଠାଇ ନିଆଯିବା ଫଳରେ ପୂର୍ବପରି ଚୋରା କୋଇଲା ବ୍ୟବସାୟ ପୂରା ଦମ୍‌ରେ ଚାଲିଥିବା ସୂଚନା ମିଳିଛି ।

## ଅଧପନ୍ତରିଆ ଗୋଷ୍ଠୀକେନ୍ଦ୍ର, ମାଡ଼ିଗଲାଣି ଲଟାବୁଦା



**ବନ୍ତ/ଆଗରପଡ଼ା,୨୪।୭ (ସମିସ):** ବନ୍ତ ବ୍ଲକ୍ ଓଡ଼ଙ୍ଗ ପଞ୍ଚାୟତ ଅନ୍ତର୍ଗତ ପାରାବନ୍ଧଠାରେ ୨୦୧୯-୨୦ ଆର୍ଥିକ ବର୍ଷରେ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ଆନୁକୂଲ୍ୟରେ ପଞ୍ଚାୟତ ସମିତି ବନ୍ତ ପକ୍ଷରୁ ଏସ୍ଏଫ୍‌ସି ଯୋଜନାରେ ୧ ଲକ୍ଷ ୭୪ ହଜାର ଟଙ୍କା ମୂଲ୍ୟରେ ଏକ ଗୋଷ୍ଠୀକେନ୍ଦ୍ର ନିର୍ମାଣ ଆରମ୍ଭ କରାଯାଇଥିଲା । ନିର୍ମାଣକୁ ଇତି ମଧ୍ୟରେ ୫ବର୍ଷ ପୂରିଯିବା ପରେ ମଧ୍ୟ ଅଧପନ୍ତରିଆ ଅବସ୍ଥାରେ ତାହା ପଡ଼ିରହିଛି । ପାରିପାର୍ଶ୍ୱିକ ପରିସ୍ଥିତିକୁ ଆକଳନକୁ ନେଲେ ଏହାର ପୂର୍ଣ୍ଣତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହେବା ସହ ଉକ୍ତ ସ୍ଥାନ ଏକ ଜଙ୍ଗଲର ଭ୍ରମ ସୃଷ୍ଟି କରୁଛି । ବିଭାଗୀୟ ଅଧିକାରୀଙ୍କ ଦୂରଦୃଷ୍ଟିର ଅଭାବ ଯୋଗୁଁ ପ୍ରଶାସନର ଯୋଜନା ସଫଳ ରୂପାୟନ ହୋଇପାରୁ ନ ଥିବା ଉକ୍ତ ଗୋଷ୍ଠୀକେନ୍ଦ୍ରକୁ ଦେଖିଲେ ପ୍ରତିଫଳିତ ହେଉଛି । କାର୍ଯ୍ୟାଦେଶ ଆଣିବା ପରେ ଅର୍ଥ ବ୍ୟୟ କରି କୌଣସି ଯୋଜନାକୁ ଅଧପନ୍ତରିଆ ଅବସ୍ଥାରେ ଛାଡ଼ି ଦେବା ଅଧିକାରୀଙ୍କ କାମକୁ ନେଇ ଲୋକେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି । ତେଣୁ ବିଭାଗୀୟ ଅଧିକାରୀ ଉକ୍ତ ଗୋଷ୍ଠୀକେନ୍ଦ୍ର ନିର୍ମାଣରେ ଅଗ୍ରଗତି ଆଣିବା ପାଇଁ ଚେଷ୍ଟିତ ହେବାକୁ ଗ୍ରାମବାସୀଙ୍କ ସମେତ ବୁଦ୍ଧିଜୀବୀ ମହଲରେ ଦାବି ହୋଇଛି ।

## ସମାଜସେବୀଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ



**ଅସୁରାଳି,୨୪।୭ (ସମିସ):** ଧାମନଗର ବ୍ଲକ ଅନ୍ତର୍ଗତ ଅର୍ଜୁନପୁର ପଞ୍ଚାୟତ ମମାଦୁଲା ଗ୍ରାମର ସମାଜସେବୀ ସ୍ୱର୍ଗୀୟ ଆନନ୍ଦ ଚନ୍ଦ୍ର ଜେନାଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ଅବସରରେ ଉଭୟ ଆନନ୍ଦ ଚନ୍ଦ୍ର ଜେନା ଓ ପତ୍ନୀ ହେମଲତା ଜେନାଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ ହୋଇଯାଇଛି । ସ୍ୱର୍ଗତ ଆନନ୍ଦ ଚନ୍ଦ୍ର ଜଣେ ଦରଦୀ, ଧର୍ମ ପରାୟଣ ଓ ବିଶିଷ୍ଟ ସମାଜସେବୀ ଥିଲେ । ଏହି ଅବସରରେ ଏକ ସଭା ଅନୁଷ୍ଠିତ ହୋଇଥିଲା । ଅଧ୍ୟାପକ ରବୀନ୍ଦ୍ର କୁମାର ବେହୁରିଆଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଥିଲେ ପ୍ରାକ୍ତନ ପ୍ରଧାନଶିକ୍ଷକ ଶରତ ଚନ୍ଦ୍ର ନାୟକ ଏବଂ ପ୍ରତିମୂର୍ତ୍ତିକୁ ଉନ୍ମୋଚିତ କରିଥିଲେ । ଅର୍ଜୁନପୁରର ସମିତିସଭ୍ୟ ବିଦ୍ୟାଧର ରାଉତ, ଧୂଷୁରୀ ପ୍ରେସ ୟୁନିଅନର ସଭାପତି ସନ୍ତୋଷ ଦାସ, ସମ୍ପାଦକ ଦୀପ୍ତିରଞ୍ଜନ ନାୟକ, କୋଷାଧ୍ୟକ୍ଷ ରତିକାନ୍ତ ନାୟକ, ପ୍ରାକ୍ତନ ବ୍ଲକ ଅଧ୍ୟକ୍ଷ ବିନୋଦ ନାୟକ, ବସନ୍ତମଞ୍ଜରୀ ଜେନା, ପ୍ରବୋଧ ଜେନା, ଲମ୍ବୋଦର ଜେନା, ହରେକୃଷ୍ଣ ଜେନା, ପ୍ରଦୀପ ନାୟକ, ଗୟାଧର ପୁହାଣ, ସ୍ମିତା ପ୍ରଜ୍ଞା ଜେନା, ନବ କିଶୋର ଜେନା, ପ୍ରେମାନନ୍ଦ ଦାସ, ଆଇନଜୀବୀ ଦୀପ୍ତିରଞ୍ଜନ ଜେନା ପ୍ରମୁଖ ଉପସ୍ଥିତ ଥିଲେ । ଶେଷରେ ଅଶୋକ କୁମାର ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ ।

## 'ସକାଳ' ପ୍ରଭାବ

# ଖୁବ୍ ଶୀଘ୍ର ଜାଗା ମାଲିକଙ୍କୁ ମିଳିବ ପ୍ରାପ୍ୟ

**ବନ୍ତ/ଆଗରପଡ଼ା,୨୪।୭ (ସମିସ)**

ଗତ ମେ' ମାସ ୮ ତାରିଖ ବୁଧବାର 'ଜାଗା ମାଲିକଙ୍କୁ ମିଳୁନି ପ୍ରାପ୍ୟ ଏବଂ ପ୍ରାପ୍ୟ ନ ପାଇ ବୃଦ୍ଧା ହନ୍ତସନ୍ତ' ଶୀର୍ଷକ ଖବର ଦୈନିକ 'ସକାଳ'ରେ ପ୍ରକାଶ ପାଇଥିଲା । ଖବର ପ୍ରକାଶ ପାଇବା ପରେ ଇତି ମଧ୍ୟରେ ଜାତୀୟ ସ୍ୱାସ୍ଥ୍ୟ ମିଶନ ସହକାରୀ ନିର୍ବାହୀ ଯନ୍ତ୍ରୀ ଜନ୍ମେଜୟ ଜେନା ଜାଗା ମାଲିକଙ୍କୁ ତାଙ୍କ ପ୍ରାପ୍ୟ ପ୍ରଦାନ ପାଇଁ ଆବଶ୍ୟକ ସରକାରୀସ୍ତରୀୟ ସମସ୍ତ ପ୍ରକ୍ରିୟା ସରିଯାଇଛି ଏବଂ ଖୁବ୍ ଶୀଘ୍ର ପ୍ରାପ୍ୟ ପାଇବେ ବୋଲି ସୂଚନା ପ୍ରଦାନ କରିଛନ୍ତି । ଆଗରପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଭିତ୍ତିଭୂମି ବିକାଶ କାର୍ଯ୍ୟ ଚାଲିଥିବା ବେଳେ ଜାଗା ମାଲିକଙ୍କୁ ତାଙ୍କ ପ୍ରାପ୍ୟ ଆଜି ପର୍ଯ୍ୟନ୍ତ ମିଳିପାରୁ ନ ଥିବା ଅଭିଯୋଗ ହେଉଥିଲା । ଏଠାରେ ପ୍ରକାଶ ଥାଉକି; ଆଗରପଡ଼ା ରାଜସ୍ୱ ନିରୀକ୍ଷକଙ୍କ ଅଧୀନ ଟିଁକିରା ମୌଜା ଖାତା ନଂ ୮୮/୧୭୫, ପ୍ଲଟ ନଂ ୧୫ରେ ଥିବା ୧୧ ଡିସିମିଲ ଜାଗାର ମାଲିକ ସ୍ୱର୍ଗତ ଏକାଦଶୀ ମାହାରଙ୍କ ସ୍ତ୍ରୀ ଲକ୍ଷ୍ମୀ ମାହାର ଅଟନ୍ତି । ସେ ଜଣେ ଗରୀବ ଶ୍ରେଣୀର ମହିଳା



ମାତ୍ର ନିଜ ଜାଗା ମୂଲ୍ୟ ଅର୍ଥ ମିଳିବାରେ ଅହେତୁକ ବିଳମ୍ବ ହେଉଥିବାରୁ ସେ ଏଥି ନେଇ ଚିନ୍ତିତ ହୋଇପଡ଼ିଥିଲେ । ପୂର୍ବରୁ ଉକ୍ତ ଜାଗା ଉପରେ ଭୁଲବଶତଃ ଆଗରପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଏକ ତିନିମହଲା କୋଠାଘର ନିର୍ମାଣ ହୋଇଥିବାର ଅଭିଯୋଗ ହୋଇଥିଲା । ବର୍ତ୍ତମାନ ମଧ୍ୟ ଆଉ ଅବଶିଷ୍ଟ ଜାଗା ଉପରେ ଗୃହ ନିର୍ମାଣ କାର୍ଯ୍ୟ ଚାଲିଛି । ପ୍ରଥମେ ଉକ୍ତ ଜାଗା ଉପରେ ନିର୍ମାଣ କାର୍ଯ୍ୟ ଆରମ୍ଭ ହେବାକୁ ନେଇ ଜାଗା ମାଲିକ ଏହାକୁ ବିରୋଧ କରିଥିଲେ । ପରେ ସ୍ଥାନୀୟ ରାଜନେତା ଓ ରୋଗୀ କଲ୍ୟାଣ ସମିତି କର୍ମକର୍ତ୍ତାଙ୍କ ହସ୍ତକ୍ଷେପ ପରେ ଜାଗା ମାଲିକ ଏହି ଜାଗାକୁ ସରକାରୀ ମୂଲ୍ୟରେ ହସ୍ତାନ୍ତର କରିବେ ବୋଲି ଗତ ନଭେମ୍ବର ୧୧ ତାରିଖରେ ଜିଲ୍ଲା ପ୍ରଶାସନକୁ ଅବଗତ କରାଇଥିଲେ । ମାତ୍ର ଆଜି ପର୍ଯ୍ୟନ୍ତ ସରକାରୀ ଅର୍ଥ ମିଳି ନ ଥିବାରୁ ସାଧାରଣରେ ଅସନ୍ତୋଷ ଭାବ ଦେଖା ଦେଇଥିଲା । ଉକ୍ତ ଜାଗା ଲକ୍ଷ୍ମୀ ମାହାରଙ୍କ ବୋଲି ତଦନ୍ତ ପରେ ବନ୍ତ ତହସିଲଦାର ତାଙ୍କ ଚିଠିରେ ଉଲ୍ଲେଖ କରିଥିଲେ । ତାଙ୍କୁ ସରକାରୀ ପ୍ରାପ୍ୟ ଦେବାର ବ୍ୟବସ୍ଥା କରିବାକୁ ଲକ୍ଷ୍ମୀ ମାହାର ଜିଲ୍ଲା ପ୍ରଶାସନକୁ ନିବେଦନ କରିଥିଲେ । ଜାତୀୟ ସ୍ୱାସ୍ଥ୍ୟ ମିଶନ ପକ୍ଷରୁ ଜିଲ୍ଲାର ଏକ ମାତ୍ର ଏହି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଭିତ୍ତିଭୂମି ଉନ୍ନତି ପାଇଁ ୯କୋଟି ୯୦ଲକ୍ଷ ଟଙ୍କା ମଞ୍ଜୁର ହୋଇଛି । କାର୍ଯ୍ୟ ଚାଲୁଥିବାରୁ ଜିଲ୍ଲା ପ୍ରଶାସନ ପାଖରେ ତାଙ୍କ ପ୍ରାପ୍ୟ ପାଇଁ ନିବେଦନ କରିଥିବା ଲକ୍ଷ୍ମୀ ମାହାରଙ୍କୁ ତାଙ୍କ ତାହା ପ୍ରଦାନ କରାଯିବାର ସୁବନ୍ଦୋବସ୍ତ କରିବା ପାଇଁ ବିଭିନ୍ନ ମହଲରେ ଦାବି ହୋଇ ଆସୁଥିଲା । ପରେ ଖବର ପ୍ରକାଶ ହେବାରୁ ଖୁବ୍ ଶୀଘ୍ର ସେ ପ୍ରାପ୍ୟ ପାଇବେ ବୋଲି ସୂଚନା ମିଳିଛି ।

## ଗେଙ୍ଗୁଟି ନଦୀବନ୍ଧ ମରାମତି ପାଇଁ ଦାବି

**ଦୋବଲ,୨୪।୭ (ସମିସ):** ଦୋବଲ ନିକଟ କୋରକଦା ଠାରୁ କରଦା ଭାୟା ଅଙ୍ଗେଇପାଳ ଗେଙ୍ଗୁଟି ନଦୀବନ୍ଧ ରାସ୍ତା ବିପର୍ଯ୍ୟସ୍ତ ହୋଇପଡ଼ିଛି । ନଦୀବନ୍ଧ ସଂପୂର୍ଣ୍ଣ ମାଟିରାସ୍ତା ହୋଇଥିବାରୁ ସାମାନ୍ୟ ବର୍ଷା ହେଲେ ଯିବା ଆସିବା ସମ୍ଭବ ହୋଇପାରୁନି । ଏବେ ବର୍ଷା ଋତୁ ହୋଇଥିବାରୁ ବନ୍ଧ ସାରା ଖାଲଖମାରେ ଭର୍ତ୍ତିହେବା ସହ ରାସ୍ତା ଉପରେ ପାଣି ଜମିଛି । ଯାହା ଫଳରେ ନନ୍ଦିପୁର, ଅଙ୍ଗେଇପାଳ ଓ କରଦା ଲୋକେ ଦୋବଲ ବଜାରକୁ ଯିବା ଆସିବାରେ କଷ୍ଟ ଭୋଗୁଛନ୍ତି । ଦୋବଲରୁ କରଦା ଯିବାକୁ ମାତ୍ର ୪ କିଲୋମିଟର ଦୂର । ହେଲେ ବର୍ଷା ଦିନେ ଏ ରାସ୍ତାରେ ଯିବା ସମ୍ଭବ ହେଉ ନ ଥିବାରୁ ଅଙ୍ଗେଇପାଳ ଓ କରଦା ଲୋକେ ଖଡ଼ିପଦା, ସୁଜାଣସିଂହପୁର ହୋଇ ଯିବାଆସିବା କରୁଛନ୍ତି । ଉକ୍ତ ଅଞ୍ଚଳରୁ ସେମାନଙ୍କ ପିଲାଛୁଆ ବିଭିନ୍ନ ବିଦ୍ୟାଳୟ ଓ ସ୍କୁଲକୁ ଯାଉଛନ୍ତି । ଏହି ଗେଙ୍ଗୁଟି ଦକ୍ଷିଣ ପାର୍ଶ୍ୱ ବନ୍ଧଟି ଜଳ ସମ୍ପଦ ବିଭାଗ ଅଧୀନରେ । ତାହା ପୁଣି ଯାଜପୁର ଜଳସମ୍ପଦ ଡିଭିଜନ ଅଧୀନରେ ରହୁଛି । ବର୍ଷ ବର୍ଷ ଧରି ଲୋକେ ଦାବି କରି ଆସୁଥିଲେ ବି ଏ ନଦୀବନ୍ଧ ରାସ୍ତାକୁ ସୁଦୃଢ଼ୀକରଣ ଓ ପକ୍କା ରାସ୍ତା କରିବାକୁ ଜଳ ସମ୍ପଦ ବିଭାଗ ପଦକ୍ଷେପ ନେଉନାହିଁ । ସେପଟେ ବନ୍ଧ ରାସ୍ତା ଜଳ ସମ୍ପଦ ବିଭାଗ ଅଧୀନରେ ଆସୁଥିବାରୁ ଗ୍ରାମ୍ୟ ଉନ୍ନୟନ ବିଭାଗ କି ପୂର୍ତ୍ତ ବିଭାଗ ଦୃଷ୍ଟି ଦେବାକୁ ଦାବି ହେଉଛି । ବର୍ଷା ହେବା କ୍ଷଣି ଗାଁକୁ ଜରୁରୀକାଳୀନ ସେବା ଦେଉଥିବା ଗାଡ଼ି ଯିବା ସମ୍ଭବ ହେଉନାହିଁ । କୋରକଦା ଗଡ଼ାଣିରୁ ଅଙ୍ଗେଇପାଳ ଯାଏ ପିଚୁ କରିବା ଲାଗି ବହୁବାର ଦାବି ହୋଇଛି । ହେଲେ ଜଳ ସମ୍ପଦ ବିଭାଗ ୨୦୧୬ରୁ ୨୦୧୮ ମଧ୍ୟରେ ନଦୀବନ୍ଧ ପ୍ରଶସ୍ତିକରଣ କରିବା ସହ ନାଲି ଗୋଡ଼ି ପକାଇଛି । ତିନି ବର୍ଷ ହେଲା ନାଲି ଗୋଡ଼ି ପଡ଼ିଥିଲା । ଏବେ ଟ୍ରାକ୍ଟର ଓ ଗାଡ଼ି ଯିବା ଆସିବା ଫଳରେ ଖାଲଖମା ହେବା ସହ ବର୍ଷା ପରେ ରାସ୍ତାର ଅବସ୍ଥା ବେହାଲ ହୋଇପଡ଼ିଛି । ଏନେଇ ଧାମନଗର ଜଳସମ୍ପଦ ଅଧିକାରୀଙ୍କୁ ପଚାରିବାରୁ ସେ କହିଛନ୍ତି ଯେ, ବନ୍ଧ ରାସ୍ତାକୁ ପିଚୁ କରିବା ଲାଗି ପଦକ୍ଷେପ ନିଆଯାଇଛି । ତେବେ ତୁରନ୍ତ ବର୍ଷା ଦିନରେ ଲୋକମାନେ ଯାତାୟାତ ପାଇଁ ଅସୁବିଧାର ସମ୍ମୁଖୀନ ହେଉଥିବାରୁ ବନ୍ଧ ମରାମତି ପାଇଁ ସ୍ଥାନୀୟ ଅଞ୍ଚଳବାସୀ ଦାବି କରିଛନ୍ତି ।



## ଗ୍ରାମାଞ୍ଚଳରେ ସ୍ୱାସ୍ଥ୍ୟ ଉପକେନ୍ଦ୍ର ଦିଗହରା

**ଧାମନଗର,୨୪।୭ (ସମିସ):** ଧାମନଗର ସହର ଓ ଗ୍ରାମାଞ୍ଚଳର ଲୋକମାନଙ୍କ ନିକଟରେ ନିରନ୍ତର ସାସ୍ଥ୍ୟ ସେବା ଯୋଗାଇବା ପାଇଁ ପୂର୍ବ ସରକାର ପ୍ରତି ପଞ୍ଚାୟତରେ ସ୍ୱାସ୍ଥ୍ୟ ଉପକେନ୍ଦ୍ର ନିର୍ମାଣ କରିଥିଲେ । ଦୁଇ ମହଲା ବିଶିଷ୍ଟ ସାସ୍ଥ୍ୟ ଉପକେନ୍ଦ୍ର ନିର୍ମାଣ ପାଇଁ ପ୍ରତି କେନ୍ଦ୍ରକୁ ୩୫ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଅର୍ଥ ଅନୁଦାନ ହୋଇଥିଲା । ଧାମନଗର ବ୍ଲକର ୩୧ ପଞ୍ଚାୟତରୁ ମୋଟ ୧୯ଟି ପଞ୍ଚାୟତରେ ସ୍ୱାସ୍ଥ୍ୟ ଉପକେନ୍ଦ୍ର ପ୍ରକଳ୍ପ ମଞ୍ଜୁର ହୋଇଥିବା ବେଳେ ସେଥିରୁ ୧୮ଟି ନିର୍ମାଣାଧୀନ ଥିବାବେଳେ ଗୋଟିଏ ପଞ୍ଚାୟତରେ କାର୍ଯ୍ୟ ଆରମ୍ଭ ହୋଇ ନ ଥିବା ଜଣାଯାଇଛି । ୧୮ଟି ପ୍ରକଳ୍ପରୁ ୭ଟିର ଦୁଇ ମହଲା କାର୍ଯ୍ୟ ଚାଲୁଥିବା ବେଳେ ଅନ୍ୟ ବହୁ କେନ୍ଦ୍ର ଅଧାପନ୍ତରିଆ ଅବସ୍ଥାରେ ରହିଛି । ସମସ୍ତ ସ୍ୱାସ୍ଥ୍ୟ ଉପକେନ୍ଦ୍ର ନିର୍ମାଣ ଅବଧି ସରିଥିଲେ ମଧ୍ୟ ଏ ଦିଗରେ ବିଭାଗୀୟ ଅଧିକାରୀ ଦୃଷ୍ଟି ଦେବାକୁ ଦାବି ହୋଇଛି । ଧାମନଗର ଭଳି ଜନବହୁଳ ଅଞ୍ଚଳରେ ଥିବା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଆବଶ୍ୟକ ୭ ଜଣ ଏମ୍‌ବିବିଏସ, ୪ଜଣ ବିଶେଷଜ୍ଞ ସ୍ତ୍ରୀ, ପ୍ରସୂତି ଓ ଶିଶୁ ବିଶେଷଜ୍ଞ ଡାକ୍ତର ମଧ୍ୟ ନାହାନ୍ତି । ଏଥି ସହିତ ଆଟେଣ୍ଡାଣ୍ଟ ଓ ସଫେଇ କର୍ମଚାରୀଙ୍କ ଅଭାବ ଦେଖାଦେଇଛି । ଏଥିସହିତ ବ୍ଲକ ଅଞ୍ଚଳର ବିଭିନ୍ନ ଏଲୋପାଥି ଓ ହୋମିଓପାଥି ଚିକିତ୍ସାଳୟରେ ଡାକ୍ତର ଏବଂ ଫାର୍ମାସିଷ୍ଟର ଘୋର ଅଭାବ ରହିଛି । ଏପରି ସ୍ଥଳେ ଗ୍ରାମାଞ୍ଚଳରେ ଉନ୍ନତ ସ୍ୱାସ୍ଥ୍ୟସେବା ଆଳରେ ଟଙ୍କା ଅପବ୍ୟୟ ହେଉଛି । ଏବେ ନୂଆ ସରକାର ଓ ବିଭାଗୀୟ ମନ୍ତ୍ରୀ ଏଥିପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ବୁଦ୍ଧିଜୀବୀ ମହଲରେ ଦାବି ହେଉଛି ।



## ୩ ଥାନାରେ ନୂତନ ଅଧିକାରୀଙ୍କ ଯୋଗଦାନ





**ଭଦ୍ରକ,୨୪।୭ (ସମିସ):** ଭଦ୍ରକ ଜିଲ୍ଲା ପୁଲିସ ପ୍ରଶାସନରେ ବୁଧବାର ୩ଟି ପ୍ରମୁଖ ଥାନାରେ ନୂତନ ଅଧିକାରୀଙ୍କୁ ବଦଳି କରାଯାଇଛି । ଭଦ୍ରକ ଟାଉନ ଥାନା ଅଧିକାରୀ ବୀରେନ୍ଦ୍ର କୁମାର ସେନାପତିଙ୍କୁ ଭଣ୍ଡାରିପୋଖରୀ ଥାନା ଆଇଆଇସି ଭାବେ ବଦଳି କରାଯାଇଥିବା ବେଳେ ତାଙ୍କ ସ୍ଥାନରେ ଭଣ୍ଡାରିପୋଖରୀ ଥାନା ଆଇଆଇସି ଅଜୟ ସୁଦର୍ଶନ ବାଗେଙ୍କୁ ଟାଉନ୍ ଥାନା ଆଇଆଇସି ଭାବେ ନିଯୁକ୍ତି କରାଯାଇଛି । ସେହିଭଳି ପୂର୍ବରୁ ଆଗରପଡ଼ା ଥାନା ଅଧିକାରୀଙ୍କ ବଦଳି ହୋଇଥିବା ବେଳେ ସେହି ଥାନାର ନୂତନ ଅଧିକାରୀଭାବେ ଟାଉନ ଥାନାରେ କାର୍ଯ୍ୟରତ ସବ୍ ଇନ୍ସପେକ୍ଟର ଶ୍ରୀକାନ୍ତ ପତିଙ୍କୁ ନିଯୁକ୍ତି କରାଯାଇଛି । ଭଦ୍ରକ ଏସ୍‌ପି ବରୁଣ ଗୁଣ୍ଟୁପାଲିଙ୍କ ଆଦେଶ ସଂଖ୍ୟାରୁ ବୁଧବାର ଏହି ଅଦଳବଦଳ ହୋଇଥିବା ଜଣାଯାଇଛି ।

## ଲୋକଙ୍କୁ ମିଳୁନି ବିଶୁଦ୍ଧ ପାନୀୟ ଜଳ



**ଅସୁରାଳି,୨୪।୭ (ସମିସ):** ଧାମନଗର ବ୍ଲକରେ ପାନୀୟଜଳ ସମସ୍ୟା ଦିନକୁ ଦିନ ଜଟିଳ ହେବାରେ ଲାଗିଛି । ବ୍ଲକର ବିଭିନ୍ନ ପଞ୍ଚାୟତରେ ଥିବା ପାନୀୟ ଜଳ ପ୍ରକଳ୍ପର ଓଭରହେଡ୍ ପାଣିଟାଙ୍କିଗୁଡ଼ିକ କାମରେ ଲାଗୁ ନ ଥିବାରୁ ପାନୀୟ ଜଳ ସମସ୍ୟା ସମାଧାନ ହୋଇପାରୁ ନାହିଁ । ଫଳରେ ଲୋକମାନେ ବିଶୁଦ୍ଧ ପାନୀୟଜଳ ପାଇବାରୁ ବଞ୍ଚିତ ହେଉଥିବା ଅଭିଯୋଗ ହୋଇଛି । ଗ୍ରାମ୍ୟ ପାନୀୟଜଳ ଓ ପରିମଳ ବିଭାଗ ଏବଂ ବ୍ଲକ୍ ଜଳଯୋଗାଣ ବିଭାଗ ଯନ୍ତ୍ରୀମାନେ ଏଥିପ୍ରତି ଆଦୌଧ୍ୟାନ ଦେଉ ନ ଥିବା ଅଭିଯୋଗ ହେଉଛି । ଧାମନଗର ବ୍ଲକର ୩୧ଟି ପଞ୍ଚାୟତରେ ୪୫ଟି ପାନୀୟ ଜଳ ପ୍ରକଳ୍ପ ନିର୍ମିତ ହୋଇଛି । ସେଥିମଧ୍ୟରୁ ଧାମନଗର ଅନ୍ତର୍ଗତ ଗୋବିନ୍ଦପୁର, ଫତେପୁର, ଅସୁରାଳି, କୋଠାର, ଗଡିଆଲି ଓ ଚୂଡ଼ାକୁଟି ଠାରେ ପାଣିଟାଙ୍କି ନିର୍ମାଣ ସରିଥିଲେ ମଧ୍ୟ ଆଜି ଯାଏ ତାହା କାର୍ଯ୍ୟକ୍ଷମ ହୋଇପାରି ନାହିଁ । ଗୋବିନ୍ଦପୁରରେ କେବଳ ପାଣି ଟାଙ୍କି ନିର୍ମାଣରେ ସୀମିତ ହୋଇଛି ମେଗା ପ୍ରକଳ୍ପ ଜଳ ଯୋଜନା । ବିଶେଷ କରି ଚୂଡ଼ାକୁଟି ପଞ୍ଚାୟତ ଅନ୍ତର୍ଗତ ତାମ୍ପଲା, ମାଙ୍କିଡିଆ, ଶିମିଳିଛନ୍ଦା, ପଳସାରେ ପାଇପ୍ ବିଛାରେ ସୀମିତ ବସୁଧା ଯୋଜନା । ସେହିପରି ଭଟସାହି ଓ ନଦୀଗାଁ ପଞ୍ଚାୟତରେ ପାଣି ଟାଙ୍କି ଥିଲେ ବି ପାଣି ଯୋଗାଣ ହୋଇନାହିଁ । ମାତ୍ର ଅନେକସ୍ଥାନରେ ଉଚ୍ଚପାଣି ଟାଙ୍କି ଥିଲେ ବି ଲୋକଙ୍କୁ ବିଶୁଦ୍ଧ ପାନୀୟ ଜଳ ମିଳୁନି । ଅନେକ ସ୍ଥାନରେ ପୁରୁଣା ପାଣି ଟାଙ୍କି ଥିଲେ ବି ପୁଣି ସେଠାରେ ରେ ନୂଆ ପାଣି ଟାଙ୍କି ତିଆରି କରି ଠିକାଦାର ଓ ଯନ୍ତ୍ରୀ ମୁନାଫା କମାଉଛନ୍ତି । ପ୍ରଶାସନ ଯେଉ ଘୋଷଣା ପ୍ରତି ଗାଁକୁ ପାନୀୟ ଜଳ ଯୋଗାଣ କରାଯିବ ମାତ୍ର ଧାମନଗରରେ ଏହି ଯୋଜନା ବିଫଳ ହୋଇଛି । ସାଧାରଣ ଲୋକେ ପାଣି ପାଇଁ ଏବେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଆଗାମୀ ଦିନରେ ଯଦି ପାନୀୟ ଜଳ ଯୋଗାଣ ବ୍ୟବସ୍ଥିତ ଆକାରରେ ନ କରାଯାଏ ତେବେ ଅଞ୍ଚଳବାସୀ ଆନ୍ଦୋଳନ କରିବେ ବୋଲି କହିଛନ୍ତି ।

# ତାଳପଦା-ପଟାପୋଲ କେନାଲବନ୍ଧ ରାସ୍ତା ଦୟନୀୟ

**ବାରିକପୁର,୨୪।୭ (ସମିସ)**

ଭଣ୍ଡାରିପୋଖରୀ ବ୍ଲକ୍ ତାଳପଦା ଠାରୁ ପଟାପୋଲ ଯାଏଁ ପ୍ରାୟ ୩ କିମି ବିଶିଷ୍ଟ କେନାଲ ବନ୍ଧ ରାସ୍ତାଟି ଏବେ ଅତ୍ୟନ୍ତ ଦୟନୀୟ ହୋଇଯାଇଛି । ଉକ୍ତ କେନାଲ ରାସ୍ତାଟିର ରକ୍ଷଣାବେକ୍ଷଣ ଦାୟିତ୍ୱ ଯଦିଓ ପୂର୍ବରୁ ଜଳସମ୍ପଦ ବିଭାଗ ହାତରେ ରହିଥିଲା କିନ୍ତୁ ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାରେ ଏହାର ନବୀକରଣ କାର୍ଯ୍ୟ ପାଇଁ ଗ୍ରାମ୍ୟ ଉନ୍ନୟନ ବିଭାଗ ୨୦୨୨ମସିହାରେ ଏହାର ଦାୟିତ୍ୱ ନେଇଛି । ବିଭାଗ ପକ୍ଷରୁ ପ୍ୟାକେଜରେ ତାଳପଦା ଠାରୁ କଣ୍ଟି ଭାୟା ମଣିବାଜି ଯାଏଁ ମୋଟ ୭.୬କିମି ରାସ୍ତା ନିର୍ମାଣ ପାଇଁ ଜନୈକ ଠିକାଦାରଙ୍କ ସହିତ ଚୁକ୍ତି ହୋଇଥିଲା । ମଣିବାଜି ଠାରୁ କଣ୍ଟି ଯାଏଁ କିଛି ପରିମାଣରେ କଂକ୍ରିଟ ନିର୍ମାଣ ହୋଇଥିବା ବେଳେ ପଟାପୋଲ ଠାରୁ ତାଳପଦା ଯାଏଁ ପ୍ରଥମ ପର୍ଯ୍ୟାୟରେ କେବଳ ଡଷ୍ଟ ବିଛା ଯାଇଛି । ବାକିଥିବା ରାସ୍ତାରେ କୌଣସି କାର୍ଯ୍ୟ ହୋଇନାହିଁ । ଏତିକିରୁ ପ୍ରାୟ ଦୁଇବର୍ଷ ହେବ କାମ ବନ୍ଦ ରହିଛି । ରାସ୍ତା ନିର୍ମାଣ କାର୍ଯ୍ୟ ପାଇଁ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ବ୍ୟୟବରାଦ ହୋଇଥିବା ଅର୍ଥରାଶି ପର୍ଯ୍ୟାପ୍ତ ନୁହେଁ ବୋଲି ଯୁକ୍ତି ଦର୍ଶାଇ ଠିକାସଂସ୍ଥା କାମ କରିବାକୁ ଆଉ ଇଚ୍ଛା ପ୍ରକାଶ କରୁନାହିଁ । ଏପଟେ ବିଭାଗ ପକ୍ଷରୁ ରାସ୍ତା ନିର୍ମାଣର ବର୍ଦ୍ଧିତ ମୂଲ୍ୟ ପାଇଁ ମଧ୍ୟ କୌଣସି ପଦକ୍ଷେପ ନିଆଯାଉନାହିଁ । ତେଣୁ ରାସ୍ତାଟି ଜଳସମ୍ପଦ ବିଭାଗ ହାତରେ ପୂର୍ବରୁ ଯେମିତି ଥିଲା ଏବେ କିନ୍ତୁ ଅଧିକ ଖରାପ ହୋଇଗଲାଣି । ଆରମ୍ଭରୁ ରାସ୍ତା ନିର୍ମାଣ କାର୍ଯ୍ୟ ବନ୍ଦ ହୋଇଯାଇଥିବା ବେଳେ ଉଉରାଗଡ଼ିଆ ଠାରୁ କଣ୍ଟି ଯାଏଁ ରାସ୍ତାର ଅନେକ ଅଂଶ ଯାତାୟାତ ଅନୁପଯୋଗୀ ହୋଇଯାଇଛି । ସେହିଭଳି ତାଳପଦା ନିକଟରେ ମଧ୍ୟ ରାସ୍ତା ଏକ ପ୍ରକାର ଜରାଜୀର୍ଣ୍ଣ ହୋଇଯାଇଥିବା ବେଳେ ପାଣି କାଦୁଅ ଭରା ଛୋଟବଡ଼ ଗର୍ତ୍ତ ମଧ୍ୟ ସୃଷ୍ଟି ହୋଇଛି । ଅନୁରୂପ ଭାବେ ଆକୁଳିକଣା ଛକଠାରୁ ପଟାପୋଲ ଯାଏଁ ମଧ୍ୟ କେନାଲ ରାସ୍ତାରେ ପାଣି ଜମି ଧୀରେ ଧୀରେ ଛୋଟ ବଡ଼ ଗର୍ତ୍ତମାନ ସୃଷ୍ଟି ହୋଇଗଲାଣି । ପଡ଼ିଥିବା ଡଷ୍ଟ ମାଟିରେ ମିଶି ଏବେ ପାଣି କାଦୁଅ ଭରା ରାସ୍ତାରେ ପରିଣତ ହୋଇଗଲାଣି । ଚାରିଚକିଆ ଯାନ ତ ଦୂରର କଥା ମୋଟରସାଇକଲ ଓ ସାଇକଲଟିଏ ଯିବା ମଧ୍ୟ କଷ୍ଟକର ହୋଇପଡ଼ିଲାଣି । ବିଶେଷ କରି ତାଳପଦା ନିକଟରେ ଏଭଳି ପରିସ୍ଥିତି ହୋଇଛି ଯେ ମୋଟରସାଇକଲଟେ ଯିବାବେଳେ ଟିକେ ଅସାବଧାନତା ହେଲେ ରାସ୍ତାରେ ପଡ଼ି ଲୋକେ ମଧ୍ୟ ଆହତ ହେଉଛନ୍ତି । ମୋଟାମୋଟି ଭାବେ ହାଇଲେବୁଲ କେନାଲ ମୁଣ୍ଡ ଠାରୁ ପଟାପୋଲ ବଜାର ଯାଏଁ କେନାଲ ରାସ୍ତାରେ ଯାତାୟାତ କରିବା ଏକପ୍ରକାର କଷ୍ଟସାଧ୍ୟ । କେନାଲ ରାସ୍ତାର ଜରାଜୀର୍ଣ୍ଣ ଅବସ୍ଥାକୁ ନେଇ ଜଳସମ୍ପଦ ବିଭାଗର ଯନ୍ତ୍ରୀଙ୍କ ମତାମତ ନେବାରୁ ସେ କହୁଛନ୍ତି ରକ୍ଷଣାବେକ୍ଷଣ ଦାୟିତ୍ୱ ତାଙ୍କ ହାତରେ ନାହିଁ । ଏପଟେ ନବୀକରଣ କାର୍ଯ୍ୟ ପାଇଁ ଠିକା ସଂସ୍ଥା ବର୍ଦ୍ଧିତ ମୂଲ୍ୟ ଦାବି କରି କାମ କରୁନଥିବାରୁ ଗ୍ରାମ୍ୟ ଉନ୍ନୟନ ବିଭାଗ ମଧ୍ୟ ନିରୁପାୟ ହୋଇଯାଇଛି । ତେଣୁ ରାସ୍ତା କାମ ଆରମ୍ଭ ହେବ କି ନାହିଁ ତାହା ମଧ୍ୟ ସନ୍ଦେହ ଘେରରେ ରହିଛି । ସେ ଯାହାବି ହେଉ ଦୈନନ୍ଦିନ ଶହଶହ ଲୋକ ଏହି ରାସ୍ତା ଦେଇ ଯାତାୟାତ କରୁଥିବା ବେଳେ ବ୍ୟବସ୍ଥା ଗତ ଅମଲାତାନ୍ତ୍ରିକ ତ୍ରୁଟି କାରଣରୁ ଲୋକମାନେ ଏବେ ଘୋର ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ତେଣୁ ଏହା ଉପରେ ବିଭାଗୀୟ ଅଧିକାରୀମାନେ ଦୃଷ୍ଟି ଦେବାକୁ ଦାବି ହୋଇଛି ।



ଅସୁବିଧାର ସମ୍ମୁଖୀନ ହେଉଛନ୍ତି ଲୋକେ

## ଜାତୀୟ ରାଜପଥରେ ବଢୁଛି ବେଆଇନ୍ ପାର୍କିଂ



**ଭଦ୍ରକ,୨୪।୭ (ସମିସ):** ଭଦ୍ରକ ସହର ଓ ଉପକଣ୍ଠ ଦେଇ ପରିକ୍ରମା କରିଥିବା ୧୬ନମ୍ବର ଜାତୀୟ ରାଜପଥରେ ଏବେ ବଢୁଛି ବେଆଇନ୍ ଗାଡ଼ି ପାର୍କିଂ । ଫଳରେ ନିୟମିତ ଭାବେ ଛୋଟବଡ଼ ଦୁର୍ଘଟଣା ଘଟୁଛି । ସୂଚନାଯୋଗ୍ୟ, ଭଦ୍ରକ ଜିଲ୍ଲାର ପ୍ରବେଶପଥ ଭଣ୍ଡାରିପୋଖରୀରୁ ଭଦ୍ରକ ସଦର ମହକୁମା ଦେଇ ପରିକ୍ରମା କରିଛି ଜାତୀୟ ରାଜପଥ । ଏହି ୬ ଲାଇନ୍ ବିଶିଷ୍ଟ ଜାତୀୟ ରାଜପଥର ଭଣ୍ଡାରିପୋଖରୀରୁ ଭଦ୍ରକ ଯାଏଁ ଅଧିକାଂଶ ସ୍ଥାନରେ ଗାଡ଼ିଗୁଡିକ ବେଆଇନ୍ ପାର୍କିଂ କରାଯାଉଛି । ବିଶେଷ କରି ଟ୍ରକ୍‌ଗୁଡ଼ିକ ରାଜପଥକୁ ଅବରୋଧ କରି ପାର୍କିଂ କରୁଛନ୍ତି । ଚରମ୍ପାରୁ ରାଣୀତାଲ ଯାଏଁ ଯାଇଥିବା ଜାତୀୟ ରାଜପଥର ଉଭୟ ପାର୍ଶ୍ୱରେ ଟ୍ରକ୍‌ଗୁଡ଼ିକ ଦୀର୍ଘ ସମୟ ଧରି ପାର୍କିଂ କରୁଥିବାରୁ ଯାତାୟାତରେ ଘୋର ବାଧା ସୃଷ୍ଟି ହେବା ସହ ଦୁର୍ଘଟଣା ଘଟୁଛି । ଏହି ଚରମ୍ପା ଅଞ୍ଚଳରେ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ରହିଥିଲେ ବି ଏଭଳି ବେଆଇନ୍ ପାର୍କି ନେଇ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ବୁଦ୍ଧିଜୀବୀ ମହଲରେ ଦାବି ହୋଇଛି । ଏଦିଗରେ ଜିଲ୍ଲାପାଳ ଓ ଏସ୍‌ପି ଗୁରୁତର ସହ ଦୃଷ୍ଟି ଦେବାକୁ ଅନୁରୋଧ ହୋଇଛି

# ସେଚାଞ୍ଚଳ ଉନ୍ନୟନ ଡିଭିଜନରେ ଅନିୟମିତତା ଅଭିଯୋଗ

**ଭଦ୍ରକ, ୨୪।୭(ସମିସ):** ଭଦ୍ରକ ଜିଲ୍ଲା ସଦର ମହକୁମାରେ ଥିବା ସେଚାଞ୍ଚଳ ଉନ୍ନୟନ(ସିଏଡି) ଡିଭିଜନର ନିର୍ବାହୀଯନ୍ତ୍ରୀଙ୍କ ଦପ୍ତରରେ ବ୍ୟାପକ ଅନିୟମିତତା ହୋଇଥିବା ଅଭଯୋଗ ହେଉଛି। ଭଦ୍ରକ ସେଚାଞ୍ଚଳ ଉନ୍ନୟନ ଡିଭିଜନ ଭଦ୍ରକ, କେନ୍ଦୁଝର ଜିଲ୍ଲା ସମେତ ବାଲେଶ୍ୱର ଓ ଯାଜପୁର ଅଂଶିକ ଅଞ୍ଚଳକୁ ନେଇ ଗଠିତ। ଏହି ଡିଭିଜନ୍‌ର ନିର୍ବାହୀ ଯନ୍ତ୍ରୀ ଓ ଅନ୍ୟାନ୍ୟ ଯନ୍ତ୍ରୀମାନେ ଏଠାରେ ବର୍ଷ ବର୍ଷ ଧରି ନିଜ ନିଜର ଆସ୍ଥାନ ଜମାଇ ଅନିୟମିତତାରେ ଲିପ୍ତଥିବା ମୁଖ୍ୟମନ୍ତ୍ରୀଙ୍କ ଦପ୍ତରକୁ ଅଭିଯୋଗ ହୋଇଛି। ପାଣି ପଞ୍ଚାୟତର କର୍ମକର୍ତ୍ତାମାନଙ୍କୁ ବିଭିନ୍ନ ଉପାୟରେ ଭୟଭୀତ କରାଇ ନିଜେ ଓ ନିଜର ଏଜେଣ୍ଟମାନଙ୍କ ଦ୍ୱାରା ପ୍ରାୟ ସମସ୍ତ କାମ କରାଇ ଚାଲିଛି ବୋଲି ଅଭିଯୋଗ ହୋଇଛି। ପୁଣି ଉକ୍ତ କାର୍ଯ୍ୟଗୁଡିକ ଅତି ନିମ୍ନମାନର କରାଇ ପ୍ରଶାସନୀୟ ଅର୍ଥକୁ ବର୍ଷବର୍ଷ ଧରି ହଡ଼ପ କରିଚାଲିଛନ୍ତି। ଏସମ୍ପର୍କରେ ଅତୀତରେ ପ୍ରାୟ ୩୦ ପାଣି ପଞ୍ଚାୟତର କର୍ମକର୍ତ୍ତାମାନେ ବାରମ୍ବାର ଲିଖିତ ଅଭିଯୋଗ କରିଥିଲେ ମଧ୍ୟ ବିଭାଗ ତରଫରୁ କୌଣସି ତଦନ୍ତ କିମ୍ବା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନାହିଁ। ଏମାନେ ଉଚ୍ଚପଦସ୍ଥ କିଛି ବରିଷ୍ଠ ଅଧିକାରୀମାନଙ୍କ ପୃଷ୍ଠପୋଷକତାରେ ଏମିତି କରିଚାଲିଥିବା ବହୁ ଚାଷୀ ତଥା ପ୍ରାକ୍ତନ ଜିଲ୍ଲା ବିଜେପି ସଭାପତି ଅକ୍ଷୟ ସାହୁ ମୁଖ୍ୟମନ୍ତ୍ରୀଙ୍କ ଠାରେ ଲିଖିତ ଅଭିଯୋଗ କରିଛନ୍ତି। ବିଶେଷ ଭାବରେ ୨୦୨୨-୨୩ ଓ ୨୦୨୩-୨୪ ଦୁଇ ଆର୍ôଥକ ବର୍ଷରେ କେବଳ କେନ୍ଦୁଝର ଜିଲ୍ଲାର ତେଲକୋଇ, ଜଗଦଳା ସମେତ ଅନ୍ୟାନ୍ୟ କମାଣ୍ଡ ଅଞ୍ଚଳରେ ବହୁତ ଟଙ୍କାର କାମ ପରୋକ୍ଷ ଭାବରେ କନିଷ୍ଠ ଯନ୍ତ୍ରୀମାନେ ଅତିନିମ୍ନ ମାନର ଲଗାଇ ଅର୍ଥ ଆତ୍ମସାତ କରିଥିବା ଅଭିଯୋଗପତ୍ରରେ ଉଲ୍ଲେଖ ରହିଛି। ସେହିପରି ସମଗ୍ର ଡିଭିଜନ୍‌ରେ ଯେତେକ ମନରେଗା ସ୍କିମ୍‌ର କାର୍ଯ୍ୟ ଆର୍ଥିକ ବର୍ଷ ୨୦୨୩-୨୪ ମସିହାରେ ହୋଇଛି ସେ ସମସ୍ତ କେବଳ କାଗଜପତ୍ରରେ କରାଇ ବିନା କାର୍ଯ୍ୟରେ ନିଜ ଏଜେଣ୍ଟମାନଙ୍କ ଜରିଆରେ ମିଥ୍ୟା-ମଷ୍ଟରରୋଲ ପ୍ରସ୍ତୁତ କରି ଟଙ୍କା ଆତ୍ମସାତ କରିଛନ୍ତି। ଯାହା ଭିଜିଲାନ୍ସ ଦ୍ୱାରା ତଦନ୍ତ କରାଗଲେ ସ୍ପଷ୍ଟ ଭାବେ ମୁଖ୍ୟମନ୍ତ୍ରୀଙ୍କୁ ପ୍ରଦତ୍ତ ଅଭିଯୋଗପତ୍ରରେ ଦର୍ଶାଯାଇଛି। ଆଉ ବିଭାଗରେ ଚାଲିଥିବା ବ୍ୟାପକ ଦୁର୍ନୀତି ମୁଖ୍ୟ ଯନ୍ତ୍ରୀ ଓ ୩ ଜଣ କନିଷ୍ଠ ଯନ୍ତ୍ରୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ସହ ତଦନ୍ତ ଲାଗି ଦାବି ଉଠିଛି। ମୁଖ୍ୟମନ୍ତ୍ରୀଙ୍କ ଦପ୍ତରରୁ ମଧ୍ୟ ଏହି ଅଭିଯୋଗପତ୍ରରୁ ପ୍ରାପ୍ତିସ୍ୱୀକାରପତ୍ର ଆସିଥିବା ଜଣାଯାଇଛି।

# ବାହାଦଲପୁର ଓ ନଳିତାଗଡ଼ିଆ ଗ୍ରାମକୁ ନାହିଁ ସ୍ଥାୟୀ ରାସ୍ତା

**ବନ୍ତ/ଆଗରପଡ଼ା, ୨୪।୭(ସମିସ)**

ଭଦ୍ରକ ଜିଲ୍ଲା ବନ୍ତ ବ୍ଲକ ଆଡ଼ିଆ ପଞ୍ଚାୟତ ୧୨ନଂ ୱାର୍ଡ଼ର ଦୁଇ ଗାଁ ବାହାଦଲପୁର ଓ ନଳିତାଗଡ଼ିଆକୁ ନାହିଁ ସ୍ଥାୟୀ ରାସ୍ତା। ବର୍ଷାଦିନ ଆସିଲେ ଏହି ଦୁଇ ଗ୍ରାମବାସୀଙ୍କ ଦୁଃଖ ବଢ଼ି ଯାଇଥାଏ। ଲୋକେ ବାହାରକୁ ବାହାରି ପାରି ନ ଥାନ୍ତି। କହିବାକୁ ଗଲେ ବର୍ଷା କନ୍ଦାଏ ଏହି ଦୁଇ ଗ୍ରାମବାସୀଙ୍କୁ। ଏକ ଛୋଟିଆ ଗାଁ ବାହାଦଲପୁର ଯାହାର ଲୋକସଂଖ୍ୟା ୧୧୦ ତନ୍ମଧ୍ୟରୁ ଭୋଟର ସଂଖ୍ୟା ୬୧। ଚାରିପଟେ ଚାଷଜମି ମଧ୍ୟରେ ରହିଯାଇଛି ଏହି ଛୋଟିଆ

**● ଦୁଇ ଗ୍ରାମବାସୀଙ୍କ ବର୍ଷାଦିନିଆ ଦୁଃଖ**

ଗାଁକୁ ଭଲ ରାସ୍ତାଟିଏ ନାହିଁ। ଆଡ଼ିଆ ଠାରୁ ଜିରିଣାକୁ ଲମ୍ବିଥିବା ମାଟି ରାସ୍ତାରେ ଯିବାପରେ ଚାଷଜମି ହିଡ଼ରେ ପ୍ରାୟ ୨ଶହ ମିଟର ଗଲାପରେ ଏହି ଗାଁ ପଡ଼େ। ରାସ୍ତାକୁ ଖରା ଦିନିଆ ରାସ୍ତା କହିଲେ ଅତ୍ୟୁକ୍ତି ହେବ ନାହିଁ। ବର୍ଷାଦିନରେ ଦୁଇ ଚକିଆ ଯାନ ଯିବା ଦୂରେ ଥାଉ, ଖାଲି ପାଦରେ ଚାଲିକରି ଯିବା ମଧ୍ୟ ବିପଦଶଙ୍କୁଳ।



ଚାଷଜମି ମଧ୍ୟରେ ୨ରୁ ୩ ଫୁଟର ଲମ୍ବ ଥିବା ଏହି ମାଟି ରାସ୍ତାଟି ଖାଲ ଢିପରେ ପରିପୂର୍ଣ୍ଣ। ଧାନ ଫସଲ ସମୟରେ ସାପ ତଥା ଅନ୍ୟାନ୍ୟ କୀଟପତଙ୍ଗ ଏଠାରେ ଯାତାୟାତ ସଦାସର୍ବଦା କରିଥାନ୍ତି। ସନ୍ଧ୍ୟାପରେ ଯିବା ଅର୍ଥ ବିପଦକୁ ଡାକି ଆଣିବା, କିନ୍ତୁ ଏହା ଉପରେ ଗାଁ ଲୋକମାନେ ଯିବାଆସିବା କରିଥାନ୍ତି। ବଜାରକୁ ନ ଗଲେ ରୋଷେଇ ବନ୍ଦ, ପୁଣି କଲେଜକୁ ନ ଗଲେ ପାଠ ପଢ଼ା ବନ୍ଦ, ତେଣୁ ସମସ୍ତଙ୍କୁ ସବୁବେଳେ ଏହି ରାସ୍ତା ଦେଇ ଯିବା ଆସିବା କରିବାକୁ ହୋଇଥାଏ। ଗାଁ ମଝିରେ ପଞ୍ଚାୟତ ପୋଖରୀଟି ଥିବାରୁ ଗାଁ ମଧ୍ୟରେ ରାସ୍ତା ଆଦୌ ନାହିଁ ବୋଲି କହିଲେ ଚଳେ। ପୋଖରୀ ହୁଡ଼ାରେ ଦେଇ ଗାଁ ମଧ୍ୟରେ ଯାଆଆସ କରିବାକୁ ହୋଇଥାଏ। ଗମନାଗମନ, ଶିକ୍ଷା, ପାନୀୟ ଜଳ ଓ ସ୍ୱାସ୍ଥ୍ୟ ଭଳି ସବୁ ବ୍ୟବସ୍ଥା ଏଠାକାର ଲୋକଙ୍କ ପାଇଁ ସାତସପନ। ଆଡ଼ିଆରୁ ଏହି ଗାଁକୁ ଲମ୍ବିଥିବା ରାସ୍ତାଟି ଆସି ଜନୈକ ଗ୍ରାମବାସୀଙ୍କ ନିଜସ୍ୱ ଜାଗାକୁ ସଂଯୋଗ କରିଛି। ସମସ୍ତ ଗ୍ରାମବାସୀ ଏହି ବ୍ୟକ୍ତିଗତ ଜାଗା ଦେଇ ନିଜନିଜ ଘରକୁ ଆସିଥାନ୍ତି। ଅନୁରୂପଭାବେ ନଳିତାଗଡ଼ିଆ ଗ୍ରାମର ଲୋକସଂଖ୍ୟା ପାଖାପାଖି ୬୦, ତନ୍ମଧ୍ୟରୁ ୪୦ଜଣ ଭୋଟର। ଏହି ଗାଁର ଅବସ୍ଥା ତଦ୍ରୂପ, କାଦୁଅ ପଚପଚ ରାସ୍ତାଟି ଖାଲଖମାରେ ଭର୍ତ୍ତି। ଏହି ଗାଁ ଓ ବାହାଦଲପୁର ଗାଁରୁ ଛାତ୍ରଛାତ୍ରୀ ଓ କୁନିକୁନି ପିଲାମାନେ ଅଙ୍ଗନବାଡ଼ି, ସ୍କୁଲ ତଥା କଲେଜକୁ ପ୍ରତିଦିନ ଅଧ୍ୟୟନ ପାଇଁ ଏହି ରାସ୍ତାଦେଇ ଆସିଥାନ୍ତି। ବର୍ଷା ଋତୁରେ ଦୁଇ ଗାଁ ବାହ୍ୟ ଜଗତରୁ ବିଚ୍ଛିନ୍ନ ହୋଇଯାଇଥାଏ। ରାସ୍ତା ଅବସ୍ଥା ଯୋଗୁଁ ପିଲାମାନେ ଠିକ୍ ଭାବେ ଶିକ୍ଷାଲାଭ କରିପାରି ନ ଥାନ୍ତି।୨ଟି ଗାଁର ରୋଗୀମାନଙ୍କୁ ଖଟିଆରେ ବୁହାହୋଇ ଡାକ୍ତରଖାନାକୁ ଚିକିତ୍ସା ପାଇଁ ଅଣାଯାଇଥାଏ। ଦମକଳ କିମ୍ବା ଆମ୍ବୁଲାନ୍ସ ଖବର ପାଇ ଆସିଲେ, ଏହି ଗାଁରୁ ପ୍ରାୟ ୫କିମି ଦୂରରେ ରହିଥାନ୍ତି କାରଣ ଏହି ସଂକୀର୍ଣ୍ଣ ରାସ୍ତାରେ ଚାରିଚକିଆ ଗାଡ଼ି ଆସିବା ସମ୍ଭବପର ହୁଏ ନାହିଁ। ଏହିପରି ଅସମ୍ଭବ ପରିସ୍ଥିତିମାନ ଏହି ଗାଁ ଲୋକେ ସମ୍ମୁଖୀନ ହେଉଛନ୍ତି। ଏହି ସମସ୍ୟାର ସମାଧାନ କରିବା ପାଇଁ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ତୁରନ୍ତ ଦୃଷ୍ଟି ଦେବାକୁ ଗ୍ରାମବାସୀମାନେ ଦାବି କରିଛନ୍ତି।

# ବଜରଙ୍ଗ ଦଳ ପକ୍ଷରୁ ଚାରାରୋପଣ

**ଭଣ୍ଡାରିପୋଖରୀ, ୨୪।୭(ସମିସ):** ବଜରଙ୍ଗ ଦଳର କୁରିଗାଁ ପଞ୍ଚାୟତ ଶାଖା ପକ୍ଷରୁ ମା' ପାଇଁ ଗଛଟିଏ ଆହ୍ୱାନ ଦିଆଯାଇ ବୁଧବାର ଚାରାରୋପଣ କରାଯାଇଛି। କାର୍ଯ୍ୟକ୍ରମରେ ସ୍ଥାନୀୟ ବିଡିଓ ଦେବଦତ୍ତ ଦାସ, ଥାନା ଅଧିକାରୀ ଅଜୟ ବାଗେ, ଅବସରପ୍ରାପ୍ତ ଅଧିକାରୀ ମହେଶ୍ୱର ନାୟକ, ବୈଷ୍ଣବ ନାୟକ, ଉପେନ୍ଦ୍ର ମହାପାତ୍ର, ସୁଦର୍ଶନ ସାମଲ, ରବୀନ୍ଦ୍ର ଦେଓ ଅତିଥି ଭାବେ ଯୋଗଦେଇ ବୃକ୍ଷରୋପଣର ଆବଶ୍ୟକତା



ସମ୍ପର୍କରେ ଆଲୋଚନା କରିବା ସହ ଚାରାରୋପଣ କରିଥିଲେ। ବଜରଙ୍ଗ ଦଳ କୁରିଗାଁ ଶାଖା ସଂଯୋଜକ ପ୍ରକାଶ ନାୟକ, ସହ ସଂଯୋଜକ ହିମାଂଶୁ ଶେଖର ବେହେରା, ଆକାଶ ବିନ୍ଧାଣି, ଦେବବ୍ରତ ସେଠୀ, ଚିତ୍ତରଞ୍ଜନ ଦାଶ, ପ୍ରଦୀପ ଖଣ୍ଡୁଆଳ, ଦଶରଥ ବିନ୍ଧାଣି ପ୍ରମୁଖଙ୍କ ଦ୍ୱାରା କାର୍ଯ୍ୟକ୍ରମ ସଂଯୋଜନା କରାଯାଇଥିଲା।

# ନିର୍ମାଣାଧୀନ ରାସ୍ତାର ମାନ ପରୀକ୍ଷା

**ବାରିକପୁର, ୨୪।୭(ସମିସ):** ଭଣ୍ଡାରିପୋଖରୀ ବ୍ଲକ ପଟାପୋଲ ଠାରୁ ନୂଆପୋଖରୀ ଦେଇ ରହଣିଆ ଗ୍ରାମକୁ ସଂଯୋଗ କରୁଥିବା ଗ୍ରାମ୍ୟ ଉନ୍ନୟନ ବିଭାଗ ରାସ୍ତାର ମାନ ଆଜି ପରୀକ୍ଷା ହୋଇଛି। ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାରେ ରାସ୍ତା ନବୀକରଣ କାର୍ଯ୍ୟ ସମ୍ପନ୍ନ ହୋଇଛି। ରାସ୍ତାର ଅର୍ଦ୍ଧାଧିକ ଭାଗ କଙ୍କ୍ରିଟ ନିର୍ମିତ ହୋଇଥିବା ବେଳେ ନୂଆ ପୋଖରୀ ଠାରୁ ପଟାପୋଲ ଯାଏଁ ପିଚ ନିର୍ମାଣ ହୋଇଛି। ନିୟମ ଅନୁସାରେ ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାକୁ ତଦାରଖ କରୁଥିବା ରାଜ୍ୟସ୍ତରୀୟ ମାନ ନିର୍ଦ୍ଧାରକ ଅଧିକାରୀ ଗୁଣନିଧି ସାମଲ ବୁଧବାର ନିର୍ମାଣାଧୀନ ରାସ୍ତା ପରିଦର୍ଶନ କରିଛନ୍ତି। ବିଶେଷ କରି ପିଚ୍ ନିର୍ମିତ ରାସ୍ତାକୁ ଖୋଳି ବ୍ୟବହାର ହୋଇଥିବା ସାମଗ୍ରୀର ମାନ ପରୀକ୍ଷା ନିରୀକ୍ଷା କରିଥିଲେ। ରାସ୍ତାର ପ୍ରାୟ ୮/୧୦ଟି ସ୍ଥାନକୁ ଖୋଳା ଯାଇ ବ୍ୟବହାର ହୋଇଥିବା ସାମଗ୍ରୀଗୁଡ଼ିକୁ ମାନ ନିର୍ଦ୍ଧାରକ ଯନ୍ତ୍ରୀ ଯାଞ୍ଚ କରିଥିଲେ। ସୂଚନା ମୁତାବକ, ନୂଆପୋଖରୀ, ଉତ୍ତରାଗଡ଼ିଆ, କଟରାଗଡ଼ିଆ, ପଟାପୋଲ, ରହଣିଆ ନିକଟରେ ଦିନ ତମାମ ରାସ୍ତାର ମାନ ପରୀକ୍ଷା ହୋଇଛି। ଏଥିରେ ସହକାରୀ ନିର୍ବାହୀ ଯନ୍ତ୍ରୀ ରଞ୍ଜନ କୁମାର ନାୟକ ଓ କନିଷ୍ଠ ଯନ୍ତ୍ରୀ ମୃତ୍ୟୁଞ୍ଜୟ ମହାପାତ୍ର ଉପସ୍ଥିତ ରହି ରାଜ୍ୟସ୍ତରୀୟ ଅଧିକାରୀଙ୍କୁ ରାସ୍ତା ନିର୍ମାଣ ବିଷୟରେ ବିସ୍ତୃତ ସୂଚନା ଦେଇଛନ୍ତି।



# ଅବସରକାଳୀନ ସମ୍ବର୍ଦ୍ଧନା ସଭା

**ବନ୍ତ/ଆଗରପଡ଼ା, ୨୪।୭(ସମିସ):** ବନ୍ତ ଗୋଷ୍ଠୀ ଶିକ୍ଷାଧିକାରୀଙ୍କ ଅଧୀନସ୍ଥ ତୋଫାବିବି କ୍ଲଷ୍ଟର ଅନ୍ତର୍ଗତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ତ୍ରିସାଲିଆର ପ୍ରାକ୍ତନ ପ୍ରଧାନଶିକ୍ଷକ ଦେବେନ୍ଦ୍ର ମଲ୍ଲିକଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ପ୍ରଧାନଶିକ୍ଷୟିତ୍ରୀ ଶ୍ରାବଣୀ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଶିକ୍ଷକ ଲକ୍ଷ୍ମିଧର ପୃଷ୍ଟି ସଭା ସଞ୍ଚାଳନ କରିଥିବା ବେଳେ ମୁଖ୍ୟ ଅତିଥି ଭାବେ ଭଦ୍ରକ ଜିଲ୍ଲା ପରିଷଦ ସଭାପତି ପ୍ରଫୁଲ୍ଲ ଜେନା, ବିଶିଷ୍ଟ ଅତିଥି ଭାବେ ଭଦ୍ରକ ଜିଲ୍ଲା ଶିକ୍ଷା ତାଲିମ ଅନୁଷ୍ଠାନ ଅଧ୍ୟକ୍ଷ କାର୍ତ୍ତିକେଶ୍ୱର ରାଉଳ, ମୁଖ୍ୟ ବକ୍ତା ଭାବେ ବଉଳା ମହାବିଦ୍ୟାଳୟ ଅଧ୍ୟାପକ ଫକିର ଚରଣ ଶଙ୍ଖୁଆ, ସମ୍ମାନିତ ଅତିଥି ଭାବେ ପୁରୁଷଣ୍ଡ ସେବା ସମବାୟ ସମିତି ସଭାପତି ପ୍ରଶାନ୍ତ ଦାସ, ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ଶିକ୍ଷକ ଭାସ୍କର ଚନ୍ଦ୍ର ପାଢ଼ୀ, ଅଲେଖ ଚନ୍ଦ୍ର ନାୟକ, ଅଜୟ ପୃଷ୍ଟି, ମହାନ୍ତିପଡ଼ା ସରପଞ୍ଚ ନିହାର ରଞ୍ଜନ ପଣ୍ଡା, ସମିତି ସଭ୍ୟ ନିର୍ମଳ ନାୟକ, ସମାଜସେବୀ ନନ୍ଦ କିଶୋର ନାୟକ, ଅତିରିକ୍ତ ଶିକ୍ଷାଧିକାରୀ ପ୍ରମୋଦ ପଣ୍ଡା, ସମ୍ପାଦକ ଓଷ୍ଟା ପ୍ରଣୟ ସିଂହ, ସିଆରସିସି ନିରଞ୍ଜନ ଖିଲାର, ଏସ୍‌ଏମ୍‌ସି ସଭାପତି ରଣଜିତ ନାୟକ ପ୍ରମୁଖ ଯୋଗ ଦେଇଥିଲେ। ଉକ୍ତ ସଭାକୁ ପରିଚାଳନାରେ ଏକାଦଶୀ ମଇ ବିଦ୍ୟାଳୟ ପ୍ରଧାନଶିକ୍ଷକ ଜଗନ୍ନାଥ ମଲ୍ଲିକ, ସମାଜସେବୀ ଚିତ୍ତରଞ୍ଜନ ସାମନ୍ତରାୟ, ଗୀତାଞ୍ଜଳୀ ସାହୁ, ପୁଷ୍ପାରାଣୀ ନାୟକ, ସାବିତ୍ରୀ ପରିଡ଼ା, ଲକ୍ଷ୍ମିଧର ପୃଷ୍ଟି ପ୍ରମୁଖ ଶିକ୍ଷକ, ଶିକ୍ଷୟିତ୍ରୀ ଏବଂ ଏସ୍‌ଏମ୍‌ସିର ସମସ୍ତ ସଭ୍ୟସଭ୍ୟା ସହାୟତା କରିଥିଲେ।

# କୋର୍ଟ ମାମଲା ପରିଚାଳନାରେ ୱେବ୍ ଆପ୍ଲିକେସନ୍ ନେଇ କର୍ମଶାଳା

**ଭଦ୍ରକ, ୨୪।୭(ସମିସ):** ଜିଲ୍ଲା ପ୍ରଶାସନର ବିଭିନ୍ନ ବିଭାଗ ସହ ସମ୍ପୃକ୍ତ ନ୍ୟାୟିକ ମୋକଦ୍ଦମା ସବୁର ସମାଧାନ, କାଉଣ୍ଟର ଆଫିଡେବିଟ୍ ଆଦିର ସହଜ ଶୀଘ୍ର ସୁପରିଚାଳନା ପାଇଁ ଭଦ୍ରକ ଜିଲ୍ଲା କାର୍ଯ୍ୟାଳୟ ଆନୁକୂଲ୍ୟରେ ପ୍ରଥମଥର ପାଇଁ ୱେବ୍ ବ୍ୟବସ୍ଥାର ପ୍ରଚଳନ ଆରମ୍ଭ କରାଯିବା ପରିପ୍ରେକ୍ଷୀରେ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦରଙ୍କ ଅଧ୍ୟକ୍ଷତାରେ ସଦ୍‌ଭାବନା ସଭାଗୃହରେ ଅନୁଷ୍ଠିତ ଏହି କର୍ମଶାଳାରେ ଅତିରିକ୍ତ ଜିଲ୍ଲାପାଳ ଶାନ୍ତନୁ କୁମାର ମହାନ୍ତି, ସିଡିଓ ସରୋଜ କୁମାର ଦତ୍ତ, ଉପଜିଲ୍ଲାପାଳ ମନୋଜ ପାତ୍ର, ଡେପୁଟୀ କଲେକ୍ଟର କାର୍ତ୍ତିକ ନାଥ ମଣ୍ଡଳ ପ୍ରମୁଖ ଯୋଗ ଦେଇଥିଲେ। ହାଇକୋର୍ଟ, ଏନ୍‌ଏଚ୍‌ଆରସି, ଓଏଚ୍‌ଆର୍‌ସି, ଡବ୍ଲୁପିସି, ଜିଲ୍ଲା କୋର୍ଟ, ଜିଲ୍ଲାପାଳଙ୍କ କୋର୍ଟ ଆଦି ଜରିଆରେ ଆଗତ ହେଉଥିବା ବିଭିନ୍ନ କେଶ୍‌ର ସମାଧାନ ଦିଗରେ ସୁପରିଚାଳନା ପାଇଁ ନୂତନ ଏବଂ ପ୍ରଥମଥର ଭାବେ ପ୍ରଚଳନ କରାଯିବାକୁ ଥିବା ୱେବ୍ ବ୍ୟବସ୍ଥାର କାର୍ଯ୍ୟାନ୍ୱୟନ ପ୍ରକ୍ରିୟା ସମ୍ବନ୍ଧରେ ଜିଲ୍ଲାପାଳ ସୂଚନା ପ୍ରଦାନ କରିଥିଲେ। ଏଚ୍‌ଡିଏଫ୍‌ସି ବ୍ୟାଙ୍କର ପୃଷ୍ଠପୋଷକତାରେ ପ୍ରଚଳନ କରାଯାଇଥିବା ଏହି ୱେବ୍ ବ୍ୟବସ୍ଥା ସମ୍ବନ୍ଧରେ ଉକ୍ତ ବ୍ୟାଙ୍କର ବିଜୟ କୁମାର ନାୟକଙ୍କ ନେତୃତ୍ୱରେ ସମ୍ପୃକ୍ତ କର୍ମଚାରୀ ମାନେ ଏହି ବ୍ୟବସ୍ଥାର ବୈଷୟିକ ଦିଗ ଉପରେ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଏଥିପାଇଁ ସମସ୍ତ ବିଭାଗକୁ ଲିଙ୍କ୍, ୟୁଜର ଆଇଡି ପାସ୍‌ୱାର୍ଡ ପ୍ରଦାନ କରାଗଲା। ଯାହା ଜରିଆରେ ଲଗ୍‌ଇନ୍ କରି ବିଭାଗୀୟ ଅଧିକାରୀ ତଥା ପ୍ରତି ବିଭାଗ ପାଇଁ ଥିବା ନୋଡାଲ ଅଧିକାରୀ ମାନେ ପ୍ରତିଦିନ ନିଜନିଜ ବିଭାଗ ସମ୍ବନ୍ଧୀୟ ମାମଲା ବିଷୟ ଦେଖିପାରିବେ। ସମାଧାନ ପାଇଁ ଗୃହୀତ ପଦକ୍ଷେପ ବିଷୟରେ ମଧ୍ୟ ୱେବ୍ ଜରିଆରେ ଅପ୍‌ଲୋଡ୍ କରିପାରିବେ। ଜିଲ୍ଲାସ୍ତରୀୟ ଉଚ୍ଚ ପ୍ରଶାସନିକ ଅଧିକାରୀମାନେ ଜିଲ୍ଲାର ସମସ୍ତ ବିଭାଗୀୟ କେଶ୍ ବିଷୟରେ ମନିଟରିଂ କରିପାରିବେ। ଏହି ବ୍ୟବସ୍ଥାରେ ବିଭାଗୀୟ ଅଧିକାରୀମାନେ କେବଳ ନିଜ ନିଜ ବିଭାଗ ସମ୍ପୃକ୍ତ ମାମଲାକୁ ଦେଖିପାରିବେ। ଜିଲ୍ଲା ପ୍ରଶାସନ ଆନୁକୂଲ୍ୟରେ ପ୍ରସ୍ତୁତ ଏହି ପ୍ଲାଟଫର୍ମରେ କାର୍ଯ୍ୟ କରିବା ଅଭ୍ୟାସ ହେଲା ପରେ ମେଲ ଜରିଆରେ ଆଉ କେଶ୍ ସମ୍ବନ୍ଧରେ ଅବଗତ କରାଯିବ ନାହିଁ ବୋଲି ଜିଲ୍ଲାପାଳ ପ୍ରକାଶ କରିଥିଲେ। ଏହା ଜରିଆରେ ଜନସାଧାରଣ ତ୍ୱରିତ ନ୍ୟାୟ ପାଇବା ସହିତ ବିଭାଗୀୟ ଅଧିକାରୀ ମାନଙ୍କୁ କଣ୍ଟେପଟ୍ କେଶ୍ କିମ୍ବା ସମ୍ପୃକ୍ତ କୋର୍ଟ ମାନଙ୍କରୁ ଷ୍ଟ୍ରିକଚରର ସମ୍ମୁଖୀନ ହେବାକୁ ପଡ଼ିବନି ବୋଲି ଜିଲ୍ଲାପାଳ ପରାମର୍ଶ ପ୍ରଦାନ କରିଥିଲେ। ଜିଲ୍ଲାର ସମସ୍ତ ବିଡିଓ, ତହସିଲଦାର ଓ ଜିଲ୍ଲା ସ୍ତରୀୟ ବିଭିନ୍ନ ବିଭାଗୀୟ ଅଧିକାରୀମାନେ ଏହି କର୍ମଶାଳାରେ ଉପସ୍ଥିତ ଥିଲେ।



# ଧର୍ମପରାୟଣ ବ୍ୟକ୍ତିଙ୍କ ପରଲୋକ

**ଧାମନଗର, ୨୪।୭(ସମିସ):** ଧାମନଗର ଏନଏସି ୮ନମ୍ବର ୱାର୍ଡ ଅଧୀନ ମୁଲଣାସାହି ଗ୍ରାମର ଧର୍ମପ୍ରାଣୟଣ, ଦୁଖସୁଖର ସାଥି, ମିଷ୍ଟଭାଷୀ ଓ ପରୋପକାରୀ ବ୍ୟକ୍ତି ଏମଡ ସୟଦଦୁଲ୍ ଓରା (୬୨)ଙ୍କ ହୃଦଘାତରେ ପରଲୋକ ଘଟିଛି। ମୃତ୍ୟୁବେଳକୁ ପରିବାର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ। ପରଲୋକ ଖବର ପ୍ରଚାର ହେବା ପରେ ସମଗ୍ର ଅଞ୍ଚଳରେ ଶୋକ ପ୍ରକାଶ ପାଇଛି।



ଧାମନଗର ଏନଏସି ଅଧ୍ୟକ୍ଷା ନିବେଦିତା ଜେନା, ଉପାଧ୍ୟକ୍ଷ ଓସିମ ଏଜଦାନି କାଦରି, ବିଜେଡ ଟାଉନ ସଭାପତି ସୁଶାନ୍ତ କୁମାର ରାଉତ, ଯୁବ ସଭାପତି ସେକ ସୈଫୁଦ୍ଦିନ(ସୁନିଲ), ସ୍ଥାନୀୟ କାଉନସିଲରଙ୍କ ସମେତ ବିଜେଡି ନେତା ଲମ୍ବୋଦରଜେନା, ସେକ ଜାଫରଅଲ୍ଲୀ, କୁମାରେଶ ବଡଭଦ୍ର ଖିଲାର, ମୀର ଗୋଲାମ ମୁରତୁଜା, ସମାଜସେବୀ ଏମଡି ସକିଲ ଅହେମ୍ମଦ, ଏମଡି ହବିବୁର ରହେମାନ, ସେକ ଅଜଗର ଅଲ୍ଲୀ, ଏମଡି ମଞ୍ଜୁରରୁଲ ହକ, ମୀର ବୋଙ୍ଗଦାଦ ଅଲ୍ଲୀ, ସେକ ଜଶିମୁଦ୍ଦିନ ଖାଁ, ଆଇନଜୀବୀ ଏମଡି ମାଦାନୀ, ଜୟନୁଲ ଆବେଦ୍ଦିନ, ଅବସରପ୍ରାପ୍ତ ଶିକ୍ଷକ ସେକ ଅବଦୁଲ ହାକିମ, ଏମଡି ବାଲାବାବୁ, ସରପଞ୍ଚଙ୍କ ସ୍ୱାମୀ ସ୍ୱାମୀ ସେକ ମୁସ୍ତାକ, ବନ୍ଧୁ ବାନ୍ଧବ, ଗ୍ରାମବାସୀ ଓ ଆଖପାଖ ଅଞ୍ଚଳର ବୁଦ୍ଧିଜୀବୀ ପ୍ରମୁଖ ସୟଦଦୁଲ ଓରାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରି ପରିବାର ବର୍ଗଙ୍କୁ ସମବେଦନା ଜଣାଇଛନ୍ତି। ଓରାଙ୍କ ଜନାଯାର ନମାଜ ପାଠ ପରେ ତାଙ୍କର ଗ୍ରାମରେ ଥିବା କବରସ୍ଥାନ ଠାରେ ଶେଷ କାର୍ଯ୍ୟକ୍ରମ କବର ଦିଆଯାଇଛି।

# ଦିନକରେ ୫ହଜାର ଗଛ ଲଗାଇଲେ ଶାନ୍ତିସ୍ୱରୂପ

**ଭଦ୍ରକ, ୨୪।୭(ସମିସ):** ଭଦ୍ରକର ଯୁବ ସମାଜସେବୀ ତଥା ରୋଟାରିଆନ୍ ଶାନ୍ତିସ୍ୱରୁପ ମିଶ୍ର ଅନ୍ୟମାନଙ୍କ ପାଇଁ କିଛି ନିଆରା ଉଦାହରଣ ସାଜିଛନ୍ତି। ଗତ ୨ବର୍ଷ ଧରି ଭଦ୍ରକର ଅଗ୍ରଣୀ ଅନୁଷ୍ଠାନ ବିଦ୍ୟାର୍ଥୀ ବିକାଶ ମଞ୍ଚ ମାଧ୍ୟମରେ ଜିଲ୍ଲାର ବିଭିନ୍ନ ସ୍ଥାନରେ ନିଜ ଆର୍ଥିକ ଉଦ୍ୟମରେ ଚଲାଉଥିବା ନର୍ସରୀରୁ ଗଛ ପ୍ରଦାନ କରି ଚାରାରୋପଣ ପରି ମହତ୍ କାର୍ଯ୍ୟ କରିଚାଲିଛନ୍ତି। ଏବର୍ଷ ମଧ୍ୟ ବ୍ୟାପକ ଚାରାରୋପଣ ସହିତ ଚଳିତ ମାସ ୨୮ ତାରିଖରେ ରାନ୍ଦିଆ ପଞ୍ଚାୟତର ଏକ ସ୍ଥାନରେ ଏକକାଳୀନ ୫ହଜାର ଗଛ ଲଗାଇବା ଓ ତାହାର ରକ୍ଷଣାବେକ୍ଷଣ ପାଇଁ ଦାୟିତ୍ୱ ନେବା ପରି କାର୍ଯ୍ୟ ସେ କରିବାର ମହାନ୍ ପ୍ରୟାସ କରିଛନ୍ତି। ଏହି କାର୍ଯ୍ୟରେ ବିଦ୍ୟାର୍ଥୀ ବିକାଶ ମଞ୍ଚ ସଭାପତି ଲକ୍ଷ୍ମୀଧର ବିଶ୍ୱାଳ ଓ ମଞ୍ଚର କର୍ମକର୍ତ୍ତାଗଣ ତାଙ୍କୁ ପୂର୍ଣ୍ଣ ସହଯୋଗ କରୁଛନ୍ତି। ଏଥି ସହିତ ଭଦ୍ରକ ଜିଲ୍ଲା ପରିଷଦ ନିକଟସ୍ଥ ବାଗୁରାଇ ଆଦିବାସୀ କଲୋନିର ବିପନ୍ନ ଓ ଅନାଥ ବିଦ୍ୟାର୍ଥୀ ମାନଙ୍କୁ ପାଠ ପଢ଼ିବା ପାଇଁ ଆର୍ଥିକ ସହାୟତା ମଧ୍ୟ ଉକ୍ତ ଅନୁଷ୍ଠାନ ମାଧ୍ୟମରେ ପ୍ରଦାନ କରୁଛନ୍ତି। ଏହା ବ୍ୟତିତ ସେହି ଆଦିବାସୀ କଲୋନିରେ ୨୦୧୦ ମସିହାରୁ ଚାଲିଆସିଥିବା ବିଦ୍ୟାର୍ଥୀ ବିକାଶ ମଞ୍ଚର ସଂସ୍କାର କେନ୍ଦ୍ର ଗୃହର ମରାମତି ପାଇଁ ୧୦ ହଜାର ଟଙ୍କାର ଅର୍ପଣ ରାଶି ପ୍ରଦାନ କରିଛନ୍ତି। ଏଥି ପାଇଁ ଉକ୍ତ ମଞ୍ଚର ମୁଖ୍ୟ ଉପଦେଷ୍ଟା ପ୍ର ଡ. ଦେବେନ୍ଦ୍ର ରାଉତ, ବରିଷ୍ଠ ଉପଦେଷ୍ଟା ପ୍ର ଡ. ବ୍ରଜ ମୋହନ ମିଶ୍ରଙ୍କ ସମେତ ସମସ୍ତ ଉପଦେଷ୍ଟା ଓ କର୍ମକର୍ତ୍ତାମାନେ ଶ୍ରୀ ମିଶ୍ରଙ୍କୁ କୃତଜ୍ଞତା ଜଣାଇଛନ୍ତି।




**WORKS DEPARTMENT**
**OFFICE OF THE SUPERINTENDING ENGINEER, ROURKELA (R&B) DIVISION, UDITNAGAR , ROURKELA**

B-110

E-Mail Id – eepwdrkl@gmail.com

Government of Orissa "e" Procurement Notice
Bid Identification No.: 10/2024/25 Dated 23.07.2024

1. Number of works: 05 (Five) number of Work
2. Estimated cost: Rs. 8.31 lakhs to Rs. 29.66 Lakhs
3. Period of completion: 2(Two) calendar months
4. Date & Time of availability of bid document in the portal: Dt.01.08.2024 at 11.00 A.M.
5. Last date/ Time for receipt of bids in the portal: Dt 16.08.2024 up to 05.00 P.M.
6. Date of opening of Bid: Dt. 17.08.2024 at 11.00A.M.
7. Name and Address of the Officer Inviting Bid: Superintending Engineer, (R & B) Division, Rourkela , UditNagar.

Further details can be seen from the e-procurement portal http//tendersorissa.gov.in"

OIPR-34068/11/0005/2425 — Additional Chief Engineer (Civil)

B-108 — mail ID - randb_malkangiri@rediffmail.com

**Government of Odisha**
**OFFICE OF THE SUPERINTENDING ENGINEER, MALKANGIRI (R&B) DIVISION: MALKAGIRI**
Government of Odisha e-Procurement Notice
Bid Identification No- SE(R&B)MLK-02/2024-25
No. 3078 / Dated 24.07.2024

| | | |
|---|---|---|
| 1 | Name of the Work | 1. Supply & installation of Modular Kitchen equipments at Sports Complex In the District of Malkangiri During 2023-24." 2.supply & installation of Judo Mats for Indoor Hall at District Sports Complex Malkangiri for the year 2023-24" |
| 2 | Total no of works | 2nos work |
| 3 | Estimated cost | Rs.8.37 lakhs & Rs.67.16 lakhs (Excluding GST) respectively |
| 4 | Period of Completion | 01(One)Month |
| 5 | Type of Tender | Single/Double Cover respectively |
| 6 | Date & Time of availability of Bid Document in the portal | From11.00 Hours of 30.07.2024 to 17.00 Hours of 08.08.2024 |
| 7 | Last Date & Time for receipt of Bids in the Portal and Opening of the Bids | 17.00 PM on 08.08.2024. 11.00 hours on 09.08.2024. |
| 8 | Name & Address of the officer inviting Bid | Office of the Superintending Engineer, Malkangiri (R&B) division, Malkangiri |

Further details can be seen from the e-procurement portal https://tendersodisha.gov.in
N.: Subsequent corrigendum/addendum if required shall be available in the website as indicated above.

Additional Chief Engineer
I/C Superintending Engineer
Malkangiri (R&B) Division

OIPR-34063/11/0004/2425

**ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ନୂଆପଡା**
(ଜିଲ୍ଲା ଶିଶୁ ସୁରକ୍ଷା ବିଭାଗ)
ପତ୍ର ସଖ୍ୟା ୨୨୬, ତା. ୨୨.୦୭.୨୦୨୪
**ବିଜ୍ଞାପନ**

ଏତଦ୍ ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ନିମ୍ନ ବର୍ଣ୍ଣିତ ଶିଶୁର ଯଦି କେହି ଆଇନଗତ ଦାବିଦାର ଅଛନ୍ତି, ତେବେ ଉପଯୁକ୍ତ ପ୍ରମାଣପତ୍ର ସହ ଆଜିଠାରୁ ୩୦ ଦିନ ମଧ୍ୟରେ ନିମ୍ନ ଠିକଣାରେ ଲିଖିତ ଦାବି ଉପସ୍ଥାପନ କରନ୍ତୁ।

(ଶିଶୁର ଫଟୋ)



ଶିଶୁର ବିବରଣୀ : ନୂଆପଡା ଜିଲ୍ଲାର ଲଖନା ପୋଲିସ ଥାନା ଅନ୍ତର୍ଗତ ଛେଳି ବଜାର, କୁରୁମପୁରୀ, ବେଲମୁଣ୍ଡିଆପଡ଼ାରୁ ଲଖନା ପୋଲିସ ଦ୍ୱାରା ଗତ ତା.୨୪.୦୬.୨୦୨୪ ରିଖ (ସୋମବାର) ଦିନ ଶିଶୁ ପୁତ୍ର ଟିକୁ ଉଦ୍ଧାର କରାଯାଇଥିଲା। ଶିଶୁକଲ୍ୟାଣ ସମିତି, ନୂଆପଡାଙ୍କ ଆଦେଶ କ୍ରମେ ବର୍ତ୍ତମାନ କଳାହାଣ୍ଡି (ଭବାନିପାଟଣା) ସ୍ଥିତ ସ୍ୱତନ୍ତ୍ରୀକୃତ ପୋଷ୍ୟ ସନ୍ତାନ ଗ୍ରହଣ ସଂସ୍ଥା ଠାରେ ଯତ୍ନ ଏବଂ ସୁରକ୍ଷାରେ ଶିଶୁଟି ରହିଅଛି।

କୌଣସି ଆଇନତଃ ଉଚିତ ଦାବିଦାର ନ ମିଳିବା ସ୍ଥଳେ ଉକ୍ତ ଶିଶୁପୁତ୍ରଟିକୁ ନିଃସହାୟ ଘୋଷଣା ପୂର୍ବକ ପୋଷ୍ୟ ସନ୍ତାନ ଗ୍ରହଣ ନିମନ୍ତେ ଆଇନ ଅନୁଯାୟୀ ସିରାକୃତ କରାଯିବ।

**ଦାବି ଉପସ୍ଥାପନ ର ଠିକଣା**

୧. ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ, ଜିଲ୍ଲା ଶିଶୁ ସୁରକ୍ଷା ବିଭାଗ, ନୂଆପଡା, ମାର୍ଫତ – ଜିଲ୍ଲାପାଳଙ୍କ ନୂତନ କାର୍ଯ୍ୟାଳୟ, ନୂଆପଡା (ଓଡିଶା),ପିନ୍– ୭୬୬୧୦୫, ଯୋଗାଯୋଗନଂ.: 9439361417

୨.ମାନ୍ୟବର ଅଧ୍ୟକ୍ଷ, ଶିଶୁ କଲ୍ୟାଣ ସମିତି, ନୂଆପଡା, ମାର୍ଫତ – ଜିଲ୍ଲାପାଳଙ୍କ ପୁରାତନ କାର୍ଯ୍ୟାଳୟ, ନୂଆପଡା (ଓଡିଶା), ପିନ୍– ୭୬୬୧୦୫, ଯୋଗାଯୋଗନଂ.: +91 9437640449

ଜିଲ୍ଲାପାଳ ଓ ଅଧ୍ୟକ୍ଷ
ଜିଲ୍ଲା ଶିଶୁ ସୁରକ୍ଷା ବିଭାଗ, ନୂଆପଡା

## ଭଦ୍ରକ ଉପଭୋକ୍ତା ବିବାଦ ସମାଧାନ ଆୟୋଗଙ୍କ ଗୁରୁତ୍ୱପୂର୍ଣ୍ଣ ରାୟ

# ଇଭି ସ୍କୁଟର କମ୍ପାନୀ ଓ ବିତରକ କର୍ତ୍ତୃପକ୍ଷଙ୍କୁ ଆର୍ଥିକ ଦଣ୍ଡାଦେଶ

**ଭଦ୍ରକ, ୨୪।୭(ସମିସ)**

ଭଦ୍ରକ ଜିଲ୍ଲା ଉପଭୋକ୍ତା ବିବାଦ ସମାଧାନ ଆୟୋଗ ଏକ ଉପଭୋକ୍ତା ଜନିତ ମାମଲାର ବିଚାର କରି ତାଙ୍କ ଗୁରୁତ୍ୱପୂର୍ଣ୍ଣ ରାୟରେ ଓକିନାୱା ଇଭି ସ୍କୁଟି କମ୍ପାନୀ ଓ ବିତରକ ନାରାୟଣ ମୋଟର୍ସକୁ ଆର୍ଥିକ ଦଣ୍ଡାଦେଶ ପ୍ରଦାନ କରିଛନ୍ତି। ବିବରଣୀରୁ ପ୍ରକାଶ ଯେ, ଭଦ୍ରକ ଚରମ୍ପା ଅଞ୍ଚଳର ସିଦ୍ଧାର୍ଥ ଶଙ୍କର ପଟ୍ଟନାୟକ ଆରଡିଛକ ସାମରାଇପୁରସ୍ଥିତ ନାରାୟଣ ମୋଟର୍ସରୁ ଗତ ୨୦୨୨ ଜୁଲାଇ ୨୬ ତାରିଖରେ ଓକିନାୱା ଇଭି ସ୍କୁଟି କମ୍ପାନୀରୁ ଆଇପ୍ରେଜ ପ୍ଲସ୍ ମଡେଲର ଏକ ସ୍କୁଟି ୧ଲକ୍ଷ ୧୫ହଜାର ୨୨୦ଟଙ୍କା ଦେଇ କ୍ରୟ କରିଥିଲେ। ସେ ସ୍କୁଟିକୁ କିଛି ଦିନ ଚଳାଇବା ପରେ ସେଥିରୁ ପ୍ରଥମେ ଶବ୍ଦ ହେଉଥିଲା। କିଣିବାର ୫ମାସ ମଧ୍ୟରେ ଉକ୍ତ ସ୍କୁଟିଟି ଷ୍ଟାର୍ଟ ହେବାରେ ସମସ୍ୟା ସୃଷ୍ଟି ହୋଇଥିଲା। ପରେ ସେ ଉକ୍ତ ସ୍କୁଟିକୁ ନେଇ ତାଙ୍କ ଗାଁ ବାସୁଦେବପୁର ବାଲିମେଦରୁ ଭଦ୍ରକ ଅଭିମୁଖେ ଆସୁଥିବା ବେଳେ ହଠାତ ବନ୍ଦ ହୋଇଯାଇଥିଲା। ଫଳରେ ସେ ୩ହଜାର ଟଙ୍କା ଖର୍ଚ୍ଚ କରି ଭଦ୍ରକର ବିତରକ ନାରାୟଣ ମୋଟର୍ସକୁ ସ୍କୁଟି ଆଣି ଦେଇଥିଲେ। ଏଭଳି ବାରମ୍ବାର ସ୍କୁଟିଟି ଖରାପ ହେବାରୁ ଅଦ୍ୟାବଧି ତାହା ଉକ୍ତ ବିତରକଙ୍କ ପାଖରେ ରହିଛି। ଏନେଇ ବହୁବାର ସେ ଏବିଷୟରେ ଅଭିଯୋଗ କରି ମଧ୍ୟ କିଛି ସୁଫଳ ପାଇନଥିଲେ। ଫଳରେ ୨୦୨୩ ଅଗଷ୍ଟ ୫ ତାରିଖରେ ଭଦ୍ରକ ଉପଭୋକ୍ତା ବିବାଦ ସମାଧାନ ଆୟୋଗଙ୍କ ଠାରେ ଏକ ମାମଲା ରୁଜୁ କରିଥିଲେ। ଏଥିରେ ଓକିନାୱା ଇ.ଭି ସ୍କୁଟି କମ୍ପାନୀର ଗୁରଗାଁଓ ସ୍ଥିତ ହେଡଅଫିସ ଓ ଭଦ୍ରକ ଜିଲ୍ଲା ବିତରକ ନାରାୟଣ ମୋଟର୍ସକୁ ପକ୍ଷଭୁକ୍ତ କରିଥିଲେ। ମାମଲାରେ ଗୁରଗାଓଁର କମ୍ପାନୀ ମୁଖ୍ୟ ହାଜର ହୋଇନଥିଲେ ଓ ବିତରକ କର୍ତ୍ତୃପକ୍ଷ ହାଜର ହୋଇଥିଲେ ବି ତାଙ୍କର ଲିଖିତ ଜବାବ ଦାଖଲ କରିନଥିଲେ। ମାମଲାରେ ପକ୍ଷମାନଙ୍କ ଜବାବ ଶୁଣିବା ପରେ ସେମାନେ ଦାଖଲ କରିଥିବା କାଗଜପତ୍ରକୁ ତନଖି କରି ୨୩ତାରିଖରେ ଭଦ୍ରକ ଉପଭୋକ୍ତା ଆୟୋଗ ସଭାପତି ଶିବପ୍ରସାଦ ମହାନ୍ତି ଓ ସଭ୍ୟା ମଧୁସ୍ମିତା ସ୍ୱାଇଁ ତାଙ୍କ ରାୟ ପ୍ରକାଶ କରିଛନ୍ତି। ରାୟରେ ଉକ୍ତ ଇ.ଭି ସ୍କୁଟିକୁ ଜଣେ ଉପଭୋକ୍ତା କ୍ରୟ କରିବାର ୬ମାସ ମଧ୍ୟରେ ବାରମ୍ବାର ଯାନ୍ତ୍ରୀକ ତ୍ରୁଟି ଦେଖାଦେବା ଓ ଏହାର ସ୍ଥାୟୀ ମରାମତି କମ୍ପାନୀ କିମ୍ବା ବିତରକ କରି ନ ପାରିବା ସ୍ପଷ୍ଟ ହୋଇଥିବା ଦର୍ଶାଇଥିଲେ। ଜଣେ ଉପଭୋକ୍ତା ଲକ୍ଷାଧିକ ଟଙ୍କା ବ୍ୟୟରେ ଇଭି ସ୍କୁଟି କ୍ରୟକରିବା ପରେ ଏଭଳି ବାରମ୍ବାର ତ୍ରୁଟି ଦେଖାଦେବା ଏହା ଉଭୟ କମ୍ପାନୀ କର୍ତ୍ତୃପକ୍ଷ ଓ ବିତରକଙ୍କ ଅବହେଳା ତଥା ଦାୟିତ୍ୱହୀନତା ବୋଲି ଆୟୋଗ ଦର୍ଶାଇଥିଲେ। ଉକ୍ତ ସ୍କୁଟିକୁ କ୍ରୟ କରିବା ଦିନରୁ ୬ପ୍ରତିଶତ ସୁଧହାରରେ ୧ଲକ୍ଷ ୨୯ହଜାର ୪୦ଟଙ୍କା ଓ କ୍ଷତିପୂରଣ ବାବଦକୁ ୨୦ହଜାର ଟଙ୍କା ଏବଂ ମୋକଦ୍ଦମା ଖର୍ଚ୍ଚ ବାବଦକୁ ୫ହଜାର ଟଙ୍କାକୁ ମିଶାଇ ମୋଟ ୧ଲକ୍ଷ ୫୪ହଜାର ଟଙ୍କା ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ଆଦେଶ ଅମାନ୍ୟ କଲେ ବାର୍ଷିକ ୬ପ୍ରତିଶତ ସୁଧ ସହ ଉକ୍ତ ଟଙ୍କା ପ୍ରଦାନ କରିବାକୁ ମଧ୍ୟ ଆୟୋଗ ନିର୍ଦ୍ଦେଶ ଦେଇଛନ୍ତି।

## ରାଜୀବ ଗାନ୍ଧୀ ସେବାକେନ୍ଦ୍ରରେ ସ୍ୱାସ୍ଥ୍ୟ ଶିବିର



**ବାଲିଚନ୍ଦ୍ରପୁର,୨୪।୭ (ସମିସ):** ବଡ଼ଚଣା ବ୍ଲକ ବାଲିପଡ଼ିଆ ପଞ୍ଚାୟତ ଅନ୍ତର୍ଗତ ରାଜୀବ ସେବା କେନ୍ଦ୍ର ପରିସରରେ ବହୁମୁଖୀ ସ୍ୱାସ୍ଥ୍ୟ ସେବା ଶିବିର ଅନୁଷ୍ଠିତ ହୋଇଯାଇଛି। ହାଇଟେକ୍ ମେଡିକାଲ କଲେଜ ଓ ହସ୍ପିଟାଲର ଅଭିଜ୍ଞ ମେଡିସିନ ବିଭାଗ ଡାକ୍ତର ଦେବାଶିଷ ଧଳ, ଚକ୍ଷୁ ବିଭାଗ ଡାକ୍ତର ଆରଏସ ମୟୂରୀ, ଅସ୍ଥିଶଲ୍ୟ ବିଭାଗ ଡାକ୍ତର ଅଂଶୁମାନ ଦାସ ଓ ସହଯୋଗୀ ୨୦୦ରୁ ଊର୍ଦ୍ଧ୍ୱ ରୋଗୀଙ୍କ ପରୀକ୍ଷା କରିବା ସହ ରକ୍ତ ପରୀକ୍ଷା, ରକ୍ତଚାପ ପରୀକ୍ଷା ଓ ସ୍ୱାସ୍ଥ୍ୟ ପରୀକ୍ଷା କରି ଔଷଧ ବଣ୍ଟନ ବ୍ୟବସ୍ଥା କରିଥିଲେ। ଏହି କାର୍ଯ୍ୟକ୍ରମରେ ଆଖପାଖ ୬ଟି ପଞ୍ଚାୟତର ବିଭିନ୍ନ ରୋଗୀ ନିଜ ନିଜର ସ୍ୱାସ୍ଥ୍ୟ ପରୀକ୍ଷା କରି ଔଷଧ ନେଇଥିଲେ। ଶିବିର ପରିଚାଳନାରେ ତ୍ରିପାଠୀ ବ୍ରଦର୍ସ, ଆଲୋକ ପ୍ରଧାନ, କୁଳମଣି ମହାନ୍ତି, ନରେନ୍ଦ୍ର ଜେନା, ବ୍ରଜକିଶୋର ପ୍ରଧାନ, ରଜତ ସାମଲ, ଅଶୋକ ସାମଲ, ପାର୍ଥସାରଥି ଓଝା, କାଳନ୍ଦୀ ମଲିକ, ନାରାୟଣ ମଲିକ ପ୍ରମୁଖ ସହଯୋଗ କରିଥିଲେ।

## ସହାୟକ ଉପକରଣ ପାଇଁ ଚୟନ ଶିବିର




**ବରୀ,୨୪।୭ (ସମିସ):** ସ୍ୱେଚ୍ଛାସେବୀ ସଂଗଠନ ଆଲମିକୋ ଓ ଜିଲ୍ଲା ସାମାଜିକ ସୁରକ୍ଷା ବିଭାଗ ମିଳିତ ସହଯୋଗରେ ବରୀ ବ୍ଲକ ସମ୍ମିଳନୀ କକ୍ଷରେ ବ୍ଲକର ବିଭିନ୍ନ ଅଞ୍ଚଳରେ ଥିବା ଦିବ୍ୟାଙ୍ଗଙ୍କୁ ଆବଶ୍ୟକ ସହାୟକ ଉପକରଣ, ଘୂର୍ଣ୍ଣନ ଚୌକି, ଶ୍ରବଣ ଯନ୍ତ୍ର, ଆଶାବାଡ଼ି, କୃତ୍ରିମ ଅଙ୍ଗ, ସ୍ମାର୍ଟ ଫୋନ୍ ଆଦି ଯୋଗାଣ ନିମନ୍ତେ ଚିହ୍ନଟ ଶିବିର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ମଣ୍ଡଳ ଉନ୍ନୟନ ଅଧିକାରୀ ପଞ୍ଚାନନ ମଲ୍ଲିକ ଓ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ରଞ୍ଜିତ ଜେନା ପ୍ରମୁଖ ଯୋଗଦେଇ ଦିବ୍ୟାଙ୍ଗଙ୍କୁ ସମାଜର ମୁଖ୍ୟସ୍ରୋତରେ ସାମିଲ କରିବାକୁ ସମସ୍ତଙ୍କ ଉଦ୍ୟମର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି କାର୍ଯ୍ୟକ୍ରମରେ ବ୍ଲକର ୨୯ଟି ପଞ୍ଚାୟତରୁ ୧୮୦ ଜଣ ଯୋଗ୍ୟ ଦିବ୍ୟାଙ୍ଗଙ୍କୁ ସହାୟକ ଉପକରଣ ପ୍ରଦାନ ନିମନ୍ତେ ଚିଠା ପ୍ରସ୍ତୁତ ହୋଇଥିବା ବ୍ଲକ ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ସୁରେଶ ପଣ୍ଡା, ପିନାକୀ ପ୍ରୀତମ ପଣ୍ଡା, ପଦ୍ମନାଭ ପରିଡ଼ା, ହୃଦାନନ୍ଦ ପରିଡ଼ା, ସରୋଜ ପୃଷ୍ଟି ଓ ଆର୍‌କେ ମିଶ୍ର ପ୍ରମୁଖ ଶିବିର ପରିଚାଳନା କରିଥିଲେ।

## କୂଅରୁ ଦୁଇ ନାଗସାପ ଉଦ୍ଧାର



**ସୁକିନ୍ଦା,୨୪।୭ (ସମିସ):** ବୁଧବାର ଡୁବୁରୀ ଗ୍ରାମର ଏକ ପରିତ୍ୟକ୍ତ କୂଅରୁ ଦୁଇଟି ବିଷଧର ନାଗସାପ ଉଦ୍ଧାର ହୋଇଛି। ଡୁବୁରୀ ଗ୍ରାମର ଜଗବନ୍ଧୁ ସ୍ୱାଇଁଙ୍କ ଘର ନିକଟରେ ଥିବା ପରିତ୍ୟକ୍ତ କୂଅରେ ଦୁଇଟି ନାଗ ସାପ ପଡ଼ିଯାଇଥିବା ପରିବାର ଲୋକେ ଦେଖିଥିଲେ। ତିନିଦିନ ପର୍ଯ୍ୟନ୍ତ ଉଭୟ ସାପ ସେହି ସ୍ଥାନରେ ପଡ଼ିରହିଥିବା ଦେଖିବା ପରେ ସାପ ଉଦ୍ଧାରକାରୀ ଯୁବକ ସୌମ୍ୟଜିତଙ୍କୁ ସୂଚନା ଦେଇଥିଲେ। ସୌମ୍ୟଜିତ ପହଞ୍ଚି ପରିସ୍ଥିତି ଅନୁଧ୍ୟାନ କରିବା ପରେ ଏକ ସିଡି ପକାଇ କୂଅ ଭିତରକୁ ଯାଇ ସୁରକ୍ଷିତ ଭାବେ ଉଭୟ ସାପକୁ ଉଦ୍ଧାର କରି ଅଶୋକଝରର ଜଙ୍ଗଲରେ ଛାଡିଥିବା ଜଣାପଡିଛି।

## ଧର୍ମଶାଳା ମୁନି ସମାଜର ଯୋଗ ବୈଠକ

**ଜାରକା,୨୪।୭ (ସମିସ):** ଅଖିଳ ଭୂଖଣ୍ଡଳୀୟ ମୁନି ସମାଜ ଧର୍ମଶାଳା ଶାଖାର ଯୋଗ ବୈଠକ ଦୁବଗାଡ଼ିଆଠାରେ ଅନୁଷ୍ଠିତ ହୋଇଯାଇଛି। ଯାଜପୁର ପ୍ରଚାର ସଂଗଠକ ମୁନି ରତ୍ନ ଯୋଗୀ ନାରାୟଣ ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଓଡ଼ିଶା ପ୍ରାନ୍ତ ମୁନି ସମାଜ ଯୋଗାଚାର୍ଯ୍ୟ ଧ୍ରୁବଚରଣ ପ୍ରଧାନ, ଉପସଭାପତି ଯୋଗୀ ବନମାଳୀ ରାଉତ, କୋଷାଧ୍ୟକ୍ଷ ଯୋଗୀ ରମେଶ ବେହେରା, ମୁନି ଲିଟୁ ବେହେରା, ରଥିଆ ଯୋଗାଶ୍ରମର ସଭାପତି ମୁନି ରଘୁନାଥ ଦାସ, ଧର୍ମଶାଳା ମୁନି ସମାଜର ଉପଦେଷ୍ଟା ମୁନିରାଜ ପୁରୁଷୋତ୍ତମ ମହାନ୍ତି, ଯୋଗୀ ପ୍ରଶାନ୍ତ ନାୟକ, ମୁନିରାଜ ଦାଶରଥୀ ନାୟକ ପ୍ରମୁଖ ଅତିଥି ଭାବେ ଯୋଗଦେଇ ମୁନି ସମାଜର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ମୁନି ସମାଜର ଲକ୍ଷଣ, ନିୟମ, ନାମକୁ କଡ଼ାକଡ଼ି ଭାବେ ପାଳନ କରିବା ଓ ସାଂଗଠନିକ କାର୍ଯ୍ୟକ୍ରମ ଉପରେ ବିଭିନ୍ନ ପ୍ରସ୍ତାବ ଗ୍ରହଣ କରାଯାଇଥିଲା। ଆସନ୍ତା ନଭେମ୍ବର ୩୦ ତାରିଖରୁ ୨ ଦିନ ବ୍ୟାପି ଓଡ଼ିଶା ପ୍ରାନ୍ତ ମୁନି ସମାଜର ମହାଅଧିବେଶନ ଜାରକାଠାରେ କରାଯିବାକୁ ସ୍ଥିର କରାଯାଇଥିଲା। ମୁନିରାଜ ଭିକାରୀ ମଲିକ, ମାଧବାନନ୍ଦ ମଲିକ, ଅମିତ ମୁନି, ଯୋଗ ପ୍ରଶିକ୍ଷିକା ସତ୍ୟଭାମା ଦାସ ପ୍ରମୁଖ ଯୋଗ ଦେଇଥିଲେ

### ଯାଜପୁରରୋଡ-ଧାମରା ରେଳ ପ୍ରକଳ୍ପର ସବିଶେଷ ରିପୋର୍ଟ

# ୩୩୧୫ କୋଟି ଟଙ୍କାର ଆକଳନ; ୪ ବର୍ଷରେ ପ୍ରକଳ୍ପ ସମାପ୍ତ ଲକ୍ଷ୍ୟଧାର୍ଯ୍ୟ

**ଯାଜପୁର,୨୪।୭:** ଯାଜପୁରରୋଡ-ଧାମରା ରେଳପଥ ଭାୟା ଭିତରକନିକା ପ୍ରକଳ୍ପର ସବିଶେଷ ରିପୋର୍ଟ (ଡିପିଆର) ପୂର୍ବତଟ ରେଳବାଇକୁ ମଞ୍ଜୁର ପାଇଁ ପଠାଯାଇଛି। ଏହି ପ୍ରକଳ୍ପ ମଞ୍ଜୁର ହେଲେ ଯାଜପୁର, ଭଦ୍ରକ ଜିଲ୍ଲାବାସୀ ବିଶେଷ ଭାବେ ଉପକୃତ ହେବେ। ଦୀର୍ଘବର୍ଷ ଧରି ଏହି ପ୍ରକଳ୍ପ ପାଇଁ ଆନ୍ଦୋଳନ ଓ ଦାବି ଚଳାଇଆସୁଥିବା ଉଭୟ ଜିଲ୍ଲାବାସୀ ଲାଭବାନ ହେବେ ବୋଲି କୁହାଯାଉଛି। ଏହି ପ୍ରକଳ୍ପ ପାଇଁ ମୋଟ ୩୩୧୫.୭୬ କୋଟି ଟଙ୍କା ଆକଳନ କରାଯାଇଥିବାବେଳେ ଏହା ଆସନ୍ତା ୪ ବର୍ଷ ମଧ୍ୟରେ ଶେଷ ହେବ ବୋଲି ସବିଶେଷ ରିପୋର୍ଟରେ ଉଲ୍ଲେଖ ରହିଛି।

'ସକାଳ' ହାତରେ ଲାଗିଥିବା ସବିଶେଷ ରିପୋର୍ଟ ମୁତାବକ ଯାଜପୁରରୋଡରୁ ଏହି ରେଳପଥ ବାହାରି ଭାୟା ଆରଡି ଓ ଭିତରକନିକା ଦେଇ ଧାମରାରେ ପହଞ୍ଚିବ। ଏହା ମୋଟ ୧୦୧.୨୬ କିଲୋମିଟର ବିଶିଷ୍ଟ ପ୍ରକଳ୍ପ ମଧ୍ୟରୁ ଯାଜପୁର ଜିଲ୍ଲା ଦେଇ ୬୭.୭୭ କିଲୋମିଟର ଓ ଭଦ୍ରକ ଜିଲ୍ଲା ଦେଇ ୩୩.୩୦ କିଲୋମିଟର ରେଳ ଲାଇନ ଯିବ। ଏହି ପ୍ରକଳ୍ପ ପାଇଁ ମୋଟ ୨୯୯୬.୮୨ କୋଟି ଟଙ୍କା ଆକଳନ କରାଯାଇଥିବାବେଳେ ଆଗାମୀ ୪ ବର୍ଷରେ ଏହି ପ୍ରକଳ୍ପ ଶେଷ ବେଳକୁ ଏହା ୩୩୧୫.୭୬ କୋଟି ଟଙ୍କାରେ ପହଞ୍ଚିବ। ଏହି ପ୍ରକଳ୍ପ ଶେଷ ପାଇଁ ଜମି ଅଧିଗ୍ରହଣ ସହିତ ମୋଟ ୪ ବର୍ଷ ସମୟ ଲାଗିବ ବୋଲି ଡିପିଆରରେ ଉଲ୍ଲେଖ ରହିଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଆର୍ଥିକ ରେଟ୍ ଅଫ ରିଟର୍ଣ୍ଣ (ଏଫ୍ଆଇଆରଓଆର)ର ସର୍ବନିମ୍ନ ହାର ୧୦ ପ୍ରତିଶତ ଆବଶ୍ୟକତା ଥିବାବେଳେ ଏହି ପ୍ରକଳ୍ପରେ ୧୪.୫୧ ପ୍ରତିଶତ ରହିଛି।

ସେହିଭଳି ଇକୋନୋମିକ ରେଟ୍ ଅଫ୍ ରିଟର୍ଣ୍ଣ (ଇଆରଆରଓଆର) ୨୪.୨୨ ପ୍ରତିଶତ ରହିଛି। ଯାଜପୁରରୋଡ୍-ଧାମରା ରେଳପଥ ପ୍ରକଳ୍ପ ପାଇଁ ମୋଟ ୧୬୯୩.୪୬ ଏକର ଜମିର ଆବଶ୍ୟକତା ଥିବାବେଳେ ସେଥିମଧ୍ୟରୁ ୧୩୧୬.୪୫ ଏକର ଘରୋଇ ଜମି, ୨୯୪.୩୭ ଏକର ସରକାରୀ ଜମି ଓ ୧୨.୭୭ ଏକର ଜଙ୍ଗଲ ଜମି ରହିଛି। ଏହି ପ୍ରକଳ୍ପ ଶେଷ ହେବାପରେ ପାସେଞ୍ଜର ଗାଡ଼ିର ବେଗ ସର୍ବାଧିକ ୧୬୦ କିମି ପ୍ରତି ଘଣ୍ଟା ରହିଥିବାବେଳେ ମାଲଗାଡିର ବେଗ ୬୫ କିଲୋମିଟର ଘଣ୍ଟା ପ୍ରତି ରହିଛି। ଏହି ରେଳପଥ ମଧ୍ୟରେ ଗୋଟିଏ ଗୁରୁତ୍ୱପୂର୍ଣ୍ଣ ପୋଲ ରହିଥିବାବେଳେ ୩୦ଟି ବଡ଼ ପୋଲ ଓ ୮୮ଟି ଛୋଟ ପୋଲ ରହିଛି। ଯାଜପୁରରୋଡ-ଧାମରା ଷ୍ଟେସନ ମଧ୍ୟରେ ମୋଟ ୧୨ଟି ଷ୍ଟେସନ ରହିଛି। ଉଭୟ ଷ୍ଟେସନ ମଧ୍ୟରେ ଛୋଟରାୟପୁର, ରାମପୁର ଶଗଡି, ବାହାବଳପୁର(ହଲ୍ଟ), ଯାଜପୁର, ଜଳେଶ୍ୱରପୁର(ହଲ୍ଟ) ସିରିପୁର,



ମଙ୍ଗଳପୁର, ଆରଡି, ଚାନ୍ଦବାଲି ଓ ଭିତରକନିକା ଷ୍ଟେସନ ରହିଛି। ସେଥିମଧ୍ୟରୁ ଭଦ୍ରକ ଜିଲ୍ଲାର ୩ଟି ଷ୍ଟେସନ ଓ ଯାଜପୁର ଜିଲ୍ଲାର ୯ଟି ଷ୍ଟେସନ ରହିବ ବୋଲି ଡିପିଆରରେ ଉଲ୍ଲେଖ ରହିଛି।

ଏହି ପ୍ରକଳ୍ପରେ ମୋଟ ୧୪ଟି ରେଳୱେ ଓଭରବ୍ରିଜ ଓ ୩୭ଟି ରେଳୱେ ଅଣ୍ଡର ବ୍ରିଜ ରହିଥିବାବେଳେ ୨ଟି ଲେଭଲ କ୍ରସିଂ ଓ ଗୋଟିଏ ଫ୍ଲାଏଓଭର ରହିବ। ଏହି ପ୍ରକଳ୍ପ ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ ହେବା ପରେ ପ୍ରଥମ ବର୍ଷ ଏଥିରେ ୧୬.୮୪ ଲକ୍ଷ ଯାତ୍ରୀ ଯାତାୟାତ କରିବେ ବୋଲି ଆକଳନ କରାଯାଇଛି। ଏହି ରେଳପଥରେ ଦୁଇଟି ଇଣ୍ଟରସିଟି ଓ ଦୁଇଟି ମେମୁ ଟ୍ରେନ ଯାତାୟାତ କରିବ ବୋଲି ଜଣାପଡିଛି। ଏହି ପ୍ରକଳ୍ପ ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ ହେବା ପରେ ମାଲଗାଡ଼ିରୁ ବାର୍ଷିକ ୪୧୩ କୋଟି ଓ ପାସେଞ୍ଜର ଗାଡ଼ିରୁ ୧୨.୬୪ କୋଟି ଟଙ୍କା ଆୟ ହେବ ବୋଲି ଆକଳନ କରାଯାଇଛି। ଏହି ପ୍ରକଳ୍ପ ହେବା ଦ୍ୱାରା କଳିଙ୍ଗନଗର ଶିଳ୍ପସମୂହ ବିଶେଷ ଭାବେ ଲାଭବାନ ହେବେ । ଏହା ୨୦୨୭-୨୮ ଆର୍ଥିକ ବର୍ଷ ଶେଷ ସୁଦ୍ଧା ପ୍ରକଳ୍ପ ଶେଷ କରିବାକୁ ଯୋଜନା ରହିଛି। ପୂର୍ବରୁ ଯାଜପୁରରୋଡରୁ ଧାମରାକୁ ଥିବା ରେଳପଥ ଭାୟା ଭଦ୍ରକ ସହିତ ସଂଯୋଗ ରହିଛି। ଯାହାର ଲମ୍ବ ୧୧୩ କିଲୋମିଟର ଥିବାବେଳେ ଏହି ପ୍ରକଳ୍ପ ହେଲେ ଏହା ୧୦୧ କିଲୋମିଟର ରହିବ। ଯଦ୍ୱାରା ଆର୍ଥିକ ଦୃଷ୍ଟିରୁ ରେଳବାଇ ଲାଭବାନ ହେବ। ଏହି ପ୍ରକଳ୍ପ ପାଇଁ ପ୍ରଥମ ବର୍ଷ ୨୯୯.୬୮ କୋଟି ଟଙ୍କା, ଦ୍ୱିତୀୟ ବର୍ଷ ୪୭୨ କୋଟି, ତୃତୀୟ ବର୍ଷ ୧୧୫୬.୪୦ କୋଟି ଓ ଚତୁର୍ଥ ବର୍ଷ ୧୩୮୭ କୋଟି ଟଙ୍କା ଖର୍ଚ୍ଚ ହେବା ଯୋଜନା ପ୍ରସ୍ତୁତ ହୋଇଛି। ଉକ୍ତ ପ୍ରକଳ୍ପ ପାଇଁ ଯାଜପୁରରୋଡ-ଧାମରା ରେଳପଥ ସଂଗ୍ରାମ ସମିତି ପକ୍ଷରୁ ବାରମ୍ବାର ଜିଲ୍ଲା ପ୍ରଶାସନଠାରୁ ଆରମ୍ଭ କରି ରାଜ୍ୟ ସରକାର, କେନ୍ଦ୍ର ସରକାର, ରେଳମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଆସିଛି। ବାରମ୍ବାର ଦାବି, ଆନ୍ଦୋଳନ କରିବା ସହିତ ନୂଆଦିଲ୍ଲୀରେ ଗଣଧାରଣା ଦେବା ପରେ ଏହି ପ୍ରକଳ୍ପ ହେବା ନେଇ ଆଶା ସଞ୍ଚାର ହୋଇଥିଲା। ବାରମ୍ବାର ଦାବି ପରେ ଏବେ ଏହାର ଡିପିଆର ରେଳବାଇ ବୋର୍ଡକୁ ଯାଇଛି। ଏହି ପ୍ରକଳ୍ପର ମଞ୍ଜୁର ସହିତ ବଜେଟରେ ବ୍ୟୟବରାଦ କରିବା ପାଇଁ ସଂଗ୍ରାମ ସମିତି ପକ୍ଷରୁ ଦାବି କରାଯାଇଛି।

## ବିପଦସଂକୁଳ ବ୍ରହ୍ମବରଦା ବଜାରଘାଟ ପୋଲ



**ବ୍ରହ୍ମବରଦା,୨୪।୭ (ସମିସ):** ବଜାରଘାଟ ପୋଲକୁ ବ୍ରହ୍ମବରଦାର ଲାଇଫ୍‌ଲାଇନ୍ କୁହାଯାଏ। ଏହି ପୋଲ ବରୁଆଁ- କୃଷ୍ଣଦାସପୁର ମୁଖ୍ୟ ରାସ୍ତା ବଜାରଘାଟରେ ବ୍ରାହ୍ମଣୀ ନଦୀ ଉପରେ ନିର୍ମିତ। ଅବିଭକ୍ତ ବ୍ରହ୍ମବରଦାକୁ ବାହାର ଦୁନିଆ ସହ ସଂଯୋଗ କରୁଥିବା ଏହା ଏକମାତ୍ର ପୋଲ। ଏହି ପୋଲ ଏବେ ବିପଦସଙ୍କୁଳ ଅବସ୍ଥାରେ ରହିଛି। ନିମ୍ନମାନର କାମ ଓ ମରାମତି ଅଭାବରୁ ପୋଲର ଗୋଟିଏ ପାଶ୍ୱର୍ ବାଡା ସମ୍ପୂର୍ଣ୍ଣ ଦୁର୍ବଳ ହେବା ସହ କଂକ୍ରିଟ୍ ଝଡ଼ି ରଡ୍ ପଦାକୁ ବାହାରି ଗଲାଣି। ଫଳରେ ରଡ୍ ବର୍ଷାପାଣି ଖାଇ ପୋଲ ପ୍ରତି ବିପଦ ସୃଷ୍ଟି ହୋଇଛି। ଏଥିସହ ପୋଲର ମଙ୍ଗରାଜପୁର ଖଣ୍ଡାସ ପଟୁ ପୋଲକୁ ସଂଯୋଗ କରୁଥିବା ରାସ୍ତା ନିକଟରେ ହିଁ ୫/୬ ଇଞ୍ଚର ଫାଙ୍କ ସୃଷ୍ଟି ହେବା ସହ ପୋଲର କେତେକ ସ୍ଥାନରେ ଛୋଟ ଛୋଟ ଗର୍ତ୍ତ ଦେଖାଦେଇଛି। ଫଳରେ ଉକ୍ତ ରାସ୍ତା ଦେଇ ଦୈନିକ ଯାତାୟାତ କରୁଥିବା ଶହ ଶହ ଚାରିଚକିଆ ଗାଡ଼ି, ବାଇକ୍ ଆରୋହୀ ଓ ପଥଚାରୀଙ୍କ ପ୍ରତି ବିପଦ ଦେଖାଦେଇଛି। ପାଖାପାଖି ୨୫ ବର୍ଷ ପୂର୍ବରୁ ନିର୍ମିତ ଉକ୍ତ ବଜାରଘାଟ ପୋଲଟି ଯାଜପୁର ଆରଡି ବିଭାଗ ଅଧୀନରେ ରହିଛି। ନିମ୍ନମାନର କାମ ଯୋଗୁଁ ଏହାର ସ୍ଥାୟିତ୍ୱ ନେଇ ଆଶଙ୍କା ସୃଷ୍ଟି ହୋଇଥିବା ଉଭୟପାଶ୍ୱର୍ର ଗ୍ରାମବାସୀ ଅଭିଯୋଗ କରିବା ସହ ଅସନ୍ତୋଷ ଦେଖାଦେଇଛି। ବିଭାଗୀୟ ଅଧିକାରୀଙ୍କ ଅଣଦେଖା ଓ ମରାମତି ଅଭାବରୁ ପୋଲଟି ଧୀରେ ଧୀରେ ଦୁର୍ବଳ ହେଉଛି। ତୁରନ୍ତ ଏହାକୁ ମରାମତି କରିବା ପାଇଁ ସାଧାରଣରେ ଦାବି ହୋଇଛି।

## 'ଭଗବାନ ଆମ ଜୀବନର ପ୍ରକୃତ ଗୁରୁ'

**ବାଲିଚନ୍ଦ୍ରପୁର,୨୪।୭ (ସମିସ):** ମାନବ ଜୀବନର ପ୍ରକୃତ ଗୁରୁ ହେଉଛନ୍ତି ଭଗବାନ। ଆମ ସଂସ୍କୃତିରେ ଗୁରୁଶିଷ୍ୟ ପରମ୍ପରା ହେଉଛି ଅତି ମହାନ୍। ଜଣେ ଶିଷ୍ୟର ଆଧ୍ୟାତ୍ମିକ ଜୀବନ ଗଢ଼ିବାରେ ଗୁରୁଙ୍କ ଅବଦାନ ଅତୁଳନୀୟ ବୋଲି ଗୁରୁପୂର୍ଣ୍ଣିମା ତିଥିରେ ପଲାଇସ୍ଥ ସାଇକୃପାଠାରେ ଆୟୋଜିତ ଗୁରୁପୂଜନ କାର୍ଯ୍ୟକ୍ରମରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି।



ବର୍ଷୀୟାନ ସାଇଆଶ୍ରିତ ତଥା ବିଶିଷ୍ଟ ଶିକ୍ଷାବିତ୍ ସୁରେନ୍ଦ୍ରନାଥ ଭୂୟାଁଙ୍କ ୯୦ତମ ଜନ୍ମତିଥିରେ ଆୟୋଜିତ କାର୍ଯ୍ୟକ୍ରମରେ ବର୍ଷୀୟାନ ସାଇଆଶ୍ରିତ ଇଂ. ସଚ୍ଚିଦାନନ୍ଦ ନାୟକ, ଇଂ ସଚ୍ଚିଦାନନ୍ଦ ନନ୍ଦ, ରାଷ୍ଟ୍ରୀୟ ସୂଚନା ବିଜ୍ଞାନ କେନ୍ଦ୍ରର ଉପମହାନିର୍ଦ୍ଦେଶକ ଡକ୍ଟର ଅଶୋକ କୁମାର ହୋତା ଓ ଯାଜପୁର ସହକାରୀ ଜିଲ୍ଲାପାଳ କୁଳମଣି ନାୟକ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଏ ଅବସରରେ ଶ୍ରେଷ୍ଠ ଗୁରୁ ଭାବେ ୧୧ ଜଣଙ୍କୁ ଗୁରୁପୂଜନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ସତ୍ୟସାଇ ସେବା ସଂଗଠନର ପୂର୍ବତନ ରାଜ୍ୟ ସଭାପତି ତଥା ଉତ୍କଳ ବିଶ୍ୱବିଦ୍ୟାଳୟ ଦର୍ଶନ ବିଭାଗର ପୂର୍ବତନ ମୁଖ୍ୟ ପ୍ରଫେସର ହରିକୃଷ୍ଣ ଦାଶ, ଶୋଭନୀୟ ଆନ୍ଦୋଳନର ନିର୍ଦ୍ଦେଶିକା ଡକ୍ଟର ଅରୁନ୍ଧତୀ ଦେବୀ, ବିଶିଷ୍ଟ ବୌଦ୍ଧ ଗବେଷକ ଡକ୍ଟର ହରିଶଚନ୍ଦ୍ର ପୃଷ୍ଟି, ଅବସରପ୍ରାପ୍ତ ଅଧ୍ୟକ୍ଷ ପ୍ରଫେସର ରବୀନ୍ଦ୍ର କୁମାର ସାମଲ, ଶିଶୁମନ୍ଦିରର ସେବାନିବୃତ୍ତ ଗୁରୁମା' ଶ୍ରୀମତୀ ଆଶାରାଣୀ ମହାନ୍ତି, ବିଶିଷ୍ଟ ଶିକ୍ଷାବିତ୍ ଉମାକାନ୍ତ ବଳ, ଡକ୍ଟର କୈଳାସ ଚନ୍ଦ୍ର ବେହେରା, ପଣ୍ଡିତ ଜ୍ଞାନେନ୍ଦ୍ର ତ୍ରିପାଠୀ, ପଣ୍ଡିତ କେଶବ ଚରଣ ମିଶ୍ର, ସତ୍ୟାନନ୍ଦ ଜେନା ଓ ନଟବର ଦାଶଙ୍କୁ ସମ୍ମାନିତ କରାଯାଇଥିଲା। ଶ୍ରୀମତୀ ବିଜୟିନୀ ଭୂୟାଁ, ତପସ୍ୱିନୀ ଦାଶ, ସାଗରିକା ନାୟକ ଓ ସୀତା ବେହେରା ଗୁରୁବନ୍ଦନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ସାମ୍ବାଦିକ ମହେଶ୍ୱର ବଳ, ଡକ୍ଟର ଭାଗ୍ୟଧର ସାହୁ, ପ୍ରାଧ୍ୟାପକ ଯତିନ୍ଦ୍ର କୁମାର ରାଉତ, ବରିଷ୍ଠ କବି ନିରଞ୍ଜନ ଜେନା, ସାଇଆଶ୍ରିତ ରାଧାକୃଷ୍ଣ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଏ ଅବସରରେ ଅତିଥିମାନେ ପଲାଇ ବାରବାଟୀ ମଲ୍ଲୀଡିହଠାରେ ପ୍ରେମତରୁ ବୃକ୍ଷ ଚାରା ରୋପଣ କରିଥିଲେ। ପଲାଇ ସମିତିର ପୂର୍ବତନ ଆବାହକ ପ୍ରଶାନ୍ତ କୁମାର ସାମଲ, ଆବାହକ ଦାମୋଦର ବାସୁଲାଇ, ବିକ୍ରମକେଶରୀ ମହାନ୍ତି, ପରେଶ ସାମଲ, ଶିକ୍ଷାବିତ୍ ଶ୍ରୀ ଭୂୟାଁଙ୍କ ପରିବାରର ଶୁଭେନ୍ଦୁ ଭୂୟାଁ, ସୁମନ୍ତ ଭୂୟାଁ, ସୁଶାନ୍ତ ଭୂୟାଁ, ଇଂ ସନ୍ଦୀପ ସତ୍ୟନାରାୟଣ ଭୂୟାଁ ଓ ସୌମ୍ୟ ସାଇ ସିଦ୍ଧାର୍ଥ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ସୁକିନ୍ଦା ସିରିଜ୍ ଲୁଟ୍ ଘଟଣାରେ ଜଣେ ଅଟକ

**ସୁକିନ୍ଦା,୨୪।୭ (ସମିସ):** ସୁକିନ୍ଦା ସିରିଜ୍ ଲୁଟ୍ ଘଟଣାରେ ପୁଲିସ ଜଣକୁ ଅଟକ ରଖି ପୂରା ଟିମକୁ ଧରିବା ପାଇଁ ଚଢ଼ଉ ଜାରି ରଖିଥିବା ଜଣାପଡିଛି। ଗତ ରବିବାର ରାତିରେ ସୁକିନ୍ଦା ଛକରେ ଥିବା ପାଞ୍ଚଟି ଦୋକାନରୁ ଲୁଟ୍ ହୋଇଥିବା ଥାନାରେ ଅଭିଯୋଗ ହୋଇଥିଲା। ଗତ କିଛିଦିନ ହେବ ସୁକିନ୍ଦା ଥାନା ଅଞ୍ଚଳରେ ଅନେକ ଲୁଟ୍ ଘଟଣା ଘଟିଥିଲେ ମଧ୍ୟ କୌଣସି ଘଟଣାରେ ପୁଲିସକୁ ସଫଳତା ମିଳି ନ ଥିବା ବ୍ୟବସାୟୀଙ୍କ ଚିନ୍ତାର କାରଣ ହୋଇଛି। ରବିବାର ସୁକିନ୍ଦାର ନୂତନ ଥାନା ଅଧିକାରୀ ଭାବେ ବିଲ୍ୱମଙ୍ଗଳ ସେଠୀ ଦାୟିତ୍ୱ ଗ୍ରହଣ କରିବାର କିଛି ଘଣ୍ଟା ମଧ୍ୟରେ ଏହି ଲୁଟ୍ ଘଟଣା ଥାନା ଅଧିକାରୀଙ୍କ ପାଇଁ ଚ୍ୟାଲେଞ୍ଜ ହୋଇଥିଲା। ଥାନା ଅଧିକାରୀ ଶ୍ରୀ ସେଠୀ ଘଟଣାକୁ ଗୁରୁତର ସହ ଅନୁଧ୍ୟାନ କରି ଜଣକୁ ଅଟକ ରଖି ପୂରା ଟିମକୁ ଧରିବା ପାଇଁ ପ୍ରୟାସ ଜାରି ରଖିଥିବା ଜଣାପଡ଼ିଛି। ତଦନ୍ତରେ ବାଧା ନ ଉପୁଜିବା ପାଇଁ ଅଭିଯୁକ୍ତର ନାମ ଗୋପନ ରଖିଛନ୍ତି। ସୁକିନ୍ଦା ଅଞ୍ଚଳରେ ଆଇନଶୃଙ୍ଖଳା ବ୍ୟବସ୍ଥାରେ ସୁଧାର ଆଣିବା ସହ ପରିସ୍ଥିତି ନିୟନ୍ତ୍ରଣରେ ରଖିବାକୁ ସାଧାରଣରେ ଦାବି ହେଉଛି।

## ନୂତନ ଡାକ ଅଧିକାରୀଙ୍କୁ ସ୍ୱାଗତ



**ପାଣିକୋଇଲି, ୨୪।୭ (ସମିସ):** ପାଣିକୋଇଲି ଉପ-ଡାକଘର କାର୍ଯ୍ୟାଳୟରେ ନୂତନ ଡାକ ଅଧିକାରୀ କାର୍ଯ୍ୟରେ ଯୋଗ ଦେଇଛନ୍ତି। ପୂର୍ବତନ ଡାକ ଅଧିକାରୀ ସୁଧୀର କୁମାର ପ୍ରଧାନଙ୍କ ଦାନଗଦୀ ଡାକ କାର୍ଯ୍ୟାଳୟକୁ ବଦଳି ହେବା ପରେ ନୂତନ ଡାକ ଅଧିକାରୀ ଭାବେ ପ୍ରମୋଦ କୁମାର ସେଠୀ ଯାଜପୁରରୋଡ୍ ମୁଖ୍ୟ ଡାକ କାର୍ଯ୍ୟାଳୟରୁ ବଦଳି ହୋଇ ପାଣିକୋଇଲିରେ ଯୋଗଦାନ କରିଛନ୍ତି। ଶ୍ରୀ ପ୍ରଧାନ ଯୋଗଦେବା ପରେ ପାଣିକୋଇଲି ଡାକ କାର୍ଯ୍ୟାଳୟର କର୍ମଚାରୀ ଦିନେଶ ସାହୁ, ହରେକୃଷ୍ଣ ବାରିକ, ରାଜଲକ୍ଷ୍ମୀ ପଡିହାରୀ, ବାବୁଲି ପାତ୍ର ଓ ବୀମା ଏଜେଣ୍ଟ ମନୋରଞ୍ଜନ ରାୟଓ ସୁବାସ ସାହୁ ପ୍ରମୁଖ ତାଙ୍କୁ ସ୍ୱାଗତ ଓ ସମ୍ବର୍ଦ୍ଧନା ଜଣାଇଥିଲେ।

## ପ୍ରଶାସନ ପକ୍ଷରୁ ଜବରଦଖଲ ଉଚ୍ଛେଦ



**ପାଣିକୋଇଲି, ୨୪।୭ (ସମିସ):** ପାଣିକୋଇଲି ପୁଲିସ, ବ୍ୟାସନଗର ତହସିଦାର ଓ ବିଦ୍ୟୁତ ବିଭାଗ ଉପସ୍ଥିତିରେ ଜବରଦଖଲ ଉଚ୍ଛେଦ ହୋଇଛି। ପାଣିକୋଇଲି ଥାନା ଅନ୍ତର୍ଗତ ଗୋଳେଇପୁର ପଞ୍ଚାୟତ ଅନ୍ତର୍ଗତ ସୋତି ମୌଜାରେ ସୋତି ଗ୍ରାମର ରଞ୍ଜନ ପଣ୍ଡା ଜାତୀୟ ରାଜପଥ ଜାଗାକୁ ଅକ୍ତିଆର କରି ଘର ନିର୍ମାଣ କରିଥିଲେ। ରାସ୍ତା ପାର୍ଶରେ ଜମି ଥିବା ସତ୍ତ୍ୱେ ଅନିରୁଦ୍ଧ ଦାଶ ତାଙ୍କ ଜାଗାକୁ ରାସ୍ତା ନ ପାଇବାରୁ ରାଜପଥ ଅଧିକାରଙ୍କ ନିକଟରେ ଅଭିଯୋଗ କରିଥିଲେ। ଆଜି ରାଜପଥ ବିଭାଗ ପକ୍ଷରୁ ଏହି ଜାଗାକୁ ଖାଲି କରିବାକୁ ନିର୍ଦ୍ଦେଶ ରହିଥିଲା। ରାଜପଥ ବିଭାଗ ନିର୍ଦ୍ଦେଶ ଅନୁଯାୟୀ ପାଣିକୋଇଲି ପୁଲିସ, ବ୍ୟାସନଗର ତହିଲଦାର ଓ ବିଦ୍ୟୁତ ବିଭାଗ ଉକ୍ତ ସ୍ଥାନରେ ପହଞ୍ଚି ଜବରଦଖଲ ଉଚ୍ଛେଦ କରିଥିଲା। ନିର୍ମାଣାଧୀନ କୋଠାକୁ ଜେସିବି ମାଧ୍ୟମରେ ଭାଙ୍ଗି ଦିଆଯାଇଛି। ସରକାରୀ ଜମି ଜବରଦଖଲ ବା ଜାତୀୟ ରାଜପଥ ଜମି ଜବରଦଖଲ ପାଇଁ ତାଙ୍କୁ ଅଭିଯୋଗ କ୍ରମେ ଭଙ୍ଗାଯାଇଥିବା ବ୍ୟାସନଗର ତହସିଲଦାର ଦେବାଶିଷ ରାଉତ ସୂଚନା ଦେଇଛନ୍ତି। ଏ ଅବସରରେ ପାଣିକୋଇଲି ରାଜସ୍ୱ ନିରୀକ୍ଷକ ଲକ୍ଷ୍ମୀପ୍ରିୟା ପାତ୍ର, ପଥରପଦା ରାଜସ୍ୱ ନିରୀକ୍ଷକ ସରୋଜ ମଲ୍ଲିକ, ଅମିନ ଅକ୍ଷୟ ପତି ସୁବାସ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ଜବରଦଖଲକାରୀଙ୍କୁ ଜାରିହେଲା ନୋଟିସ୍

**କାଳିଆପାଣି, ୨୪।୭ (ସମିସ):** କାଳିଆପାଣି ଖଣି ଅଞ୍ଚଳରେ ସରକାରୀ ଜମିକୁ କବ୍‌ଜା କରି ରଖିଥିବା ଜବରଦଖଲକାରୀଙ୍କୁ ସରକାରୀ ଛାଟ ଲାଗିଛି। ସପ୍ତାହେ ପୂର୍ବରୁ ସୁକିନ୍ଦା ଖଣି ଅଞ୍ଚଳର ରାଁସୋଳ, କାଳିଆପାଣି, ଚିଙ୍ଗୁଡ଼ିପାଳ ଓ କଂସ ପଞ୍ଚାୟତର ବିଭିନ୍ନ ଖଣି ସଂଲଗ୍ନରେ ଗଢିଉଠିଥିବା ଅବୈଧ ବସ୍ତିର ବିସ୍ତୃତ ସର୍ଭେ କରାଯାଇଥିଲା। ସୁକିନ୍ଦା ତହସିଲର ରାଜସ୍ୱ ବିଭାଗ ଓ ଓଡ଼ିଶା ଖଣି ନିଗମ ପକ୍ଷରୁ ମିଳିତ ଭାବେ ଉକ୍ତ ସର୍ଭେ କରାଯାଇଥିଲା। ଆଜି ରାଁସୋଳ ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ମାଙ୍କିଡିଆ ବସ୍ତିରେ ସରକାରୀ ଜଙ୍ଗଲ କିସମ ଜମି ଉପରେ ଘର କରିଥିବା ଲୋକଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଛି। ଗତ କିଛିବର୍ଷ ପୂର୍ବରୁ ଓଡ଼ିଶା ଖଣି ନିଗମ ଅଧୀନରେ ଉକ୍ତ ଜମିଗୁଡିକ ରହିଥିଲା। ସେହି ଜମିକୁ ଜିଲ୍ଲା ଓ ଜିଲ୍ଲା ବାହାରର ଲୋକେ କବ୍‌ଜା କରି ରହିଆସୁଛନ୍ତି। ଏହାକୁ ସୁକିନ୍ଦା ତହସିଲଦାର ଗୁରୁତର ସହିତ ନେଇ ଜବରଦଖଲକାରୀଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରିଛନ୍ତି। ଏହି ନୋଟିସ ପାଇବା ପରେ ସ୍ଥାନୀୟ ଅଞ୍ଚଳରେ କୋକୁଆଭୟ ସୃଷ୍ଟି ହୋଇଛି।

### ୪ ମାସ ହେଲା ନାହାନ୍ତି ଡାକ୍ତର

## ଫାର୍ମାସିଷ୍ଟଙ୍କ ଭରସାରେ କଁୟାଗୋଲା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର

**କୟାଁଗୋଲା,୨୪।୭ (ସମିସ):** ନାନା ଅଭାବ ଅସୁବିଧା ମଧ୍ୟରେ ଚାଲିଛି କଁୟାଗୋଲା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର। ଉକ୍ତ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତରଙ୍କ ଅଭାବ ଦେଖାଦେଇଛି। ୪ ମାସ ହେଲା ଏହି ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ନାହାନ୍ତି। ଏଥିରେ ଥିବା ଫାର୍ମାସିଷ୍ଟ ରୋଗୀ ସେବା କରୁଛନ୍ତି। ସ୍ୱାସ୍ଥ୍ୟକେନ୍ଦ୍ରରେ ଆବଶ୍ୟକ ଡାକ୍ତର ନିଯୁକ୍ତ କରାଯିବାକୁ ଦାବି ହେଉଛି।

୩୩ ବର୍ଷ ପୂର୍ବେ ଦଶରଥପୁର ବ୍ଲକ କୟାଁଗୋଲା ପଞ୍ଚାୟତର କୟାଁଗୋଲା ଛକଠାରେ ଏହି ସ୍ୱାସ୍ଥ୍ୟକେନ୍ଦ୍ର ପ୍ରତିଷ୍ଠା ହୋଇଥିଲା। ଏଠାକାର ଲୋକଙ୍କ ଉଦ୍ୟମରେ ସ୍ଥାପିତ ଏହି ସ୍ୱାସ୍ଥ୍ୟକେନ୍ଦ୍ର ଏବେ ନାନାଦି ସମସ୍ୟା ମଧ୍ୟଦେଇ ଗତି କରୁଛି। ଗତ ୪ ମାସ ହେଲା ଏଠାରେ



କେହି ବି ଏମବିବିଏସ୍ ଡାକ୍ତର ନାହାନ୍ତି। ଏମବିବିଏସ୍ ଡାକ୍ତର ନ ଥିବାରୁ ସ୍ୱାସ୍ଥ୍ୟକେନ୍ଦ୍ରକୁ ପୂର୍ବଭଳି ସେତେ ସଂଖ୍ୟକ ରୋଗୀ ଆସୁନାହାନ୍ତି। ଏହି ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ଯାଜପୁର ଜିଲ୍ଲା ସମେତ ଭଦ୍ରକ ଜିଲ୍ଲାର ବୋଡ଼କ, ଷାଠିବାକୁଡା, କର୍ଣ୍ଣପୁର, ଯାଜପୁର ଜିଲ୍ଲାର କଁୟା, ଧରମପୁର, ଇଛାପୁର, ଦରଭା, ବଳରାମପୁର, ଇଟାପଡ଼ା, କୂଳସାହି, ମଲ୍ଲିପୁର, ଲକ୍ଷ୍ମୀପୁର, ମାଧପୁର, ଗରବନ୍ଧ ଆଦି ଗ୍ରାମର ଲୋକେ ନିର୍ଭର କରନ୍ତି। ଏଠାରେ ସ୍ୱାସ୍ଥ୍ୟକେନ୍ଦ୍ର ଘରଟି ବର୍ତ୍ତମାନ ବିପଦପୂର୍ଣ୍ଣ ଅବସ୍ଥାରେ ରହିଛି। ସେହି ଘରର ଅନେକ ସ୍ଥାନରେ କାନ୍ଥ ଫାଟିବା ସହ ଅନେକ ସ୍ଥାନରେ ଛାତ ଫାଟିଯାଇଛି। ସ୍ୱାସ୍ଥ୍ୟକେନ୍ଦ୍ର ପରିସର ମୁଖ୍ୟ ଗେଟ୍‌ରେ ଫଳକ ନାହିଁ। ଏହା ଅଞ୍ଚଳ ବନ୍ୟା ଅଞ୍ଚଳ ହୋଇଥିବାରୁ ବର୍ଷା ଦିନେ ବିଶେଷ କରି ବନ୍ୟା ସମୟରେ ସ୍ୱାସ୍ଥ୍ୟକେନ୍ଦ୍ରଟି ଜଳବନ୍ଦୀ ହୋଇଥାଏ। ପାନୀୟଜଳ ସମସ୍ୟା କହିଲେ ନ ସରେ। ସରକାରୀ ନଳକୂପ ଅଚଳ ହୋଇପଡ଼ିଛି। କର୍ମଚାରୀ ବାସଗୃହ ଥିଲେ ମଧ୍ୟ ଏହା ଏକପ୍ରକାର ଭୂତକୋଠି ପାଲଟିଛି। ଏତେସବୁ ସମସ୍ୟା ସତ୍ତ୍ୱେ ଏଠାରେ କାର୍ଯ୍ୟରତ ଫାର୍ମାସିଷ୍ଟ ସମରେନ୍ଦ୍ର ମଲ୍ଲିକ ଓ ଅନ୍ୟାନ୍ୟ ଷ୍ଟାଫ୍ ନର୍ସ ଅନୁପମା ବେହେରା, ଆୟୁଷ ଡାକ୍ତର ହେମନ୍ତ ବେହେରା, ଏଏନମ ସ୍ୱାଗତିକା ସାହୁ ରୋଗୀ ସେବା ଯୋଗାଇ ଆସୁଛନ୍ତି। ଏଭଳି ସମସ୍ୟାର ସମାଧାନ ପାଇଁ ଜିଲ୍ଲା ପ୍ରଶାସନ ତୁରନ୍ତ ପଦକ୍ଷେପ ଗ୍ରହଣ କରିବାକୁ ଦାବି ହୋଇଛି।

## ଆଜିର ଇତିହାସ

- ୧୬୮୯- ଇଂଲଣ୍ଡ ବିରୋଧରେ ଫ୍ରାନ୍ସ ଯୁଦ୍ଧ ଘୋଷଣା କଲା।
- ୧୮୧୩- ଦେଶରେ ପ୍ରଥମ ଥର ନୌକା ଦୌଡ଼ ପ୍ରତିଯୋଗିତାର ଆୟୋଜନ କଲିକତାରେ କରାଗଲା।
- ୧୯୦୯- ବ୍ରାସିଲୋନା ସହରରେ ଶ୍ରମିକ ବିଦ୍ରୋହ ଆରମ୍ଭ ହେଲା।
- ୧୯୬୩- ଆମେରିକା, ରୁଷ୍ ଓ ବ୍ରିଟେନ୍ ପରମାଣୁ ପରୀକ୍ଷଣ ପ୍ରତିବନ୍ଧ ସନ୍ଧିରେ ସ୍ୱାକ୍ଷର କଲେ।
- ୧୯୭୮- ବିଶ୍ୱର ପ୍ରଥମ ଆଇଭିଏଫ୍ ଶିଶୁ ଲୁଇସ୍ ବ୍ରାଉନ୍ ଲଣ୍ଡନରେ ଜନ୍ମ ନେଲା।
- ୧୯୯୪- ଜୋର୍ଡାନ୍ ଓ ଇସ୍ରାଏଲ ମଧ୍ୟରେ ଚାଲିଥିବା ୪୬ ବର୍ଷର ଯୁଦ୍ଧ ସମାପ୍ତ।
- ୨୦୦୭- ପ୍ରତିଭା ଦେବୀ ସିଂହ ପାଟିଲ ଭାରତର ପ୍ରଥମ ମହିଳା ରାଷ୍ଟ୍ରପତି ହେଲେ।

## କଳାରଙ୍ଗର ପୋଷାକ ପ୍ରତି କାହିଁକି ଆକର୍ଷିତ ହୁଅନ୍ତି ମଶା



ଘର ପାଖ ସନ୍ତସନ୍ତିଆ ହେଲେ ମଶା ହୋଇଥାନ୍ତି। ଖରାଦିନ ହେଉ କି, ବର୍ଷା ଅବା ଶୀତ, ମଶା ସବୁବେଳେ ନିଜର ଉପସ୍ଥିତି ଜାହିର କରିଥାନ୍ତି। ରାତିହେଲେ ଏମାନେ ବେଶୀ ସକ୍ରିୟ ହୋଇଯାନ୍ତି। ତେବେ ଅନେକ ସମୟରେ କଳା ପୋଷାକ ପିନ୍ଧିଥିବା ବ୍ୟକ୍ତିଙ୍କୁ ମଶା ଅଧିକ କାମୁଡ଼ିଥିବା ଲୋକେ କୁହନ୍ତି। ତେବେ କଳାରଙ୍ଗ ପ୍ରତି କ'ଣ ସତରେ ମଶା ଆକର୍ଷିତ ହୋଇଥାନ୍ତି ବୋଲି ମନରେ ପ୍ରଶ୍ନ ଆସିବା ସ୍ୱାଭାବିକ। କିଛି ରଙ୍ଗ ପ୍ରତି କୀଟପତଙ୍ଗ ଅଧିକ ଆକର୍ଷିତ ହୋଇଥାନ୍ତି। ତନ୍ମଧ୍ୟରେ କଳାରଙ୍ଗ ରହିଛି। ଏହାବାଦ୍ ଗରମକୁ କଳା ରଙ୍ଗ ଅଧିକ ଅବଶୋଷିତ କରିଥାଏ। ସେଥିପାଇଁ କଳାରଙ୍ଗର କୌଣସି ଜିନିଷ ଶୀଘ୍ର ଗରମ ହୋଇଯାଏ। ଏଥିଯୋଗୁ ମଶା ଏଥିପ୍ରତି ଅଧିକ ଆକର୍ଷିତ ହୋଇଥାନ୍ତି। ସବୁଠୁ ବଡ଼ କଥା ହେଉଛି ମାଇ ମଶା ହିଁ ମଣିଷକୁ କାମୁଡ଼ିଥାଏ। ତେବେ ମଶା କାମୁଡ଼ିବା ଯୋଗୁଁ ହେଉଥିବା ରୋଗର ଯଥାଶୀଘ୍ର ଚିକିତ୍ସା କରା ନ ଗଲେ ଏହା ଜଣକ ପାଇଁ ଘାତକ ସାବ୍ୟସ୍ତ ହୋଇପାରେ। ତେବେ ମଶା ଦାଉରୁ ରକ୍ଷା ପାଇବା ପାଇଁ ମଶାରି ଟାଙ୍ଗିବା ଉଚିତ୍। ଯେଉଁଠାରେ ପାଣି ଜମି ରହୁଛି ସେହି ସ୍ଥାନକୁ ସଫା ରଖିବା ଉଚିତ।

## ପାକିସ୍ତାନୀ ଅଭିନେତ୍ରୀଙ୍କ ସହ କାମ କରିବେ ପ୍ରଭାସ

ସାଉଥ୍ ସୁପରଷ୍ଟାର୍ ପ୍ରଭାସ ଏବେ 'କଲ୍କି ୨୮୯୮ ଏଡି'ର ସଫଳତାକୁ ନେଇ ବେଶ୍ ଖୁସି ଅଛନ୍ତି। ନାଗ ଅଶ୍ୱିନ୍‌ଙ୍କ ନିର୍ଦ୍ଦେଶିତ ଏହି ଚଳଚ୍ଚିତ୍ର ବକ୍ସ ଅଫିସ୍‌ରେ ଆୟ ମାମଲାରେ ରେକର୍ଡ ପରେ ରେକର୍ଡ କରି ଚାଲିଛି। ଏହି ଫିଲ୍ମ ପରେ ପ୍ରଭାସ ମାରୁତିଙ୍କ ନିର୍ଦ୍ଦେଶିତ ହରର୍ କମେଡି ଫିଲ୍ମ 'ଦ ରାଜା ସାବ୍'ରେ ଦେଖାଯିବେ। ଏହାପରେ ସେ ହନୁ ରାଘବପୁଡ଼ିଙ୍କ ସହ ଏକ ଚଳଚ୍ଚିତ୍ରରେ ନଜର ଆସିବେ। ଏହା ଏକ ପିରିୟଡିକ୍ ରୋମାଣ୍ଟିକ୍ ଆକ୍ସନ୍ ଡ୍ରାମା ହେବ। ଏଥିରେ ପ୍ରଭାସଙ୍କ ବିପକ୍ଷରେ ପାକିସ୍ତାନୀ ଅଭିନେତ୍ରୀ ସଜଲ ଅଲ୍ଲୀ ଦେଖାଯିବେ ବୋଲି ସାମାଜିକ ଗଣମାଧ୍ୟମରେ ଚର୍ଚ୍ଚା ହେଉଛି। ସଜଲ୍ ପୂର୍ବରୁ ଶ୍ରୀଦେବୀଙ୍କ ସହ 'ମମ୍' ଫିଲ୍ମରେ ଅଭିନୟ କରିଥିଲେ। ଏଥିରେ ସ୍ୱାଧୀନ ଭାରତର ପୂର୍ବୋତ୍ତର କାହାଣୀକୁ ଦେଖାଯିବ। ଫିଲ୍ମର ସୁଟିଂ ଚଳିତବର୍ଷର ଶେଷ ଆଡ଼କୁ ହୋଇପାରେ ବୋଲି କୁହାଯାଉଛି।



## ଖାଦ୍ୟ ନେଲା ଜୀବନ

### ଥରକରେ ଖାଉଥିଲେ ୧୦ କେଜି

ସାଧାରଣତଃ ଫୁଡ୍ ବ୍ଲଗର୍‌ମାନେ ବିଭିନ୍ନ ପ୍ରକାର ଖାଦ୍ୟ ଖାଉଥିବା ଦେଖାଯାଏ। ଏହି ପରିପ୍ରେକ୍ଷୀରେ ଚୀନ୍‌ର ଜଣେ ଯୁବତୀ ଲକ୍ଷ ଲକ୍ଷ ଲୋକଙ୍କ ସାମ୍ନାରେ ଖାଦ୍ୟ ଖାଇ ସବୁଦିନ ପାଇଁ ଆଖି ବୁଜିଛନ୍ତି। ୨୪ ବର୍ଷୀୟା ପ୍ୟାନ୍ ସିଆଓଟିଂ ୟୁଟ୍ୟୁବ୍‌ରେ ଖାଦ୍ୟକୁ ନେଇ ଭିଡିଓ କରନ୍ତି। ସେ ସବୁଦିନ ନିଜ ୟୁଟ୍ୟୁବ୍ ଚ୍ୟାନେଲରେ ଲାଇଭ୍ ଆସି ଖାଇବା ଭିଡିଓ ଦେଖାଇଥାନ୍ତି। ସବୁଥର ପରି ଏଥର ବି ସେ ଖାଦ୍ୟକୁ ନେଇ ଭିଡିଓ କରୁଥିଲେ, କିନ୍ତୁ ଏଥର ଅତ୍ୟଧିକ ଖାଦ୍ୟ ଖାଇବା ଯୋଗୁଁ ତାଙ୍କର ମୃତ୍ୟୁ ହୋଇଛି। ତାହା ପୁଣି ଲାଇଭ୍ ଭିଡିଓ କରିବା ସମୟରେ। କୁହାଯାଉଛି, ସେ ୧୦ ଘଣ୍ଟା ପର୍ଯ୍ୟନ୍ତ ଖାଉଥିଲେ। ଫଳରେ ତାଙ୍କ ସ୍ୱାସ୍ଥ୍ୟ ଅବସ୍ଥା ବିଗିଡ଼ି ଥିଲା ଏବଂ ଘଟଣା ସ୍ଥଳରେ ହିଁ ପ୍ୟାନ୍‌ଙ୍କର ମୃତ୍ୟୁ ହୋଇଛି। ଏହି ଘଟଣାଟି ଏଇ ଜୁଲାଇ ୧୪ରେ ଘଟିଛି। ପ୍ୟାନ୍ ଥିଲେ ଖାଦ୍ୟପ୍ରିୟ ଏବଂ ଅନେକ ସମୟରେ ବିଭିନ୍ନ ପ୍ରକାର ଖାଦ୍ୟ ଚ୍ୟାଲେଞ୍ଜକୁ ସାମ୍ନା କରୁଥିଲେ। ଥରକରେ ସେ ୧୦ କେଜି ଖାଦ୍ୟ ଖାଇ ଦେଉଥିଲେ। ତାଙ୍କର ଏଭଳି କାର୍ଯ୍ୟକୁ ଦେଖି ତାଙ୍କ ବାପା-ମାଆ ସାଙ୍ଗସାଥୀ ଏଭଳି କିଛି ନ କରିବାକୁ ପରାମର୍ଶ ଦେଉଥିଲେ। କିନ୍ତୁ ସେ ଏକାମରୁ ଦୂରେଇ ରହିବା ପରିବର୍ତ୍ତେ ଏହାକୁ ଜାରି ରଖିଥିଲେ।



ସେହିପରି ତାଙ୍କ ଶବବ୍ୟବଚ୍ଛେଦ ରିପୋର୍ଟରୁ ଜଣାପଡ଼ିଛି ଯେ, ଅତ୍ୟଧିକ ଖାଦ୍ୟ ଖାଇ ତାଙ୍କ ପେଟ ଖୁବ୍ ଫୁଲି ଯାଇଥିଲା ଏବଂ ଖାଦ୍ୟ ଠିକ୍ ସେ ହଜମ ହୋଇ ନ ଥିଲା। ଅନ୍ୟପଟେ ସେ ଖାଦ୍ୟକୁ ଚୋବାଇ ଖାଇବା ପରିବର୍ତ୍ତେ ଗିଳି ଦେଇଥିଲେ। ଫଳରେ ଖାଦ୍ୟ ହଜମ ନ ହୋଇପାରି ତାଙ୍କର ମୃତ୍ୟୁ ଘଟିଛି। ତେବେ ଏହି ଘଟଣାକୁ ନେଇ ସାମାଜିକ ଗଣମାଧ୍ୟମରେ ତର୍କ ଆରମ୍ଭ ହୋଇଛି। ବିଶେଷକରି ଫୁଡ୍ ବ୍ଲଗର୍‌ମାନଙ୍କ ଖାଦ୍ୟ ଚ୍ୟାଲେଞ୍ଜକୁ ନେଇ ଏବେ ଲୋକେ ପ୍ରଶ୍ନ ଉଠାଇଛନ୍ତି।

## ବୟସ ଅନୁସାରେ କେତେ ଘଣ୍ଟା ଶୋଇବା ଉଚିତ

**ସୁସ୍ଥ ରହିବା ପାଇଁ ଖାଦ୍ୟ, ପାନୀୟ ସହ ସୁନିଦ୍ରାର ମଧ୍ୟ ଆବଶ୍ୟକତା ରହିଛି। ଆଜିକାଲି ବ୍ୟସ୍ତ ଜୀବନଚର୍ଯ୍ୟା ଯୋଗୁ ବହୁ ଲୋକଙ୍କର ନିଦ୍ରା ପ୍ରଭାବିତ ହେଉଛି। ଦିନର କାର୍ଯ୍ୟଚାପ ଯୋଗୁ ଲୋକେ ଠିକ୍ ଭାବରେ ଶୋଇ ପାରୁନାହାନ୍ତି। ଏହା କେବଳ ଶାରୀରିକ ସ୍ୱାସ୍ଥ୍ୟ ପାଇଁ ନୁହେଁ, ମାନସିକ ସ୍ୱାସ୍ଥ୍ୟ ପାଇଁ ମଧ୍ୟ ଭଲ ହୋଇ ନ ଥାଏ। ତେବେ ଜଣେ ବ୍ୟକ୍ତି କେତେ ସମୟ ଶୋଇବା ଉଚିତ ତାହା ତାଙ୍କ ବୟସ ଉପରେ ନିର୍ଭର କରୁଛି। ତେବେ କେଉଁ ବୟସରେ କେତେ ସମୟ ଶୋଇବା ଆବଶ୍ୟକ, ଆସନ୍ତୁ ଜାଣିବା-**

### ସୁନିଦ୍ରା କାହିଁକି ଜରୁରୀ

ଅନେକ ଜଣ ଅବସାଦକୁ କମ୍ କରିବା ପାଇଁ ରାତି ଅଧଯାଏ ମୋବାଇଲ କିମ୍ବା ଟିଭି ଦେଖିଥାନ୍ତି। ଆଉ କିଛି ଲୋକ ଚିନ୍ତା ଯୋଗୁ ରାତିରେ ଶୀଘ୍ର ଶୁଅନ୍ତି ନାହିଁ। ରାତିରେ ପର୍ଯ୍ୟାପ୍ତ ନ ଶୋଇବା ଯୋଗୁ ଏହାର ସିଧା ପ୍ରଭାବ ସ୍ୱାସ୍ଥ୍ୟ ଉପରେ ପଡ଼ିଥାଏ। ନେସନାଲ ସ୍ଲିପ୍ ଫାଉଣ୍ଡେସନ୍ ଅନୁସାରେ, ସୁସ୍ଥ ରହିବା ପାଇଁ ଅତିକମ୍‌ରେ ୭ ଘଣ୍ଟା ଶୋଇବା ଆବଶ୍ୟକ। ଅବଶ୍ୟ ସବୁ ବୟସ ପାଇଁ ଶୋଇବା ସମୟ ସମାନ ନଥାଏ।

### କେଉଁ ବୟସରେ କେତେ ସମୟ ଶୋଇବା ଆବଶ୍ୟକ

ଏକ ରିପୋର୍ଟ ଅନୁସାରେ, ଜଣେ କେତେ ସମୟ ଶୋଇବ ତାହା ତାଙ୍କ ବୟସ ଅନୁସାରେ ସ୍ଥିର ହୋଇଥାଏ। ସେହି ଅନୁସାରେ ୪-୧୨ ମାସର ଶିଶୁ ଦିନରେ ୧୨ରୁ ୧୬ ଘଣ୍ଟା ଶୋଇବା ଜରୁରି। ସେହିପରି ବର୍ଷେରୁ ଦୁଇବର୍ଷର ଶିଶୁ ୧୧ରୁ ୧୪ ଘଣ୍ଟା ଶୋଇବା ଜରୁରି। ୬ରୁ ୧୨ ବର୍ଷର ଶିଶୁ ୯ରୁ ୧୨ ଘଣ୍ଟା ଓ ୧୩ରୁ ୧୮ ବର୍ଷ ମଧ୍ୟରେ ୮ରୁ ୧୦ ଘଣ୍ଟା ଶୋଇବା ଭଲ ହୋଇଥାଏ। ୧୮ ବର୍ଷ ପରେ ଅତି କମ୍‌ରେ ଜଣେ ସାତ ଘଣ୍ଟା ଶୋଇବା ଆବଶ୍ୟକ। ସେହିପରି ୬୦ ବର୍ଷ ପରେ ଆଠ ଘଣ୍ଟା ଶୋଇବା ସ୍ୱାସ୍ଥ୍ୟ ପାଇଁ ଭଲ ହୋଇଥାଏ।

### ଦେଖାଯାଇପାରେ ସ୍ୱାସ୍ଥ୍ୟ ସମସ୍ୟା

ତେବେ ଅନ୍ୟାନ୍ୟ କାର୍ଯ୍ୟ ଭଳି ପର୍ଯ୍ୟାପ୍ତ ନିଦ ମଧ୍ୟ ଶରୀର ପାଇଁ ବେଶ୍ ଆବଶ୍ୟକ ହୋଇଥାଏ। ଏହାର ଅଭାବରେ ଜଣେ ବିଭିନ୍ନ ରୋଗରେ ଆକ୍ରାନ୍ତ ହେବା ଆଶଙ୍କା ଅଧିକ ଥାଏ। ବିଶେଷ କରି ଜଣେ ମଧୁମେହ, ହୃଦ୍ ରୋଗରେ ପୀଡ଼ିତ ହୋଇଥାନ୍ତି। ମହିଳାମାନେ ସ୍ତନ କର୍କଟରେ ଆକ୍ରାନ୍ତ ହୋଇପାରନ୍ତି। ଏହାଦ୍ୱାରା ଶରୀରର ହରମୋନ୍ ଅସନ୍ତୁଳନ ଦେଖାଯିବା ସହ ହାଡ଼ ଦୁର୍ବଳ ହୋଇଯାଇଥାଏ।



## ନିଶର ଲମ୍ବ ୩୫ ଫୁଟ

ଉତ୍ତର ପ୍ରଦେଶର ୮୫ ବର୍ଷୀୟ ରମେଶ ଚନ୍ଦ୍ର କୁଶବାହଙ୍କ ନିଶ ତାଙ୍କୁ ବେଶ୍ ଚର୍ଚ୍ଚାରେ ରଖିଛି। ଏଇଥିପାଇଁ ଯେ ତାଙ୍କ ନିଶଟି ହେଉଛି ୩୫ ଫୁଟିଆ। ୩୫ ବର୍ଷ ତଳେ ସେ ତାଙ୍କ ନିଶ ବଢ଼ାଇବା ଆରମ୍ଭ କରିଥିଲେ। ବହିରେ ଲମ୍ବା ନିଶ ରଖିଥିବା ଜଣେ ବ୍ୟକ୍ତିଙ୍କୁ ଦେଖି ସେ ତାଙ୍କ ଭଳି ହେବା ପାଇଁ ପ୍ରେରିତ ହୋଇଥିଲେ। ସେବେଠାରୁ ସେ ଆଉ ନିଶ କାଟିଲେ ନାହିଁ। କ୍ଷୀର, ଦହି, ଲହୁଣି ତଥା କ୍ରିମ୍‌କୁ ଲଗାଇ ସେ ନିଶକୁ ଲମ୍ବା ତଥା ମଜଭୁତ୍ କରିବାରେ ଲାଗିଲେ। ଏହାବାଦ୍ ନିଶ ଯେଭଳି ନଷ୍ଟ ନ ହେବ, ସେନେଇ ସେ ଏହାକୁ ଗୁଡ଼ାଇ ଗଳାରେ ହାର ଭଳି ଧାରଣ କଲେ। ସପ୍ତାହରେ ଥରେ ସେ ନିଶକୁ କୁଣ୍ଡାଇଥାନ୍ତି। ଏଥିପାଇଁ ତାଙ୍କୁ ଦୁଇ ଜଣ ଲୋକଙ୍କର ଦରକାର ପଡ଼ିଥାଏ। ଏତେ ବଡ଼ ନିଶ ଯୋଗୁଁ ସେ ଏବେ 'ନିଶ ମଣିଷ' ଭାବେ ପରିଚିତ। ରମେଶଙ୍କର ଏକ କ୍ଷୀର ଦୋକାନ ଅଛି। ତାଙ୍କ ଲମ୍ବା ନିଶକୁ ଦେଖିବା ପାଇଁ ସ୍ଥାନୀୟ ଲୋକଙ୍କ ସହ ବିଦେଶୀଙ୍କ ଭିଡ଼ ଦେଖିବାକୁ ମିଳିଥାଏ। ଏହି ମଉକାରେ ତାଙ୍କ ସହ ଲୋକେ ଫଟୋ ମଧ୍ୟ ଉଠାଇଥାନ୍ତି। ଅବଶ୍ୟ ତାଙ୍କର ଏହି ନିଶ ନକଲି ନା ଅସଲି ତାକୁ ନେଇ ଲୋକମାନେ ଅନେକ ସମୟରେ ପ୍ରଶ୍ନ ପଚାରିଥାନ୍ତି। ତେବେ ଲୋକେ ତାଙ୍କ ନିଶକୁ ଧରିବାକୁ ଚାହିଁଲେ ବି ସେଏଥିପାଇଁ ଅନୁମତି ଦେଇ ନ ଥାନ୍ତି। ଅନ୍ୟପଟେ ନିଶକୁ ଏଭଳି ରଖିବା ପାଇଁ ସେ ତାଙ୍କ ପିଲାମାନଙ୍କୁ ଦୂରେଇ ଦେଇଛନ୍ତି। ଏପରିକି ସେ ନିଜ ଝିଅ କି ନାତିନାତୁଣୀ କାହାକୁ ଦେଖି ନ ଥିବା କହନ୍ତି। ନିଶ ଯୋଗୁଁ ରମେଶ ଏବେ ଏକପ୍ରକାର ଏକାକୀ ଜୀବନ ଅତିବାହିତ କରୁଛନ୍ତି।



## ଆଜିର ରାଶିଫଳ

**ମେଷ:** ଶିକ୍ଷା କ୍ଷେତ୍ରରେ ସଫଳତା ପ୍ରାପ୍ତ ହେବ। ଚାକିରିରେ ପରିବର୍ତ୍ତନ ହେବ। ରାଜନୀତିରେ ସଫଳ ହେବେ। ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେବ। ସନ୍ତାନଙ୍କ ଭବିଷ୍ୟତ ଲାଗି ବାପାମାଆ ଅର୍ଥ ନିବେଶ କରିବେ।

**ବୃଷ:** ବ୍ୟସ୍ତତା ଭିତରେ ଦିନଟି କଟିବ। ବ୍ୟବସାୟ ଆଗକୁ ବଢ଼ାଇବାକୁ ପ୍ରୟାସ କରିବେ। ପରିବାର ସଦସ୍ୟଙ୍କ ସହ ଧାର୍ମିକ ସ୍ଥାନକୁ ଯାତ୍ରା କରିବେ। ସୃଜନାତ୍ମକ କ୍ଷେତ୍ରରେ ସଫଳତା ହାସଲ କରିବେ।

**ମିଥୁନ:** ଚାକିରିରେ ପଦୋନ୍ନତି ସମ୍ଭାବନା ଅଛି। ସ୍ୱାସ୍ଥ୍ୟରେ ସୁଧାର ଆସିବ। ପାରିବାରିକ ଜୀବନ ସୁଖମୟ ହେବ। ବାଦବିବାଦରୁ ଦୂରେଇ ରହିବେ। ଖର୍ଚ୍ଚରେ ନିୟନ୍ତ୍ରଣ ରକ୍ଷା କରିବେ।

**କର୍କଟ:** ଆର୍ଥିକ ସ୍ଥିତିରେ ଉନ୍ନତି ପରିଲକ୍ଷିତ ହେବ। ଉଧାର ଧନ ଫେରିପାଇବେ। ଚାକିରିରେ ନୂଆ ସୁଯୋଗ ଜୁଟିବ। ମାନସିକ ଶାନ୍ତି ପାଇଁ ଧାର୍ମିକ କାର୍ଯ୍ୟରେ ସମୟ ଅତିବାହିତ କରିବେ।

**ସିଂହ:** ନିବେଶରୁ ଲାଭ ପାଇବେ। କାର୍ଯ୍ୟରେ ସଫଳତା ମିଳିବ। ବ୍ୟବହାରରେ ସଂଯମତା ରକ୍ଷା କରିବେ। ତରବରିଆ ଭାବେ କୌଣସି ନିଷ୍ପତ୍ତି ନେବେ ନାହିଁ। ଶିକ୍ଷା କ୍ଷେତ୍ରରେ ସମ୍ମାନ ମିଳିବ।

**କନ୍ୟା:** ନୂଆ ରଣନୀତିରେ କାରବାରକୁ ଆଗକୁ ନେବେ। ଘର ସାଜସଜ୍ଜାରେ ଅଧିକ ଖର୍ଚ୍ଚାନ୍ତ ହେବେ। ଭାଇ, ଭଉଣୀଙ୍କ ସହ ସୁଖଦୁଃଖ ବାଣ୍ଟିବେ। ପଡ଼ୋଶୀଙ୍କ ସହ ମତାନ୍ତର ଦୂର ହେବ।

**ତୁଳା:** ସରକାରୀ କ୍ଷେତ୍ରରେ ଲାଭ ମିଳିବ। ଧାର କରଜ କରିବାରୁ ରକ୍ଷା ପାଇବେ। ଭବିଷ୍ୟତ ପାଇଁ ବଡ଼ ନିଷ୍ପତ୍ତି ନେବେ। ଅଫିସ୍‌ରେ ପଦୋନ୍ନତି ସମ୍ଭାବନା ଅଛି। ଛାତ୍ରଛାତ୍ରୀ ଖେଳକୁଦରେ ସମୟ ଅତିବାହିତ କରିବେ।

**ବିଛା:** ଘରେ ମାଙ୍ଗଳିକ କାର୍ଯ୍ୟ ଆୟୋଜନ କରିବେ। ସମୟ ପୂର୍ବରୁ ସମସ୍ତ କାର୍ଯ୍ୟ ପୂରା କରିବେ। ଇଚ୍ଛା ପୂରଣ ହେବ। ଦାମ୍ପତ୍ୟ ଜୀବନ ଖୁସିରେ ବିତିବ। ବନ୍ଧୁଙ୍କ ସହ ବୁଲିବାକୁ ଯିବେ।

**ଧନୁ:** ଧାର୍ମିକ ସ୍ଥାନକୁ ଯାତ୍ରାଯୋଗ ଅଛି। ବ୍ୟବସାୟ ଜନିତ ସମସ୍ୟା ସମାଧାନ ହେବ। ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ। ଆର୍ଥିକ ଉନ୍ନତିକୁ ନେଇ ପ୍ରସନ୍ନ ରହିବେ। ନୂଆ ଲୋକଙ୍କ ସଂସ୍ପର୍ଶରେ ଆସିବେ।

**ମକର:** ନାଚ, ଗୀତରେ ସଫଳତା ମିଳିବ। ଛାତ୍ରଛାତ୍ରୀ ପଢ଼ା ପ୍ରତି ଆଗ୍ରହ ପ୍ରକାଶ କରିବେ। ବିଦେଶ ଯାତ୍ରା ଯୋଗ ଅଛି। ଭଉଣୀଙ୍କ ସ୍ୱାସ୍ଥ୍ୟରେ ସୁଧାର ଆସିବ। ଦାମ୍ପତ୍ୟ ଜୀବନରେ ସମସ୍ୟା ଦେଖା ଦେବ।

**କୁମ୍ଭ:** ପ୍ରେମିକ ପ୍ରେମିକାଙ୍କ ଲାଗି ଦିନଟି ଭଲ। ଘର ପାଇଁ ନୂଆ ଜିନିଷ କିଣିବେ। ସନ୍ତାନଙ୍କ ସହ ସମୟ ଅତିବାହିତ କରିବେ। ବନ୍ଧୁଙ୍କ ସାହାଯ୍ୟ ଓ ସହଯୋଗ ମିଳିବ। ଛାତ୍ରଛାତ୍ରୀ ପରୀକ୍ଷାରେ କୃତକାର୍ଯ୍ୟ ହେବେ।

**ମୀନ:** ବ୍ୟସ୍ତତା ଭିତରେ ନିଜ ପାଇଁ ସମୟ ବାହାର କରିବେ। ଧାର୍ମିକ କାର୍ଯ୍ୟରେ ନିୟୋଜିତ ହେବେ। ଶିକ୍ଷାରେ ସଫଳତା ମିଳିବ। ପୈତୃକ ସମ୍ପତ୍ତି ବିବାଦର ସମାଧାନ ହେବ। ବ୍ୟବସାୟରେ ପରିବର୍ତ୍ତନ ଆଣିବେ।

### କାଲିଠାରୁ ପ୍ୟାରିସ ଅଲିମ୍ପିକ୍ସ

# ଅଳ୍ପକେ ପଦକ ହରାଇଥିବା ଭାରତୀୟ


ମିଲଖା ସିଂ


ପିଟି ଉଷା


ଲିଆଣ୍ଡର ପେସ ଓ ମହେଶ ଭୂପତି


ଦୀପା କର୍ମାକର


ଅଭିନବ ବିନ୍ଦ୍ରା

**ନୂଆଦିଲ୍ଲୀ,୨୪।୭(ଏଜେନ୍ସି):** ଭାରତର ଅଲିମ୍ପିକ୍ସ ଇତିହାସ ତଥା ପରାମ୍ପରା ସେତେଟା ବଳିଷ୍ଠ ନୁହେଁ। ଭାରତରେ କ୍ରିକେଟ ନେଇ ଲୋକମାନଙ୍କ ମଧ୍ୟରେ ପାଗଳାମୀ ରହିଛି। କିନ୍ତୁ ଅଲିମ୍ପିକ୍ସ ନେଇ ସେତେଟା ଉତ୍ସାହ ଏପର୍ଯ୍ୟନ୍ତ ଦେଖିବାକୁ ମିଳିନାହିଁ। ଏହା ସତ୍ତ୍ୱେ ହାତଗଣତି କେତେଜଣ କ୍ରୀଡ଼ାବିତ୍ ସେମାନଙ୍କ ପ୍ରଦର୍ଶନ ମାଧ୍ୟମରେ ବିଶ୍ୱସ୍ତରରେ ନିଜ ପାଇଁ ଓ ଦେଶ ପାଇଁ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି। ଗତ କେତୋଟି ବର୍ଷରେ ଅବଶ୍ୟ ଭାରତୀୟ କ୍ରୀଡ଼ାରେ ଆଖିଦୃଶିଆ ଉନ୍ନତି ହୋଇଛି ଓ ଅଲିମ୍ପିକ୍ସରେ ଭାରତର ପଦକ ସଂଖ୍ୟାରେ ସାମାନ୍ୟ ଉନ୍ନତି ହୋଇଛି। ଅଲିମ୍ପିକ୍ସ ଇତିହାସରେ ଭାରତ ଆଥଲେଟ୍‌ମାନେ ଏକାଧିକବାର ଦୁର୍ଭାଗ୍ୟଜନକ ସ୍ଥିତିର ସମ୍ମୁଖୀନ ହୋଇଛନ୍ତି। ହାତପାହାନ୍ତରେ ପଦକ ଥିଲେ ମଧ୍ୟ କେତେଜଣ ଭାରତୀୟ ଆଥଲେଟ ଇତିହାସ ସୃଷ୍ଟି କରିବାରୁ ବଞ୍ଚିତ ହୋଇଛନ୍ତି। ଅଳ୍ପକେ ପଦକ ହାତଛଡ଼ା କରିଥିବା ଏହି ଭଳି ୫ ଜଣ ଭାରତୀୟ ଆଥଲେଟଙ୍କୁ ନେଇ ଆଲୋଚନା କରିବା। ଏହିକ୍ରମରେ ଫ୍ଲାଇଙ୍ଗ୍ ଶିଖ ଭାବେ ପରିଚିତ ମିଲଖା ସିଂଙ୍କ ନାମ ପ୍ରଥମେ ଆସିବ।

## ମିଲଖା ସିଂ (୧୯୬୦ ରୋମ)

ମିଲଖା ୧୯୫୮ ରାଜ୍ୟଗୋଷ୍ଠୀ କ୍ରୀଡ଼ା ୪୦୦ ମିଟର ଦୌଡ଼ରେ ସ୍ୱର୍ଣ୍ଣ ପଦକ ହାସଲ କରି ଇତିହାସ ସୃଷ୍ଟି କରିଥିଲେ। ତେଣୁ ସେ ୧୯୬୦ ରୋମ ଅଲିମ୍ପିକ୍ସରେ ପଦକ ଜିତିବେ ବୋଲି ଆଶା କରାଯାଉଥିଲା। କିନ୍ତୁ ଭାଗ୍ୟ ତାଙ୍କୁ ସହାୟ ହୋଇ ନଥିଲା। ୪୦୦ମି ଫାଇନାଲରେ ୬ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ମିଲଖା ଭଲ ଆରମ୍ଭ କରି ସମସ୍ତଙ୍କ ଆଗରେ ରହିଥିଲେ। କିନ୍ତୁ ଆଉ ୨୫୦ମି ବାକିଥିବା ବେଳେ ତାଙ୍କ ବେଗ ବଜାୟ ରହିପାରିବ ନାହିଁ ବୋଲି ଚିନ୍ତା କରି ସେ ତାଙ୍କ ଗତି କମାଇଥିଲେ ଓ ଅନ୍ୟ ପ୍ରତଯୋଗୀମାନଙ୍କୁ ଆଡକୁ ଦେଖିବାକୁ ପ୍ରୟାସ କରିଥିଲେ। ଫଳରେ ଅନ୍ୟ ପ୍ରତିଯୋଗୀମାନେ ତାଙ୍କୁ ପଛରେ ପକାଇଥିଲେ ଓ ସେ ମାତ୍ର ୦.୧ ସେକେଣ୍ଡ ପାଇଁ କାଂସ୍ୟ ପଦକରୁ ବଞ୍ଚିତ ହୋଇଥିଲେ ଏବଂ ଚତୁର୍ଥ ସ୍ଥାନରେ ରହି ଅଭିଯାନ ଶେଷ କରିଥିଲେ। ମିଲଖା ୪୫.୬୦ ସେକେଣ୍ଡ ସମୟ ନେଇଥିଲେ। ତେବେ ଦକ୍ଷିଣ ଆଫ୍ରିକା ମାଲକୋଲମ ସ୍ପେନ୍ସ ୪୫.୫୦ ସେକେଣ୍ଡ ସମୟ ନେଇ କାଂସ୍ୟ ଜିତିଥିଲେ।

## ପିଟି ଉଷା (୧୯୮୪ ଲସ୍ ଏଞ୍ଜେଲ୍ସ)

ଭାରତ ଦୌଡ଼ରାଣୀ ଭାବେ ଜଣାଶୁଣା ଥିବା ପିଟି ଉଷା ମଧ୍ୟ ସମାନ ପ୍ରକାର ସ୍ଥିତିର ସମ୍ମୁଖୀନ ହୋଇଥିଲେ। ୧୯୮୪ ଲସ୍ ଏଞ୍ଜେଲ୍ସ ଅଲିମ୍ପିକ୍ସରେ ୪୦୦ ମିଟର ବାଧା ଦୌଡ଼ରେ ସେ ଅଳ୍ପକେ ପଦକ ହାସଲରୁ ବଞ୍ଚିତ ହୋଇଥିଲେ। ଏସୀୟ ରେକର୍ଡଧାରୀ ଉଷା ୧୯୮୨ ନୂଆଦିଲ୍ଲୀ ଏସିଆନ ଗେମ୍ସରେ ୧୦୦ ଓ ୨୦୦ ମି ଇଭେଣ୍ଟରେ ରୌପ୍ୟ ପଦକ ହାସଲ କରିଥିଲେ। କିନ୍ତୁ ଏହି ଅଲିମ୍ପିକ୍ସର ୪୦୦ମି ବାଧାଦୌଡ଼ରେ ସେ ୦.୦୧ ସେକେଣ୍ଡ ପାଇଁ କାଂସ୍ୟ ପଦକ ହାସଲ କରିପାରି ନଥିଲେ। କୌଣସି ତ୍ରୁଟି କରି ନଥିଲେ ମଧ୍ୟ ତାଙ୍କୁ ଅନ୍ୟ ଖେଳାଳିମାନେ ପଛରେ ପକାଇଥିଲେ। ରୋମାନିଆର କ୍ରିଷ୍ଟିଏନା କୋଜୋକାରୁ କାଂସ୍ୟ ପଦକ ହାସଲ କରି ଉଷାଙ୍କୁ ନିରାଶ କରିଥିଲେ। ଉଷା ୫୫.୪୨ ଓ କୋଜୋକାରୁ ୫୫.୪୧ ସେକେଣ୍ଡ ସମୟ ନେଇଥିଲେ।

## ଲିଆଣ୍ଡର ପେସ ଓ ମହେଶ ଭୂପତି (୨୦୦୪ ଏଥେନ୍ସ)

ଭାରତୀୟ ଟେନିସର ପୂର୍ବତନ ପୁରୁଷ ଯୁଗଳ ଯୋଡି ଲିଆଣ୍ଡର ପେସ୍ ଓ ମହେଶ ଭୂପତି ମଧ୍ୟ ୨୦୦୪ ଏଥେନ୍ସ ଅଲିମ୍ପିକ୍ସ ପଦକ ହାସଲରୁ ବଞ୍ଚିତ ହୋଇଥିଲେ। ପ୍ରଥମ ୩ଟି ମ୍ୟାଚ୍ ଜିତି ୫ମ ସିଡ୍ ମାନ୍ୟତା ପାଇଥିବା ଏହି ଯୋଡି ସେମି ଫାଇନାଲରେ ପ୍ରବେଶ କରିଥିଲେ। କିନ୍ତୁ ସେମିରେ ଏହି ଯୋଡି ଜର୍ମାନୀର ନିକୋଲାସ କେଫେର ଓ ଟେନର ସଟଲରଙ୍କଠାରୁ ୨-୬, ୩-୬ ସେଟ୍‌ରେ ପରାସ୍ତ ହୋଇ ଫାଇନାଲ ଖେଳିବାରୁ ବଞ୍ଚିତ ହୋଇଥିଲେ। ବିଜୟୀ ହୋଇଥିଲେ ଏହି ଯୋଡି ଅତିକମ୍‌ରେ ରୌପ୍ୟ ପଦକ ପକ୍କା କରିଥାନ୍ତେ। ଏହାପରେ କାଂସ୍ୟ ପଦକ ପାଇଁ ଅନୁଷ୍ଠିତ ମ୍ୟାଚ୍‌ରେ ଏହି ଯୋଡି ଜବରଦସ୍ତ ପ୍ରଦର୍ଶନ କରିଥିଲେ ମଧ୍ୟ କ୍ରୋଏସିଆର ମାରିଓ ଆନକିକ୍ ଓ ଇଭାନ ଏଲ୍‌ଜୁବିକିକ୍‌ଙ୍କଠାରୁ ୭-୬, ୪-୬, ୧୬-୧୪ ସେଟ୍‌ରେ ପରାସ୍ତ ହୋଇ ପଦକରୁ ବଞ୍ଚିତ ହୋଇଥିଲେ।

## ଦୀପା କର୍ମାକର (୨୦୧୬ ରିଓ)

ଦୀପା କର୍ମାକର ପ୍ରଥମ ଭାରତୀୟ ମହିଳା ଜିମ୍ନାଷ୍ଟ ଭାବେ ଅଲିମ୍ପିକ୍ସ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଥିଲେ। ଜବରଦସ୍ତ ପ୍ରଦର୍ଶନ କରିଥିଲେ ମଧ୍ୟ ତ୍ରିପୁରାର ଏହି ଖେଳାଳି ୨୦୧୬ ରିଓ ଅଲିମ୍ପିକ୍ସରେ ଅଳ୍ପକେ କାଂସ୍ୟ ପଦକରୁ ବଞ୍ଚିତ ହୋଇଥିଲେ। ୧୪.୮୩୩୩ ସ୍କୋର କରି ସେ ଫାଇନାଲରେ ପ୍ରବେଶ କରିଥିଲେ। ତେବେ ମାତ୍ର ୦.୧୫ ପଏଣ୍ଟ ପାଇଁ ସେ କାଂସ୍ୟ ପଦକ ଜିତିପାରି ନଥିଲେ ଓ ଚତୁର୍ଥ ସ୍ଥାନରେ ରହିଥିଲେ। ପରାଜୟ ସତ୍ତ୍ୱେ ସେତେବେଳେ ସେ ସବୁ ମହଲରୁ ପ୍ରଶଂସା ସାଉଁଟି ଥିଲେ।

## ଅଭିନବ ବିନ୍ଦ୍ରା (୨୦୧୬ ରିଓ)

୨୦୦୮ ବେଜିଂ ଅଲିମ୍ପିକ୍ସରେ ୧୦ ମିଟର ଏୟାର ରାଇଫଲ ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ଜିତି ଇତିହାସ ସୃଷ୍ଟି କରିଥିଲେ ମଧ୍ୟ ଭାରତୀୟ କିମ୍ବଦନ୍ତୀ ସୁଟର ଅଭିନବ ବିନ୍ଦ୍ରା ୨୦୧୬ରେ ବ୍ରାଜିଲର ରିଓ ଡି ଜାନେଇରୋରେ ଅନୁଷ୍ଠିତ ଅଲିମ୍ପିକ୍ସରେ ଅଳ୍ପକେ ପଦକ ହାସଲରୁ ବଞ୍ଚିତ ହୋଇଥିଲେ। ସେ ବେଜିଂରେ ପ୍ରଥମ ଭାରତୀୟ ଆଥଲେଟ ଭାବେ ବ୍ୟକ୍ତିଗତ ସ୍ୱର୍ଣ୍ଣ ଜିତି ଐତିହାସିକ ସଫଳତା ଅର୍ଜନ କରିଥିଲେ। ରିଓରେ ସେ କ୍ୱାଲିଫାଇଂ ରାଉଣ୍ଡରେ ସପ୍ତମ ସ୍ଥାନରେ ରହି ଫାଇନାଲ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଥିଲେ। ତେବେ ଫାଇନାଲରେ ୧୬୩. ୮ ପଏଣ୍ଟ ସହ ଚତୁର୍ଥ ସ୍ଥାନରେ ରହି ଅଭିଯାନ ଶେଷ କରିଥିଲେ। ସେ ମାତ୍ର ଗୋଟିଏ ପଏଣ୍ଟର ୧୦ ଭାଗରୁ ଭାଗେ ପାଇଁ ପଦକ ଜିତିପାରି ନଥିଲେ। ପରାଜୟ ସତ୍ତ୍ୱେରିଓରେ ନିଜ ପ୍ରଦର୍ଶନକୁ ସେ ବେଶ ସନ୍ତୋଷ ପ୍ରକଟ କରିଥିଲେ।

### ଚର୍ଚ୍ଚିତ କ୍ରୀଡ଼ା ଦମ୍ପତି

# ସ୍ୱାମୀ କ୍ରିକେଟର୍; ସ୍ତ୍ରୀ ୨ଥର ଅଲିମ୍ପିକ ସ୍ୱର୍ଣ୍ଣ ବିଜୟିନୀ


ପତ୍ନୀ ମାଡିସନଙ୍କ ସହ ମାଥ୍ୟୁ ସର୍ଟ

**ପ୍ୟାରିସ, ୨୪।୭ (ଏଜେନ୍ସି):** ବିଶ୍ୱ କ୍ରୀଡ଼ାର ମହାକୁମ୍ଭ ଅଲିମ୍ପିକ୍ସର ୩୩ତମ ସଂସ୍କରଣ ଆଉ ଗୋଟିଏ ଦିନ ପରେ ଫ୍ରାନ୍ସର ରାଜଧାନୀ ପ୍ୟାରିସରେ ଆରମ୍ଭ ହେବାକୁ ଯାଉଛି। ବିଶ୍ୱର ୨୦୬ ରାଷ୍ଟ୍ରର ପାଖାପାଖି ୧୧ ହଜାର କ୍ରୀଡ଼ାବିତ୍ ଏଥର ଅଲିମ୍ପିକ୍ସରେ ଅଂଶଗ୍ରହଣ କରିବେ। ଏହି ମେଗା ଇଭେଣ୍ଟ ଆରମ୍ଭ ହେବାପୂର୍ବରୁ ଏମିତି ଜଣେ ଚର୍ଚ୍ଚିତ କ୍ରୀଡ଼ା ଦମ୍ପତିଙ୍କ ଉପରେ ନଜର ପକାଇବା। ସ୍ୱାମୀ ଜଣେ ସଫଳ କ୍ରିକେଟର୍ ହୋଇଥିବାବେଳେ ସ୍ତ୍ରୀ ଜିତିଛନ୍ତି ଅଲିମ୍ପିକ୍ସରେ ଦୁଇ ଦୁଇଟି ସ୍ୱର୍ଣ୍ଣ ପଦକ। ଏହି ଚର୍ଚ୍ଚିତ କ୍ରୀଡ଼ା ଦମ୍ପତି ହେଲେ ଅଷ୍ଟ୍ରେଲିଆ କ୍ରିକେଟର୍ ମାଥ୍ୟୁ ସର୍ଟ ଓ ତାଙ୍କ ପତ୍ନୀ ତଥା ତାରକା ସନ୍ତରଣକାରୀ ମାଡିସନ ୱିଲସନ।

୩୦ ବର୍ଷୀୟା ମାଡିସନ ଅଷ୍ଟ୍ରେଲିଆର ଜଣେ ସଫଳ ସନ୍ତରଣକାରୀ। ସେ ବ୍ୟାକ୍‌ଷ୍ଟ୍ରୋକ ଓ ଫ୍ରିଷ୍ଟାଇଲ୍ ଇଭେଣ୍ଟରେ ଅଂଶଗ୍ରହଣ କରିଥାନ୍ତି। ୨୦୧୬ ରିଓ ଅଲିମ୍ପିକ୍ସରେ ସେ ଗୋଟିଏ ସ୍ୱର୍ଣ୍ଣ ଓ ରୌପ୍ୟ ପଦକ ଜିତିଥିଲେ। ଏହାପରେ ୨୦୨୦ ଟୋକିଓ ଅଲିମ୍ପିକ୍ସରେ ୪ ଗୁଣା ୪୦୦ ମିଟର ଫ୍ରିଷ୍ଟାଇଲରେ ସ୍ୱର୍ଣ୍ଣ ବିଜୟୀ ଅଷ୍ଟ୍ରେଲିଆ ମହିଳା ସନ୍ତରଣ ଦଳର ସେ ପ୍ରମୁଖ ସଦସ୍ୟ ରହିଥିଲେ। ଏଥର କିନ୍ତୁ ପ୍ୟାରିସରେ ମାଡିସନଙ୍କୁ ଦେଖିବାକୁ ମିଳିବ ନାହିଁ। ମାତୃତ୍ୱ ଲାଭ କରିବାକୁ ଯାଉଥିବାରୁ ମାଡିସନ ପ୍ୟାରିସ ଅଲିମ୍ପିକ୍ସରୁ ଓହରିଯାଇଛନ୍ତି। ଅପରପକ୍ଷରେ ତାଙ୍କ ସ୍ୱାମୀ ତଥା ୨୮ ବର୍ଷୀୟ ଅଲ୍‌ରାଉଣ୍ଡର ମାଥ୍ୟୁ ସର୍ଟ ଅଷ୍ଟ୍ରେଲିଆ ପାଇଁ ୪ଟି ଏକଦିବସୀୟ ଓ ୯ଟି ଟି-୨୦ ମ୍ୟାଚ୍ ଖେଳିସାରିଛନ୍ତି। ଆଇପିଏଲ୍‌ରେ ସଟ୍ ପଞ୍ଜାବ କିଙ୍ଗସ ପକ୍ଷରୁ ପ୍ରତିନିଧିତ୍ୱ କରୁଛନ୍ତି। ଗତବର୍ଷ ଅଷ୍ଟ୍ରେଲିଆ କ୍ରିକେଟ୍ ଦଳ ଭାରତ ଗସ୍ତରେ ଆସିଥିବାବେଳେ ସଟ୍ ଏକଦିବସୀୟ ଫର୍ମାଟ୍‌ରେ ପଦାର୍ପଣ କରିଥିଲେ।

# କୋକୋ ଗଫ୍ ଆମେରିକାର ସର୍ବକନିଷ୍ଠ ପତାକା ବାହିକା

**ପ୍ୟାରିସ,୨୪।୭(ଏଜେନ୍ସି):** ଶୁକ୍ରବାରଠାରୁ ପ୍ୟାରିସରେ ଅଲିମ୍ପିକ୍ସର ୩୩ତମ ସଂସ୍କରଣ ଆରମ୍ଭ ହେବାକୁ ଯାଉଛି। ତାରକା ମହିଳା ଟେନିସ ତାରକା କୋକୋ ଗଫ୍ ଆମେରିକାର ମହିଳା ପତାକା ବାହକ ଭାବେ ଉଦ୍‌ଘାଟନୀ ଉତ୍ସବରେ ଦାୟିତ୍ୱ ନିର୍ବାହ କରିବେ। ୨୦ ବର୍ଷୀୟା ଗଫ୍‌ଙ୍କ ସହ ୪ଥର ଏନ୍‌ବିଏ ଚାମ୍ପିଅନ ରହିଥିବା ଲେବ୍ରନ ଜେମ୍ସ ମଧ୍ୟ ପୁରୁଷ ଆଥଲେଟ ଭାବେ ପତାକା ବହନ କରିବେ। ୟୁଏସ୍ ଓପନ ଟାଇଟଲ ହାସଲ କରିଥିବା ଗଫ୍ ଆମେରିକାର ସର୍ବ କନିଷ୍ଠ ତଥା ପ୍ରଥମ ଟେନିସ ଖେଳାଳି ଭାବେ ଅଲିମ୍ପିକ୍ସ ଉଦ୍‌ଘାଟନୀ ଉତ୍ସବରେ ପତାକା ବହନ କରି ଇତିହାସ ସୃଷ୍ଟି କରିବେ। କୋଭିଡ୍ ଟେଷ୍ଟରରେ ପଜିଟିଭ ରିପୋର୍ଟ କାରଣରୁ ସେ ଗତ ଟୋକିଓ ଅଲିମ୍ପିକ୍ସରେ ଅଂଶଗ୍ରହଣ କରିପାରି ନଥିଲେ। ପତାକା ବହନ କରିବାର ସୁଯୋଗ ମିଳିଥିବାରୁ ଗୌରବାନ୍ୱିତ ମନେ କରୁଛି ବୋଲି ଗଫ୍ କହିଛନ୍ତି। ୨୦୨୩ରେ ଗଫ୍ ୟୁଏସ୍ ଓପନ୍ ଟାଇଟଲ ହାସଲ କରିଥିଲେ। କ୍ୟାରିୟରରେ ସେ ଏପର୍ଯ୍ୟନ୍ତ ୯ଟି ଟାଇଟଲ ହାସଲ କରିଛନ୍ତି।





### ତୀରନ୍ଦାଜୀ ଯୋଗ୍ୟତା ପର୍ଯ୍ୟାୟ ରାଉଣ୍ଡ ଆଜି

# ଏବେ ନୁହେଁ ତ କେବେ ନୁହେଁ: ତରୁଣଦୀପ

**ପ୍ୟାରିସ,୨୪।୭(ଏଜେନ୍ସି):** ଅଲିମ୍ପିକ୍ସ ଉଦ୍‌ଘାଟନୀ ଉତ୍ସବ ଶୁକ୍ରବାର ଆୟୋଜନ ହେବ। ତେବେ ଏହା ଗୋଟିଏ ଦିନ ପୂର୍ବରୁ ତୀରନ୍ଦାଜୀ ଇଭେଣ୍ଟର ଯୋଗ୍ୟତା ପର୍ଯ୍ୟାୟ ରାଉଣ୍ଡ ଗୁରୁବାରଠାରୁ ଆରମ୍ଭ ହେବ। ୪୦ ବର୍ଷୀୟ ପୁରୁଷ ତୀରନ୍ଦାଜ ତରୁଣଦୀପ ରାୟ ପ୍ରଥମ ଅଲିମ୍ପିକ୍ସ ପଦକ ଜିତିବା ଲକ୍ଷ୍ୟରେ ରହିଛନ୍ତି। ସେ କ୍ରମାଗତ ଚତୁର୍ଥ ଅଲିମ୍ପିକ୍ସରେ ଅଂଶଗ୍ରହଣ କରିବେ। ଏବେ ଯଦି ନ ଜିତିବା ଆଉ କେବେ ଜିତିବା ନାହିଁ ବୋଲି ସେ କହିଛନ୍ତି। ସେ ଭାରତୀୟ ତୀରନ୍ଦାଜୀ ଦଳର ସଦସ୍ୟ ରହିଥିଲେ ମଧ୍ୟ ମେଣ୍ଟର ଭାବେ ପ୍ୟାରିସ ଗସ୍ତ କରିଛନ୍ତି। କେବଳ ଅଲିମ୍ପିକ୍ସକୁ ବାଦ୍ ଦେଲେ ସେ ସବୁ ମହାଦେଶୀୟ ଓ ଅନ୍ତର୍ଜାତୀୟସ୍ତରର ପ୍ରତିଯୋଗିତାରେ ପଦକ ଜିତିଛନ୍ତି। ସେ ବିଶ୍ୱ ଚାମ୍ପିଅନସିପ୍‌ରେ ୩ଟି ସ୍ୱର୍ଣ୍ଣ, ୨ଟି ରୌପ୍ୟ ଓ ଗୋଟିଏ କାଂସ୍ୟ ପଦକ ଜିତିଛନ୍ତି। ସେହିପରି ସେ ଏସିଆନ ଚାମ୍ପିଅନ୍‌ସିପ୍‌ରେ ୨ଟି ରୌପ୍ୟ ଓ ଗୋଟିଏ କାଂସ୍ୟ ପଦକ ହାସଲ କରିଛନ୍ତି।

## ତୀରନ୍ଦାଜୀରେ ୩୬ ବର୍ଷର ପ୍ରତୀକ୍ଷା

୨୦୨୦ ଟୋକିଓ ଅଲିମ୍ପିକ୍ସରେ ସେ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଥିଲେ ମଧ୍ୟ ସେମିକୁ ଉଠି ନପାରି ପଦକ ହାସଲରୁ ବଞ୍ଚିତ ହୋଇଥିଲେ। ସିକ୍କିମର ଏହି ଅଭିଜ୍ଞ ତୀରନ୍ଦାଜ ୨୦୦୪ ଏଥେନ୍ସ, ୨୦୧୨ ଲଣ୍ଡନରେ ମଧ୍ୟ ଭାଗ ଦେଇଥିଲେ ଓ ଏଥର ଚତୁର୍ଥ ଅଲିମ୍ପିକ୍ସରେ ଅଂଶଗ୍ରହଣ କରିବେ। ସେ ସିକ୍କିମରେ ଏକ ତୀରନ୍ଦାଜୀ ଏକାଡେମୀ ଚଳାଉଛନ୍ତି। ୧୯୮୮ରେ ଭାରତ ତୀରନ୍ଦାଜୀରେ ପଦାର୍ପଣ କରିଥିଲା। ଏହାପରଠାରୁ ଭାରତ ନିୟମିତ ଭାବେ ଅଲିମ୍ପିକ୍ସ ତୀରନ୍ଦାଜୀରେ ଅଂଶଗ୍ରହଣ କରିଆସୁଥିଲେ ମଧ୍ୟ ପଦକ ହାସଲ କରିପାରିନାହିଁ। ଏଥର କିନ୍ତୁ ଦୀର୍ଘ ୩୬ ବର୍ଷ ପରେ ଭାରତ ପଦକ ଜିତିବ ବୋଲି ଆଶା କରାଯାଉଛି।

### କିଜ୍‌ବୁହେଲ ଓପନ୍

# କ୍ୱାର୍ଟରରେ ହାରିଲେ ନାଗଲ

**ନୂଆଦିଲ୍ଲୀ,୨୪।୭(ଏଜେନ୍ସି):** ୟୁରୋପୀୟ ଦେଶ ଅଷ୍ଟ୍ରିଆର କିଜବୁହେଲରେ ଚାଲିଥିବା ଏଟିପି ୨୫୦ କିଜ୍‌ବୁହେଲ ଓପନ୍ ଟେନିସ ଟୁର୍ଣ୍ଣାମେଣ୍ଟରୁ ଭାରତର ଶ୍ରେଷ୍ଠ ଏକକ ତାରକା ସୁମିତ ନାଗଲ ବିଦାୟ ନେଇଛନ୍ତି। ୨୬ ବର୍ଷୀୟ ନାଗଲ ବୁଧବାର ଅନୁଷ୍ଠିତ କ୍ୱାର୍ଟର ଫାଇନାଲ ମୁକାବିଲାରେ ସଂଘର୍ଷ କରିଥିଲେ ମଧ୍ୟ ୫-୭, ୫-୭ ସେଟ୍‌ରେ ଚତୁର୍ଥ ସିଡ୍ ଖେଳାଳି ସ୍ପେନର ପେଡ୍ରୋ ମାର୍ଟିନେଜଙ୍କଠାରୁ ପରାସ୍ତ ହୋଇ ବିଦାୟ ନେଇଛନ୍ତି। ଫଳରେ ପ୍ୟାରିସ ଅଲିମ୍ପିକ୍ସରେ ତାଙ୍କ ପ୍ରସ୍ତୁତି ଓ ଅଭ୍ୟାସକୁ ଝଟ୍‌କା ଲାଗିଛି। ଏଟିପି ମାନ୍ୟତାରେ ନାଗଲ ଏବେ ୮୦ତମ ସ୍ଥାନରେ ରହିଥିବା ବେଳେ ମାର୍ଟିନେଜ ୪୫ତମ ସ୍ଥାନରେ ରହିଛନ୍ତି। ଏହା ପୂର୍ବରୁ ରାଉଣ୍ଡ ଅଫ୍ ୩୨ ମୁକାବିଲାରେ ନାଗଲ ସ୍ଲୋଭାକିଆର ଲୁକାସ କ୍ଲେଇନ୍‌ଙ୍କୁ ୬-୪, ୧-୬, ୭-୬ ସେଟ୍‌ରେ ହରାଇ କ୍ୱାର୍ଟରକୁ ଉଠିଥିଲେ। ପ୍ୟାରିସ ଅଲିମ୍ପିକ୍ସରେ ନାଗଲ ଏକକ ପ୍ରତିଯୋଗିତାରେ ଭାଗ ନେବେ।

### ● ଆନ୍ତଃ ଜିଲ୍ଲା ମହିଳା ଏକଦିବସୀୟ କ୍ରିକେଟ

# ପୁରୀକୁ ହରାଇଲା କଟକ

**କଟକ,୨୪।୭(ସମିସ):** ଓସିଏ ଆନୁକୂଲ୍ୟରେ ଆୟୋଜିତ ଆନ୍ତଃ ଜିଲ୍ଲା ମହିଳା ଏକଦିବସୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ବୁଧବାର ଗୋଟିଏ ମ୍ୟାଚ୍ ଖେଳାଯାଇଥିଲା। ଏଥିରେ କଟକ ୫୦ ରନରେ ପୁରୀକୁ ପରାସ୍ତ କରିଥିଲା। ବର୍ଷା ଯୋଗୁଁ ଅବଶିଷ୍ଟ ମ୍ୟାଚ୍ ବାତିଲ ହୋଇଛି। ରେଭେନ୍ସା ଗ୍ରାଉଣ୍ଡ-୧ରେ ପୁରୀ ଏବଂ କଟକ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍ ବାଧାପ୍ରାପ୍ତ ହେବା ସହ ୭ ଓଭର ବିଶିଷ୍ଟ ଖେଳାଯାଇଥିଲା। ପ୍ରଥମେ ବ୍ୟାଟିଂ କରିଥିବା କଟକ ୨ ୱିକେଟ ହରାଇ ୬୨ ରନ ସଂଗ୍ରହ କରିଥିଲା। ତନ୍ମୟୀ ବେହେରା ଅପରାଜିତ ୨୯ ରନ କରିଥିଲେ। ପୁରୀର ଚିରଶ୍ରୀ ରାଉତଙ୍କୁ ଗୋଟିଏ ୱିକେଟ ମିଳିଥିଲା। ଜବାବରେ ପୁରୀ ୭ ଓଭରରେ ୪ ୱିକେଟ ହରାଇ ମାତ୍ର ୧୨ ରନ ସଂଗ୍ରହ କରିଥିଲା। କଟକର ଅମିଶା ସ୍ୱାଇଁ, ରିୟଙ୍କା ବିଶ୍ୱାସ ଏବଂ ଶୀତଲ ରାଉତ ଗୋଟିଏ ଲେଖାଏ ୱିକେଟ ଅକ୍ତିଆର କରିଥିଲେ।


ତନ୍ମୟୀ ବେହେରା

### ପୂର୍ବାଞ୍ଚଳ ଉପକନିଷ୍ଠ ହକି ଆରମ୍ଭ

# ଓଡ଼ିଶା ବାଳକ ୧୩-୦; ବାଳିକା ୧୫-୦ ଗୋଲରେ ବିଜୟୀ

**ଭୁବନେଶ୍ୱର, ୨୪।୭ (ସମିସ):** ଆସାମର ଗୌହାଟୀଠାରେ ବୁଧବାରଠାରୁ ଆରମ୍ଭ ହୋଇଥିବା ପୂର୍ବାଞ୍ଚଳ ଉପକନିଷ୍ଠ ହକିରେ ଓଡ଼ିଶା ଡବଲ୍ ବିଜୟ ହାସଲ କରିଛି। ଉଦ୍‌ଘାଟନୀ ଦିବସରେ ଓଡ଼ିଶାର ଉଭୟ ବାଳକ ଓ ବାଳିକା ଦଳ ଏକପାଖିଆ ବିଜୟୀ ହୋଇଛନ୍ତି। ଓଡ଼ିଶା ବାଳକ ଦଳ ୧୩-୦ ଗୋଲରେ ବେଙ୍ଗଲକୁ ଏବଂ ବାଳିକା ଦଳ ୧୫-୦ ଗୋଲରେ ବେଙ୍ଗଲକୁ ପରାସ୍ତ କରି ଅଭିଯାନ ଆରମ୍ଭ କରିଛନ୍ତି।

ଗୌହାଟୀର ମୌଲାନା ମହମ୍ମଦ ତୟାବୁଲ୍ଲା ହକି ଷ୍ଟାଡିୟମରେ ବୁଧବାର ସକାଳେ ଖେଳାଯାଇଥିବା ବାଳିକା ବିଭାଗ ମ୍ୟାଚରେ ଓଡ଼ିଶା ଓ ବେଙ୍ଗଲ ସାମ୍ନାସାମ୍ନି ହୋଇଥିଲେ। ଏଥିରେ ପ୍ରିୟଙ୍କା ମିଞ୍ଜ ଓ ସୋନିମା ଗୌଡ଼ଙ୍କ ହ୍ୟାଟ୍ରିକ ଗୋଲ୍ ବଳରେ ଓଡ଼ିଶା ୧୫-୦ ଗୋଲରେ ବଡ଼ ବିଜୟ ଲାଭ କରିଥିଲା। ପ୍ରିୟଙ୍କା ୪ଟି ଓ ସୋନିମା ୩ଟିଙ୍କ ଗୋଲ୍ ବ୍ୟତୀତ ଆଶିକା ସାଦମ, ସଞ୍ଜନା କିରୋ ୨ଟି ଲେଖାଏ ଏବଂ ଏଲିନା ବୁରା ଓ ସ୍ୱିଟି କୁଜୁରଙ୍କ ଷ୍ଟିକରୁ ଗୋଟିଏ ଲେଖାଏ ଗୋଲ୍ ବାହାରିଥିଲା। ବାଳିକା ବିଭାଗରେ ଅନ୍ୟ ଏକ ମୁକାବିଲାରେ ଝାଡ଼ଖଣ୍ଡ ୧୮-୦ ଗୋଲରେ ଆସାମକୁ ହରାଇଥିଲା।

ଅପରପକ୍ଷରେ ବାଳକ ବିଭାଗରେ ଓଡ଼ିଶାର ମ୍ୟାଚ୍ ସମାନ ବେଙ୍ଗଲ ଦଳ ସହ ଥିଲା। ଏଥିରେ ଓଡ଼ିଶା ୧୩-୦ ଗୋଲରେ ବଡ଼ ବିଜୟ ଲାଭ କରିଥିଲା। ବିଜୟୀ ଦଳର ମନଦୀପ୍ କେରକେଟ୍ଟା ହ୍ୟାଟ୍ରିକ ସହ ସର୍ବାଧିକ ୫ଟି ଗୋଲ୍ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସଲମନ ଲାକ୍ରା, ସୁବୋଧ ଲାକ୍ରା ୨ଟି ଲେଖାଏ ଏବଂ ଅର୍ମାନ ସୋରେଙ୍ଗ, ରଞ୍ଜିତ କେରକେଟ୍ଟା, ସଞ୍ଜିତ ରାଜ ଲାକ୍ରା ଓ ଲେସଲାନ ମିଞ୍ଜ ଗୋଟିଏ ଲେଖାଏ ଗୋଲ୍ ଦେଇଥିଲେ। ବାଳକ ବିଭାଗରେ ଅନ୍ୟ ଦୁଇଟି ମ୍ୟାଚରେ ମଣିପୁର ୭-୧ ଗୋଲରେ ବିହାରକୁ ଓ ଝାଡ଼ଖଣ୍ଡ ୧୯-୦ ଗୋଲରେ ଆସାମକୁ ପରାସ୍ତ କରିଥିଲା।



ଓଡ଼ିଶା ବାଳିକା ଦଳ



ମନଦୀପ୍ କେରକେଟ୍ଟା








ସକାଳ
THE SAKALA
www.sakalaepaper.com


## ମହିଳା ଏସିଆ କପ୍

# ସେମିରେ ବାଂଲାଦେଶକୁ ଭେଟିବ ଭାରତ



**ଦାମ୍ବୁଲା, ୨୪।୭ (ଏଜେନ୍ସି):** ଶ୍ରୀଲଙ୍କାରେ ଚାଲିଥିବା ମହିଳା ଏସିଆ କପ୍ ଟି-୨୦ କ୍ରିକେଟ୍ ପ୍ରତିଯୋଗିତାର ସେମିଫାଇନାଲ ଲାଇନଅପ୍ ସ୍ପଷ୍ଟ ହୋଇଯାଇଛି। ହରମନପ୍ରୀତ୍ କୌରଙ୍କ ନେତୃତ୍ୱାଧୀନ ଭାରତୀୟ ମହିଳା କ୍ରିକେଟ୍ ଦଳ ପ୍ରଥମ ସେମିଫାଇନାଲରେ ବାଂଲାଦେଶକୁ ଭେଟିବ। ସେହିଭଳି ଦ୍ୱିତୀୟ ସେମିଫାଇନାଲରେ ପାକିସ୍ତାନର ମୁକାବିଲା ଆୟୋଜକ ଶ୍ରୀଲଙ୍କା ସହ ହେବ। ଶୁକ୍ରବାର ଉଭୟ ସେମିଫାଇନାଲ ଖେଳାଯିବ। ଅପରାହ୍ଣ ୨ଟାରେ ପ୍ରଥମ ସେମିଫାଇନାଲ ଓ ରାତି ୭ଟାରେ ୨ୟ ସେମିଫାଇନାଲ ଦାମ୍ବୁଲା ଅନ୍ତର୍ଜାତୀୟ କ୍ରିକେଟ୍ ଷ୍ଟାଡିୟମରେ ଅନୁଷ୍ଠିତ ହେବ।

ଗ୍ରୁପ୍-ଏ'ରେ ସ୍ଥାନ ପାଇଥିବା ଭାରତ ଏହି ପର୍ଯ୍ୟାୟରେ ଯଥାକ୍ରମେ ପାକିସ୍ତାନକୁ ୭ ୱିକେଟ୍‌ରେ, ୟୁଏଇକୁ ୭୮ ରନରେ ଓ ନେପାଳକୁ ୮୨ ରନରେ ପରାସ୍ତ କରି ହ୍ୟାଟ୍ରିକ ବିଜୟ ଲାଭ କରିଥିଲା। ଦଳ ୬ ପଏଣ୍ଟ ସହ ଗ୍ରୁପ୍-ଏ ଟପ୍ପର ରହି ସେମିଫାଇନାଲରେ ପହଞ୍ଚିଥିଲା। ଭାରତ ପଛକୁ ପାକିସ୍ତାନ ଏହି ଗ୍ରୁପ୍‌ରେ ୨ଟି ମ୍ୟାଚ୍ ଜିତି ଦ୍ୱିତୀୟ ଦଳ ଭାବେ ସେମିଫାଇନାଲକୁ ଯୋଗ୍ୟତା ଅର୍ଜନ କରିଛି। ଅପରପକ୍ଷରେ ଗ୍ରୁପ୍-ବି'ରେ ଆୟୋଜକ ଶ୍ରୀଲଙ୍କା ୩ଟି ଯାକ ମ୍ୟାଚ୍ ଜିତି ଅପରାଜେୟ ସହ ସେମିଫାଇନାଲ ଟିକଟ୍ ହାସଲ କରିଛି। ଗ୍ରୁପ୍-ବି'ରୁ ୨ୟ ଦଳ ଭାବେ ବାଂଲାଦେଶ ୨ଟି ମ୍ୟାଚ୍ ଜିତି ୪ ପଏଣ୍ଟ ପାଇ ସେମିଫାଇନାଲରେ ପ୍ରବେଶ କରିଛି। ନିୟମ ଅନୁଯାୟୀ ଗ୍ରୁପ୍-ଏ'ର ଶ୍ରୀର୍ଷ ମାନ୍ୟତା ଦଳ ସହ ଗ୍ରୁପ୍-ବି'ର ଦ୍ୱିତୀୟ ସ୍ଥାନରେ ରହିଥିବା ଦଳ ପ୍ରଥମ ସେମିଫାଇନାଲରେ ପରସ୍ପରକୁ ଭେଟିବେ। ଏହିକ୍ରମେ ଭାରତ ଓ ବାଂଲାଦେଶ ମଧ୍ୟରେ ପ୍ରଥମ ସେମିଫାଇନାଲ ଖେଳାଯିବ। ସେହିଭଳି ଗ୍ରୁପ୍-ବି' ଟପ୍ପର ଶ୍ରୀଲଙ୍କା ଓ ଗ୍ରୁପ୍-ଏ ୨ୟ ସ୍ଥାନିତ ଦଳ ପାକିସ୍ତାନ ୨ୟ ସେମିଫାଇନାଲରେ ସାମ୍ନାସାମ୍ନି ହେବେ।



ବାଂଲାଦେଶର ମୁର୍ଶିଦା ଖାତୁନ

### ବାଂଲାଦେଶର ବଡ଼ ବିଜୟ

ଏସିଆ କପ୍‌ରେ ବୁଧବାର ଖେଳାଯାଇଥିବା ଗ୍ରୁପ୍-ବି'ର ଏକ ଗୁରୁତ୍ୱପୂର୍ଣ୍ଣ ମ୍ୟାଚରେ ବାଂଲାଦେଶ ମହିଳା କ୍ରିକେଟ୍ ଦଳ ୧୧୪ ରନର ବଡ଼ ବ୍ୟବଧାନରେ ମାଲେସିଆକୁ ପରାସ୍ତ କରି ସେମିଫାଇନାଲ ଯୋଗ୍ୟତା ଅର୍ଜନ କରିଛି। ମ୍ୟାଚରେ ଟସ୍ ଜିତି ବ୍ୟାଟିଂ କରିଥିବା ବାଂଲାଦେଶ ମୁର୍ଶିଦା ଖାତୁନଙ୍କ ୮୦ ଓ ଅଧିନାୟିକା ନିଗାର ସୁଲତାନ ଅପରାଜିତ ୬୨ ରନ ବଳରେ ୨୦ ଓଭରରେ ୨ ୱିକେଟ୍ ହରାଇ ୧୯୧ ରନ ସଂଗ୍ରହ କରିଥିଲା। ୱିକେଟ୍‌ରକ୍ଷକ ଦିଲାରା ଅକତର ୩୩ ରନ କରି ଆଉଟ୍ ହୋଇଥିଲେ। ଜବାବରେ ମାଲେସିଆ ପ୍ରତିପକ୍ଷ ଦଳର ମାପଚୁପ ବୋଲିଂକୁ ସାମ୍ନା କରି ନପାରି ୮ ୱିକେଟ୍‌ରେ ୭୭ ରନରେ ସୀମିତ ରହିଥିଲା। ଏଲସା ହଣ୍ଟର ସର୍ବାଧିକ ୨୦ ରନ କରିଥିଲେ। ବିଜୟୀ ବାଂଲାଦେଶର ନହିଦା ଅକତର ୨ଟି ୱିକେଟ୍ ନେଇଥିଲେ। ମୁର୍ଶିଦା ଖାତୁନ ମ୍ୟାଚର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ।

### ଶ୍ରୀଲଙ୍କାର ହ୍ୟାଟ୍ରିକ ବିଜୟ

ଗ୍ରୁପ୍-ବି'ର ଅନ୍ତିମ ମୁକାବିଲାରେ ଆୟୋଜକ ଶ୍ରୀଲଙ୍କା ସହ ଥାଇଲାଣ୍ଡ ମହିଳା ଦଳ ମଧ୍ୟରେ ମ୍ୟାଚ୍ ଖେଳାଯାଇଥିଲା। ଏହି ମ୍ୟାଚରେ ଟସ୍ ଜିତି ଥାଇଲାଣ୍ଡ ୱିକେଟ୍‌ରକ୍ଷକ ନାନ୍ନାପଟ୍ କୋଞ୍ଚାରୋଏଙ୍କାଇ ଅପରାଜିତ ୪୭ ରନ ସତ୍ତ୍ୱେ ୭ ୱିକେଟ୍‌ରେ ୯୩ ରନ କରିଥିଲା। ଜବାବରେ ଶ୍ରୀଲଙ୍କା ୧୧.୩ ଓଭରରେ କୌଣସି ୱିକେଟ ନ ହରାଇ ସହଜରେ ବିଜୟୀ ହୋଇଥିଲା। ଅଧିନାୟିକା ଚାମରି ଆଟାପାଟ୍ଟୁ ସର୍ବାଧିକ ୪୯ ଓ ଭିଷ୍ମି ଗୁଣରେତ୍ନେ ୩୯ ରନ୍ କରିଥିଲେ।

## ଶ୍ରୀଲଙ୍କାକୁ ଝଟ୍‌କା; ଓହରିଲେ ଦୁଷ୍ମନ୍ତ



**କଲମ୍ବୋ, ୨୪।୭ (ଏଜେନ୍ସି):** ଭାରତ ବିପକ୍ଷ ସୀମିତ ଓଭର ସିରିଜ ଆରମ୍ଭ ହେବାକୁ ଆଉ ୨ ଦିନ ବାକି ରହିଥିବାବେଳେ ଘରୋଇ ଶ୍ରୀଲଙ୍କା କ୍ରିକେଟ୍ ଦଳକୁ ଝଟ୍‌କା ଲାଗିଛି। ଅଭିଜ୍ଞ ଦ୍ରୁତ ବୋଲର ଦୁଷ୍ମନ୍ତ ଚାମିରା ଆଘାତ କାରଣରୁ ଭାରତ ବିପକ୍ଷ ଉଭୟ ଟି-୨୦ ଓ ଏକଦିବସୀୟ ସିରିଜରୁ ଓହରିଯାଇଛନ୍ତି। ତାଙ୍କ ବଦଳ ଖେଳାଳିଙ୍କ ନାମ ଖୁବ ଶୀଘ୍ର ଘୋଷଣା କରାଯିବ ବୋଲି ଶ୍ରୀଲଙ୍କା କ୍ରିକେଟ୍ ବୋର୍ଡ ପକ୍ଷରୁ କୁହାଯାଇଛି। ୩୨ ବର୍ଷୀୟ ଚାମିରା ନିଜର ବେଗ ପାଇଁ ବେଶ୍ ପରିଚିତ। ଏହି ଡାହାଣହାତୀ ଦ୍ରୁତ ବୋଲର ୧୨ ଟେଷ୍ଟ, ୫୨ ଏକଦିବସୀୟ ଓ ୫୫ ଟି-୨୦ ମ୍ୟାଚ୍ ଖେଳି ମୋଟ୍ ୧୪୩ ୱିକେଟ ନେଇଛନ୍ତି। ସମାନ ଆଘାତଜନିତ କାରଣ ଲାଗି ଚାମିରା ଗତବର୍ଷ ଅନୁଷ୍ଠିତ ଏସିଆ କପ୍ ଓ ଆଇସିସି ଦିନିକିଆ ବିଶ୍ୱକପ୍‌ରୁ ମଧ୍ୟ ବାଦ୍ ପଡ଼ିଥିଲେ। ଚାମିରା ଭାରତ ବିପକ୍ଷ ସିରିଜରୁ ବାଦ୍ ପଡ଼ିବା ଘରୋଇ ଶ୍ରୀଲଙ୍କା ପାଇଁ ବଡ଼ କ୍ଷତି କହିଲେ ଅତ୍ୟୁକ୍ତି ହେବ ନାହିଁ।

## ନୀତା ଅମ୍ବାନୀ ଆଇଓସି ସଦସ୍ୟା ଭାବେ ପୁନଃ ନିର୍ବାଚିତ



**ନୂଆଦିଲ୍ଲୀ,୨୪।୭(ଏଜେନ୍ସି):** ପ୍ୟାରିସ ଅଲିମ୍ପିକ୍ସ ଉଦ୍‌ଘାଟନୀ ଉତ୍ସବ ଆୟୋଜନ ହେବା ପୂର୍ବରୁ ରିଲାଏନ୍ସ ଫାଉଣ୍ଡେସନ ପ୍ରତିଷ୍ଠାତା ନୀତା ଅମ୍ବାନୀ ପୁଣିଥରେ ଅନ୍ତର୍ଜାତୀୟ ଅଲିମ୍ପିକ କମିଟି (ଆଇଓସି) ସଦସ୍ୟା ଭାବେ ନିର୍ବାଚିତ ହୋଇଛନ୍ତି। ଆଇଓସି ବୁଧବାର ଏହା ଘୋଷଣା କରିଛି। ପ୍ୟାରିସ୍‌ରେ ଚାଲିଥିବା ଆଇଓସିର ୧୪୨ତମ ଅଧିବେଷଣରେ ନୀତା ସର୍ବସମ୍ମତିକ୍ରମେ ନିର୍ବାଚିତ ହୋଇଛନ୍ତି। ସେ ନିର୍ବାଚନରେ ୧୦୦ ପ୍ରତିଶତ ଭୋଟ ହାସଲ କରିଥିଲେ। ପୁନଃ ନିର୍ବାଚିତ ହୋଇଥିବାରୁ ନୀତା ମଧ୍ୟ ଖୁସି ଜାହିର କରିଛନ୍ତି। ସେ ଏଥିପାଇଁ ଆଇଓସି ସଭାପତି ଥୋମାସ ବାକ୍ ଓ ଆଇଓସିର ସମସ୍ତ ସଦସ୍ୟଙ୍କୁ ଧନ୍ୟବାଦ୍ ଜଣାଇଛନ୍ତି। ଉଲ୍ଲେଖଥାଉ କି, ନୀତା ୨୦୧୬ରେ ରିଓ ଡି ଜନେଇରୋ ଅଲିମ୍ପିକ୍ସ ଅବସରରେ ପ୍ରଥମଥର ପାଇଁ ଆଇଓସିକୁ ନିର୍ବାଚିତ ହୋଇଥିଲେ। ଭାରତରେ କ୍ରୀଡ଼ାର ପ୍ରଚାର ପ୍ରସାର ପାଇଁ ସେ ଦୃଷ୍ଟାନ୍ତମୂଳକ କାର୍ଯ୍ୟ କରୁଛନ୍ତି ଓ ତାଙ୍କୁ ଏଥିପାଇଁ ବିଭିନ୍ନ ସଂଗଠନ ସମ୍ମାନୀତ କରିଛନ୍ତି। ଗତବର୍ଷ ଅକ୍ଟୋବରରେ ଭାରତରେ ଦୀର୍ଘ ୪୦ ବର୍ଷରେ ପ୍ରଥମଥର ପାଇଁ ଆଇଓସି ଅଧିବେଷଣ ଆୟୋଜିତ ହୋଇଥିଲା ଓ ଏଥିରେ ସେ ଉଲ୍ଲେଖନୀୟ ଭୂମିକା ଗ୍ରହଣ କରିଥିଲେ।

ତାଙ୍କ ପ୍ରଚେଷ୍ଟାରେ ଅଲିମ୍ପିକ୍ସ ଅବସରରେ ପ୍ୟାରିସ୍‌ରେ ଇଣ୍ଡିଆ ହାଉସ୍ ପ୍ରତିଷ୍ଠା କରାଯାଇଛି। ରିଲାଏନ୍ସ ପାଉଣ୍ଡେସନ ଓ ଭାରତୀୟ ଅଲିମ୍ପିକ ସଂଘ (ଆଇଓଏ) ସହଭାଗିତାରେ ପ୍ୟାରିସ୍‌ରେ ପ୍ରଥମ କଣ୍ଟ୍ରି ହାଉସ୍ ଅର୍ଥାତ୍ 'ଇଣ୍ଡିଆ ହାଉସ୍' ଖୋଲାଯିବ। ଏହା ଅଲିମ୍ପିକ୍ସରେ ଏଥର ମୁଖ୍ୟ ଆକର୍ଷଣର କେନ୍ଦ୍ରବିନ୍ଦୁ ସାଜିବ। ଇଣ୍ଡିଆ ହାଉସ୍ ଦେଶର ସମୃଦ୍ଧ ସାଂସ୍କୃତିକ ଓ କ୍ରୀଡ଼ା ପରମ୍ପରାକୁ ନେଇ ଉତ୍ସବ ପାଳନ କରିବ। ଏଥିରେ ପ୍ରଯୁକ୍ତି ଓ ଡିଜିଟାଲକରଣରେ ପ୍ରଗତି ସହିତ ଭାରତର ଗୌରବମୟ ଅତୀତ, ଜୀବନ୍ତ ବର୍ତ୍ତମାନ ଏବଂ ରୋମାଞ୍ଚକ ଭବିଷ୍ୟତକୁ ପ୍ରଦର୍ଶିତ କରାଯିବ। ସାରା ବିଶ୍ୱର ଆଥଲେଟ୍, ମାନ୍ୟଗଣ୍ୟ ବ୍ୟକ୍ତିବିଶେଷ ଓ କ୍ରୀଡ଼ାପ୍ରେମୀଙ୍କ ପାଇଁ ଇଣ୍ଡିଆ ହାଉସ୍‌ର ଦ୍ୱାର ଉନ୍ମୁକ୍ତ ରହିବ। ଅଲିମ୍ପିକ୍ସରେ ଏହା ଭାରତର ଖ୍ୟାତିକୁ ଆହୁରି ବୃଦ୍ଧି କରିବ। ଏହା ଭାରତର ଏକତା, ବିବିଧତା, ଉତ୍କୃଷ୍ଟତାର ଭାବନାକୁ ଜୀବନ୍ତ କରି ଗଢି ତୋଳିବ। ଏହା ବେଶ୍ ଉପଭୋଗ୍ୟ ହେବ ବୋଲି ଆଶା କରାଯାଉଛି।



**କଲମ୍ବୋ,୨୪।୭(ଏଜେନ୍ସି):** ଆସନ୍ତା ଶନିବାରଠାରୁ ଶ୍ରୀଲଙ୍କା ଓ ଭ୍ରମଣକାରୀ ଭାରତ ମଧ୍ୟରେ ଟି-୨୦ ସିରିଜ ଆରମ୍ଭ ହେବ। ଏହି ସିରିଜ ଭାରତର ନୂଆ ମୁଖ୍ୟ ପ୍ରଶିକ୍ଷକ ଗୌତମ ଗମ୍ଭୀର ଓ ଅଧିନାୟକ ସୂର୍ଯ୍ୟକୁମାର ଯାଦବଙ୍କ ପାଇଁ ପରୀକ୍ଷା ସୃଷ୍ଟି କରିଛି। ସେହିପରି ସିରିଜରେ ଘରୋଇ ଦଳ ଭଲ ପ୍ରଦର୍ଶନ କରିବ ବୋଲି ଶ୍ରୀଲଙ୍କା ମଧ୍ୟବର୍ତ୍ତୀକାଳୀନ ପ୍ରଶିକ୍ଷକ ତଥା ପୂର୍ବତନ କ୍ରିକେଟର ସନତ ଜୟସୂରିୟା କହିଛନ୍ତି।

## ବରିଷ୍ଠ ଭାରତୀୟ ଖେଳାଳିଙ୍କ ଅନୁପସ୍ଥିତି

# ଫାଇଦା ଉଠାଇବ ଶ୍ରୀଲଙ୍କା: ଜୟସୁରିୟା

ବ୍ୟାଟିଂ ସୁପରଷ୍ଟାର ବିରାଟ କୋହଲି, ରୋହିତ ଶର୍ମା, ଅଲରାଉଣ୍ଡର ରବୀନ୍ଦ୍ର ଜାଡେଜା ଟି-୨୦ ଫର୍ମାଟରୁ ଅବସର ନେଇସାରିଛନ୍ତି। ପୁଣି ଯଶପ୍ରୀତ ବୁମ୍‌ରାଙ୍କ ଭଳି ତାରକା ଦ୍ରୁତ ବୋଲର ମଧ୍ୟ ଏହି ଗସ୍ତରେ ସାମିଲ ହୋଇନାହାନ୍ତି। ତେଣୁ ଏହି ଅଭିଜ୍ଞ ଖେଳାଳିଙ୍କ ଅନୁପସ୍ଥିତିରୁ ଶ୍ରୀଲଙ୍କା ଫାଇଦା ଉଠାଇବା ଉଚିତ ବୋଲି ଜୟସୂରିୟା କହିଛନ୍ତି। ପୂର୍ବତନ ଭାରତୀୟ ପ୍ରଥମ ଶ୍ରେଣୀ କ୍ରିକେଟର ତଥା ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ) ଦଳ ରାଜସ୍ଥାନ ରୟାଲ୍ସର ହାଇପରଫର୍ମାନ୍ସ ନିର୍ଦ୍ଦେଶକ ଜୁବିନ ଭରୁଚା ଶ୍ରୀଲଙ୍କା ବ୍ୟାଟରମାନଙ୍କୁ ଏହି ସିରିଜ ପାଇଁ ପ୍ରସ୍ତୁତିରେ ସହାୟତା ପ୍ରଦାନ କରୁଛନ୍ତି। ତେଣୁ ଏହି ଭାରତୀୟ ପୂର୍ବତନ ଖେଳାଳିଙ୍କ ଅଭିଜ୍ଞତାରୁ ଘରୋଇ କ୍ରିକେଟରମାନେ ଫାଇଦା ଉଠାଇବେ ବୋଲି ଜୟସୂରିୟା କହିଛନ୍ତି। ଇତିମଧ୍ୟରେ ଶ୍ରୀଲଙ୍କା ଦଳ ଭଲ ପ୍ରସ୍ତୁତି କରିଛି। ତେଣୁ ଏହି ସିରିଜରେ ଭାରତକୁ ଶ୍ରୀଲଙ୍କା କଡ଼ା ଚ୍ୟାଲେଞ୍ଜ ଦେବ ଓ ସହଜରେ ବାଟ ଛାଡିବ ନାହିଁ ବୋଲି ସେ କହିଛନ୍ତି। ଏପର୍ଯ୍ୟନ୍ତ ଦୁଇ ଦଳ ପରସ୍ପରକୁ ୨୯ଟି ଟି-୨୦ ମ୍ୟାଚ୍‌ରେ ଭେଟିଛନ୍ତି ଓ ଏଥିରେ ଭାରତ ୧୯ଟିରେ ବିଜୟୀ ହୋଇଛି।

# ଅଲିମ୍ପିକ୍ସ: ଫୁଟବଲରେ ସ୍ପେନ୍‌ର ବିଜୟ ଅଭିଯାନ

**ପ୍ୟାରିସ,୨୪।୭(ଏଜେନ୍ସି):** ଶୁକ୍ରବାର ପ୍ୟାରିସ ଅଲିମ୍ପିକ୍ସର ଉଦ୍‌ଘାଟନୀ ଉତ୍ସବ ଆୟୋଜନ ହେବ। ତେବେ ଏହା ପୂର୍ବରୁ ଅଲିମ୍ପିକ୍ସ ଫୁଟବଲ ଇଭେଣ୍ଟ ଆରମ୍ଭ ହୋଇଛି। ଗ୍ରୁପ୍ ସି'ରେ ୟୁରୋକପ୍ ଚାମ୍ପିଅନ ସ୍ପେନ୍ ଦଳ ବିଜୟରୁ ଅଭିଯାନ ଆରମ୍ଭ କରିଛି। ସ୍ପେନ ବୁଧବାର ଖେଳାଯାଇଥିବା ତା'ର ପ୍ରଥମ ମୁକାବିଲାରେ ୨-୧ ଗୋଲରେ ଉଜବେକିସ୍ତାନକୁ ପରାସ୍ତ କରିଛି। ସ୍ପେନ୍ ତରଫରୁ ୨୯ତମ ମିନିଟ୍‌ରେ ମାର୍କ ପୁବିଲ ଓ ୬୨ତମ ମିନିଟ୍‌ରେ ସର୍ଗିଓ ଗୋମେଜ ଗୋଲ ସ୍କୋର କରିଥିଲେ। ଅନ୍ୟପଟେ ଉଜବେକିସ୍ତାନ ତରଫରୁ ପ୍ରଥମାର୍ଦ୍ଧ ଇଞ୍ଜୁରି ଟାଇମର ତୃତୀୟ ମିନିଟ୍‌ରେ ଏଲ୍‌ଡର ସୋମୁରୋଡୋଭ ଏକମାତ୍ର ଗୋଲ ସ୍କୋର କରିଥିଲେ।

### ଆର୍ଜେଣ୍ଟିନା- ମରୋକ୍କୋ ମ୍ୟାଚ୍ ଅମୀମାଂସିତ

ସେହିପରି ଗ୍ରୁପ୍ ବି'ରେ ଆର୍ଜେଣ୍ଟିନା ଓ ମରୋକ୍କୋ ମଧ୍ୟରେ ଅନୁଷ୍ଠିତ ମୁକାବିଲା ୨-୨ ଗୋଲରେ ଅମୀମାଂସିତ ରହିଛି। କଡ଼ା ସଂଘର୍ଷପୂର୍ଣ୍ଣ ଏହି ମ୍ୟାଚ୍‌ରେ ମରୋକ୍କୋ ୨-୦ରେ ଅଗ୍ରଣୀ ରହିଥିଲା। ତେବେ ପରେ ଆର୍ଜେଣ୍ଟିନା ପ୍ରତ୍ୟାବର୍ତ୍ତନ କରି ଦୁଇଟି ଗୋଲ ଦେଇ ମ୍ୟାଚ୍ ଅମୀମାଂସିତ ରଖିଥିଲା। ମରୋକ୍କୋ ତରଫରୁ ରାହିମି ସୋଉଫିଆନ ପ୍ରଥମାର୍ଦ୍ଧ ଇଞ୍ଜୁରି ଟାଇମ୍‌ର ଦ୍ୱିତୀୟ ମିନିଟ୍‌ରେ ଓ ପରେ ୪୯ତମ ମିନିଟ୍ ପେନାଲ୍ଟି ଜରିଆରେ ଗୋଲ ଦେଇଥିଲେ। କିନ୍ତୁ ୬୮ତମ ମିନିଟ୍‌ରେ ଗିୟୁଲିଆନୋ ସାଇମନ ଓ ୯୦+୧୬ ମିନିଟ୍‌ରେ କ୍ରିଷ୍ଟିଆନ ମେଦିନା ଗୋଲ ଦେଇଥିଲେ। ଅନ୍ୟ ଦୁଇଟି ମ୍ୟାଚ୍‌ରେ ନ୍ୟୁଜିଲାଣ୍ଡ ଓ ଗିନିଆ ଏବଂ ଇଜିପ୍ଟ ଓ ଡୋମିନିକାନ ଗଣରାଜ୍ୟ ପରସ୍ପରକୁ ଭେଟିଛନ୍ତି।

## ଆଇପିଏଲ୍-୨୦୨୫ ବେଲିସ୍‌ଙ୍କ ସହ ଚୁକ୍ତି ବଢ଼ାଇବନି ପଞ୍ଜାବ କିଙ୍ଗ୍‌ସ



**ନୂଆଦିଲ୍ଲୀ, ୨୪।୭ (ଏଜେନ୍ସି):** ରିକି ପଣ୍ଟିଙ୍କ ପରେ ଆଉ ଜଣେ ଅଷ୍ଟ୍ରେଲୀୟ ପ୍ରଶିକ୍ଷକଙ୍କୁ ଆଇପିଏଲ୍‌ରୁ ବାହାର ରାସ୍ତା ଦେଖିବାକୁ ପଡ଼ିପାରେ। ସେ ହେଲେ ପଞ୍ଜାବ କିଙ୍ଗ୍‌ସର ମୁଖ୍ୟ ପ୍ରଶିକ୍ଷକ ଟ୍ରେଭର ବେଲିସ। ଆଇପିଏଲ୍‌ର ଗତ ୨ଟି ସଂସ୍କରଣରେ ପଞ୍ଜାବ କିଙ୍ଗ୍‌ସକୁ ପ୍ଲେ-ଅଫ୍‌ରେ ପହଞ୍ଚାଇବାରେ ବିଫଳ ହୋଇଥିବା ୬୧ ବର୍ଷୀୟ ବେଲିସ୍‌ଙ୍କ ସହ ଫ୍ରାଞ୍ଚାଇଜ ଆଉ ଚୁକ୍ତି ବଢ଼ାଇବାକୁ ଚାହୁଁନାହିଁ। ରିପୋର୍ଟ ମୁତାବକ ପଞ୍ଜାବ ଫ୍ରାଞ୍ଚାଇଜ ବେଲିସ୍‌ଙ୍କ ବଦଳରେ ଜଣେ ଭାରତୀୟଙ୍କୁ ଏହାର ମୁଖ୍ୟ ପ୍ରଶିକ୍ଷକ ଦାୟିତ୍ୱ ପ୍ରଦାନ କରିବାକୁ ଆଗ୍ରହୀ ଥିବା ଜଣାପଡ଼ିଛି। ଅଷ୍ଟ୍ରେଲିଆର ଅଭିଜ୍ଞ ପ୍ରଶିକ୍ଷକ ବେଲିସଙ୍କ ପ୍ରଶିକ୍ଷଣରେ କୋଲକାତା ନାଇଟ୍ ରାଇଡର୍ସ ପୂର୍ବରୁ ଆଇପିଏଲ୍ ଟ୍ରଫି ଜିତିସାରିଛି। ତାଙ୍କ ଅଭିଜ୍ଞତାକୁ ନଜରରେ ରଖି ପଞ୍ଜାବ ୨୦୨୩ରେ ତାଙ୍କ ସହ ୨ ବର୍ଷୀୟା ଚୁକ୍ତି କରିଥିଲା। ଯାହା ୨୦୨୫ରେ ଶେଷ ହେବ। ତେବେ ଟ୍ରାଭିସଙ୍କ ପ୍ରଶିକ୍ଷଣରେ ପଞ୍ଜାବ ଗତ ଦୁଇଟି ଆଇପିଏଲ୍ ସଂସ୍କରଣରେ ଯଥାକ୍ରମେ ୮ମ ଓ ୯ମ ସ୍ଥାନରେ ରହି ଅଭିଯାନ ଶେଷ କରିଥିଲା। ଯେଉଁଥି ପାଇଁ ୨୦୨୫ରେ ତାଙ୍କ ସହ ସମ୍ପର୍କ ଛିନ୍ନ କରିବାକୁ ପଞ୍ଜାବ ଫ୍ରାଞ୍ଚାଇଜ ନିଷ୍ପତ୍ତି ନେଇସାରିଛି। ଉଲ୍ଲେଖଯୋଗ୍ୟ, ପଞ୍ଜାବ ୨୦୦୮ରୁ ଆଇପିଏଲ୍‌ରେ ଖେଳି ଆସୁଥିଲେ ମଧ୍ୟ କେବେ ହେଲେ ଚାମ୍ପିଅନ ହୋଇନାହିଁ। ୨୦୧୪ରେ ଦଳ ଫାଇନାଲରେ ପ୍ରବେଶ କରିଥିଲେ ମଧ୍ୟ କୋଲକାତା ନିକଟରୁ ହାରି ଉପବିଜେତାରେ ସନ୍ତୁଷ୍ଟ ରହିଥିଲା। ଏହାପରଠାରୁ ପଞ୍ଜାବ ଗତ ଏକ ଦଶନ୍ଧି ହେବ ପଏଣ୍ଟ ଟେବଲର ଦ୍ୱିତୀୟାର୍ଦ୍ଧରେ ରହିଆସୁଛି। ପ୍ରକାଶଯୋଗ୍ୟ, ନିକଟରେ ଦିଲ୍ଲୀ କ୍ୟାପିଟାଲ୍ସ ଏହାର ମୁଖ୍ୟ ପ୍ରଶିକ୍ଷକ ରିକି ପଣ୍ଟିଙ୍କ ସହ ସମ୍ପର୍କ ଛିନ୍ନ କରିଥିଲା।

## ପାରାଗ୍ଲାଇଡିଂ ବିଶ୍ୱକପ୍ ଆୟୋଜନ କରିବ ଭାରତ



**ନୂଆଦିଲ୍ଲୀ,୨୪।୭(ଏଜେନ୍ସି):** ଭାରତ ଏଥର ପାରାଗ୍ଲାଇଡିଂ ବିଶ୍ୱକପ୍ ଆୟୋଜନ କରିବ। ଏହି ବିଶ୍ୱକପ୍ ନଭେମ୍ବର ୨ରୁ ଆରମ୍ଭ ହୋଇ ୯ ତାରିଖରେ ଶେଷ ହେବ। ହିମାଚଳ ପ୍ରଦେଶର କାଂଗ୍ରା ଜିଲ୍ଲାର ବିର୍-ବିଲିଂରେ ଏହି ବିଶ୍ୱକପ୍ ଆୟୋଜନ ହେବ। ସିମ୍‌ଲାରେ ବୁଧବାର ଆୟୋଜିତ ଏକ ସମ୍ବାଦିକ ସମ୍ମିଳନୀରେ ମୁଖ୍ୟମନ୍ତ୍ରୀ ସୁଖବିନ୍ଦର ସିଂ ସୁଖୁ ଏ ନେଇ ସୂଚନା ଦେଇଛନ୍ତି। ଗତବର୍ଷ ବିର- ବିଲିଂରେ ପାରାଗ୍ଲାଇଡିଂ ଆକ୍ୟୁରେସି ପ୍ରାକ୍ ବିଶ୍ୱକପ୍ ଓ ପାରାଗ୍ଲାଇଡିଂ କ୍ରସ୍-କଣ୍ଟ୍ରି ପ୍ରାକ ବିଶ୍ୱକପ୍ ସଫଳତାର ସହ ଆୟୋଜିତ ହୋଇଥିଲା। ୨୦୨୩ରେ ଏହି ସ୍ଥାନରେ ୨୦୨୩ରେ ଦୁଇଟି ପ୍ରାକ୍ ବିଶ୍ୱକପ୍ ସଫଳତାର ସହ ଆୟୋଜିତ ହୋଇଥିଲା। ଏହି ବିଶ୍ୱକପ୍‌ରେ ୪୦ରୁ ୫୦ଟି ଦେଶ ଅଂଶଗ୍ରହଣ କରିବେ। ଏହା ଦ୍ୱାରା ହିମାଚଳ ପ୍ରଦେଶର ପର୍ଯ୍ୟଟନ ଶିଳ୍ପ ଫାଇଦା ହାସଲ କରିବ ଓ ଏଥିରେ ଉନ୍ନତି ହେବ ବୋଲି ଆଶା କରାଯାଉଛି। ଉଲ୍ଲେଖଥାଉ କି, ପାରାଗ୍ଲାଇଡିଂ ହେଉଛି ଏକ ଫ୍ଲାଇଂ କମ୍ପିଟିସନ ଅର୍ଥାତ ଉଡନ୍ତା ପ୍ରତିଯୋଗିତା ଓ ଏଥିରେ ପାରା ଗ୍ଲାଇଡର ମାନେ ଅଂଶଗ୍ରହଣ କରି ନିଜର କ୍ରୀଡ଼ା ନୈପୁଣ୍ୟତା ପ୍ରଦର୍ଶନ କରିବରା ସୁଯୋଗ ପାଇଥାନ୍ତି।

## ଆରମ୍ଭ ହେଲା ଫାଓ ଲିଗ୍-୨୦୨୪

# ଉଦ୍‌ଘାଟନୀ ମ୍ୟାଚ୍‌ରେ ସନରାଇଜ ବିଜୟୀ

**କଟକ,୨୪।୭(ସମିସ):** ରାଜ୍ୟର ସମ୍ମାନଜନକ ଘରୋଇ ଫୁଟବଲ ଟୁର୍ଣ୍ଣାମେଣ୍ଟ ଫାଓ ଲିଗ୍-୨୦୨୪ ବୁଧବାରଠାରୁ ଆରମ୍ଭ ହୋଇଛି। ବାରବାଟୀ ଷ୍ଟାଡିୟମରେ ଅପରାହ୍ନରେ ଆୟୋଜିତ ଉଦ୍‌ଘାଟନୀ ମ୍ୟାଚ୍‌ରେ ସନରାଇଜ କ୍ଲବ ୨-୧ ଗୋଲରେ ସ୍ପୋର୍ଟ୍ସ ଓଡ଼ିଶାକୁ ପରାସ୍ତ କରିଛି। ପ୍ରଥମାର୍ଦ୍ଧରେ ସନରାଇଜ କ୍ଲବ ପକ୍ଷରୁ ଦୁଇଟି ଯାକ ଗୋଲ ହୋଇଥିଲା। ୨୬ତମ ମିନିଟ ଏବଂ ପ୍ରଥମାର୍ଦ୍ଧ ଇଞ୍ଜୁରୀ ଟାଇମ୍ (୪୬ତମ ମିନିଟ)ରେ ଫରୱାର୍ଡ ଭିଶାକ ମୋହନନ୍ ଦୁଇଟିଯାକ ଗୋଲ ସ୍କୋର କରି ଦଳକୁ ୨-୦ରେ ଆଗୁଆ କରାଇଥିଲେ। ପ୍ରଥମାର୍ଦ୍ଧରେ ପଛୁଆ ଥିବା ସ୍ପୋର୍ଟସ ଓଡ଼ିଶା ମ୍ୟାଚ୍‌କୁ ପ୍ରତ୍ୟାବର୍ତ୍ତନ କରିବାକୁ ଯଥେଷ୍ଟ ଉଦ୍ୟମ କରିଥିଲା। ମ୍ୟାଚ୍‌ର ଦ୍ୱିତୀୟାର୍ଦ୍ଧ ପ୍ରାରମ୍ଭରେ ଯଥା ୪୮ତମ ମିନିଟରେ ଦଳ ଗୋଟିଏ ଗୋଲ ସୁଝାଇଥିଲା। ପାରାଓ ଟୁଡୁଙ୍କ ଏହି ଗୋଲ ଦ୍ୱାରା ମ୍ୟାଚ୍‌ର ସ୍ଥିତ ୨-୧ରେ ପହଞ୍ଚିଥିଲା। ମାତ୍ର ଖେଳର ଅବଶିଷ୍ଟ ସମୟରେ କୌଣସି ଗୋଲ ନହେବାରୁ ସନରାଇଜ କ୍ଲବ ୨-୧ ଗୋଲରେ ବିଜୟୀ ହୋଇଥିଲା।

ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଓସିଏ ଉପସଭାପତି ତଥା ଏମଜିଏମ୍ ଅଧ୍ୟକ୍ଷ ପଙ୍କଜ ଲୋଚନ ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଫାଓ ସଭାପତି ସମୀର ଦେ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ। ଫାଓ ସମ୍ପାଦକ ଆଶୀର୍ବାଦ ବେହେରା, ଉପସଭାପତି ବିଜୟ ଦାସ, ଦିଲ୍ଲୀପ କୁମାର ସାହୁ, ସହଦେବ ରାଉତ, ବୀରେନ୍ଦ୍ର ବେହେରା, କୋଷାଧ୍ୟକ୍ଷ ଭକ୍ତ ବଲ୍ଲଭ ଦାସ, ଯୁଗ୍ମ ସମ୍ପାଦକ ବିଶ୍ୱରଞ୍ଜନ ଘଡେଇ, ଅଭିଜିତ ପାଲ, ବିଜୟ କୁମାର ଦାସଙ୍କ ସମେତ ସଦସ୍ୟ ଅମିତ ବେହେରା, ନୃସିଂହ ଚରଣ ଚୌଧୁରୀ, ଶିବବ୍ରତ ମଲ୍ଲିକ,ମହମ୍ମଦ ଆରିଫ, ପ୍ରଭାକର ବର୍ଦ୍ଧନ, ମାନସ ସାମଲ ପ୍ରମୁଖ ଉପସ୍ଥିତ ଥିଲେ।

ପ୍ରକାଶଯୋଗ୍ୟ, ଫୁଟବଲ ଆସୋସିଏସନ ଅଫ ଓଡ଼ିଶା(ଫାଓ) ଏବଂ ରାଜ୍ୟ କ୍ରୀଡ଼ା ବିଭାଗର ମିଳିତ ଆନୁକୂଲ୍ୟରେ ଟୁର୍ଣ୍ଣାମେଣ୍ଟ ଆୟୋଜନ ହେଉଛି। ଲିଗ୍‌ର ସମସ୍ତ ମ୍ୟାଚ୍ କଟକ ବାରବାଟୀ ଷ୍ଟାଡିୟମରେ ଖେଳାଯିବ। ପ୍ରଥମ ଓ ଦ୍ୱିତୀୟ ଡିଭିଜନ ଲିଗ୍‌ରେ ମୋଟ୍ ୩୩ଟି ଦଳ ଭାଗ ନେଇଛନ୍ତି। ପ୍ରଥମ ଡିଭିଜନ ଲିଗ୍‌ରେ୨୩ଟି ଓ ଦ୍ୱିତୀୟ ଡିଭିଜନ ଲିଗ୍‌ରେ ୧୦ଟି ଦଳ ଅଂଶ ଗ୍ରହଣ କରିଛନ୍ତି। ଗୁରୁବାର ଓଡ଼ିଶା ପୁଲିସ-ମଙ୍ଗଳା କ୍ଲବ ଏବଂ ରାଧାରମଣ କ୍ଲବ-ରୋଭର୍ସ କ୍ଲବ ମଧ୍ୟରେ ମ୍ୟାଚ୍ ଖେଳାଯିବ।



ଉଦ୍‌ଘାଟନୀ ଉତ୍ସବରେ ଦୁଇ ଦଳର ଖେଳାଳିଙ୍କ ସହ ମୁଖ୍ୟ ଅତିଥି ଓ ଫାଓ କର୍ମକର୍ତ୍ତା


PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA.
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS